DHARITRI
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, April 2/2026 | Page 14 | ₹ 7.00
୫୨ଶ ଭାଗ ୧୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 127 | ମୂଲ୍ୟ ₹୭/-



**ଦମୟନ୍ତୀ ଖେସ୍‌ଙ୍କୁ ସ୍ୱର୍ଣ୍ଣ ପଦକ**

ଛତିଶଗଡ଼ରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ଦମୟନ୍ତୀ ଖେସ୍। ୧୨

୧୧ **ମୁଁ ଭାଗ୍ୟବତୀ: ସାରା**

'ଧୁରନ୍ଧର-ଦ ରିଭେଞ୍ଜ' ଫିଲ୍ମ ହଜାରେ କୋଟି କ୍ଲବରେ ସାମିଲ ହୋଇଥିବାବେଳେ ଏହାକୁ ନେଇ ନାୟିକା ସାରା ଅର୍ଜୁନ ନିଜକୁ ଭାଗ୍ୟବତୀ ବୋଲି କହିଛନ୍ତି।





ଓଡ଼ିଶା ଦିବସ ପାଳନ ଅବସରରେ କଟକ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ବୁଧବାର ବାରବାଟୀ ଦୁର୍ଗ ନିକଟରୁ ବାହାରିଥିବା ଗଣଦୌଡ଼ରେ ସାମିଲ ହୋଇଥିବା ଛାତ୍ରଛାତ୍ରୀ। (ଫଟୋ: ରାଜକିଶୋର ମହାନ୍ତି)

# ଆର୍ଥିକ ବର୍ଷ ଆରମ୍ଭରେ ମହଙ୍ଗା ମାଡ଼

- **ବିମାନ ଇନ୍ଧନ ମୂଲ୍ୟରେ ୮.୫%ରୁ ୧୧୫% ବୃଦ୍ଧି, ୨ ଲକ୍ଷ ପାର୍**
- **କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ପିଛା ୧୯୫.୫ ଟଙ୍କା ବଢ଼ିଲା**

ନୂଆ ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ଦିନରେ ହିଁ ସାଧାରଣ ଜନତାଙ୍କ ଉପରେ ମହଙ୍ଗା ମାଡ଼ ହୋଇଛି। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ସାଙ୍ଗକୁ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଯୋଗାଣରେ ବାଧା ଉପୁଜିଛି। ଏହାର ପ୍ରଭାବରେ ବିମାନ ଇନ୍ଧନ (ଏଟିଏଫ୍) ଏବଂ କମର୍ସିଆଲ ଏଲ୍‌ପିଜି ଦରରେ ପ୍ରବଳ ବୃଦ୍ଧି ଘଟିଛି। ଭାରତର ଇତିହାସରେ ପ୍ରଥମ ଥର ପାଇଁ ଜେଟ୍ ଫୁଏଲ୍ ବା ବିମାନ ଇନ୍ଧନ ଦର କିଲୋଲିଟର ପିଛା ୨ ଲକ୍ଷ ଟଙ୍କା ଅତିକ୍ରମ କରିଛି। ବିଦେଶୀ ଓ ଚାର୍ଟାର ବିମାନ ପାଇଁ ଦର ପ୍ରାୟ ୧୧୫% ବଢ଼ିଛି। ଦିଲ୍ଲୀରେ ଏହାର ମୂଲ୍ୟ କିଲୋଲିଟର ପିଛା ୯୬,୬୩୮ ଟଙ୍କାରୁ ବଢ଼ି ୨ ଲକ୍ଷ ୭ ହଜାର ୩୪୧ ଟଙ୍କା ହୋଇଛି। ହେଲେ ଘରୋଇ ବିମାନ ସେବା କ୍ଷେତ୍ରରେ ଏହି ଦର ବୃଦ୍ଧିକୁ ସରକାର ପ୍ରାୟ ୮.୫% ମଧ୍ୟରେ ସୀମିତ ରଖିଛନ୍ତି। ତଦନୁଯାୟୀ ଭୁବନେଶ୍ୱରରେ ଏହାର ମୂଲ୍ୟ କିଲୋଲିଟର ପିଛା ୧ ଲକ୍ଷ ୧ ହଜାର ୨୧୮ଟଙ୍କାରୁ ବଢ଼ି ୧ ଲକ୍ଷ ୯ ହଜାର ୮୨୦ ଟଙ୍କା ହୋଇଥିବାବେଳେ ବିଦେଶୀ ବିମାନ ପାଇଁ ତାହା ୨ ଲକ୍ଷ ୧୦ ହଜାର ଟଙ୍କା ହୋଇଛି। ଅନ୍ୟପକ୍ଷରେ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବ୍ୟବହୃତ ୧୯ କେଜି ବିଶିଷ୍ଟ ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ୧୯୫.୫୦ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଭୁବନେଶ୍ୱରରେ ନୂଆ ଦର ୨,୦୨୯ ଟଙ୍କା ହୋଇଥିବା ବେଳେ ଦିଲ୍ଲୀ ଏବଂ କୋଲକାତାରେ ଯଥାକ୍ରମେ ୨,୦୭୮.୫୦ ଓ ୨,୨୦୮ ଟଙ୍କା ହୋଇଛି। ସୂଚନାଥାଉ କି ଗତମାସରେ ୨ଟି ପର୍ଯ୍ୟାୟରେ (୧ ଓ ୭ ମାର୍ଚ୍ଚ) ୧୪୪ ଟଙ୍କା ବୃଦ୍ଧି ପାଇଥିଲା। ଫଳରେ ପ୍ରାୟ ୧ ମାସ ମଧ୍ୟରେ କମର୍ସିଆଲ ଏଲ୍‌ପିଜି ମୂଲ୍ୟ ୩୪୦ରୁ ଅଧିକ ମହଙ୍ଗା ହୋଇଛି। ଏହା କ୍ଷୁଦ୍ର ବ୍ୟବସାୟୀ ଓ ହୋଟେଲ ମାଲିକମାନଙ୍କ ପାଇଁ ବଡ଼ ଆର୍ଥିକ ବୋଝ ସଦୃଶ ହୋଇଛି। ମାର୍ଚ୍ଚ ୭ରେ ଘରୋଇ ଏଲ୍‌ପିଜି ମୂଲ୍ୟ ୬୦ ଟଙ୍କା ବଢ଼ିଥିବାବେଳେ ଏବେ ତାହା ଅପରିବର୍ତ୍ତିତ (୯୩୯ଟଙ୍କା) ରହିଛି। ଉପରୋକ୍ତ ମୂଲ୍ୟବୃଦ୍ଧି ଦ୍ୱାରା ଖୁବ୍‌ଶୀଘ୍ର ବିମାନ ଭଡ଼ା ଏବଂ ବାହାରେ ଖାଇବା ଖର୍ଚ୍ଚ ବଢ଼ିବା ପ୍ରାୟ ନିଶ୍ଚିତ।



**ନୂଆଦିଲ୍ଲୀ,୧।୪(ରଏଟର୍ସ/ପି.ଟି.)** ଇରାନ୍‌ରେ ଆମେରିକା-ଇସ୍ରାଏଲ୍‌ର ଯୁଦ୍ଧ ପରିପ୍ରେକ୍ଷୀରେ ବୈଶ୍ୱିକ ଇନ୍ଧନ ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତୀୟ ଇନ୍ଧନ ରିଟେଲରମାନେ ବୁଧବାର ଜେଟ୍ ଫୁଏଲ୍ ଏବଂ କମର୍ସିଆଲ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଦର ବଢ଼ାଇଛନ୍ତି। ବିଶ୍ୱର ଦ୍ୱିତୀୟ ବୃହତ୍ ଏଲ୍‌ପିଜି ଆମଦାନିକାରୀ ରାଷ୍ଟ୍ର ଭାରତ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ବର୍ତ୍ତମାନ ସର୍ବାଧିକ ଇନ୍ଧନ ସଙ୍କଟ ଦେଇ ଗତି କରୁଛି, ଯାହାକି ଅନେକ ଦଶନ୍ଧି ମଧ୍ୟରେ ଦେଖିବାକୁ ମିଳି ନ ଥିଲା। ଦେଶରେ ରୋଷେଇ ଗ୍ୟାସ୍ ନିଅଣ୍ଟ ପଡୁଥିବାବେଳେ ଏହାର ମୁକାବିଲା ପାଇଁ ସରକାର ଶିଳ୍ପଗୁଡ଼ିକୁ ଇନ୍ଧନ ଯୋଗାଣ ହ୍ରାସ କରିଛନ୍ତି। ଘରୋଇ ଫୁଏଲ୍ ରିଟେଲର୍ସ ଆଭିଏଶନ୍ ଟର୍ବାଇନ୍ ଫୁଏଲ୍ (ଏଟିଏଫ୍) ମୂଲ୍ୟରେ ୮.୬% ବୃଦ୍ଧି କରିଛନ୍ତି। ଫଳରେ କିଲୋଲିଟର ପିଛା ଏହାର ଦର ୧୦୪,୯୨୭ ଟଙ୍କାରେ ପହଞ୍ଚିଛି। ସେହିପରି କମର୍ସିଆଲ ଏଲ୍‌ପିଜି ଦରରେ ୧୦.୪% ବୃଦ୍ଧି ଘଟାଯାଇଛି। ଦିଲ୍ଲୀରେ ୧୯ କେ.ଜି. ସିଲିଣ୍ଡର ବିଶିଷ୍ଟ କମର୍ସିଆଲ ଏଲ୍‌ପିଜି ଏବେ ୨,୦୭୮.୫୦ ଟଙ୍କା ହୋଇଥିବା ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍‌ର ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି।

ଅନ୍ତର୍ଜାତୀୟ ସ୍ତରରେ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଘରୋଇ ଯାତ୍ରା ଯେପରି ମହଙ୍ଗା ନ ହେବ ସେଥିଲାଗି ସରକାରଙ୍କ ଅଧୀନରେ ପରିଚାଳିତ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଜୈନ ଧର୍ମରେ ମହିଳା**



# ଜନଗଣନା ୨୦୨୭: ପ୍ରଥମ ଦିନରେ ୫୫,୦୦୦ ପରିବାର ପଞ୍ଜୀକୃତ

ନୂଆଦିଲ୍ଲୀ,୧୪(ପି.ଟି.)

ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସମେତ ଜାତୀୟ ରାଜଧାନୀ ଦିଲ୍ଲୀର କେତେକ ଅଞ୍ଚଳରେ ବସବାସ କରୁଥିବା ମୋଟ ୫୫,୦୦୦ ପରିବାର ନିଜ ନାମ ପଞ୍ଜୀକରଣ ସୁବିଧା ହାସଲ କରିଛନ୍ତି। ଓଡ଼ିଶା, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଗୋଆ, କର୍ନାଟକ, ସିକିମ୍, ଲାକ୍ଷାଦ୍ୱୀପ, ମିଜୋରାମ ଏବଂ ନୂଆଦିଲ୍ଲୀ ମହାନଗର ନିଗମ ଅଧୀନ କିଛି ଅଞ୍ଚଳରେ ଗୃହ ତାଲିକା ପ୍ରସ୍ତୁତି ଓ ଗୃହ ଗଣନା ଏପ୍ରିଲ ୧୬ରୁ ମେ’ ୧୫ ପର୍ଯ୍ୟନ୍ତ ଚାଲିବ। ଡିଜିଟାଲ ମାଧ୍ୟମରେ ସ୍ୱୟଂଗଣନା ବ୍ୟବସ୍ଥାରେ ଲୋକେ ନିଜ ସମ୍ପର୍କିତ ତଥ୍ୟ ନିର୍ଦ୍ଦିଷ୍ଟ ପୋର୍ଟାଲରେ ଉଲ୍ଲେଖ କରିପାରିବେ। ଅଗଷ୍ଟ ୩୧ ସୁଦ୍ଧା ବିଭିନ୍ନ ରାଜ୍ୟରେ ୧୫ ଦିନ ପାଇଁ ଏହି ସୁବିଧା ଉପଲବ୍ଧ ହେବ। ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସ୍ୱୟଂଗଣନା ସହ ଗୃହ ତାଲିକାକରଣ ପ୍ରକ୍ରିୟା ଜାରି ରହିବ। ଏଥିପାଇଁ ସେଲ୍ଫ-ଏନୁମରେଶନ ପୋର୍ଟାଲ ୧୬ଟି ଭାଷାରେ ଉପଲବ୍ଧ ହେବ।



ୟୁକ୍ରେନ୍‌ର ଏକ ଅଜ୍ଞାତ ସ୍ଥାନରେ ସେନାରେ ନବନିଯୁକ୍ତ ସୈନ୍ୟ ବୁଧବାର ସାମରିକ ପ୍ରଶିକ୍ଷଣ ନେଉଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

# ଇରାନ୍ ଯୁଦ୍ଧରୁ ଓହରିବ ଆମେରିକା

## ୨ରୁ ୩ ସପ୍ତାହରେ ସାମରିକ କାର୍ଯ୍ୟାନୁଷ୍ଠାନ ଶେଷ ହୋଇପାରେ: ଟ୍ରମ୍ପ

ୱାଶିଂଟନ୍/ଜେରୁଜେଲମ୍/କାଏରୋ, ୧୪(ରଏଟର୍ସ/ଏ.ପି.)

ଇରାନ୍ ବିରୋଧରେ ଚାଲିଥିବା ଯୁଦ୍ଧରୁ ଆମେରିକା ଖୁବ୍‌ଶୀଘ୍ର ଓହରିଯିବ। ଆସନ୍ତା ୨ରୁ ୩ ସପ୍ତାହ ମଧ୍ୟରେ ଆମେରିକୀୟ ସେନା ସାମରିକ କାର୍ଯ୍ୟାନୁଷ୍ଠାନ ଶେଷ କରିପାରନ୍ତି। ତେବେ ଆବଶ୍ୟକ ହେଲେ ଆମେରିକା ପୁଣି ଯୁଦ୍ଧକୁ ଫେରିପାରେ ବୋଲି ବୁଧବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ବୁଧବାର ଟ୍ରମ୍ପ ଏକ ରାଷ୍ଟ୍ରପତୀୟ ଅଭିଭାଷଣରେ ଯୁଦ୍ଧ ସମ୍ପର୍କରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଟ୍ରମ୍ପ କହିଛନ୍ତି, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ନେଇ ଆମେରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ। ଯେଉଁ ଦେଶଗୁଡ଼ିକ ତୈଳ ଓ ଜାହାଜ ଚଳାଚଳ ପାଇଁ ଏହା ଉପରେ ନିର୍ଭରଶୀଳ ସେମାନେ ସେ କଥା ବୁଝନ୍ତୁ। ଏହା ପୂର୍ବରୁ ଟ୍ରମ୍ପ ମଙ୍ଗଳବାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆମେରିକାକୁ ଯୁଦ୍ଧରେ ସହଯୋଗ କରୁ ନ ଥିବାରୁ ସେମାନେ ନିଜ ତୈଳ ହାସଲ ପାଇଁ ବ୍ୟବସ୍ଥା କରନ୍ତୁ ବୋଲି କହିଥିଲେ।

ଟ୍ରମ୍ପଙ୍କ ସଦ୍ୟ ମନ୍ତବ୍ୟ ପରେ ଗ୍ଲୋବାଲ ସେଣ୍ଟିମେଣ୍ଟରେ ସାମାନ୍ୟ ସୁଧାର ଆସିବା



ଡୋନାଲ୍ଡ ଟ୍ରମ୍ପ

ସହ ତୈଳ ଦର ମଧ୍ୟ ଖସିଛି। ତେବେ ବୈଶ୍ୱିକ ତୈଳ ଯୋଗାଣ ମାର୍ଚ୍ଚ ତୁଳନାରେ ଚଳିତ ମାସରେ ଆହୁରି ବାଧା ଉପୁଜିପାରେ ବୋଲି ବୁଧବାର ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ପକ୍ଷରୁ କୁହାଯାଇଛି। ଏଥିସହ ତୁରନ୍ତ ଯୁଦ୍ଧାବସାନର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଛି।

ଟ୍ରମ୍ପ ଇରାନ୍ ସହ ବିନା କୌଣସି ଡିଲ୍‌ରେ ମଧ୍ୟ ଯୁଦ୍ଧ ବନ୍ଦ ପାଇଁ ସଙ୍କେତ ଦେବା ସତ୍ତ୍ୱେ ପାଶ୍ଚାତ୍ୟର ପ୍ରତିରକ୍ଷା ମେଣ୍ଟ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ରୁ ଓହରିଯିବାକୁ ଚେତାବନୀ ଦେଇଛନ୍ତି। ୟୁରୋପୀୟ ଦେଶଗୁଡ଼ିକ ହର୍ମୁଜ୍ ଷ୍ଟ୍ରେଟ୍ ଅବରୋଧରୁ ଇରାନ୍‌କୁ କ୍ଷାନ୍ତ କରାଇବାରେ ୱାଶିଂଟନ୍‌କୁ ସହଯୋଗ ନ କଲେ ଆମେରିକା ନାଟୋରୁ ଓହରିଯିବ ବୋଲି ସେ କହିଛନ୍ତି। ସେପଟେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର କହିଛନ୍ତି, ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲାଇବା ପାଇଁ ଚଳିତ ସପ୍ତାହରେ ଏକ ଅନ୍ତର୍ଜାତୀୟ କୂଟନୈତିକ ସମ୍ମିଳନୀର ଆୟୋଜନ କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ଜଳମାର୍ଗର ସାମୁଦ୍ରିକ ସୁରକ୍ଷାକୁ ପୁନଃ ଅବସ୍ଥାପିତ କରିବା ପାଇଁ ୩୫ ଦେଶ ପ୍ରତିଶ୍ରୁତିବଦ୍ଧ ହୋଇ ଏକ ବିବୃତିରେ ସ୍ୱାକ୍ଷର କଲେଣି। ବ୍ରିଟେନ୍ ଏହାର ନେତୃତ୍ୱ ନେଉଥିବାବେଳେ ସ୍ୱାକ୍ଷରକାରୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ ଓ ନେଦରଲାଣ୍ଡ୍ସ ରହିଛନ୍ତି।

ଅନ୍ୟପକ୍ଷେ ଭୂରାଜନୈତିକ ଉତ୍ତେଜନା ସାମାନ୍ୟ ପ୍ରଶମିତ ହୋଇଥିଲେ ମଧ୍ୟ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ପକ୍ଷରୁ ଇସ୍ରାଏଲ୍ ଏବଂ ଉପସାଗରୀୟ ଦେଶଗୁଡ଼ିକରେ ଥିବା ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରାଯାଇଛି। ବୁଧବାର ନିଜ ସହଯୋଗୀ ‘ରେଜିଷ୍ଟାନ୍ସ ଫ୍ରଣ୍ଟ’ ସହ ମିଶି ତେହରାନ୍ ଶତାଧିକ ମିଶାଇଲ୍ ଓ ଡ୍ରୋନ୍ ସହ ଅନ୍ୟୁନ ୨୦୦ ରକେଟ ଆକ୍ରମଣ କରିଥିବା ଆଇଆର୍‌ଜିସି ପକ୍ଷରୁ କୁହାଯାଇଛି। ଆଗକୁ ମଧ୍ୟ ଆକ୍ରମଣ ଜାରି ରହିବ ବୋଲି ଗାର୍ଡ ଧମକ ଦେଇଛି।

# ସ୍ୱଦେଶକୁ ଫେରିଲେଣି ୫,୯୮,୦୦୦ ଭାରତୀୟ

ନୂଆଦିଲ୍ଲୀ,୧୪

ପଶ୍ଚିମ ଏସିଆ ଓ ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ପରିବର୍ତ୍ତନଶୀଳ ଘଟଣାକ୍ରମ ପରିପ୍ରେକ୍ଷୀରେ ପ୍ରାୟ ୫.୯୮ ଲକ୍ଷ ଭାରତୀୟ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେଣି ବୋଲି ବୁଧବାର କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟ (ଗଲ୍ଫ) ଅତିରିକ୍ତ ସଚିବ ଅସୀମ ଆର୍. ମହାଜନ ଏକ ଆନ୍ତଃ ମନ୍ତ୍ରଣାଳୟ ବ୍ରିଫିଂ ବେଳେ କହିଛନ୍ତି, ବିମାନ ଚଳାଚଳ ସ୍ଥିତିରେ ଉନ୍ନତି ଆସୁଛି। ମଧ୍ୟପ୍ରାଚ୍ୟରୁ ଭାରତକୁ ଅତିରିକ୍ତ ସେବାଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ଅଦ୍ୟାବଧି ୫,୯୮,୦୦୦ ଭାରତୀୟ ଦେଶକୁ ଫେରିଲେଣି। ସୁରକ୍ଷା ନିରାପତ୍ତାକୁ ଦୃଷ୍ଟିରେ ରଖି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଭାରତ ମଧ୍ୟରେ ସୀମିତ ବିମାନ ଚଳାଚଳ କରାଯାଉଥିବା ସେ କହିଛନ୍ତି।

# ରାଜ୍ୟ ସଭାରେ ସିଏପିଏଫ୍ ବିଲ୍ ପାରିତ

## ଶାସକ-ବିରୋଧୀ ମୁହାଁମୁହିଁ

ନୂଆଦିଲ୍ଲୀ,୧୪(ପି.ଟି.)

ରାଜ୍ୟ ସଭାରେ ବୁଧବାର କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ବିଲ୍ ସମ୍ପର୍କିତ ବିତର୍କ ବେଳେ ଶାସକ ଓ ବିରୋଧୀ ସଦସ୍ୟମାନେ ମୁହାଁମୁହିଁ ହୋଇଛନ୍ତି। ଭାଜପା ଏମ୍‌ପିମାନେ ସିଏପିଏଫ୍ (ସାଧାରଣ ପ୍ରଶାସନ) ବିଧେୟକକୁ ସଂସ୍କାର ପାଇଁ ଏକ ଜରୁରୀ ଆବଶ୍ୟକତା ବୋଲି ଅଭିହିତ କରିଥିବାବେଳେ ସରକାର ଏଥିରେ ସୁପ୍ରିମକୋର୍ଟଙ୍କ ରାୟକୁ ଅଣଦେଖା କରିଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ବିରୋଧୀଙ୍କ ହଟ୍ଟଗୋଳ ଓ କକ୍ଷତ୍ୟାଗ ଭିତରେ ଉଚ୍ଚ ସଦନରେ ବିଧେୟକଟି ଧ୍ୱନିମତରେ ପାରିତ ହୋଇଛି। ବିଭିନ୍ନ ସିଏପିଏଫ୍ ବଳ ଅଧୀନ ଯବାନଙ୍କ ପାଇଁ ଏକୀକୃତ ଆଇନଗତ ଢାଞ୍ଚା ପ୍ରସ୍ତୁତ କରିବା ସକାଶେ ଆଗତ ଉକ୍ତ ବିଲ୍ ଆଇନରେ ପରିଣତ ହେଲେ ବର୍ତ୍ତମାନ ପ୍ରଚଳିତ ସେବା ନିୟମର ୫ ପୃଥକ୍ ବ୍ୟବସ୍ଥା ଉଚ୍ଛେଦ ହେବ। କଂଗ୍ରେସର ଫୁଜିଆ ଖାନ୍ ବିଲ୍‌କୁ ବିରୋଧ କରି କହିଥିଲେ, ସରକାର ସୁପ୍ରିମକୋର୍ଟ ରାୟକୁ ଅଣଦେଖା କରି ପାର୍ଲାମେଣ୍ଟକୁ ବ୍ୟବହାର କରୁଛନ୍ତି। ସେହିପରି ଶିବସେନା ୟୁବିଟିର ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ଏହାକୁ ପ୍ରଥମେ ସିଲେକ୍ଟ କମିଟିକୁ ଅଣାଯିବା ଜରୁରୀ ଥିଲା। ବିରୋଧୀଙ୍କୁ କାଉଣ୍ଟର କରି ଭାଜପାର ମୟଙ୍କ କୁମାର ନାୟକ କହିଥିଲେ, ସରକାର ସିଏପିଏଫ୍‌ର ସବୁ ବର୍ଗ ପାଇଁ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ସମାନ ନିୟମ ଆଣିବା ଲାଗି ଯୋଜନା କରିଛନ୍ତି।

# ବାହାରିନ୍ ଆମାଜନ୍ ଅଫିସରେ ଇରାନ୍‌ର ଆକ୍ରମଣ

ମାନାମା, ୧୪

ମଧ୍ୟପ୍ରାଚ୍ୟ ତଥା ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ଥିବା ଆମେରିକାର ସେନାଘାଟି ପରେ ଟେକ୍ କମ୍ପାନୀଗୁଡ଼ିକୁ ଟାର୍ଗେଟ କରିଛି ଇରାନ୍। ଇରାନୀୟ ନେତାମାନଙ୍କୁ ହତ୍ୟା ପାଇଁ ଉଦ୍ଦିଷ୍ଟ ପ୍ରତ୍ୟେକ ଆକ୍ରମଣର ଜବାବ ସମ୍ପୃକ୍ତ ଅଞ୍ଚଳରେ ଆମେରିକୀୟ କମ୍ପାନୀଙ୍କୁ ଦିଆଯିବ ବୋଲି ମଙ୍ଗଳବାର ଆଇଆର୍‌ଜିସି ଧମକ ଦେଇଥିଲା। ସଦ୍ୟ ଆକ୍ରମଣରେ ଇ-କମର୍ସ କମ୍ପାନୀ ଆମାଜନ୍‌ର କ୍ଲାଉଡ୍ କମ୍ପ୍ୟୁଟିଂ ସୁବିଧା କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ତେବେ ଏଥିରେ କମ୍ପାନୀର କେତେ କ୍ଷତି ହୋଇଛି ତାହା ଜଣାପଡ଼ିନାହିଁ।

# ଆସାମକୁ ଲୁଟୁଛି ବିଶ୍ୱଶର୍ମାଙ୍କ ପରିବାର: ପ୍ରିୟଙ୍କା



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ନାଜିରା,୧୪(ପି.ଟି.)

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପରିବାର ରାଜ୍ୟକୁ ଲୁଟୁଛି ବୋଲି ବୁଧବାର କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପରୋକ୍ଷରେ ଟାର୍ଗେଟ କରିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ବିଧାନସଭା ନିର୍ବାଚନ ପ୍ରଚାରରେ ଆସାମର ଏକାଧିକ ସ୍ଥାନରେ ପ୍ରଚାର କରି ଉଭୟ କେନ୍ଦ୍ର ଓ ରାଜ୍ୟର ଭାଜପା ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଲୋକଙ୍କ ପାଖରେ କିଛି ନ ଥିବାବେଳେ ରାଜ୍ୟର ସବୁ ସମ୍ବଳକୁ କେବଳ ଗୋଟିଏ ପରିବାର ଲୁଟିଚାଲିଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଲୋକଙ୍କୁ ଭୟଭୀତ କରି ଶାସନ କରୁଛି। ସେମାନେ ଯଦି ଖଣି, ଜମି ଓ ଅନ୍ୟ ସମ୍ପତ୍ତିଗୁଡ଼ିକୁ ଲୁଟୁନାହାନ୍ତି ତେବେ ବଡ଼ ବଡ଼ ଶିଳ୍ପପତିଙ୍କ ହାତକୁ ତାହା କିପରି ଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଅବସରରେ ପ୍ରିୟଙ୍କା ସାରଦା, ସ୍ମାର୍ଟ ସିଟି ଏବଂ ଏନ୍‌ସି ହିଲ୍ସ ଦୁର୍ନୀତି ପ୍ରସଙ୍ଗ ଉଠାଇଛନ୍ତି।

# ଅମରାବତୀ ଆନ୍ଧ୍ରର ଏକମାତ୍ର, ସ୍ଥାୟୀ ରାଜଧାନୀ

ନୂଆଦିଲ୍ଲୀ,୧୪

## ଲୋକ ସଭାରେ ବିଲ୍ ଗୃହୀତ

ଅମରାବତୀକୁ ଆନ୍ଧ୍ର ପ୍ରଦେଶର ଏକମାତ୍ର ଓ ସ୍ଥାୟୀ ରାଜଧାନୀ ରୂପେ ସ୍ୱୀକୃତି ପ୍ରଦାନ ସଂକ୍ରାନ୍ତ ବିଧେୟକକୁ ବୁଧବାର ଲୋକ ସଭାର ମଞ୍ଜୁରୀ ମିଳିଛି। ଉକ୍ତ ବିଲ୍‌କୁ ଏନ୍‌ଡିଏ ଏବଂ କଂଗ୍ରେସ ସମର୍ଥନ କରିଥିବାବେଳେ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ସଦସ୍ୟମାନେ ବିଲ୍‌କୁ ବିରୋଧକରି କକ୍ଷତ୍ୟାଗ କରିଥିଲେ। ତେବେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏଙ୍କ ଦ୍ୱାରା ଆଗତ ଆନ୍ଧ୍ର ପ୍ରଦେଶ ପୁନର୍ଗଠନ (ସଂଶୋଧନ) ବିଲ୍ ଧ୍ୱନିମତରେ ପାରିତ ହୋଇଛି। ଏହା ଆଇନରେ ପରିଣତ ହେଲେ ଆନ୍ଧ୍ର ପ୍ରଦେଶର ରାଜଧାନୀ ସଂଖ୍ୟା ବୃଦ୍ଧି ଓ ଅଦଳବଦଳ ନିଷ୍ପତ୍ତି ନିଆଯାଇପାରିବ ନାହିଁ। ଏହାଦ୍ୱାରା ଏନ୍‌ଡିଏ ସହଯୋଗୀ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ତଥା ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଆଶା ଆକାଂକ୍ଷା ପୂରଣ ହେବ ବୋଲି କୁହାଯାଉଛି। ଏହା ୨୦୨୪ ଜୁନ୍ ୨ରୁ ପ୍ରଭାବକୁ ଆସିବ।

# କ୍ରିମିଆରେ ଖସିଲା ରୁଷିଆ ସେନା ବିମାନ: ୨୯ ମୃତ

ମସ୍କୋ,୧୪(ଏ.ପି.)

ରୁଷିଆର ଏକ ସାମରିକ ବିମାନ କ୍ରିମିଆର ପାର୍ବତ୍ୟ ଅଞ୍ଚଳରେ ଖସିପଡ଼ିଛି। ଏଥିରେ ଥିବା ୬ କ୍ରିଉ ଓ ୨୩ ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ରୁଷୀୟ ନ୍ୟୁଜ୍ ଏଜେନ୍ସିଗୁଡ଼ିକ ପକ୍ଷରୁ ବୁଧବାର ସକାଳେ ରିପୋର୍ଟ କରାଯାଇଛି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ହସ୍ତଗତ ରିପୋର୍ଟକୁ ଅବତାରଣା କରି ଏଥିରେ କୁହାଯାଇଛି ଯେ, ଏଏନ୍-୨୬ ସାମରିକ ପରିବହନ ବିମାନଟି କ୍ରିମିଆ ଉପଦ୍ୱୀପ (୨୦୧୪ରେ ୟୁକ୍ରେନ୍‌ଠାରୁ ବେଆଇନ ଭାବେ ମସ୍କୋ ଦଖଲ କରି ନିଜ ଅକ୍ତିଆରରେ ରଖିଥିବା ) ଅଞ୍ଚଳରେ ଉଡ଼ାଣ କରୁଥିବାବେଳେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟାରେ ସେନା ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା।

ରୁଷିଆର ଶୀର୍ଷ ତଦନ୍ତକାରୀ ସଂସ୍ଥା ଇନ୍‌ଭେଷ୍ଟିଗେଟିଭ୍ କମିଟି ପକ୍ଷରୁ କୁହାଯାଇଛି ଯେ ଉକ୍ତ ବିମାନରେ ମୋଟ ୬ କ୍ରିଉ ମେମ୍ବରଙ୍କ ସହ ଅନ୍ୟ ୨୩ ଯାତ୍ରୀ ଥିଲେ। ତେବେ ଏହା ଦୁର୍ଘଟଣାଗ୍ରସ୍ତ ହେବା ପରେ କୌଣସି ଯାତ୍ରୀ ବର୍ତ୍ତିଯାଇଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଦୁର୍ଘଟଣାର କାରଣ ସ୍ପଷ୍ଟ କରିବା ପାଇଁ ବିମାନ ଉଡ଼ାଣର ନିୟାମକ ଉଲ୍ଲଂଘନଜନିତ ଆପରାଧିକ ତଦନ୍ତ ଜାରି ରହିଛି। ନ୍ୟୁଜ୍ ଏଜେନ୍ସି ଇଣ୍ଟରଫାକ୍ସର ସୂଚନାନୁଯାୟୀ, ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଛି ଏବଂ ଏଥିରେ କୌଣସି ବାହ୍ୟ ଆକ୍ରମଣର ସଙ୍କେତ ମିଳୁନାହିଁ।

# ଓଜନ ହ୍ରାସ ଔଷଧ ବେଆଇନ ବିକ୍ରିକଲେ ଲାଇସେନ୍ସ ରଦ୍ଦ

## କେନ୍ଦ୍ରର ଚେତାବନୀ

ନୂଆଦିଲ୍ଲୀ,୧୪

ଓଜନ ହ୍ରାସ ପାଇଁ ଉଦ୍ଦିଷ୍ଟ ଔଷଧଗୁଡ଼ିକ ଭାରତୀୟ ବଜାରରେ ସହଜରେ ଉପଲବ୍ଧ ହେଉଥିବାରୁ ଏହାର ଅପବ୍ୟବହାର ବଢ଼ିବାରେ ଲାଗିଛି। ଏଭଳି ଡ୍ରଗ୍ସ ବିକ୍ରେତାଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହ ସେମାନଙ୍କ ବିରୋଧରେ ଜରିମାନା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୁଧବାର କେନ୍ଦ୍ର ସରକାର ଚେତାବନୀ ଦେଇଛନ୍ତି।

ଜିଏଲ୍‌ପି ୧ ଡ୍ରଗ୍ସ, ସେଗୁଡ଼ିକର ବ୍ୟବହାର, ରିସ୍କ ଓ ନିୟାମକ ଉପରେ କେନ୍ଦ୍ର ଏକ ବିସ୍ତୃତ ବିବରଣୀରେ କହିଛି ଯେ, ନିକଟରେ ଅନେକ ପ୍ରକାର ଓଜନ ହ୍ରାସ ଔଷଧ ଭାରତୀୟ ବଜାରକୁ ଆସିଛି। ଖୁଚୁରା ଫାର୍ମାସି, ଅନ୍‌ଲାଇନ୍ ପ୍ଲାଟଫର୍ମ, ହୋଲ୍‌ସେଲର ଓ ୱେଲ୍‌ନେସ୍ କ୍ଲିନିକ୍‌ରେ ସେଗୁଡ଼ିକ ଅତି ସହଜରେ ବଜାରରେ ଉପଲବ୍ଧ ହେଉଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ। ଡାକ୍ତରଙ୍କ ବିନା ପରାମର୍ଶରେ ଲୋକେ ଏଭଳି ଡ୍ରଗ୍ସ ବ୍ୟବହାର କରୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ମଧୁମେହ ଚିକିତ୍ସା ପାଇଁ ଜିଏଲ୍‌ପି ୧ ଡ୍ରଗ୍ସ ବ୍ୟବହାର କରାଗଲେ ଗମ୍ଭୀର ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଇପାରେ। ତେଣୁ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ ଏ ସମ୍ପର୍କିତ ନିୟାମକ ସର୍ଭିଲାନ୍ସକୁ କଡ଼ାକଡ଼ି କରିଛନ୍ତି। ଦେଶରେ କେବଳ ଏଣ୍ଡୋକ୍ରୋନୋଲୋଜିଷ୍ଟ, ଇଣ୍ଟର୍ନାଲ ମେଡିସିନ୍ ସ୍ପେଶାଲିଷ୍ଟ ଓ କାର୍ଡିଓଲୋଜିଷ୍ଟଙ୍କ ପରାମର୍ଶରେ ହିଁ ଏହାର ବିକ୍ରିକୁ ଅନୁମତି ଦିଆଯାଇଥିବା ଏଥିରେ ସ୍ପଷ୍ଟ କରାଯାଇଛି। ପ୍ରକାଶ ଯେ, ନିକଟରେ ଏଭଳି ୪୯ ସଂସ୍ଥା ଉପରେ ଚଢ଼ାଉ କରାଯାଇଥିଲା। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି।





ଆସାମ ନିର୍ବାଚନ ପ୍ରଚାର ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଡିବ୍ରୁଗଡ଼ସ୍ଥିତ ଏକ ଚା’ ବଗିଚାରେ ମହିଳା ଶ୍ରମିକମାନେ ସେଲ୍ଫି ନେଉଛନ୍ତି।

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨/୨୦୨୬ | Bhubaneswar, Thursday, April 2/2026 | ପୃଷ୍ଠା-୧


# ୩୦ ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ନାଁ ଘୋଷିତ

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗତ ୨୮ ତାରିଖରେ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଥିଲେ। ସେମାନେ ଫେରିବାର ୨ ଦିନ ପରେ ରାଜ୍ୟର ୩୦ ଜିଲା ଯୋଜନା କମିଟି ଅଧ୍ୟକ୍ଷ(ଡିପିସି)ମାନଙ୍କ ନାଁ ଘୋଷଣା କରାଯାଇଛି। ଏଥିରେ ୪ ଜଣ ମନ୍ତ୍ରୀ ଓ ୨୬ ଜଣ ବିଧାୟକ ରହିଛନ୍ତି। ରାଜ୍ୟରେ ଭାଜପା ସରକାର ଗଠନର ୨ ବର୍ଷ ପୂରଣ ହେବାକୁ ଯାଉଛି। ଇତିମଧ୍ୟରେ ବିଭିନ୍ନ ସରକାରୀ ପଦ ପଦବୀରେ ନେତାଙ୍କୁ ଥଇଥାନ ନେଇ ଅନେକ ଆଲୋଚନା ହେଉଥିଲା। ଏବେ ଜିଲା ଯୋଜନା କମିଟି ଅଧ୍ୟକ୍ଷମାନଙ୍କ ନାଁ ଘୋଷଣା ହେବାପରେ ପୁଣିଥରେ ରାଜ୍ୟରେ ଖାଲି ଥିବା ବିଭିନ୍ନ ନିଗମ, ବୋର୍ଡରେ ଥଇଥାନ ଖୁବ୍‌ଶୀଘ୍ର ହେବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି।


ସୁରେଶ ପୂଜାରୀ


ପୃଥ୍ୱୀରାଜ ହରିଚନ୍ଦନ


ନିତ୍ୟାନନ୍ଦ ଗଣ୍ଡ


କୃଷ୍ଣଚନ୍ଦ୍ର ପାତ୍ର

## ୪ ମନ୍ତ୍ରୀ, ୨୬ ବିଧାୟକଙ୍କୁ ମିଳିଲା ଦାୟିତ୍ୱ

### ନିଗମ, ବୋର୍ଡର ଥଇଥାନ ନେଇ ଘୋଷଣା ଶୀଘ୍ର ହୋଇପାରେ

| ଜିଲା | ବିଧାୟକ/ମନ୍ତ୍ରୀ | ଜିଲା | ବିଧାୟକ/ମନ୍ତ୍ରୀ |
|---|---|---|---|
| ଅନୁଗୋଳ | ଅଶୋକ ମହାନ୍ତି | କନ୍ଧମାଳ | ଉମା ଚରଣ ମଲିକ |
| ବଲାଙ୍ଗୀର | ଲକ୍ଷ୍ମଣ ବାଗ୍ | କେନ୍ଦ୍ରାପଡ଼ା | ଦୁର୍ଗା ପ୍ରସନ୍ନ ନାୟକ |
| ବାଲେଶ୍ୱର | ପଦ୍ମଲୋଚନ ପଣ୍ଡା | କେନ୍ଦୁଝର | ଫକୀର ମୋହନ ନାଏକ |
| ବରଗଡ଼ | ଅଶ୍ୱିନୀ କୁମାର ଷଡ଼ଙ୍ଗୀ | ଖୋର୍ଦ୍ଧା | ପ୍ରଶାନ୍ତ କୁମାର ଜଗଦ୍ଦେବ |
| ଭଦ୍ରକ | ସିତାଂଶୁ ଶେଖର ମହାପାତ୍ର | କୋରାପୁଟ | ରଘୁରାମ ମାଛ |
| ବୌଦ୍ଧ | କହ୍ନାଇ ଚରଣ ଡଙ୍ଗ | ମାଲକାନଗିରି | ନରସିଂହ ମାଡକାମୀ |
| ଦେବଗଡ଼ | ସୁରେଶ ପୂଜାରୀ | ମୟୂରଭଞ୍ଜ | ଭାସ୍କର ମଢ଼େଇ |
| କଟକ | ଛବି ମଲିକ | ନବରଙ୍ଗପୁର | ଗୌରୀ ଶଙ୍କର ମାଝୀ |
| ଢେଙ୍କାନାଳ | ସୀମାରାଣୀ ନାଏକ | ନୟାଗଡ଼ | ଦୁଷ୍ମନ୍ତ କୁମାର ସ୍ୱାଇଁ |
| ଗଜପତି | ପୃଥ୍ୱୀରାଜ ହରିଚନ୍ଦନ | ନୂଆପଡ଼ା | ଜୟ ଢୋଲକିଆ |
| ଗଞ୍ଜାମ | ପୂର୍ଣ୍ଣଚନ୍ଦ୍ର ସେଠୀ | ପୁରୀ | ଓମ୍ ପ୍ରକାଶ ମିଶ୍ର |
| ଜଗତସିଂହପୁର | ଅମରେନ୍ଦ୍ର ଦାସ | ରାୟଗଡ଼ା | ନିତ୍ୟାନନ୍ଦ ଗଣ୍ଡ |
| ଯାଜପୁର | ଆକାଶ ଦାସନାୟକ | ସମ୍ବଲପୁର | କୃଷ୍ଣଚନ୍ଦ୍ର ପାତ୍ର |
| ଝାରସୁଗୁଡ଼ା | ଟଙ୍କଧର ତ୍ରିପାଠୀ | ସୁବର୍ଣ୍ଣପୁର | ରଘୁନାଥ ଜଗଦଲା |
| କଳାହାଣ୍ଡି | ସୁଧୀର ରଞ୍ଜନ ପାଇଯୋଶୀ | ସୁନ୍ଦରଗଡ଼ | ଦୁର୍ଗା ଚରଣ ତନ୍ତି |

ଭୁବନେଶ୍ୱର, ୧।୪ (ସୁନିତ୍ ମିଶ୍ର)

ଘୋଷଣା ଅନୁଯାୟୀ, ୪ ଜଣ ମନ୍ତ୍ରୀଙ୍କୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦେବଗଡ଼, ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଗଜପତି, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ରାୟଗଡ଼ା ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ବଲପୁର ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ନୂଆ ☞ପୃଷ୍ଠା-୨


ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ (ବିଏସ୍‌ଏବିଟି)ରେ ଭିଜା ଆବେଦନ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଭୁବନେଶ୍ୱରରେ ଖୋଲିଲା ଭିଜା ଆବେଦନ କେନ୍ଦ୍ର

## ପ୍ରଥମ ପର୍ଯ୍ୟାୟରେ ୧୦ ଦେଶ ପାଇଁ ମିଳିବ ସୁବିଧା

ଭୁବନେଶ୍ୱର, ୧।୪ (ବନ୍ଦନା ସେଠୀ)

ରାଜ୍ୟରେ ସହଜ ହେଲା ଭିଜା ଆବେଦନ। ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବାସାହେବ ଭୀମ୍‌ରାଓ ଆମ୍ବେଡକର ବସ୍ ଟର୍ମିନାଲ (ବିଏସ୍‌ଏବିଟି)ରେ ଖୋଲିଲା ବହୁ ପ୍ରତୀକ୍ଷିତ ଭିଜା ଆବେଦନ କେନ୍ଦ୍ର। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ପୂର୍ବରୁ ଓଡ଼ିଶାବାସୀଙ୍କୁ ଭିଜା ସେବା ପାଇଁ କୋଲକାତା, ଦିଲ୍ଲୀ କିମ୍ବା ହାଇଦ୍ରାବାଦ ଉପରେ ନିର୍ଭର କରିବାକୁ ପଡୁଥିଲା। ଫଳରେ ଲୋକମାନେ ଭିଜା କରିବାରେ ଅଧିକ ସମୟ ସହିତ ଖର୍ଚ୍ଚାନ୍ତ ମଧ୍ୟ ହେଉଥିଲେ। ତେବେ ଏବେ ଏହି ସମସ୍ୟାର ସମାଧାନ କରାଯାଇଛି। କେନ୍ଦ୍ର ସରକାରଙ୍କ ସହଯୋଗରେ ଭିଏଫ୍‌ଏସ୍ ଗ୍ଲୋବାଲ ସଂସ୍ଥାର ବୈଷୟିକ ସହାୟତାରେ ଏହି ଆପ୍ଲିକେଶନ ସେଣ୍ଟର ନିର୍ମାଣ କରାଯାଇଛି। ବିଏସ୍‌ଏବିଟିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କେନ୍ଦ୍ର ସ୍ଥାପନ ପାଇଁ ୩,୦୦୦ ବର୍ଗଫୁଟ ସ୍ଥାନ ପ୍ରଦାନ କରାଯାଇଛି। ଆବଶ୍ୟକ ପଡ଼ିଲେ ଅଧିକ ସ୍ଥାନ ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଏହି ସେଣ୍ଟରରୁ ଅଷ୍ଟ୍ରିଆ, ଆୟରଲାଣ୍ଡ, ସ୍ୱିଜରଲାଣ୍ଡ, ୟୁନାଇଟେଡ୍ କିଙ୍ଗଡମ୍, ଇଷ୍ଟୋନିଆ, ଇଟାଲୀ, ମାଲ୍‌ଟା, ଜାପାନ, ମର୍‌କ୍କୋ ଏବଂ ଇଜିପ୍ଟ ଭଳି ୧୦ଟି ଦେଶକୁ ଯିବାପାଇଁ ଭିଜା ସୁବିଧା ଯୋଗାଇ ଦିଆଯିବ। ପରବର୍ତ୍ତୀ ସମୟରେ ଅନ୍ୟ ଦେଶକୁ ଭିଜା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ସଂସ୍ଥାର ୧୬୭ଟି ଦେଶରେ ପ୍ରାୟ ୪ହଜାର ଆପ୍ଲିକେଶନ ସେଣ୍ଟର କାର୍ଯ୍ୟକ୍ଷମ ରହିଛି ଏବଂ ଭାରତର ୨୦ଟି ସହରରେ ୫୬୦ଟି ଆପ୍ଲିକେଶନ ସେଣ୍ଟର କାର୍ଯ୍ୟ କରୁଛି। ଓଡ଼ିଶା ସମଗ୍ର ଭାରତବର୍ଷରେ ବର୍ତ୍ତମାନ ଶିଳ୍ପ କ୍ଷେତ୍ରରେ ଏକ ହବ୍ ହେବାକୁ ଯାଉଛି। ସେ ଦୃଷ୍ଟିକୋଣରୁ ଲୋକମାନେ ସିଧାସଳଖ ଭିଜା ସହଯୋଗରେ ବିଦେଶକୁ ଯିବା ଆସିବା କରିବା ଏକ ବଡ଼ ସୁଯୋଗ ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ☞ପୃଷ୍ଠା-୨

# ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା

- **ବିଜୁବାବୁଙ୍କ ବ୍ୟକ୍ତିତ୍ୱ ସମସ୍ତଙ୍କୁ ଅନୁପ୍ରାଣିତ କରିଥିବା କହିଲେ**
- **ମୁଖ୍ୟମନ୍ତ୍ରୀଙ୍କ ୨ ବର୍ଷର କାର୍ଯ୍ୟକୁ ଅସାଧାରଣ ବୋଲି କହିଲେ**

ଭୁବନେଶ୍ୱର, ୧।୪(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି, ଓଡ଼ିଶା, ଏହାର ଗୌରବଶାଳୀ ଇତିହାସ ଓ ଏହି ଅସାଧାରଣ ରାଜ୍ୟର ଲୋକମାନଙ୍କୁ



ଦେଖିଲେ ଯେକୌଣସି ବ୍ୟକ୍ତି ଚକିତ ହୋଇଯିବ। ଓଡ଼ିଆ ସଂସ୍କୃତି ଏକ ସଭ୍ୟତାଗତ ଐତିହ୍ୟ। ଓଡ଼ିଶାରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେବା ଭଳି ଶକ୍ତି ରହିଛି। ସର୍ବୋପରି ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କୋଣାର୍କ ମନ୍ଦିର ଏବଂ ଏପରି ଅନେକ ପ୍ରତିଷ୍ଠିତ ସ୍ଥଳୀ ନିର୍ମାଣ କରାଯାଇଛି, ଯାହା ☞ପୃଷ୍ଠା-୨


31001/1/2627

ଓଡ଼ିଆ ପକ୍ଷ ୨୦୨୬


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଆ ପକ୍ଷ ୨୦୨୬

ପାରମ୍ପରିକ ପୋଷାକ ପରିଧାନ ଦିବସ

ଆମ ପୋଷାକ ଆମ ପରିଚୟ

ଆମ ଉତ୍କଳୀୟ ପରମ୍ପରାର ପ୍ରତୀକ,
ଆମ ସମୃଦ୍ଧ ହସ୍ତତନ୍ତ ବସ୍ତ୍ର ପରିଧାନ କରି ସ୍ୱାଭିମାନୀ
ଓଡ଼ିଆ ଅସ୍ମିତାର ଅଂଶ ହୁଅନ୍ତୁ।

୦୨ - ୦୩ ଅପ୍ରେଲ ୨୦୨୬



ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-31001/31047/2/26-27/0001





'ଓଡ଼ିଶା ପୋଷ୍ଟ'ର ୧୫ତମ ଜୟନ୍ତୀ ଉପଲକ୍ଷେ ବୁଧବାର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉଦ୍‌ବୋଧନ ଦେଉଛନ୍ତି।




ଓଡ଼ିଶା ପୋଷ୍ଟର ଜନ୍ମ ଦିବସ ଉପଲକ୍ଷେ କେକ୍ କାଟି ଖୁସି ମନାଯାଉଛି।




ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।



ସମ୍ପାଦକ, ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ସମେତ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପରିବାର ସଦସ୍ୟ।

# 'ମେଗା ଟ୍ରେଡ୍ ଫେୟାର'ର ଫାୟାର ନିୟମ ଉଲ୍ଲଂଘନ

ଭୁବନେଶ୍ୱର, ୧।୪(ରବିନାରାୟଣ ଜେନା)

କଟକ ବଡ଼ ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ୧୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକେ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ୧୦ ଦିନ ଧରି ବିଧାନସଭାକୁ ଅଚଳ କରିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରୁଛନ୍ତି। ଏହାସହିତ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କ ଗିରଫ ଦାବି ମଧ୍ୟ କରୁଛନ୍ତି। ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ୪ ଜଣଙ୍କୁ ନିଲମ୍ବନ ସହ କେତେକ ଅଧିକାରୀଙ୍କ ବଦଳି ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି, ତଥାପି ପ୍ରତିବାଦର ସ୍ୱର ଥମିନାହିଁ। ହେଲେ ଏଥିରୁ ସରକାରୀ ଅଧିକାରୀ ଏବଂ ଘରୋଇ ସଂସ୍ଥା କିଛି ଶିଖିବା ଭଳି ମନେହେଉନାହିଁ। ରାଜଧାନୀର ଛାତି ଉପରେ ଅନେକ ହଜାର ଲୋକଙ୍କୁ ନେଇ ମେଳା, ମହୋତ୍ସବ କରାଯାଉଛି। କିନ୍ତୁ ସେଠାରେ ଅଗ୍ନି ନିରାପତ୍ତା ଆଇନ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଆଗାମୀ ଦିନରେ ଯେ ଏହା କିଛି ବଡ଼ ଅଘଟଣ ସୃଷ୍ଟି ନ କରିବ, ତାହାକୁ ନେଇ ଏବେ ଅଭିଯୋଗ ଉଠିଛି।

ଅଭିଯୋଗ ଅନୁଯାୟୀ, ପ୍ରଦର୍ଶନୀ ପଡ଼ିଆରେ 'ହୋମ୍ ଆଣ୍ଡ ଡେକୋର୍ ଏବଂ ମେଗା ଟ୍ରେଡ୍ ଫେୟାର' ଚାଲିଛି। ଏଠାକୁ ପ୍ରତିଦିନ ଅନେକ ଶହ ଲୋକ ଯିବାଆସିବା କରିବା ସହିତ ବିଭିନ୍ନ ସାମଗ୍ରୀ କିଣି ନେଉଛନ୍ତି। ହେଲେ ସେଠାରେ ସେଭଳି କିଛି ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ନିୟମ ଅନୁଯାୟୀ, ଟ୍ରେଡ୍ ଫେୟାର ସ୍ଥାନ, ଆକାର ଏବଂ କ୍ଷମତା ବିଷୟରେ ଆୟୋଜକମାନେ ଅଗ୍ନିଶମ କେନ୍ଦ୍ରକୁ ଆଗୁଆ ସୂଚନା ଦେବା ସହିତ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନେବା ବାଧ୍ୟତାମୂଳକ।

## ବାଜିରେ ଲାଗିଛି ଜୀବନ

ଅଗ୍ନି ନିରାପତ୍ତା ମାନକ ସୁନିଶ୍ଚିତ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ଅସ୍ଥାୟୀ ନିର୍ମାଣଗୁଡ଼ିକୁ ଯାଞ୍ଚ କରିବା କଥା। ଏପରି କି ପ୍ରତି ୧୦୦ ବର୍ଗମିଟର ଚଟାଣ କ୍ଷେତ୍ର ପାଇଁ ଅତିକମ୍‌ରେ ଗୋଟିଏ ୯ ଲିଟର ପାଣିବିଶିଷ୍ଟ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା ଆବଶ୍ୟକ।

ସେହିପରି ଟ୍ରେଡ୍ ଫେୟାର୍‌ର ସମସ୍ତ କେବୁଲ୍ ଇନ୍‌ସୁଲେଟେଡ୍ ହେବା ସହିତ ଅସ୍ଥାୟୀ ତାରଗୁଡ଼ିକ ଜ୍ୱଳନଶୀଳ ସାଜସଜ୍ଜା ସାମଗ୍ରୀ ନିକଟରେ ରହିବା ଉଚିତ୍ ନୁହେଁ। କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ନଡ଼ା, କୁଟା କିମ୍ବା ଅତ୍ୟଧିକ ଦହନଶୀଳ ସିନ୍ଥେଟିକ୍ କପଡ଼ା ବ୍ୟବହାର ନିଷେଧ ହେବା ଦରକାର। ଚଲାପଥ, ପ୍ରସ୍ଥାନ ପଥ ଏବଂ ଗଳିଗୁଡ଼ିକୁ ଅବରୋଧମୁକ୍ତ ରଖାଯିବା ସହ ସେଠାରେ ସ୍ପଷ୍ଟ ଭାବେ 'ଏକ୍ଜିଟ୍' ସଙ୍କେତ ଲଗାଯିବା ଉଚିତ। ଜରୁରିକାଳୀନ ପରିସ୍ଥିତି ବେଳେ ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରିବା ଏବଂ ଅଗ୍ନିଶମ ସେବା ସହିତ ଯୋଗାଯୋଗ ରଖିବା ପାଇଁ କ୍ଷେତ୍ରସ୍ଥଳରେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଉପସ୍ଥିତ ରହିବା ଆବଶ୍ୟକ। ଏଥିସହ ଅଗ୍ନିଶମ ସେବାର ଜରୁରିକାଳୀନ ଟେଲିଫୋନ୍ ନମ୍ବର(୧୦୧/୧୧୨) ସ୍ପଷ୍ଟ ଭାବେ ପ୍ରଦର୍ଶନୀରେ ପ୍ରଦର୍ଶିତ ହେବାକଥା। ଏହି ପରିପ୍ରେକ୍ଷୀରେ 'ହୋମ୍ ଆଣ୍ଡ୍ ଡେକୋର୍ ଏବଂ ମେଗା ଟ୍ରେଡ୍ ଫେୟାର'ରେ ସେଭଳି କିଛି ଅଗ୍ନି ନିର୍ବାପକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ହୋମ୍ ଆଣ୍ଡ୍ ଡେକୋର୍ ସଭାପତି ପ୍ରଦୀପ୍ତ କୁମାର ବିଶ୍ୱାସରାୟ ଉତ୍ତର ଦେଇ ନ ଥିବାବେଳେ ସମ୍ପାଦକ ଉମେଶ ପଟ୍ଟନାୟକ କହିଛନ୍ତି ଆମେ କିଛି ନୁହଁ, ଜିଏସ୍ ମାର୍କେଟିଂ ଏହାର ଦାୟିତ୍ୱ ନେଇଛି ବୋଲି କହି ସେ ଏଡ଼ାଇ ଯାଇଥିଲେ।

ଅନ୍ୟପକ୍ଷରେ ଲୋକସେବା ଭବନ ନିକଟସ୍ଥ ଅଗ୍ନିଶମ କାର୍ଯ୍ୟାଳୟର ସେକ୍ସନ ଅଫିସର ଅନୁପ ଦାସ କହିଛନ୍ତି, ଟ୍ରେଡ୍‌ଫେୟାର ସମ୍ମୁଖରେ ଦମକଳ ଗାଡ଼ି ରଖାଯାଇଛି। ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି।

ତେବେ ଏଭଳି ଅଗ୍ନିକାଣ୍ଡ ଘଟଣାକୁ ନେଇ ରାଜ୍ୟ ରାଜନୀତି ଥମୁନାହିଁ। ଗୁରୁବାର ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ କ୍ରାନ୍ତିଦିବସ ଭଳି କାର୍ଯ୍ୟକ୍ରମ ରହିଥିବାବେଳେ ବିଜେଡି ଓ ଅନ୍ୟ ବିରୋଧୀ ଦଳ ରାଜ୍ୟପାଳଙ୍କଠାରେ ଏସ୍‌ସିବି ଘଟଣାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟ ସଂସ୍ଥାର କର୍ତ୍ତୃପକ୍ଷଙ୍କ ଏଭଳି ଖାମଖିଆଲ ମନୋଭାବକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।







'ମେଗା ଟ୍ରେଡ୍ ଫେୟାର'ରେ ଦେଖିବାକୁ ମିଳିଥିବା ବିପଦସଙ୍କୁଳ ବିଦ୍ୟୁତ୍ ସଂଯୋଗ।

# ଭୁଲ୍ ବୁଝାଯାଇଛି, କାହା ଭାବନାକୁ ବାଧିଥିଲେ କ୍ଷମା ମାଗୁଛି: ଦୁବେ


Dr Nishikant Dubey
@nishikant_dubey
Follow
Show translation
पिछले हफ़्ते मीडिया से बात करते हुए मैंने नेहरु गाँधी परिवार के कारनामों के क्रम में पूर्व मुख्यमंत्री भारत के अग्रणी नेताओं में स्थान रखने वाले आदरणीय श्री बीजू पटनायक जी के संदर्भ में मेरी बातों से ग़लत अर्थ निकाला गया । पहले तो यह वक्तव्य मेरा व्यक्तिगत है। नेहरु जी के उपर मेरे विचार को बीजू बाबू के उपर समझा गया ।
बीजू बाबू हमारे लिए हमेशा ऊँचे क़द के Statesman रहे है और रहेंगे । मेरे वक्तव्य से यदि भावनाएं आहत हुई हैं तो मैं बेशर्त क्षमा चाहता हूँ
10:52 · 01 Apr 26 · 271K Views

ଭୁବନେଶ୍ୱର, ୧।୪(ସୁନିତ୍ ମିଶ୍ର)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବାବଦରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଦେଇଥିବା ବିବାଦୀୟ ବୟାନକୁ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ସବୁଆଡୁ ସମାଲୋଚନାର ଶିକାର ହେବାପରେ ନିଶିକାନ୍ତ ଆଉ ଏକ ବିବୃତି ବୁଧବାର ଦେଇଛନ୍ତି। ସେ କହିଛନ୍ତି, ଗତ ସପ୍ତାହରେ ଗଣମାଧ୍ୟମ ସହ କଥାହେବା ସମୟରେ ନେହେରୁ ଏବଂ ଗାନ୍ଧୀ ପରିବାରର କାରନାମା ସମ୍ପର୍କିତ ଆଲୋଚନା ମଧ୍ୟରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଅଗ୍ରଣୀ ନେତାମାନଙ୍କ ମଧ୍ୟରେ ସ୍ଥାନ ହାସଲ କରିପାରିଥିବା ବିଜୁ ପଟ୍ଟନାୟକଙ୍କ ବାବଦରେ ସେ ଦେଇଥିବା ମନ୍ତବ୍ୟକୁ ଭୁଲ୍ ଭାବେ ଚିତ୍ରଣ କରାଗଲା। ପ୍ରଥମତଃ ଏହି ବକ୍ତବ୍ୟ ତାଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ଥିଲା। ନେହେରୁଙ୍କ ବାବଦରେ ତାଙ୍କର ଯେଉଁ ବିଚାର ଥିଲା ସେଥିରେ ବିଜୁବାବୁଙ୍କୁ ନେଇ ବୁଝାଗଲା। ବିଜୁବାବୁ ସବୁବେଳେ ସେମାନଙ୍କ ନଜରରେ ଉଚ୍ଚରେ ରହିବେ। ସେ ଜଣେ ଷ୍ଟେଟ୍‌ସମ୍ୟାନ୍ ଥିଲେ ଓ ରହିବେ। ତାଙ୍କ ବକ୍ତବ୍ୟରେ ଯଦି କାହାର ଭାବନାକୁ କ୍ଷତି ପହଞ୍ଚାଇଛି ତେବେ ନିଃସର୍ତ୍ତ କ୍ଷମା ମାଗୁଛି ବୋଲି ଦୁବେ ଉଲ୍ଲେଖ କରିଛନ୍ତି।

# ଓଡ଼ିଆ ଅସ୍ମିତା କଥାରେ ଭାଜପା ସରକାର ନୀରବ କାହିଁକି: ବିଜେଡି

ଭୁବନେଶ୍ୱର, ୧।୪(ସୁନିତ୍ ମିଶ୍ର)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ବିବୃତି ସାମାଜିକ ଗଣମାଧ୍ୟମରେ ଆସିବା ପରେ ରାଜନୈତିକ ମହଲରେ ଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଛି। ଦୁବେ ୨ ପ୍ରକାର କଥା କହୁଛନ୍ତି। ପ୍ରଥମେ କହୁଛନ୍ତି, ସେ ବିଜୁବାବୁଙ୍କ ବାବଦରେ କିଛି କହି ନ ଥିଲେ ବରଂ ତାଙ୍କ କଥାକୁ ଭୁଲ୍ କରି ଦର୍ଶାଯାଉଛି। ତା' ପରେ କହୁଛନ୍ତି, ସେ ଯାହା କହିଛନ୍ତି ସେଇଟା ତାଙ୍କ ବ୍ୟକ୍ତିଗତ ମତ ଥିଲା। ଅର୍ଥାତ୍ ଦୁବେ ନିଜ ମତକୁ ଭୁଲ୍ ବୋଲି କହୁ ନ ଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ବିଜେଡି ପୁଣି ଅଭିଯୋଗ ଆଣିଛି। ଶଙ୍ଖ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ବିଜେଡି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଧାନସଭାରେ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ଉପରେ ନିନ୍ଦା ପ୍ରସ୍ତାବ ଆସିବ ବୋଲି ବିଧିବଦ୍ଧ ଭାବେ ଲିଖିତ ଦାବିକୁ ବାଚସ୍ପତି ରଖିଥିଲେ। ଏହାକୁ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଲେ। ହେଲେ ଗୃହକୁ ରାତିଅଧିଆ ଚଳାଇ ସେହିଦିନ ବନ୍ଦ କରିଦିଆଗଲା। ଏହା ସରକାରଙ୍କ ଦୋମୁହାଁ ନୀତି ବୋଲି ସେ କହିଛନ୍ତି। ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ନିଶିକାନ୍ତଙ୍କ ମନ୍ତବ୍ୟ ରାଜ୍ୟର ଲୋକଙ୍କୁ ବ୍ୟଥିତ କରିଛି। ମାତ୍ର ନିଶିକାନ୍ତ ଯେଉଁ ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି ସେମାନଙ୍କ ନେତୃତ୍ୱ ଏ ବାବଦରେ ପଦୁଟିଏ କହିନାହାନ୍ତି। ଅସ୍ମିତା କଥା କହି ଶାସନକୁ ଆସିଲେ। ହେଲେ ଓଡ଼ିଆ ଅସ୍ମିତାର ପ୍ରତୀକ ବିଜୁ ପଟ୍ଟନାୟକଙ୍କ ଉପରେ ଅରୁଚିକର ମନ୍ତବ୍ୟ ଉପରେ ଭାଜପା ସରକାର କାହିଁକି ମୁହଁରେ ତୁଣ୍ଡିବାନ୍ଧି ବସିଛନ୍ତି। ୨୦୧୮ରେ ଓଡ଼ିଆ ଅସ୍ମିତାକୁ ଆଘାତ ଦେଲା ଭଳି ଅଭିଜିତ ଆୟାର ମିତ୍ର ଟୁଇଟ୍ କରିଥିଲେ। ସେହି ଘଟଣାରେ ତତ୍କାଳୀନ ବିଜେଡି ସରକାର ଏହା ବିରୋଧରେ ଦୃଢ଼ ପଦକ୍ଷେପ ନେଇଥିଲେ। ଏଥିଲାଗି ଆୟାରଙ୍କୁ ୪୪ ଦିନ ପାଇଁ ଜେଲରେ ରହିବାକୁ ପଡ଼ିଥିଲା। ଦୁବେଙ୍କ ଦ୍ୱାରା ବିଜୁବାବୁଙ୍କ ପ୍ରତି ଅପମାନ ଅର୍ଥ ଓଡ଼ିଆ ଅସ୍ମିତାକୁ ଅପମାନ। ଏହି ଅପମାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଭାଜପା ସରକାର କାହିଁକି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅତନୁ ପ୍ରଶ୍ନ କରିଛନ୍ତି। ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି, ଭାଜପା କିମ୍ବା ତାଙ୍କ ଦଳର କେନ୍ଦ୍ରୀୟ ନେତାଙ୍କ ତରଫରୁ ଆନୁଷ୍ଠାନିକ ଭାବେ ଏହି ଘଟଣାକୁ ନିନ୍ଦା କରାଯାଉ ନାହିଁ। ଏଥିରୁ ବୁଝାପଡୁଛି, ବିଜୁବାବୁଙ୍କ ପ୍ରତିଷ୍ଠା ଓ ସମ୍ମାନ କ୍ଷୁଣ୍ଣ କରିବା ଲାଗି ଭାଜପା ସହଯୋଗରେ ଷଡ଼ଯନ୍ତ୍ର ହୋଇଥିବା ସେ କହିଛନ୍ତି।

# ଓଏମ୍‌ସିକୁ ୬ ବର୍ଷରେ ୫,୦୯୦ କୋଟିର ଜରିମାନା

ଭୁବନେଶ୍ୱର, ୧।୪(ରବିନାରାୟଣ ଜେନା)

ରାଜ୍ୟରେ କେବଳ ଯେ ଘରୋଇ କମ୍ପାନୀ ଅନେକ ହଜାର କୋଟି ଟଙ୍କାର ଖଣି ଦୁର୍ନୀତି କରିଛନ୍ତି ତାହା ନୁହେଁ, ବରଂ ରାଜ୍ୟ ସରକାରଙ୍କ ନିଜସ୍ୱ ସଂସ୍ଥା ଓଡ଼ିଶା ଖଣି ନିଗମ(ଓଏମ୍‌ସି) ମଧ୍ୟ ବେଆଇନ ଭାବେ ମାତ୍ରାଧିକ ଖଣି ଖନନ କରିଛି। ଏଥିପାଇଁ ୨୦୧୭ରୁ ୨୦୨୨ ମଧ୍ୟରେ ପ୍ରାୟ ୫,୦୯୦ କୋଟି ଟଙ୍କାର ଜରିମାନା ହୋଇଛି। ସେଥିମଧ୍ୟରୁ ୩,୭୬୧.୮୮ କୋଟି ଟଙ୍କାର ଆର୍ଥିକ ଜରିମାନା ପ୍ରଦାନ କରିଥିବାବେଳେ ଅବଶିଷ୍ଟ ଜରିମାନା ଅର୍ଥ ବିଭାଗ ପକ୍ଷରୁ ପ୍ରଦାନ କରାଯିବାକୁ ରହିଛି ବୋଲି ମଙ୍ଗଳବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପିତ କରିଥିବା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ରିପୋର୍ଟରୁ ଜଣାଯାଇଛି।

ରିପୋର୍ଟ ଅନୁଯାୟୀ, ଯଦି କୌଣସି ସଂସ୍ଥା ବା ବ୍ୟକ୍ତିବିଶେଷ ଜଙ୍ଗଲ ସଂରକ୍ଷଣ ଅଧିନିୟମ-୧୯୭୪ ଏବଂ ବାୟୁ(ନିବାରଣ ଓ ପ୍ରଦୂଷଣ ନିୟନ୍ତ୍ରଣ) ଅଧିନିୟମ-୧୯୮୧ର ଉଲ୍ଲଂଘନ କରିଥାଏ, ତେବେ ସେହି ଖଣିକାର୍ଯ୍ୟ ବେଆଇନ ବା ଅବୈଧ ଘୋଷଣା ହେବା ସହିତ ଜରିମାନା ଆଦାୟ କରାଯିବ। ଏହାବ୍ୟତୀତ ଏମ୍‌ଏମ୍‌ଡିଆର୍ ଅଧିନିୟମ, ୧୯୫୭ର ଧାରା ୨୧(୫)ରେ ରହିଛି, ଯେତେବେଳେ କୌଣସି ଆଇନଗତ କର୍ତ୍ତୃପକ୍ଷଙ୍କ ଅନୁମତି ବିନା କୌଣସି ଖଣିଜ

## ସିଏଜି ରିପୋର୍ଟ

ପଦାର୍ଥ ଉତ୍ତୋଳନ କରାଯାଏ, ସେଠାରେ ଉତ୍ତୋଳନ କରାଯାଇଥିବା ଖଣିଜ ପଦାର୍ଥର ମଧ୍ୟ ଜରିମାନା ଦେବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ସିଏଜିଙ୍କ ପକ୍ଷରୁ ୨୦୦୦-୨୦୧୧ ମଧ୍ୟରେ ୪ଟି ଖଣିରୁ ପରିବେଶ ମଞ୍ଜୁରୀ ପରିମାଣଠାରୁ ଅଧିକ କିମ୍ବା ଜଙ୍ଗଲ ଜମି ବ୍ୟବହାର ମଞ୍ଜୁରୀର ବିନା ଅନୁମତିରେ ୨୯.୪୭ ନିୟୁତ ଏମ୍‌ଟି ଖଣିଜ ପଦାର୍ଥ ଉତ୍ତୋଳନ ହୋଇଥିଲା, ଯେଉଁଥିପାଇଁ ଓଡ଼ିଶା ଖଣି ନିଗମ ୨୦୧୭-୨୨ ମଧ୍ୟରେ ୩,୭୬୧.୮୮ କୋଟି ଟଙ୍କାର ଆର୍ଥିକ ଜରିମାନା ଦେଇଛି। ଏହାବାଦ୍ ବିଳମ୍ବରେ ଜରିମାନା ଦେବା କାରଣରୁ ନିଗମକୁ ସୁଧ ବାବଦରେ ୮୯୮.୨୩ କୋଟି ଟଙ୍କା ଦେବାକୁ ରହିଛି। ହେଲେ ଏବେ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଏନେଇ କୌଣସି ଦାବି କରାଯାଇନାହିଁ।

ସେହିପରି ୨୦୧୮-୧୯ ମଧ୍ୟରେ ପରିବେଶ ମଞ୍ଜୁରୀ ଓ କନ୍‌ସେଣ୍ଟ ଟୁ ଅପରେଟ୍ (ସିଟିଓ)ରେ ଉଲ୍ଲଂଘନ ପାଇଁ ଓଏମ୍‌ସି ୧,୩୨୮.୩୭ କୋଟି ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ସିଏଜିଙ୍କ ପକ୍ଷରୁ କୁହାଯାଇଛି। ସିଏଜିଙ୍କ ପକ୍ଷରୁ ସମୀକ୍ଷା ବେଳେ ଜଣାପଡ଼ିଛି, ସୁକ୍ରାଙ୍ଗି କ୍ରୋମାଇଟ୍ ଖଣିରେ ୨୦୧୮-୧୯ ମଧ୍ୟରେ ୧.୩୦ ଲକ୍ଷ ଏମ୍‌ଟି ଅନୁମୋଦିତ ଏନ୍‌ଭାଇରନ୍‌ମେଣ୍ଟ କ୍ଲିୟରାନ୍ସ(ଇସି) କ୍ଷମତା ଥିବାସ୍ଥଳେ ୧.୬୭ ଲକ୍ଷ ଏମ୍‌ଟି କ୍ରୋମାଇଟ୍ ଉତ୍ପାଦିତ ହୋଇଛି। ସେହିପରି କୋଡ଼ିଙ୍ଗାମାଳି ବକ୍ସାଇଟ୍ ଖଣିରେ ଏହି ଅବଧି ମଧ୍ୟରେ ଅନୁମୋଦିତ ସିଟିଓ ପରିମାଣ ୨୨.୬ ଲକ୍ଷ ଏମ୍‌ଟି ଥିବାସ୍ଥଳେ ୨୭ ଲକ୍ଷ ଏମ୍‌ଟି ବକ୍ସାଇଟ୍ ଉତ୍ତୋଳନ ହୋଇଛି। ଏହି ଉଭୟ ଖଣିରେ ହୋଇଥିବା ବେଆଇନ ଖନନ ପାଇଁ ୧,୩୨୮.୩୭ କୋଟି ଟଙ୍କାର ଜରିମାନା ଦେବାକୁ ପଡ଼ିବ ବୋଲି ସିଏଜିଙ୍କ ପକ୍ଷରୁ କୁହାଯାଇଛି। ଏହାବାଦ୍ ଓଏମ୍‌ସି ପକ୍ଷରୁ ଅନ୍ୟ କେତେକ କ୍ଷେତ୍ରରେ ଏଭଳି ବ୍ୟତିକ୍ରମ ହୋଇଥିବା ସିଏଜିଙ୍କ ପକ୍ଷରୁ ରିପୋର୍ଟରେ କୁହାଯାଇଛି।

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। –ଶ୍ରୀଅରବିନ୍ଦ



# ଜୈନଧର୍ମରେ ମହିଳା



ଦେବଦତ୍ତ ପଟ୍ଟନାୟକ

ଜୈନଧର୍ମରେ ୨୪ ସନ୍ନ୍ୟାସୀ (ତୀର୍ଥଙ୍କର)ଙ୍କ ପ୍ରଦର୍ଶିତ ପଥ ଜୈନଧର୍ମ ଅନୁସରଣ କରେ। ଜୈନଧର୍ମର ଶ୍ୱେତାମ୍ବର ବିଚାରରେ ପଶ୍ଚିମ ଭାରତରେ ପାର୍ଶ୍ୱନାଥ ଏବଂ ମହାବୀର ଯଥାକ୍ରମେ ୨୩ ଓ ୨୪ତମ ତୀର୍ଥଙ୍କର ହୋଇଥିଲେ ମଧ୍ୟ ସେମାନେ ଏହା ପୂର୍ବରୁ ବିବାହ କରିଥିଲେ। କିନ୍ତୁ ଗାଙ୍ଗେୟ ସମତଳ ତଥା ଦକ୍ଷିଣ ଭାରତର ଦିଗମ୍ବର ତୀର୍ଥଙ୍କରମାନେ ବିବାହିତ ନୁହନ୍ତି। ଉଭୟ ପରମ୍ପରା ଏକମତ ଯେ, ୨୨ତମ ତୀର୍ଥଙ୍କର ନେମିନାଥ ତାଙ୍କ ବାହାଘରଦିନ ବିବାହ କରିବାକୁ ମନା କରିଦେଇଥିଲେ। ବିବାହ ଭୋଜି ଲାଗି କଟାଯିବାକୁ ଥିବା ପଶୁଙ୍କ ଚିତ୍କାର ଶୁଣି ତାଙ୍କ ମନ ବ୍ୟଥିତ ହୋଇଥିଲା ଏବଂ ସେ ସନ୍ନ୍ୟାସୀ ହେବାକୁ ଚାହିଁଥିଲେ। ରାଜୁଲ କିମ୍ବା ରାଜମତି ନେମିନାଥଙ୍କ ନିଷ୍ପତ୍ତି ହୃଦୟଙ୍ଗମ କରି ଅବିବାହିତ ରହିଲେ। ଦିନେ ରାଜମତି ବର୍ଷାରେ ଭିଜିଗଲେ ଓ ଏକ ଗୁମ୍ଫାରେ ଆଶ୍ରୟ ନେଇଥିଲେ। ରାଜମତିଙ୍କ ଦିଅର ରଥନେମି ତାଙ୍କ ସୁନ୍ଦର ଶରୀର ଦେଖି ସେ ଶପଥ ଭଙ୍ଗ କରି ବିବାହ କରିବା ପାଇଁ ତାଙ୍କୁ ମନାଇବାକୁ ଚେଷ୍ଟା କରିଥିଲେ। ରାଜମତି ମନା କରିବା ସହ ତାଙ୍କୁ ଜୈନପଥରେ ଅଟଳ ରହିବାକୁ ବୁଝାଇଲେ।

ସନ୍ନ୍ୟାସୀ କିମ୍ବା ଭିକ୍ଷୁ ହେବା ପାଇଁ ବିବାହଠାରୁ ଦୂରେଇ ଯାଉଥିବା ପୁରୁଷଙ୍କ କାହାଣୀ ଜୈନ ପୁରାଣରେ ଉଲ୍ଲେଖ ରହିଛି। କିନ୍ତୁ ଏକ୍ଷେତ୍ରରେ ମହିଳାଙ୍କ ପ୍ରତିକ୍ରିୟାର ବର୍ଣ୍ଣନା ରହିଛି। କେତେକ କ୍ଷେତ୍ରରେ ମହିଳାମାନେ ପୁରୁଷଙ୍କୁ ସନ୍ନ୍ୟାସୀ ହେବା ପାଇଁ ସହଯୋଗ କରିବା ସହ ରାଜମତିଙ୍କ ପରି ଅବିବାହିତ ରହିଛନ୍ତି। ଅନ୍ୟ କ୍ଷେତ୍ରରେ ସେମାନେ ଏହାକୁ ପ୍ରତିରୋଧ ବି କରିଛନ୍ତି। ଜଣେ ସହଯୋଗୀ ସ୍ତ୍ରୀଙ୍କ କଥା ଏଠାରେ ଆଲୋଚନା କରିବା। ଜଣେ କୃଷକ ଏବଂ ତାଙ୍କ ସ୍ତ୍ରୀ ଜୈନଧର୍ମରେ ପ୍ରଭାବିତ ହୋଇ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ ପାଲଟିଗଲେ। ବହୁ ବର୍ଷ ପରେ ଭ୍ରମଣ କରିବା ଭିତରେ ଥରେ ପରସ୍ପରଙ୍କ ସାକ୍ଷାତ୍ ହେଲା। ସନ୍ନ୍ୟାସୀଙ୍କ ମନରେ ପୁଣି ସ୍ତ୍ରୀଙ୍କୁ ପାଇବା ଲାଗି ଆଗ୍ରହ ଜନ୍ମିଲା ଏବଂ ଅନ୍ୟ ଜଣେ ସନ୍ନ୍ୟାସିନୀଙ୍କ ମାଧ୍ୟମରେ ତାଙ୍କ ସ୍ତ୍ରୀଙ୍କୁ ଏ ବିଷୟରେ ଜଣାଇଲେ। ସନ୍ନ୍ୟାସୀ ତାଙ୍କ ସନ୍ନ୍ୟାସ ଜୀବନ ଭଙ୍ଗ କରିବାକୁ ଇଚ୍ଛା କରୁଥିବା ଜାଣି ସ୍ତ୍ରୀ ଦୁଃଖିତ ହେଲେ। ଏପରି ଘଟଣାକୁ ରୋକିବା ପାଇଁ ସେ ଖାଦ୍ୟ ତ୍ୟାଗ କରି ନିଜକୁ ଭୋକରେ ମରିବାକୁ ସ୍ଥିର କଲେ। ଯେତେବେଳେ କୃଷକ



(ସନ୍ନ୍ୟାସୀ) ତାଙ୍କ ସ୍ତ୍ରୀଙ୍କ ଏଭଳି କାର୍ଯ୍ୟ ସମ୍ପର୍କରେ ଶୁଣିଲେ, ସେତେବେଳେ ସେ ମଧ୍ୟ ଖାଦ୍ୟ ଛାଡ଼ିଦେଇ ମୃତ୍ୟୁବରଣ କଲେ। ଏହି କାହାଣୀ ଏକାଦଶ ଶତାବ୍ଦୀର ପ୍ରଦ୍ୟୁମ୍ନ ସୁରିଙ୍କ ମୂଳଶୁଦ୍ଧି ପ୍ରକରଣରେ ରହିଛି। ଆଉ ଜଣେ ଉଗ୍ର ସ୍ୱଭାବର ସ୍ତ୍ରୀଙ୍କ କାହାଣୀ ଅଛି। ଜଣେ ରାଜକୁମାର ତାଙ୍କ ସ୍ତ୍ରୀଙ୍କଠାରୁ ଦୂରେଇ ଯାଇ ସନ୍ନ୍ୟାସୀ ହେବାକୁ ନିଷ୍ପତ୍ତି ନେଲେ। ଏଥିରେ ତାଙ୍କ ସ୍ତ୍ରୀ ଏତେ ରାଗିଥିଲେ ଯେ ତାଙ୍କ ମୃତ୍ୟୁ ପରେ ସେ ଜଣେ ଅନିଷ୍ଟକାରୀ ଦେବୀ ହୋଇଗଲେ। ତାଙ୍କ ପୂର୍ବଜନ୍ମର କଥା ମନେଥିଲା ଏବଂ ସେତେବେଳେ ବରିଷ୍ଠ ଭିକ୍ଷୁ ହୋଇଥିବା ତାଙ୍କ ସ୍ୱାମୀଙ୍କୁ ଶିକ୍ଷା ଦେବାକୁ ନିଷ୍ପତ୍ତି ନେଲେ। ସେଲାନା ନାମ୍ନୀ ଜଣେ ମହିଳାଙ୍କଠାରୁ ଭିକ୍ଷା ମାଗୁଥିବାବେଳେ ତାଙ୍କ ସ୍ୱାମୀଙ୍କ ଶରୀରରେ ସେ ଯୌନ ଉଦ୍ଦୀପନା ଲକ୍ଷଣ ସୃଷ୍ଟି କରିଥିଲେ। ସେଲାନା ଜାଣିଥିଲେ ଯେ, ସେ ଜଣେ କାମନାମୁକ୍ତ ପୁରୁଷ। ତେଣୁ ସେ ତାଙ୍କ ଯୌନ ଉଦ୍ଦୀପନାକୁ ଅଣଦେଖା କଲେ ଏବଂ ସନ୍ନ୍ୟାସୀଙ୍କର ଶାରୀରିକ ଲକ୍ଷଣକୁ ଅନ୍ୟମାନଙ୍କ ନଜରରୁ ହଟାଇବା ଲାଗି ତାଙ୍କ ଉପରେ ପୋଷାକ ଢାଙ୍କି ଦେଲେ। ସନ୍ନ୍ୟାସୀ ଶେଷରେ ଆତ୍ମଉପଲବ୍ଧି ହାସଲ କଲେ ଏବଂ ଏଥିପାଇଁ ସବୁ ଶ୍ରେୟ ସେଲାନାଙ୍କୁ ଦେଲେ। ଏହି କାହାଣୀ ଦଶମ ଶତାବ୍ଦୀର ହରିସେଣଙ୍କ ବୃହତ୍ କଥାକୋଷରୁ ଆସିଛି।

ହେମଚନ୍ଦ୍ରଙ୍କ ଦ୍ୱାଦଶ ଶତାବ୍ଦୀର ପରିଶିଷ୍ଟ ପର୍ବଣରେ ବର୍ଣ୍ଣନା କରାଯାଇଛି ଯେ, ସୁନନ୍ଦାଙ୍କ ଭାଇ, ସ୍ୱାମୀ ଓ ପୁଅ ଜୈନ ସନ୍ନ୍ୟାସୀ ହୋଇଥିଲେ। ଏଥିରେ ସେ ଭାଙ୍ଗିପଡ଼ି ନିଜେ ସନ୍ନ୍ୟାସିନୀ ହେବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ରବିସେଣଙ୍କ ସପ୍ତମ ଶତାବ୍ଦୀର ପଦ୍ମ ପୁରାଣରେ ଉଲ୍ଲେଖ ରହିଛି, ସହଦେବୀଙ୍କ ସ୍ୱାମୀ ସନ୍ନ୍ୟାସୀ ହୋଇଯିବା ପରେ ପୁଅ ଯେତେବେଳେ ସନ୍ନ୍ୟାସୀ ହେଲେ, ସେତେବେଳେ ସେ ସହଯୋଗ କରି ନ ଥିଲେ। ଫଳରେ ସେ ମୃତ୍ୟୁବରଣ କଲାପରେ ବାଘୁଣୀ ଭାବେ ପୁନର୍ଜନ୍ମ ଲାଭ କରି ତାଙ୍କ ପୁଅକୁ ଖାଇଥିଲେ। ତାଙ୍କ ସ୍ୱାମୀ କିନ୍ତୁ ବାଘୁଣୀ ଉପରେ ରାଗି ନ ଥିଲେ। ତାଙ୍କ ଶାନ୍ତ ସ୍ୱଭାବ ଦେଖି ବାଘୁଣୀ ଅନୁତାପ କଲା ଏବଂ ପରଜନ୍ମରେ ପୁଣି (ସହଦେବୀ) ମଣିଷ ଜୀବନ ପାଇଲେ ଏବଂ ଜୈନପଥ ଅନୁସରଣ କରିଥିଲେ।

ଏମିତି ବି ଏକ କାହାଣୀ ଅଛି, ଯେଉଁଠାରେ ମହିଳାମାନେ ପୁରୁଷମାନଙ୍କୁ ବିବାହ ପରିବର୍ତ୍ତେ ସନ୍ନ୍ୟାସ ଜୀବନ ପାଇଁ ପ୍ରବର୍ତ୍ତାଇଛନ୍ତି। ଏହା ଶ୍ୱେତାମ୍ବର ପରମ୍ପରାର ଊନବଂଶ ତୀର୍ଥଙ୍କର ମଲ୍ଲୀନାଥଙ୍କ କାହାଣୀ। ମଲ୍ଲୀଙ୍କୁ ବିବାହ କରିବା ପାଇଁ ୬ଜଣ ରାଜକୁମାର ତାଙ୍କ ପିତାଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିବା ସହ ପରସ୍ପର ମଧ୍ୟରେ ଯୁଦ୍ଧ ଡାକରା ଦେଇଥିଲେ। ମଲ୍ଲୀ ଏହା ଜାଣିବା ପରେ ସେମାନଙ୍କୁ ନିଜ ଉଆସକୁ ନିମନ୍ତ୍ରଣ କଲେ। ସେଠାରେ ରାଜକୁମାରମାନେ ମଲ୍ଲୀଙ୍କ ପରି ଦେଖାଯାଉଥିବା ଏକ ପ୍ରତିମୂର୍ତ୍ତି ଦେଖିଲେ ଓ ତାହା ପାଖକୁ ଯିବା ପରେ ସେଥିରୁ ଦୁର୍ଗନ୍ଧ ବାହାରୁଥିବା ଜାଣି ଘୃଣା କରି ପଛକୁ ହଟିଆସିଲେ। ରାଜକୁମାରୀ ରାଜକୁମାରଙ୍କୁ ବୁଝାଇ କହିଥିଲେ ଯେ, ଜୀବନର ଲକ୍ଷ୍ୟ ଶରୀରର ମାଂସକୁ ଲୋଭ କରିବା ନୁହେଁ ବରଂ ଆତ୍ମାକୁ ଜାଣିବା। ତେଣୁ ତାଙ୍କ ଶରୀର ପାଇବା ଲାଗି ଯୁଦ୍ଧ କରିବା ପରିବର୍ତ୍ତେ ସେମାନେ ଜୈନପଥ ଅନୁସରଣ କରିବା ଉଚିତ। ତା'ପରେ ରାଜକୁମାରୀ ମଲ୍ଲୀ ସଂସାର ଛାଡ଼ି ସନ୍ନ୍ୟାସିନୀ ହୋଇଯିବା ପରେ ୬ଜଣ ରାଜକୁମାର ମଧ୍ୟ ସନ୍ନ୍ୟାସୀ ହୋଇଗଲେ। କିନ୍ତୁ ଦିଗମ୍ବର ପରମ୍ପରାରେ ବର୍ଣ୍ଣନା ରହିଛି, ମଲ୍ଲୀନାଥ ପୁରୁଷ ଥିଲେ, କାରଣ ଏଥିରେ ବିଶ୍ୱାସ ରହିଥିଲା ଯେ ମହିଳା ଆତ୍ମସାକ୍ଷାତ୍ କରିପାରିବ ନାହିଁ।

ସପ୍ତମ ଶତାବ୍ଦୀରେ ରବିସେଣଙ୍କ ପଦ୍ମ ପୁରାଣରେ ରାଜା ନାଘୁଶା ଏବଂ ରାଣୀ ସିଂହିକା ବିଷୟରେ ଉଲ୍ଲେଖ କରାଯାଇଛି। ରାଜା ଉତ୍ତରରେ ଶତ୍ରୁମାନଙ୍କ ସହିତ ଲଢ଼େଇ କରୁଥିବାବେଳେ ଦକ୍ଷିଣପଟୁ ବି ଆକ୍ରମଣ କରାଯାଇଥିଲା। ତେଣୁ ସିଂହିକା କିଛି ସୈନିକଙ୍କ ସହାୟତାରେ ଦକ୍ଷିଣପଟୁ ଆକ୍ରମଣ କରୁଥିବା ଶତ୍ରୁଙ୍କୁ ପଛକୁ ହଟାଇଦେଲେ। ହେଲେ ବିଜୟୀ ରାଜା ଅସନ୍ତୁଷ୍ଟ ଥିଲେ। କାରଣ ସେ ଅନୁଭବ କରୁଥିଲେ ଯେ, ଯୁଦ୍ଧକୁ ଯାଉଥିବା ଜଣେ ମହିଳା ଶୁଦ୍ଧ ନାରୀ ହୋଇପାରିବେ ନାହିଁ। ଫଳରେ ସେ ରାଣୀଙ୍କଠାରୁ ଦୂରେଇ ଗଲେ। ପରେ ରାଜା ଅସୁସ୍ଥ ହେବାରୁ ଡାକ୍ତରମାନେ କହିଲେ, କେବଳ ଜଣେ ଶୁଦ୍ଧ ନାରୀ ଜଳ ଦେଇ ତାଙ୍କୁ ସୁସ୍ଥ କରିପାରିବ। ସିଂହିକା ତାଙ୍କୁ ପାଣି ଦେବା ପରେ ରାଜା ସୁସ୍ଥ ହୋଇଥିଲେ। ରାଣୀଙ୍କୁ ରାଜା କ୍ଷମା ମାଗି ପୁଅକୁ ସିଂହାସନରେ ବସାଇ ସନ୍ନ୍ୟାସୀ ହୋଇଯାଇଥିଲେ।

–devduttofficial@gmail.com

## ଏଇ ଭାରତରେ

ଦନ୍ତ ଚିକିତ୍ସକ ଡ. ଶାନ୍ତି ତୁମ୍ମାଲା ଚାକିରି ଛାଡ଼ି ବେଙ୍ଗାଲୁରୁରେ ବର୍ଜ୍ୟ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି। ଥରେ ଜଣେ ମହିଳା ଏକ ଅଳିଆଗଦା ନିକଟରେ ଠିଆହୋଇ କିଛି ଜିନିଷ ଖୋଜୁଥିବା ଦୃଶ୍ୟ ସେ ଦେଖିବାକୁ ପାଇଥିଲେ। ସେହି ମହିଳା ଜଣକ ଉକ୍ତ ଅଦରକାରୀ ଜିନିଷ ବିକିବାକୁ ଚାହୁଁଥିବା ତାଙ୍କଠାରୁ ଜାଣିପାରିଥିଲେ। ତା'ପରେ ଜାଣିବାକୁ ପାଇଲେ ଯେ ବେଙ୍ଗାଲୁରୁରେ ଥିବା ଅନେକ ଅଳିଆଗଦା ସଂସ୍ପର୍ଶରେ ଆସୁଥିବା ବହୁ ବ୍ୟକ୍ତିଙ୍କ ଜୀବନ ଦୁର୍ବିସହ ହୋଇଯାଉଛି। ଏଣୁ ବର୍ଜ୍ୟ ସମସ୍ୟାର ସମାଧାନ ଲାଗି ଡ. ଶାନ୍ତି ଚାକିରି ଛାଡ଼ି ଘରକୁ ଘର ବୁଲି କିଭଳି ତରଳ, କଠିନ ଏବଂ ବିପଜ୍ଜନକ ବର୍ଜ୍ୟର ପୃଥକୀକରଣ ହେବ ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଲାଗିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କୁ କେହି ସମର୍ଥନ କରୁ ନ ଥିଲେ, ବରଂ ଏହା ସେ ରାଜନୀତି ପାଇଁ କରୁଛନ୍ତି ବୋଲି ଚର୍ଚ୍ଚ ହେଉଥିଲା। ପରେ ସେ ଏଚ୍‌ସିଆର ଫୋରମ୍ ଗଠନ କରି ତା' ମାଧ୍ୟମରେ ୧ ଲକ୍ଷରୁ ଅଧିକ ବେଙ୍ଗାଲୁରୁବାସୀଙ୍କୁ ବର୍ଜ୍ୟ ପୃଥକୀକରଣ ସମ୍ପର୍କରେ ସଚେତନ କରିପାରିଛନ୍ତି। କେବଳ ଏତିକି ନୁହେଁ, ବର୍ଜ୍ୟରୁ ଖତ ପ୍ରସ୍ତୁତ କରିବାର ଉପାୟ ମଧ୍ୟ ଲୋକଙ୍କୁ ଶିଖାଉଛନ୍ତି। ଏଥିପାଇଁ କମ୍ପୋଷ୍ଟ ଲର୍ନିଂ ସେଣ୍ଟର ମଧ୍ୟ ସେ ପ୍ରତିଷ୍ଠା କରିଛନ୍ତି।

## ଚିରନ୍ତନୀ

କେତେ ମଧୁ ମିଳନର ଦେଖିଲିଇଁ ସ୍ୱପନ
କେତେ ଚୂତ ମଞ୍ଜରୀ ତୋଳିଲି
ବିଚ୍ଛେଦ–ଧାରେ ଯେତେ ବହିଯାଏ ରୁଧିର
ଅନ୍ତର ତଳେ ତାହା ବୋଳିଲି
ବିରହର ଦୋଳି ଚଢ଼ି ମିଳନର ମଳୟେ
କେବଳ ଜୀବନଯାକ ଦୋଳିଲି ।

–(ଜୀବନ–ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | |
| 6 | | | 7 | | 5 | | | |
| | | | | | | 1 | | 5 |
| | | | 6 | | | | 3 | 1 |
| | 2 | | 3 | | | | 8 | |
| 8 | | | | | 2 | | | 6 |
| | | | | | | | 9 | 8 |
| 5 | | | 1 | 7 | | | | 3 |
| 7 | 6 | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 5 | 6 | 7 | 3 | 9 | 4 | 8 |
| 6 | 7 | 8 | 4 | 2 | 9 | 1 | 5 | 3 |
| 3 | 4 | 9 | 1 | 8 | 5 | 7 | 2 | 6 |
| 7 | 3 | 1 | 8 | 9 | 4 | 2 | 6 | 5 |
| 8 | 5 | 4 | 2 | 6 | 1 | 3 | 9 | 7 |
| 2 | 9 | 6 | 3 | 5 | 7 | 8 | 1 | 4 |
| 5 | 1 | 7 | 9 | 3 | 6 | 4 | 8 | 2 |
| 4 | 6 | 2 | 7 | 1 | 8 | 5 | 3 | 9 |
| 9 | 8 | 3 | 5 | 4 | 2 | 6 | 7 | 1 |

ଗତକାଲିର ଉତ୍ତର

# ବିଶ୍ୱ ପାଇଁ ଚେତାବନୀ



ହରେକୃଷ୍ଣ ପଣ୍ଡା

ମଣିଷ ବିଜ୍ଞାନ–ସଭ୍ୟତାର ଶୀର୍ଷରେ ପହଞ୍ଚିଥିଲେ ମଧ୍ୟ ଯୁଦ୍ଧ ଓ ହିଂସାକୁ ଛାଡ଼ିପାରିନାହିଁ। ଏବେ ସମଗ୍ର ବିଶ୍ୱରେ ଯେମିତି ସଂଘର୍ଷ, ହିଂସା, ପ୍ରତିଶୋଧର ବାତାବରଣ ସୃଷ୍ଟି ହୋଇଛି ତାହା ମାନବ ସମାଜକୁ କେବଳ ବ୍ୟଥିତ କରିନାହିଁ,ବରଂ ଏକ ନୂତନ ଚେତନାର ବାଟ ଫିଟାଇ ଦେଇଛି। ବର୍ତ୍ତମାନ ବିଶ୍ୱର ସ୍ଥିତି ଆସୁରିକ ପ୍ରବୃତ୍ତିର ନେତୃତ୍ୱକୁ ପ୍ରତିପାଦିତ କରିଛି। ଉଦାହରଣ ଦେଇ କହିବାକୁ ଗଲେ– ଇଂରେଜ ସରକାରଙ୍କ ଶାସନ ବିରୋଧରେ ବିଦ୍ରୋହ କରୁଥିବା ବ୍ୟକ୍ତିଙ୍କୁ ସେମାନେ ହତ୍ୟା କରୁଥିଲେ। କିଛି ବର୍ଷ ପରେ ହିଟ୍‌ଲର ଆସୁରିକ ଶକ୍ତିରେ କବଳିତ ହୋଇ ଲକ୍ଷ ଲକ୍ଷ ଲୋକଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ।

ମଧ୍ୟପ୍ରାଚ୍ୟରେ ଯେଉଁ ସଂଘର୍ଷ ଓ ମୁକାବିଲା ଦେଖାଦେଇଛି, ତାହା ଏକ ଉଦାହରଣ। ପୂର୍ବରୁ ଦୁଇଟି ମହାସମର ଘଟିଯାଇଛି। ଏକ ତୃତୀୟ ମହାସମର ପାଇଁ ବାଟ ଫିଟାଯାଉଛି, କିନ୍ତୁ ଏହା ଆଉ ଘଟିବ ନାହିଁ ବୋଲି ଶ୍ରୀଅରବିନ୍ଦ କହିଯାଇଛନ୍ତି। ବର୍ତ୍ତମାନର ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଅବଲୋକନ କଲେ ଜାଣିହେଉଛି ଯେ ଦୁଇଟି ଶକ୍ତି ମଧ୍ୟରେ ଲଢ଼େଇ ଚାଲିଛି। ହେଲେ ଐକ୍ୟର ପ୍ରଭାବ ଯୋଗୁ ଯେଉଁ ପରିସ୍ଥିତି ପୂର୍ବରୁ ସହଜରେ ପୃଥିବୀବ୍ୟାପୀ ମହାସମର ଘଟାଇପାରୁଥିଲା, ତାହା ସେପରି ହେବାକୁ ସୁଯୋଗ ପାଉନାହିଁ। ସାମାନ୍ୟ ଖଣ୍ଡଯୁଦ୍ଧ, ଆଞ୍ଚଳିକ ସଂଘର୍ଷ ଅନ୍ୟ ଦେଶଗୁଡ଼ିକରେ ଲାଗିପାରେ; କିନ୍ତୁ ପୃଥିବୀ ମହାସମର ଅସମ୍ଭବ। ଐକ୍ୟ, ସଂହତିର ମୂଳ ସତ୍ୟ ପ୍ରତିଷ୍ଠା ଫଳରେ ହିଂସା ଏବଂ ଯୁଦ୍ଧ ପଶ୍ଚାତ୍‌ରେ ଥିବା ଶକ୍ତିର ମୂଳଦୁଆ ଭାଙ୍ଗିଯାଇଛି। ଯାହା ମନେହୁଏ, ଏକ ନୂତନ ଧାରା ସୃଷ୍ଟି ହେବାକୁ ଯାଉଛି, ଯାହା ଆମ ମନରେ ଏକ ଧାରଣା ସୃଷ୍ଟି କରୁଛି ଯେ ପୃଥିବୀ ଏକ ହେବା ଦିଗରେ ଗତିକରୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମାନବଜାତି କିପରି ସୁଖ ଓ ଶାନ୍ତିରେ ଏହି ପୃଥିବୀରେ ବସବାସ କରିପାରିବ, ସେଥିପାଇଁ ଅନେକ ଅନ୍ତର୍ଜାତୀୟ ନିୟମାବଳୀ ଓ ସଂଗଠନ ତିଆରି କରାଯାଇଥିଲା। ସେଥିମଧ୍ୟରୁ ଜାତିସଂଘ ଏକ ସଂଗଠନ। ସେତେବେଳେ ଏହି ସଂଘଟି ଏପରି ଗଠନ କରାଯାଇଥିଲା ଯେ, ତାହା ଭବିଷ୍ୟତ ବିଶ୍ୱ ପ୍ରତି ଦୃଷ୍ଟି ଦେଇ ନ ଥିଲା। ଦୂରଦୃଷ୍ଟି ଅଭାବରୁ ୫ଟି ଦେଶ ସମଗ୍ର ବିଶ୍ୱରେ ଏଯାବତ୍ ପ୍ରତିପତ୍ତି ଜାହିର କରିଚାଲିଛନ୍ତି। ଏହାର ପରିବର୍ତ୍ତନ କରି ହେଉ ନାହିଁ। ଜାତିସଂଘ ବହୁ ଦିନରୁ ତା'ର ମର୍ଯ୍ୟାଦା ହରାଇସାରିଲାଣି। ଇରାନ୍–ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ସୁରକ୍ଷା ପରିଷଦ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ସାମ୍ପ୍ରତିକ ପରିସ୍ଥିତିରେ ବୈଶ୍ୱିକ ଗତିଧାରା ଯେଭଳି ରହିଛି, ତାହା ବିଚାରକୁ ନେଲେ ଜାତିସଂଘ ସୁରକ୍ଷା ପରିଷଦର କିଛି କର୍ତ୍ତୃତ୍ୱ ନାହିଁ। ଦେଶ ମଧ୍ୟରେ ଲାଗୁଥିବା ବିବାଦର ସମାଧାନ ପାଇଁ କିଛି କରାଯାଉ ନ ଥିବା ବେଳେ ସୁରକ୍ଷା ପରିଷଦ ସଦସ୍ୟଙ୍କ ଭିଟୋ କ୍ଷମତା ଏଥିପାଇଁ କାଳ ହୋଇଛି। ସେ ମଧ୍ୟ କହିଛନ୍ତି, ୧୯୪୫ ପରେ ଜାତିସଂଘ ସୁରକ୍ଷା ପରିଷଦର ସ୍ଥିତି ଯେପରି ଥିଲା ତାହା ଏବେ ନାହିଁ। ଏଥିରୁ ଜଣାପଡ଼େ, ମିଳିତ ଜାତିସଂଘ ଓ ତା'ର ସୁରକ୍ଷା ପରିଷଦ ତଥା ଭିଟୋ କ୍ଷମତାର ଅବସାନ ଏଇଠି ପ୍ରକାଶ୍ୟରେ ଘଟିଲା। ବିଶ୍ୱରେ ଆମେରିକାର ଏକତରଫା ଯୁଦ୍ଧକୁ ଏହି ସଂଘ ରୋକିପାରିଲା ନାହିଁ। ନିରପେକ୍ଷତା ଅବଲମ୍ବନ ନ କରିବାରୁ ଜାତିସଂଘ ନିଜର ସ୍ଥିତି ହରାଇ ସାରିଥିବା ବିଶ୍ୱବାସୀ ଅନୁଭବ କରିଥିଲେ ହେଁ ଭାରତ ପକ୍ଷରୁ ଏହାର ସଂସ୍କାର ନିମନ୍ତେ ଏକାଧିକ ଥର ଦାବି କରାଯାଇଛି। ହେଲେ ତାହା ନିଷ୍ଫଳ ହୋଇଯାଇଛି। ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଜାତିସଂଘ ସମ୍ପୂର୍ଣ୍ଣ ତା'ର ସ୍ଥିତି ହରାଇଥିବା ଲକ୍ଷ୍ୟ କରାଯାଉଛି। ଏହି ଯୁଦ୍ଧର ସମାପ୍ତି ପରେ ମିଳିତ ଜାତିସଂଘ ଏକ ନୂତନ ରୂପରେଖ ନେଇ ଗଢ଼ି ଉଠିବାର ଆଶା ଉଦ୍ରେକ ହୋଇଛି।




ଶୀତଳଯୁଦ୍ଧ ସମୟରେ ବିଶ୍ୱରେ ଦୁଇ ପ୍ରମୁଖ ଶକ୍ତିକେନ୍ଦ୍ରକୁ ନେଇ ଗଢ଼ି ଉଠିଥିବା ସାମରିକ ମେଣ୍ଟ ସୋଭିଏତ୍ ରୁଷ ବିଭାଜନ ପରେ ନିଶ୍ଚିହ୍ନ ହୋଇଯାଇଥିଲା। କିନ୍ତୁ ୟୁରୋପୀୟ ରାଷ୍ଟ୍ରଙ୍କୁ ନେଇ ଯେଉଁ ସାମରିକ ମେଣ୍ଟ ଗଢ଼ାଯାଇଥିଲା, ତାହା ଆମେରିକା ନେତୃତ୍ୱାଧୀନ ରହିଥିଲା। ଏହାକୁ ନାଟୋ ସଦସ୍ୟ ରାଷ୍ଟ୍ର ଏଯାବତ୍ ଗୁରୁତ୍ୱ ଦେଇ ଆସିଥିଲେ। ଏବେ ସେହି ନାଟୋକୁ ଆମେରିକା ନିଜ ହାତରେ ଧ୍ୱଂସ କରିଦେଇଛି। ନାଟୋକୁ ଭୁଲ୍ ବାଟରେ ନେବା ଦ୍ୱାରା ଏହା ଏପରି ଘଟିଲା ବୋଲି କୁହାଯାଇପାରେ। ଆମେରିକା ନିଜ ସ୍ୱାର୍ଥରେ ନାଟୋକୁ ବିନିଯୋଗ କରିବା ଫଳରେ ନାଟୋ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଲାଣି। ଆମେରିକାର ଏକାଧିପତ୍ୟତା ସବୁରାଷ୍ଟ୍ର ଜାଣିସାରିଲେଣି। ଏହି ତିନି ଦଶନ୍ଧି ଭିତରେ ଆତଙ୍କବାଦ ଓ ପରମାଣୁ ଶକ୍ତିକୁ ନେଇ ଆମେରିକା ବହୁ ଯୁଦ୍ଧ ଭିଆଇ ସାରିଲାଣି। ଆମେରିକାର ଦୂରଦୃଷ୍ଟି ବିହୀନ ନିଷ୍ପତ୍ତିକୁ ସମର୍ଥନ ଦେଇ ନାଟୋ ସହଯୋଗୀ ଇରାକଠାରୁ ଆଫଗାନ ଯୁଦ୍ଧରେ ସାମିଲ କରି ଲଢ଼ିବା ପରେ ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ କରଛଡ଼ାଦେବାକୁ ବାଧ୍ୟ ହୋଇଛି। ସେଥିପାଇଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସେମାନଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଏଇଠି ନାଟୋ ତା'ର ଅସ୍ତିତ୍ୱ ହରାଇ ନବ କଳେବର ଧାରଣ କରିବାକୁ ଯାଉଛି। ନାଟୋ ବିରୋଧରେ ଯାଇ ଆମେରିକା ୟୁରୋପର ଅଧିକାଂଶ ରାଷ୍ଟ୍ରଙ୍କ ବିରୋଧୀ ଯେ ହୋଇ ପଡ଼ିଛି, ତାହା ତାକୁ ବୋଧେ ଅଜଣା।

ନିଜ ଦେଶର ଯୁଦ୍ଧାସ୍ତ୍ର ବିକ୍ରୟ ପାଇଁ ଆମେରିକା ସାରା ବିଶ୍ୱରେ ଯୁଦ୍ଧର ବିଭୀଷିକା ସୃଷ୍ଟି କରିଥିବା ଦେଖାଯାଇଛି। ଶେଷରେ ତୈଳ ବ୍ୟାପାରକୁ ଏକଚାଟିଆ କରିବାକୁ ଯାଇ ମଧ୍ୟପ୍ରାଚ୍ୟରେ ଯେଉଁ ବିଭୀଷିକା ରଚନା କଲା, ତାହା ଆମେରିକାର ଅହଂକାର ଓ ଔଦ୍ଧତ୍ୟକୁ ପ୍ରତିପାଦିତ କରିଛି। ଆହୁରି ମଧ୍ୟ ଅନୁଭବ କରାଯାଇଛି ଯେ, ସାମରିକ ଅସ୍ତ୍ରଶସ୍ତ୍ରକୁ ନେଇ ଆମେରିକା ସବୁ ରାଷ୍ଟ୍ରକୁ ନାଲିଆଖି ଦେଖାଇ ଆସିଛି। ଯାହାଫଳରେ ବିଶ୍ୱର ଅଧିକାଂଶ ରାଷ୍ଟ୍ର ଆମେରିକାର ବିପର୍ଯ୍ୟୟ ଚାହୁଁଥିଲେ। ଅପରପକ୍ଷରେ ଆମେରିକାର ସାମରିକ ଶକ୍ତିକୁ ମୁକାବିଲା କରିବା ପାଇଁ ଅଧିକାଂଶ ରାଷ୍ଟ୍ର ନିଜର ସାମର୍ଥ୍ୟ ହାସଲ କରିସାରିଲେଣି, ଏକଥା ଆମେରିକା ଜାଣିନଥିଲା। ଇରାନ୍ ନିଜର ସାମରିକ ଶକ୍ତିକୁ ନେଇ ଆମେରିକାକୁ ଚେତେଇଦେଲା ଯେ 'ଆମେ ମଧ୍ୟ ତୁମଠାରୁ କମ୍ ନାହୁଁ। ଆମେରିକାର ଏକାଧିପତ୍ୟତା ପାଇଁ ବିଶ୍ୱର ଛୋଟ ବଡ଼ ଦେଶ ପରମାଣୁ ଶକ୍ତିର ଅଧିକାରୀ ହୋଇ ପାରିଛନ୍ତି। ଏଭଳି ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରିବା ପାଇଁ ଯେ ଆମେରିକା ଏକମାତ୍ର ଦାୟୀ, ତାହା ଅସ୍ୱୀକାର କରିହେବ ନାହିଁ।

ଆମେରିକା–ଇରାନ୍ ଯୁଦ୍ଧ ବିଶ୍ୱ ପାଇଁ ଏକ ଚେତାବନୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମେରିକା କିମ୍ବା ଇରାନ୍ ସପକ୍ଷରେ କୌଣସି ଦେଶ ସିଧାସଳଖ ଯୁଦ୍ଧରେ ପକ୍ଷଭୁକ୍ତ ହୋଇ ନ ଥିଲେ ହେଁ ଆମେରିକା ବିପକ୍ଷରେ ଅଧିକାଂଶ ରାଷ୍ଟ୍ରଙ୍କର ଅସଦିଚ୍ଛା ପୂରାମାତ୍ରାରେ ଥିବା କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏହାକୁ ଆମେରିକା ଅନୁଭବ କରିବା ଆବଶ୍ୟକ। ବିଶ୍ୱଶାନ୍ତି ପାଇଁ ଭାରତର ଭୂମିକା ଅପରିହାର୍ଯ୍ୟ, ତାହା କହିବା ବାହୁଲ୍ୟମାତ୍ର। ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ବିଶ୍ୱସ୍ତରୀୟ ଶାସନ ପ୍ରତିଷ୍ଠାନ, ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଏବେ ବିକଳ୍ପ ଚାହୁଁ ନାହିଁ। ବରଂ ଜରୁରୀ। ଜି–୨୦ ଶିଖର ସମ୍ମିଳନୀ ମଧ୍ୟ ଅକାମୀ ହୋଇଯାଇଛି। ତା'ର ପୁନରୁଦ୍ଧାର ଆବଶ୍ୟକ। ଭାରତ–ବ୍ରାଜିଲ, ଦକ୍ଷିଣ ଆଫ୍ରିକାର ନେତା ଓ ବ୍ରିକ୍ସ ସଂଘକୁ ଏହି ସମୟରେ ଅଧିକ ଗତିଶୀଳ କରାଯିବା ଦରକାର। ବିଶ୍ୱ ଜନମତକୁ ଯେଉଁ ରାଷ୍ଟ୍ରନେତା ଗୁରୁତ୍ୱ ଦିଅନ୍ତି ନାହିଁ, ସେମାନଙ୍କୁ ଶେଷରେ ତଳିତଳାନ୍ତ ହେବାକୁ ପଡ଼େ।

ସୟେଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

## ପାଠକ ଶ୍ରେଷ୍ଠ ବିଚାରକ

### ଜୀବନ ସହ ଖେଳନ୍ତୁ ନାହିଁ

ମହାଶୟ,

ଏବେ ଜିମ୍ ଯିବା ନୂଆ ଟ୍ରେଣ୍ଡ ପାଲଟିଛି, ଯେଉଁଠି ପ୍ରାୟ ସମସ୍ତେ ନିଜକୁ ଜଣେ ଜଣେ 'ଟ୍ରେନର' ଭାବେ ଉପସ୍ଥାପିତ କରୁଛନ୍ତି। କିନ୍ତୁ ଆମକୁ ବୁଝିବାକୁ ହେବ ଯେ, ଜିମ୍ କେବଳ ସୋସିଆଲ ମିଡିଆରେ ଶରୀର ପ୍ରଦର୍ଶନ କରିବା କିମ୍ବା ଫଟୋ ଉଠାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ହେଉଛି ଶରୀରକୁ ଗଢ଼ିବାର ଏକ ସ୍ଥାନ, ଯେଉଁଠି ପ୍ରତିଟି ମୁହୂର୍ତ୍ତରେ ଶୃଙ୍ଖଳା ଆବଶ୍ୟକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତ୍ୟେକ ମଣିଷର ଶାରୀରିକ ଗଠନ ସମ୍ପୂର୍ଣ୍ଣ ଭିନ୍ନ। ଜଣଙ୍କ ପାଇଁ ଯେଉଁ ବ୍ୟାୟାମ ବରଦାନ ସଦୃଶ, ଅନ୍ୟ ଜଣଙ୍କ ପାଇଁ ତାହା ଅଭିଶାପ ହୋଇପାରେ। କେଉଁ ବ୍ୟାୟାମ ଆପଣଙ୍କ ଶରୀରକୁ ସୁହାଇବ, ତାହା କେବଳ ଜଣେ 'ଅଭିଜ୍ଞ ଟ୍ରେନର' କହିପାରିବେ। ଆଜିକାଲି ୟୁଟ୍ୟୁବର ପ୍ରମୋସନ ଭିଡିଓ ଦେଖି ପ୍ରୋଟିନ ପାଉଡର୍ କିମ୍ବା ସପ୍ଲିମେଣ୍ଟ ବ୍ୟବହାର କରିବା କିଡ୍‌ନୀ ଉପରେ ପ୍ରଭାବ ପକାଇପାରେ। ମେରୁଦଣ୍ଡ ବା ଆଣ୍ଠୁରେ ଗୁରୁତର ଆଘାତ ଲାଗିଲେ, ତାହାର ମୂଲ୍ୟ ସାରା ଜୀବନ ଦେବାକୁ ପଡ଼ିବ। ଶରୀର କୌଣସି ପରୀକ୍ଷାଗାର ନୁହେଁ। ତେଣୁ, କାହାର 'ଲାଇକ୍ସ' ଦେଖି ନୁହେଁ, ବରଂ ଯୋଗ୍ୟତା ଓ ପ୍ରମାଣପତ୍ର ଦେଖି ଟ୍ରେନର ବାଛନ୍ତୁ। ଜୀବନ ସହ ଖେଳନ୍ତୁ ନାହିଁ, ଜଣେ ଉତ୍ତମ ପ୍ରଶିକ୍ଷକଙ୍କ ପରାମର୍ଶରେ ହିଁ ଫିଟନେସ ଯାତ୍ରା ଆରମ୍ଭ କରନ୍ତୁ।

–ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତଳ ଅଫିସର



ଧ୍ରୁବ ଚରଣ ଘିବେଲା

ଆଜିର ଦିନରେ ସବୁଠି ଗହଳଚହଳ ଅଧିକ। ହାଟରେ ଯେମିତି ଘୋ ଘୋ, ନାହିଁ ନ ଥିବା ଭିଡ଼, ଠିକ୍ ସେମିତି ଭିଡ଼ ଦେଖାଯାଏ ସବୁଠି। ଟ୍ରେନ୍‌ରେ ଯାତ୍ରୀଙ୍କ ଭିଡ଼, ପ୍ଲେନରେ ସେଇ ଯାତ୍ରୀଙ୍କ ଭିଡ଼, ଷ୍ଟେଶନରେ ବି ଯାତ୍ରୀଙ୍କ ଭିଡ଼, ମନ୍ଦିରରେ ଭକ୍ତଙ୍କ ଭିଡ଼, ଯାତ୍ରା ମେଳଣରେ ଶ୍ରଦ୍ଧାଳୁଙ୍କ ଭିଡ଼, ପ୍ରବଚନ ସଭାରେ ଶ୍ରୋତାଙ୍କ ଭିଡ଼, ଭୋଜିସ୍ଥାନରେ ଭୋଜିପ୍ରିୟଙ୍କ ଭିଡ଼, ଡାକ୍ତରଖାନାରେ ରୋଗୀଙ୍କ ଭିଡ଼, ଯାନିଯାତ୍ରାରେ ଦର୍ଶକଙ୍କ ଭିଡ଼, ଅଫିସ ସବୁରେ ହିତାଧିକାରୀଙ୍କ ଭିଡ଼ ଥାଏ। ସେଠି ସବୁଠି ସାଧାରଣ ଭିଡ଼ ନ ଥାଏ, ସେଇ ଭିଡ଼ ଥାଏ ଅସାଧାରଣ, ନାହିଁ ନଥିବା ଭିଡ଼। ଅଫିସମାନଙ୍କରେ କର୍ମଚାରୀ, ଅଧିକାରୀଙ୍କ ସମେତ ହିତାଧିକାରୀଙ୍କ ଭିଡ଼ ସେମିତି ପରିଦୃଷ୍ଟ ହୋଇଥାଏ। ଆଜିକାଲି ଅଫିସମାନଙ୍କରେ କେତେ ରକମର ଅଫିସର ବି ଅଧିକ ରହିଲେଣି ପଦପଦବୀ ଆଧାରରେ। କାହା ଘରେ ଚାରି ପୁଅ ଥିଲେ, ସେମାନଙ୍କ ପରିଚୟ ରହିଥାଏ ବଡ଼ ପୁଅ, ବଡ଼ ମଝିଆଁ, ସାନ ମଝିଆଁ ଓ ସାନ ପୁଅ। ସବୁ ସରକାରୀ ଅଫିସରେ ଅଫିସର ମାଳ ମାଳ। ପଦବୀ ନେଇ ନିଯୁକ୍ତ ଥାଆନ୍ତି ଅଫିସର। ଆଉ ଅଫିସର ଥା'ନ୍ତି ବଡ଼ ଅଫିସର ମାନେ ମୁଖିଆ ଅଫିସର, ତାଙ୍କ ତଳକୁ ଅତିରିକ୍ତ ବା ଆଡିସିନାଲ ଅଫିସର, ଆସିଷ୍ଟାଣ୍ଟ ଅଫିସର, ସବ୍ ଆସିଷ୍ଟାଣ୍ଟ ଅଫିସର, ଡେପୁଟି ଅଫିସର।

ଏଠି ଗୋଟିଏ ବିଭାଗର ଉଦାହରଣ ନେବା। ନିଆଯାଉ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ। ସ୍କୁଲ ଓ ଗଣଶିକ୍ଷା ବିଭାଗ ରାଜ୍ୟ ସରକାରଙ୍କ ଏକ ବଡ଼ ବିଭାଗ। ଏଠି ଶିକ୍ଷକ ଯେତେ, କର୍ମଚାରୀ ସେତେ, ଅଫିସର ସେତେ। ଶିକ୍ଷା ବିଭାଗରେ ବିଭିନ୍ନ ଅଫିସର ବି ଥାଆନ୍ତି କେତେ କେତେ। ଏବେ ସବୁ ରାଜସ୍ୱ ଜିଲାରେ ଅଛନ୍ତି ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ପାଇଁ ଜଣେ ଜଣେ ଜିଲା ଶିକ୍ଷା ଅଧିକାରୀ, ଯାହାଙ୍କୁ ଡିଷ୍ଟ୍ରିକ୍ଟ ଏଜୁକେଶନ ଅଫିସର ବା ଡିଇଓ କୁହାଯାଏ। ତାଙ୍କ ତଳକୁ ଥାଆନ୍ତି ଏଡିଇଓ ବା ଆଡିସିନାଲ ଡିଷ୍ଟ୍ରିକ୍ଟ ଏଜୁକେଶନ ଅଫିସର, ଓଡ଼ିଆରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ। ସାନ ବଡ଼ ଜିଲା ନେଇ ଗୋଟେ ଜିଲାରେ ଦୁଇ ତିନି ଜଣ ଏଡିଇଓ ଅବସ୍ଥାପିତ ଥାଆନ୍ତି। ବ୍ଲକର ମୁଖିଆ ଶିକ୍ଷା ଅଧିକାରୀ ହେଉଛନ୍ତି ବିଇଓ ବା ବ୍ଲକ ଏଜୁକେଶନ ଅଫିସର, ଓଡ଼ିଆରେ ଗୋଷ୍ଠୀ ଶିକ୍ଷା ଅଧିକାରୀ। ବିଇଓଙ୍କ ତଳେ ଏବିଇଓ ଥାଆନ୍ତି। ହେଲେ ଏବିଇଓ ଗେଜେଟେଡ୍ ନ ଥା'ନ୍ତି।ରାଜ୍ୟ ସ୍ତରରେ ଶିକ୍ଷା ନିର୍ଦ୍ଦେଶକ, ଶିକ୍ଷା ଜଏଣ୍ଟ ନିର୍ଦ୍ଦେଶକ, ଶିକ୍ଷା ଉପନିର୍ଦ୍ଦେଶକ ଏମିତି ଅନେକ ଅଫିସର। ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଫିସରଙ୍କ ଭିତରେ ଗେଜେଟେଡ୍ ତଳ ଅଫିସର ହେଉଛନ୍ତି ବିଇଓ ବା ଗୋଷ୍ଠୀ ଶିକ୍ଷା ଅଧିକାରୀ।

ତେବେ କଥା ହେଉଛି, ବିଇଓ ତାଙ୍କ ସବୁ ଉପର ଅଫିସରଙ୍କ ଆଗେ ଉତ୍ତର ରଖନ୍ତି ସେମାନଙ୍କ ବିଭିନ୍ନ ଚିଠିର। ଏକଦା ଏ ଲେଖକର ଜଣେ ବନ୍ଧୁ ସତ୍ୟପ୍ରିୟ ବାବୁ, ଯିଏ ଥିଲେ ଜଣେ ବିଇଓ, ସେ ସତ କହିବାକୁ ଯାଇ ତାଙ୍କ ଉପର ଅଫିସର ଡିଇଓଙ୍କ ରୋଷର ଖାଲି ଶିକାର ହେଲେ ନାହିଁ, ଅନେକ ହଇରାଣର ସମ୍ମୁଖୀନ ବି ହେଲେ। ତଳ ଅଫିସର ଯେମିତି ଉପର ଅଫିସରଙ୍କୁ ଖାଲି ହାଁଜୀ କରିବେ, ଆଉ ଯାହା କହିଲେ ମାନିବେ। ଉପର ଅଫିସର ଭୁଲ୍ କହିଲେ, ଭୁଲ୍ କଲେ ବି ତଳ ଅଫିସର ତାହା ମାନିବେ। ନ ମାନିଲେ ତେଣିକି ଅସୁବିଧା। ଠିକ କଥା, ଯାହା ପାଳନୀୟ ତାହା କରିବାରେ ସେଇ ତଳ ଅଫିସର ଦ୍ୱିଧା ରଖି ନ ଥିଲେ। ହେଲେ ଭୁଲ୍ ଉପରେ ମୋହର ନ ମାରିବାରୁ ତଳ ଅଫିସର ବିଇଓ, ଉପର ଅଫିସର ଡିଇଓଙ୍କ ରୋଷର ଶିକାର ହେଲେ। ଅପର ପ୍ରାଇମେରୀ ସ୍କୁଲର ତ୍ରୁଟିପୂର୍ଣ୍ଣ ଲେଭଲ ଥ୍ରୀ ପ୍ରଧାନଶିକ୍ଷକ ପଦୋନ୍ନତି ତାଲିକା ସପକ୍ଷରେ ସେଇ ବିଇଓ ସମର୍ଥନ ଜଣାଇଲେ ନାହିଁ। ନିଜର ଦୁଇ ତିନୋଟି ଅବ୍‌ଜେକ୍ସନ ପ୍ରସ୍ତୁତ ପଦୋନ୍ନତି ତାଲିକା ଦେହରେ ଲେଖିଦେଲେ। ଯଦ୍ୱାରା ସେ ତାଲିକା ଡାଇରେକ୍ଟର ଅଫିସରୁ ମଞ୍ଜୁରୀ ନ ପାଇ ଫେରିଆସିଥିଲା। ତାଲିକାରୁ ବାଦ ପଡ଼ିଥିବା ଶିକ୍ଷକଙ୍କ ନାଁ ତହିଁରେ ଯୋଡ଼ାଯିବାରୁ ତାହା ମଞ୍ଜୁରୀ ପାଇଥିଲା। ଏଥିରେ ସେଇ ଡିଇଓଙ୍କ ସମ୍ମାନହାନି ହେବାର ଅନୁଭବ ହେଲା। ତାପରେ ବିଇଓଙ୍କୁ ହଇରାଣ କରିବା ଉଦ୍ୟମ ଆରମ୍ଭ କରିଥିଲେ। ଆଉ ସଫଳ ମଧ୍ୟ ହୋଇଥିଲେ ତାଙ୍କ ଉପର ଅଫିସରଙ୍କୁ କହି ବୋଲି ଏବଂ ତଳ ଅଫିସର ସେଇ ବିଇଓଙ୍କ ସକଳ ହାରିଗୁହାରି ସେଇ ଡିଇଓ ଓ ଆଉ ଉପର ଅଫିସର କେହି ଶୁଣିନଥିଲେ।

ତେବେ ଉପର ଅଫିସରଙ୍କ ମିଛ ବା ଭୁଲ୍‌କୁ ଆଉରି ଉପରେ ବସିଥିବା ଅଫିସର ରାଇଟ୍ କରିଦିଅନ୍ତି ସିନା ତଳ ଅଫିସରଙ୍କ ଠିକ୍‌କୁ ସେମାନେ ଠିକ୍ ନ କହି ଓଲଟା ଭୁଲ୍ କହନ୍ତି। ତଳ ଅଫିସରଙ୍କ ନିଛକ ସତ କଥା ଉପରେ ବି ଛକି ପକାଇ ଦିଅନ୍ତି ଉପର ଅଫିସର। ଏହା ହିଁ ଦୁର୍ଭାଗ୍ୟ ପାଲଟେ ତଳତଳିଆ ଅଫିସରଙ୍କ ପାଇଁ। ଫଳସ୍ୱରୂପ ଏମିତି ସତ ପାଲଟେ ମିଛ। ଠିକ କୁହାଯାଏ ମିଛକୁ। ଆଉ ମିଛ ହୁଏ ସତ। ଉପର ଅଫିସରଙ୍କ ସେଭଳିଆ ମିଛ ସ୍ୱୀକୃତିରେ ତଳ ଅଫିସରଙ୍କ ସଚ୍ଚୋଟପଣିଆ କେବେ କେବେ ମାଡ଼ ଖାଏ। ମିଛ ଉପରେ ମୋହର ବସେ। ସତ ଉପରେ ଛକି ବସେ। ପୁଣି ଛାଟ ପଡ଼େ। ସତ ଆଘାତ ପାଏ।ତଳ ଅଫିସର ଏମିତି ପେଷି ହୁଅନ୍ତି ଉପର ଅଫିସରଙ୍କ ଦ୍ୱାରା।ଏହା ହିଁ ବିଡ଼ମ୍ବନା।ଦୁର୍ଭାଗ୍ୟଜନକ।

ବଉଦରାଜ , ଜି. ବୌଦ୍ଧ
ମୋ:୯୪୩୭୪୭୮୪୬୬

## ବଗିଚାରେ ଲାଗିଲା ନିଆଁ

ବାରଙ୍ଗ,(ଲିଙ୍ଗରାଜ ରାଉତ): ପାଟପୁର ଛକରେ ଥିବା ଏକ ବଗିଚାରେ ନିଆଁ ଲାଗି ପୋଡ଼ି ନଷ୍ଟ ହୋଇଯାଇଛି। ଖବର ପାଇ ବାରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁଯାୟୀ, ବ୍ରାହ୍ମଣୀ ଗାଁର ଦିଲୀପ କୁମାର ସ୍ୱାଇଁଙ୍କ ପାଟପୁର ଛକରେ ଗୋଟିଏ ଫୁଲ ବଗିଚା ରହିଛି। ଏଥିରେ ବିଭିନ୍ନ ଜାତୀୟ ବୃକ୍ଷ ଓ ଘାସ ଗାଲିଚା ରହିଛି। କୌଣସି କାରଣରୁ ବୁଧବାର ପୂର୍ବାହ୍ନ ୧୦ଟାରେ ବଗିଚାରେ ନିଆଁ ଲାଗିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ବଗିଚା ପୋଡ଼ିଯାଇଥିଲା।

## ପୋଖରୀରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

ବାରଙ୍ଗ,୧୪(ଲିଙ୍ଗରାଜ ରାଉତ): ଜଣେ ନିଖୋଜ ଯୁବକଙ୍କ ମୃତଦେହକୁ ବୁଧବାର ଚନ୍ଦକା ପୋଲିସ ସ୍ଥାନୀୟ ଏକ ରେଷ୍ଟୁରାଣ୍ଟ ପଛରେ ଥିବା ପୋଖରୀରୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ହେଲେ ଚନ୍ଦକା ଥାନା ଅଧୀନ କୃଷ୍ଣନଗରର ଲମ୍ବୋଦର ଦାଶ (୪୮)। ଲମ୍ବୋଦର ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ନିକଟ ତାରିଣୀ ବିହାରର ରାଜମନୋହର ରେସିଡେନ୍ସିର ରୁମ୍ ନମ୍ବର ଏ-୧୦୬ରେ ପରିବାର ସହ ରୁହନ୍ତି। ଗତ ୩୧ ତାରିଖ ସକାଳୁ ଲମ୍ବୋଦର ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ଲମ୍ବୋଦର କରଜ କରିଥିବାରୁ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ରହୁଥିଲେ। ସେ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ୭୮ ପୋଲିସ ଅଧିକାରୀଙ୍କୁ ପଦକ



ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଓ ଅନ୍ୟ ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ସହ ପଦକ ପାଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀ।

ଭୁବନେଶ୍ୱର, ୧୪(ତ୍ରିନାଥ ମହାନ୍ତି)

ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ବୁଧବାର ଆରକ୍ଷୀ ମହାନିର୍ଦ୍ଦେଶକ ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୭୮ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପଦକ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଡିଜିପି ଏହି ପଦକ ପ୍ରଦାନ କରିଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ନକ୍ସଲ ବିରୋଧୀ ଅଭିଯାନ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଏସ୍.ସାଇନି, ଆଇଜିପି (ଅପରେଶନ) ଦୀପକ କୁମାର, ଆଇଜିପି (କ୍ରାଇମ୍‌ବ୍ରାଞ୍ଚ) ସାର୍ଥକ ଷଡ଼ଙ୍ଗୀ, ଡିଆଇଜିପି (ସ୍ୱତନ୍ତ୍ର ଗୋଇନ୍ଦା ଶାଖା) ଅଖିଳେଶ୍ୱର ସିଂ, ଡିସିପି(ଭୁବନେଶ୍ୱର) ଜଗମୋହନ ମୀନା, ଡିସିପି(କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓ, ଏସ୍‌ପି(ସ୍ପେଶାଲ ବ୍ରାଞ୍ଚ) ସୁନୀଲ କୁମାର ନନ୍ଦ, ଏସ୍‌ପି(ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବୈରୀ) ଅଶୋକ କୁମାର ଦେହୁରୀଙ୍କ ସମେତ ଏସ୍‌ଓଜିର ୨୯, ସ୍ପେଶାଲ ବ୍ରାଞ୍ଚର ୭, ଏସ୍‌ଆଇଡବ୍ଲ୍ୟୁର ୧୦ଜଣଙ୍କ ସମେତ ଅନ୍ୟାନ୍ୟ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଡିଜିପି ପଦକ ପ୍ରଦାନ କରିଛନ୍ତି। ଏଥିସହିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ରାଜ୍ୟର ସର୍ବଶ୍ରେଷ୍ଠ ପୋଲିସ ଥାନା ଭାବେ ପୁରସ୍କୃତ ହୋଇଥିବା ଗଞ୍ଜାମ ଜିଲାର ବଡ଼ଗଡ଼ ଥାନାର ଇନ୍ସପେକ୍ଟର ବିମଳ କୁମାର କଅଁରଙ୍କୁ ଡିଜିପି ପଦକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ, ପୋଲିସ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।

## ଓଡିଆ ଭାଷା, ସୀମା, ସଂସ୍କୃତିର ସୁରକ୍ଷା ପାଇଁ ଶପଥ ନେଲା ଉତ୍କଳ ସମ୍ମିଳନୀ




ଭୁବନେଶ୍ୱର,୧୪ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପତାକା ଉତ୍ତୋଳନ ପରେ ଓଡିଶା ପ୍ରଦେଶ ଗଠନର କର୍ଣ୍ଣଧାର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ରାମଚନ୍ଦ୍ର ଭଞ୍ଜଦେବ ଓ ପୂର୍ବତନ ସଭାପତି ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ସମ୍ମିଳନୀର ଉପଦେଷ୍ଟା ପଦ୍ମଚରଣ ନାୟକ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ଜେନା ଓ ସୁଶାନ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଚଳିତ ବର୍ଷ ଉତ୍କଳ ଦିବସର ନାରା ରହିଛି ଓଡିଆ ଭାଷା, ସୀମା ଓ ସଂସ୍କୃତିର ସୁରକ୍ଷା ପାଇଁ ଶପଥ ନେବା। ଏଣୁ ସମ୍ମିଳନୀର କାର୍ଯ୍ୟାଳୟରେ ଓଡିଆ ଭାଷା, ସୀମା ଓ ସଂସ୍କୃତିର ସୁରକ୍ଷା ପାଇଁ ଉତ୍କଳ ସମ୍ମିଳନୀ ସଦସ୍ୟାସଦସ୍ୟ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ମିଳନୀର ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିଲେ। ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ପରିଚାଳନା କରିଥିଲେ।

## ଓରମାସ୍ ପାଳିଲା ଓଡ଼ିଶା ଦିବସ



ଭୁବନେଶ୍ୱର,୧୪(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓର୍‌ମାସ୍) ପରିସରରେ ଚଳିତବର୍ଷ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଡିଡିୟୁ-ଜିକେୱାଇ ପ୍ରଶିକ୍ଷିତ ଯୁବତୀ ଯୁବକ ଏବଂ କର୍ମଚାରୀଙ୍କ ମିଳିତ ସହଯୋଗରେ ଏହା ରଙ୍ଗାରଙ୍ଗ ସାଂସ୍କୃତିକ ଉତ୍ସବର ରୂପ ନେଇଥିଲା। ସେମାନେ ଓଡ଼ିଶାର ସମୃଦ୍ଧ କଳା ଓ ପରମ୍ପରାକୁ ଅତି ସୁନ୍ଦର ଭାବେ ପ୍ରଦର୍ଶନ କରିଥିଲେ। ପାରମ୍ପରିକ ନୃତ୍ୟ, ସଙ୍ଗୀତ ଏବଂ ଚିତ୍ତାକର୍ଷକ ରଙ୍ଗୋଲି ମାଧ୍ୟମରେ ଓଡ଼ିଶାର ଐତିହ୍ୟ ପ୍ରତି ସେମାନଙ୍କର ଗଭୀର ମମତା ଓ ଗର୍ବ ପ୍ରକାଶ ପାଇଥିଲା। ଏହି ଆୟୋଜନ ସମଗ୍ର କାର୍ଯ୍ୟାଳୟ ପରିସରକୁ ଉତ୍ସବମୁଖର କରିବା ସହ ସମସ୍ତଙ୍କ ମଧ୍ୟରେ ଏକତା ଓ ଭ୍ରାତୃଭାବ ସୃଷ୍ଟି କରିଥିଲା। ମୁଖ୍ୟ ଅତିଥି ଭାବେ ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶିନୀ ଯୋଗଦେଇ ପ୍ରଶିକ୍ଷୁମାନଙ୍କ ସୃଜନଶୀଳତା ଓ ଉତ୍ସାହକୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ସିଇଓ (ଅର୍ଥ) ସଞ୍ଜୀବ କୁମାର ସିଂହ ଓ ଅତିରିକ୍ତ ସିଇଓ (ପ୍ରଶାସନ) ଗୀତାଞ୍ଜଳି ବେହେରା ଯୋଗଦେଇଥିଲେ।

# ଶ୍ରୀଲିଙ୍ଗରାଜଙ୍କ ସ୍ୱର୍ଣ୍ଣାଦ୍ରି ବିଜେ


ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହ ତିନି ଠାକୁରଙ୍କୁ ମନ୍ଦିର ବିଜେ କରାଯାଉଛି।

ପୁରୁଣା ଭୁବନେଶର,୧୪(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଶେଷ ହୋଇଛି। ବୁଧବାର ସ୍ୱର୍ଣ୍ଣାଦ୍ରି ବିଜେ ସମ୍ପନ୍ନ ହୋଇଛି। ପ୍ରଭୁ ଶ୍ରୀଲିଙ୍ଗରାଜ ଅଶୋକାଷ୍ଟମୀଠାରୁ ରୁକୁଣା ରଥ ଯାତ୍ରାରେ ରାମେଶ୍ୱର ମନ୍ଦିର ଯାତ୍ରା ସାରି ମଙ୍ଗଳବାର ବାହୁଡ଼ିଥିଲେ। ମାତ୍ର ୬ଦିନ ପଡୁଥିବାରୁ ପ୍ରଭୁ ମନ୍ଦିର ପ୍ରତ୍ୟାବର୍ତ୍ତନ କରି ନ ପାରି ରଥଖଳାରେ ରଥ ଉପରେ ରହିଥିଲେ। ବୁଧବାର ରଥରେ ସମସ୍ତ ପୂଜାନୀତି ସରିବା ପରେ ଶ୍ରଦ୍ଧାଳୁଙ୍କ ଗହଣରେ ନାଗାନାଚ, ଘଣ୍ଟ ଘଣ୍ଟା କାହାଳୀ ଓ ଆତସବାଜିରେ ପହଣ୍ଡିରେ ଠାକୁରଠାକୁରାଣୀଙ୍କୁ ସେବାୟତମାନେ ସ୍ୱର୍ଣ୍ଣାଦ୍ରି ବିଜେ କରାଇଥିଲେ। ସିଂହଦ୍ୱାରଠାରେ ପହଞ୍ଚିବା ପରେ ଚାହାଣି ମଣ୍ଡପରେ ପୂର୍ବରୁ ରାଗରେ ରହିଥିବା ମା' ପାର୍ବତୀ ଓ ଶ୍ରୀଲିଙ୍ଗରାଜଙ୍କ ମଧ୍ୟରେ ୨ଜଣ ପୂଜାପଣ୍ଡା ସେବାୟତ ବଚନିକା ଉପସ୍ଥାପନ କରିଥିଲେ। ରଥାରୂଢ଼ ଶ୍ରୀଜୀଉଙ୍କ ନିକଟରେ ରସଗୋଲା ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯାଇଥିଲା।

## କିଟ୍, କିସ୍ ପକ୍ଷରୁ ଓଡ଼ିଶା ଦିବସ

ଭୁବନେଶ୍ୱର,୧୪(ଅନୁରାଧା ମହାରଣା)

କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ୧୦୦ବର୍ଷ ପୂରଣ ହେଉଛି। ଏହା ମଧ୍ୟରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିଥିବା ବେଳେ ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, ଜନଜାତି ସଶକ୍ତୀକରଣ, କ୍ରୀଡ଼ା, ସାହିତ୍ୟ, ସଂସ୍କୃତି ଆଦି ବିଭିନ୍ନ କ୍ଷେତ୍ରର ବିକାଶରେ କିଟ୍ ଓ କିସ୍ ଯୋଗଦାନ ରହିଆସିଛି। ଆଗାମୀ ଦିନରେ ମଧ୍ୟ ଓଡ଼ିଶାର ବିକାଶ ଧାରାରେ କିଟ୍ ଓ କିସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ସାମନ୍ତ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡା. ସିବିକେ ମହାନ୍ତି, ପ୍ରଫେସର କେ. ଡି. ରାଜୁ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ଓ କିସ୍ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶା ଦିବସ ପାଳନ ଅବସରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଅନ୍ୟ ଅତିଥିମାନେ।

## କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଉତ୍ସବ

ଭୁବନେଶ୍ୱର,୧୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଦିବସ ପାଳନ ଅବସରରେ 'ଓଡ଼ିଆକୁ ଜାଣ, ଓଡ଼ିଶାକୁ ଜାଣ' ଶୀର୍ଷକ ୨ଦିନିଆ ଜାତୀୟ ସମ୍ମିଳନୀର ୨ୟ ସଂସ୍କରଣ କାଶୀ ହିନ୍ଦୁବିଶ୍ୱବିଦ୍ୟାଳୟ ବାରାଣସୀରେ ଉଦ୍‌ଘାଟିତ ହୋଇଥିଲା। ପ୍ରଥମେ ପ୍ରଭୁ ଜଗନ୍ନାଥ ଓ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ବିଶ୍ୱବିଦ୍ୟାଳୟର 'କୁଳଗୀତ' ଏବଂ ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଅତିଥି ଭାବେ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ଇଲିଆନା ଚିତାରିସ୍ତି ଯୋଗଦେଇ ଓଡ଼ିଶୀ ଓ ଛଉ ଭଳି ଶାସ୍ତ୍ରୀୟ ଏବଂ ଲୋକନୃତ୍ୟ ପରମ୍ପରାର ଗଭୀରତା ଓ ସୌନ୍ଦର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି କଳା ରୂପଗୁଡ଼ିକରେ ଥିବା ସୂକ୍ଷ୍ମତା ଏବଂ ପ୍ରକାଶନ ପ୍ରକୃତରେ ଅନନ୍ୟ ବୋଲି ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଜିତ କୁମାର ଚତୁର୍ବେଦୀ ଯୋଗଦେଇ କହିଲେ, ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ଭାରତର ସାଂସ୍କୃତିକ ବିବିଧତାକୁ ସମ୍ପୂର୍ଣ୍ଣ ଭାବରେ ଉପସ୍ଥାପନ କରିବା ପାଇଁ ବିଶ୍ୱବିଦ୍ୟାଳୟର ବ୍ୟାପକ ଦୃଷ୍ଟିକୋଣକୁ ପ୍ରତୀକ କରେ। ଏହା ବ୍ୟତୀତ ଓଡ଼ିଆ ଭାଷା ଶିକ୍ଷଣ ଓ ଗବେଷଣା କ୍ଷେତ୍ରରେ ଆହୁରି କେମିତି ସୁଦୃଢ଼ ହେବ ସେ ବିଷୟରେ ବିଶ୍ୱବିଦ୍ୟାଳୟ ତରଫରୁ ଯଥାସାଧ୍ୟ ଉଦ୍ୟମ କରାଯିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ କଳା ବିଭାଗର ପ୍ରମୁଖ ପ୍ରଫେସର ସୁଷମା ଘିଲଡିୟାଲ, ପ୍ରଫେସର ସତ୍ୟବ୍ରତ ରାଉତ ଯୋଗଦେଇଥିଲେ। ପରେ ସାଂସ୍କୃତିକ ସନ୍ଧ୍ୟାରେ ମୂର୍ଚ୍ଛନା ନୃତ୍ୟ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଚେୟାରର ସଂଯୋଜକ ପ୍ରଫେସର ଗୋପବନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡ. ଅମୀୟ କୁମାର ସାମଲଙ୍କ ଧନ୍ୟବାଦ ଦେଇଥିଲା।



କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ବାରାଣସୀରେ ଓଡ଼ିଶା ଦିବସ ପାଳନ ଅବସରରେ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ଇଲିଆନା ଚିତାରିସ୍ତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ଚତୁର୍ଥ ରଣଗୋହିରୀ ମହୋତ୍ସବ

ପୁରୁଣା ଭୁବନେଶ୍ୱର, ୧୪
(ସୁବାସ ଚନ୍ଦ୍ର ପ୍ରଧାନ)



ବୟାଳିଶ ସମାଜ ପକ୍ଷରୁ ଚତୁର୍ଥ ରଣଗୋହିରୀ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସକାଳେ କଳିଙ୍ଗ-ଅଶୋକ ଯୁଦ୍ଧର ସ୍ମୃତି ବହନ କରୁଥିବା ଐତିହାସିକ କ୍ଷେତ୍ର ରଣଗୋହିରୀରେ ଶହୀଦଙ୍କ ସ୍ମାରକରେ ସ୍ମୃତି ମାଲ୍ୟାର୍ପଣ କରିଥିଲେ ଅଞ୍ଚଳବାସୀ। ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥି ଭାବେ କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର, ଜିଲା ପରିଷଦ ସଦସ୍ୟ ସୁବାସ ସୁନ୍ଦରାୟ, ସରପଞ୍ଚ କ୍ଷୀରୋଦ ପ୍ରଧାନ, ଅନୀତା ସୁବୁଦ୍ଧି, ବସନ୍ତ ବରାଳ ଯୋଗଦେଇ କଳିଙ୍ଗ ଯୁଦ୍ଧରେ ବୟାଳିଶ ସମାଜର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବୟାଳିଶ ସମାଜର ମୁଖପତ୍ର 'ରଣଗୋହିରୀ-୨୦୨୬' ଉନ୍ମୋଚିତ ହୋଇଥିଲା ଏବଂ ବୃତ୍ତଚିତ୍ର 'ସାକ୍ଷୀ' ପ୍ରଦର୍ଶିତ ହୋଇଥିଲା। ସମାଜ ପାଇଁ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପାଇକ ଆଖଡ଼ା, ବିଭୁ କିଶୋର, ଯାଜ୍ଞସେନୀ ନାଏକ ପ୍ରମୁଖଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ନିରଞ୍ଜନ ରାଉତରାୟ ସଭାପତିତ୍ୱ କରିଥିବାବେଳେ ସାମ୍ବାଦିକ ଅକ୍ଷୟ ସ୍ୱାଇଁ ସ୍ୱାଗତ ଭାଷଣ ଓ ସମ୍ପାଦକ ମନୋଜ ଖଟୁଆ ବିବରଣୀ ପାଠ କରିଥିଲେ।

## ହାଇଟେକ୍ ବିଜ୍ଞାନ, ବାଣିଜ୍ୟ ମହାବିଦ୍ୟାଳୟରେ ଉତ୍କଳ ଦିବସ

ଭୁବନେଶ୍ୱର,୧୪(ଅନୁରାଧା ମହାରଣା)

ହାଇଟେକ୍ ମେଡିକାଲ୍ କଲେଜ ପରିସରରେ ଥିବା, ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଚିତ୍ତରଞ୍ଜନ ସାହୁ ଯୋଗଦେଇ କହିଲେ, ବିଦ୍ୟାର୍ଥୀମାନେ ବିଦ୍ୟା ଅର୍ଜନ କରିବା ସହ ଓଡିଶାର ଗରିମାମୟ ଅଧ୍ୟାୟ ଏବଂ ପରମ୍ପରା ସମ୍ପର୍କରେ ଜାଣିବା ଦରକାର। ଓଡିଆ ଭାଷା, ସାହିତ୍ୟ ବିଭାଗ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀ କହିଲେ, ବିଦ୍ୟାର୍ଥୀମାନେ ଦେଶ, ଜାତି ଓ ରାଷ୍ଟ୍ର ସମ୍ପର୍କରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିବା ଆବଶ୍ୟକ। ଉତ୍ସବରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ. ମୁରଲୀଧର ସ୍ୱାଇଁ, ଇଂଲିଶ ବିଭାଗର ବିଭାଗୀୟ ମୁଖ୍ୟ ଡ. ଶରତ କୁମାର ନାୟକ, ରସାୟନ ବିଭାଗର ମୁଖ୍ୟ ଡ. ଧର୍ମେନ୍ଦ୍ର କୁମାର ଜେନା, ଜୀବ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଭାତ କୁମାର ସାହୁ ଏବଂ ଇଂଲିଶ ବିଭାଗର ଅଧ୍ୟାପକ ପ୍ରିୟବ୍ରତ ସେଠୀ ଉପସ୍ଥିତ ଥିଲେ। ବିଦ୍ୟାର୍ଥୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଗଣିତ ବିଭାଗ ଅଧ୍ୟାପକ ତଥା ବିଶିଷ୍ଟ ସଙ୍ଗୀତଜ୍ଞ ଆଲୋକ କୁମାର ସାହୁ ଏବଂ ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ଶୁଭଦର୍ଶିନୀ ସାହୁଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ହାଇଟେକ୍ ବିଜ୍ଞାନ, ବାଣିଜ୍ୟ ମହାବିଦ୍ୟାଳୟରେ ଅନୁଷ୍ଠିତ ଉତ୍କଳ ଦିବସ କାର୍ଯ୍ୟକ୍ରମ।

## ଓଡ଼ିଶା ଦିବସରେ ଗଣଦୌଡ଼, ରକ୍ତଦାନ ଶିବିର

ବାଲିପାଟଣା,୧୪(ଅଭିମନ୍ୟୁ ନାୟକ) ବାଲିପାଟଣାର ବିଭିନ୍ନ ସ୍ଥାନରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରାତଃରେ ଶ୍ରୀବୁଦ୍ଧନଥ ମନ୍ଦିରଠାରୁ ଏକ ଗଣଦୌଡ଼ ଆରମ୍ଭ ହୋଇ ଶିଶୁ ଅନନ୍ତ ପୀଠ ପର୍ଯ୍ୟନ୍ତ ଯାଇଥିଲା। ଅରବିନ୍ଦ ଚାରିଟେବୁଲ ଟ୍ରଷ୍ଟ ଓ ନିର୍ଭୀକ ଖବର ତରଫରୁ ଆୟୋଜିତ ଏହି ଜୟଦେବ ଗଣଦୌଡରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରଞ୍ଜନ ମହାପାତ୍ର, ଆଶୁତୋଷ ଚୌଧୁରୀ, ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇ ଦୌଡ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଭାକରସାହି ପ୍ରିୟଦର୍ଶିନୀ କ୍ଲବ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଆମଣାକୁଦସ୍ଥିତ ମଦର୍ ପବ୍ଲିକ୍ ସ୍କୁଲ ତରଫରୁ ମଧ ରକ୍ତଦାନ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ହୋଇଥିଲା। ବ୍ଲକ ବିଜେଡି ତରଫରୁ ଅଠାନ୍ତରସ୍ଥିତ କାର୍ଯ୍ୟାଳୟ ପରିସରରେ କର୍ମୀ ସମ୍ମିଳନୀ ସହ ଓଡ଼ିଶା ଦିବସ ପାଳିତ ହୋଇଥିଲା। ବାଗଦେବୀ ବିଦ୍ୟା ମନ୍ଦିର ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଥିଲ ।। ସଭାପତି ଦିଲ୍ଲୀପ କୁମାର ଓଝା ଓ ସମ୍ପାଦକ ଅଭିମନ୍ୟୁ ନାୟକ ଓଡ଼ିଶା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ।

# ସ୍ୱ-ଗଣନାରେ ନିଜ ତଥ୍ୟ ପ୍ରଦାନ କଲେ ରାଜ୍ୟପାଳ

### ଜନଗଣନାରେ ସମସ୍ତ ଜନସାଧାରଣ ସାମିଲ ହେବାକୁ ନିବେଦନ କଲେ

ଭୁବନେଶ୍ୱର,୧୪(ସୁଚିସ୍ମିତା ସାହୁ): ଜନଗଣନା-୨୦୨୭ର ସ୍ୱ-ଗଣନା ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟର ପ୍ରଥମ ନାଗରିକ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସ୍ୱ-ଗଣନାରେ ନିଜ ତଥ୍ୟ ପ୍ରଦାନ କରି ଅନ୍ୟମାନଙ୍କୁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ସେ ରାଜ୍ୟର ପ୍ରତ୍ୟେକ ପରିବାରକୁ ଗଣନା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ଜନଗଣନା ପ୍ରକ୍ରିୟାରେ ସମସ୍ତ ଜନସାଧାରଣ ଅଂଶଗ୍ରହଣ କରିବାକୁ ନିବେଦନ କରିଛନ୍ତି। ରାଜ୍ୟପାଳ କହିଛନ୍ତି, ଜନଗଣନା ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟ, ଯାହା ଫଳପ୍ରଦ ଯୋଜନା ଏବଂ ବିକାଶ ପାଇଁ ଭିତ୍ତିଭୂମି ପ୍ରଦାନ କରେ। ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଜନଗଣନାରେ ଠିକ ତଥ୍ୟ ସଂଗ୍ରହ ଅତ୍ୟାବଶ୍ୟକ। ଜନଗଣନାର ଗୃହ ଗଣନା ଓ ତାଲିକାକରଣ ପର୍ଯ୍ୟାୟ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ ନାଗରିକମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଏହି ପ୍ରକ୍ରିୟାରେ ଯେପରି କୌଣସି ବ୍ୟକ୍ତି କିମ୍ବା ପରିବାର ବାଦ୍ ନ ପଡ଼ିବେ, ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ଜନଗଣନାକୁ ଠିକ ଓ ସଫଳ କରିବା ପାଇଁ ଜନସାଧାରଣ ସହଯୋଗ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ସାମୂହିକ ଦାୟିତ୍ୱର ଗୁରୁତ୍ୱକୁ ଦୋହରାଇ ରାଜ୍ୟପାଳ କହିଛନ୍ତି, ସକ୍ରିୟ ଜନଭାଗୀଦାରି ଶାସନକୁ ଆହୁରି ସୁଦୃଢ଼ କରିବ ଏବଂ ସମାଜର ସମସ୍ତ ବର୍ଗ ପାଇଁ ସେବା ପ୍ରଦାନକୁ ଉନ୍ନତ କରିବ। ସ୍ୱ-ଗଣନାରେ ରାଜ୍ୟପାଳ ନିଜର ତଥ୍ୟ ପ୍ରଦାନ କରିବା ସମୟରେ ଓଡ଼ିଶା ଜନଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ ଏବଂ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଉପସ୍ଥିତ ଥିଲେ।


ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସ୍ୱ-ଗଣନାରେ ନିଜ ତଥ୍ୟ ପ୍ରଦାନ କରୁଛନ୍ତି।


ଭୁବନେଶ୍ୱର ବିଜେଇଏମ୍ ସ୍କୁଲରେ ଓଡ଼ିଶା ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

**କେନାଲ ଭିତରକୁ ପଶିଲା କାର୍**

ତ୍ରିଶୁଳିଆ,(ତୁଷାରକାନ୍ତ ବେହେରା): ପଦାସାହି-କଳାରାହାଙ୍ଗ ଦୟାକେନାଲ ରାସ୍ତା ବିଶିକାଣ୍ଡିପାଟଣା ଗାଁମୁଣ୍ଡ କାଳିଆଷଣ୍ଢ ମନ୍ଦିର ନିକଟରେ ମଙ୍ଗଳବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ କାର୍ ଭାରସାମ୍ୟ ହରାଇ ଦୟାକେନାଲ ଭିତରକୁ ପଶିଯାଇଥିଲା। ତେବେ କାର ଚାଳକ ଅଳ୍ପକେ ଭର୍ତ୍ତିଯାଇଛନ୍ତି। ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ କେନାଲ ଭିତରୁ ଜେସିବି ମେଶିନ୍ ଦ୍ୱାରା ଉଠାଇଥିଲା।



## ସଂକ୍ଷେପରେ

### ବିଜେଡି ବାରବାଟୀ-କଟକର ଅଭିନବ ପ୍ରତିବାଦ

### ଦଳୀୟ କାର୍ଯ୍ୟକ୍ରମରେ ଅନୁପସ୍ଥିତ କର୍ପୋରେଟର

କଟକ,୧।୪(ଶିଳ୍ପା ପ୍ରିୟଦର୍ଶିନୀ): ବିଜେଡି ବାରବାଟୀ-କଟକ ପକ୍ଷରୁ ବିଜୁ ପଟ୍ଟନାୟକ ଛକସ୍ଥିତ ଆନନ୍ଦ ଭବନ ସମ୍ମୁଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଅପମାନଜନକ ମନ୍ତବ୍ୟ ଦେଇଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କୁ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଛି। ପ୍ରତିବାଦରେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ଡେପୁଟି ମେୟର ଦମୟନ୍ତୀ ମାଝୀ, କଟକ ଜିଲା ସଭାପତି ପ୍ରଫୁଲ୍ଲ ସିଂ, ବିଜୁ ମହିଳା ଜନତା ଦଳ ସଭାପତି ଅନିତା ବେହେରା ଯୋଗଦେଇଥିଲେ। ଆୟୋଜିତ ସଭାରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଅପମାନ ଜନକ ମନ୍ତବ୍ୟ ଦେଇଥିବା ଭାଜପା ସାଂସଦ ନିଶିକାନ୍ତଙ୍କ କୁଶପୁତ୍ତଳିକାକୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲକୁ ପଠାଯାଇଥିଲା। ହେଲେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଓ କେତେଜଣ କର୍ପୋରେଟରଙ୍କୁ ଦେଖିବାକୁ ମିଳି ନ ଥିଲା। ଏପରିକି ଦଳୀୟ କାର୍ଯ୍ୟକ୍ରମରେ କର୍ପୋରେଟରଙ୍କ ଅନୁପସ୍ଥିତି କଟକ ରାଜନୀତିକୁ ଅଧିକ ସରଗରମ କରିଛି। ଏନେଇ ମେୟର ସୁବାସ କହିଛନ୍ତି, ବିଜୁ ବାବୁଙ୍କ ପ୍ରତି ଏଭଳି ଅସଭ୍ୟ ବାକ୍ୟକୁ କଦାପି ବରଦାସ୍ତ କରାଯିବ ନାହିଁ। ଭାଜପା ତାଙ୍କୁ ତୁରନ୍ତ ବହିଷ୍କାର କରୁ ବୋଲି ସେ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ ରାଉତ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, କର୍ପୋରେଟର ପୁଷ୍ପିତା ମହାନ୍ତି, ରୀତାଞ୍ଜଳି ବେହେରା, ମମତା ନାୟକ, ନାମିତ ବାରିକ, ବିକାଶ ରଞ୍ଜନ ବେହେରା, ଆରତି ସାହୁ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ସୋମନାଥ ଦାସ ହେଲେ ଟିଗିରିଆ ବ୍ଲକ କଂଗ୍ରେସ ସଭାପତି

ଟିଗିରିଆ,୧।୪(ଜାଫର ଖାଁ): ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ଟିଗିରିଆ ବ୍ଲକ କଂଗ୍ରେସର ସଭାପତି ଭାବେ ନୂଆପାଟଣା ସରପଞ୍ଚ ସୋମନାଥ ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜିଲା କଂଗ୍ରେସ କମିଟି ସଭାପତି ପ୍ରଦୀପ କୁମାର ଦାସ ସୂଚନା ଦେଇଛନ୍ତି। ଦାସ ପୂର୍ବରୁ ମଧ ବ୍ଲକ ସଭାପତି ଭାବେ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ।ପୁନର୍ବାର ରାଜ୍ୟ ସଭାପତି ଦାସ ଓ ଜିଲା ସଭାପତି ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ପ୍ରଭୁ ଶ୍ରୀଶ୍ରୀଦାରୁ ରଘୁନାଥଜୀଉଙ୍କ ଅଷ୍ଟ ଅବତାର ବେଶ

ଟିଗିରିଆ,୧।୪(ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଦାରୁ ରଘୁନାଥଜୀଉଙ୍କ ପୀଠରେ ଚାଲିଥିବା ରାମ ନବମୀ ପର୍ବର ବୁଧବାର ଷଷ୍ଠ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ଶ୍ରୀଶ୍ରୀ ରଘୁନାଥ ଜୀଉ ଭକ୍ତମାନଙ୍କୁ ଅଷ୍ଟ ଅବତାର ବେଶରେ ଦର୍ଶନ ଦେଇଥିବା ପୂଜକ ସନ୍ତୋଷ କୁମାର ଶତପଥୀ ସୂଚନା ଦେଇଛନ୍ତି। ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ହେବା ପରେ ସନ୍ଧ୍ୟାରେ ବେଶ ଅନୁଷ୍ଠିତ ହୋଇଥିଲା।

### ଇନୋଭେଶନ ଆଣ୍ଡ ଷ୍ଟାର୍ଟ ଅପ୍ କାର୍ଯ୍ୟକ୍ରମ

ଟିଗିରିଆ,୧।୪(ଜାଫର ଖାଁ ) ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ବିଜ୍ଞାନ ଓ କଳା ସ୍ନାତକ ମହାବିଦ୍ୟାଳୟରେ ନବ ପ୍ରବର୍ତ୍ତନ ପ୍ରାରମ୍ଭ (ଇନୋଭେଶନ ଆଣ୍ଡ ଷ୍ଟାର୍ଟଅପ୍) କାର୍ଯ୍ୟକ୍ରମ ଅଧ୍ୟକ୍ଷ ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଚୈତନ୍ୟ ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ପଦ୍ମନାଭ ଶତପଥୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସିପ୍ରା ମହାପାତ୍ର, ଅଧ୍ୟାପକ ସୁଧାକର ମୁଦୁଲି, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଜଗତ ବଲ୍ଲଭ ପାଣିଗ୍ରାହୀ, ଅର୍ଥନୀତି ବିଭାଗ ଅଧ୍ୟାପିକା ବିଦ୍ୟୁତ୍‌ଲତା ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଉପସ୍ଥିତ ଛାତ୍ରାଛାତ୍ରୀମାନଙ୍କୁ ବାଉଁଶରେ ନିର୍ମିତ ବିଭିନ୍ନ ସାମଗ୍ରୀ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ।

# ‘ମଧୁବାବୁ ଦେଖିଥିବା ସ୍ୱପ୍ନର ଓଡ଼ିଶା ସାକାର ହେବ’

ସାଲେପୁର,୧।୪(ଅରବିନ୍ଦ ଭୂୟାଁ):




ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପ୍ରଦୀପ ବଳସାମନ୍ତଙ୍କ ସମେତ ଅନ୍ୟ ମଞ୍ଚାସୀନ ଅତିଥି।

ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ଓ ପ୍ରେସ୍‌କ୍ଲବର ବାର୍ଷିକ ଉତ୍ସବ ୨୦୨୬ ଉଦ୍‌ଯାପିତ ହୋଇଯାଇଛି। ସାଲେପୁର ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକିଥିଲା। ସଂଘ ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,ବିଶିଷ୍ଟ ଅତିଥିଭାବେ ସମବାୟ, ବୟନ ଶିଳ୍ପ, ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଆଜି ଭଳି ମହାନ ଦିନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ପୀଠ ସାଲେପୁରରେ ଯୋଗ ଦେଇ ଗର୍ବିତ ମନେ କରୁଥିବା କହିଥିଲେ। ମଧୁବାବୁ ଦେଖି ଥିବା ସ୍ୱପ୍ନର ଓଡ଼ିଶା ସାକାର ହେବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଥିଲେ। ମୁଖ୍ୟ ବକ୍ତା ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ଦେବେନ୍ଦ୍ର କୁମାର ସୁଆର, ସମ୍ମାନିତ ଅତିଥିଭାବେ ରମାକାନ୍ତ ମଲ୍ଲିକ, ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ ଯୋଗ ଦେଇ ସାଲେପୁର ଆଞ୍ଚଳିକ ଖବରଦାତ ସଂଘ କରୁଥିବା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଂଘର ସଭାପତି ଅକ୍ଷୟ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଘର ଉପସଭାପତି ଦୀପକ କୁମାର ଦାସ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ହୃଷୀକେଶ ମଲ୍ଲିକ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଘର ସହ ସମ୍ପାଦକ ଅରବିନ୍ଦ ଭୂୟାଁ, କୋଷାଧ୍ୟକ୍ଷ ସୁଧୀର ଶତପଥୀ, ହେମନ୍ତ ଭୂୟାଁ, ଶିଶିର କୁମାର ଦାଶ, ପ୍ରତ୍ୟୁଷ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ସକାଳୁ ସାଲେପୁର ମଧୁସୂଦନ ମଣ୍ଡପଠାରୁ ସତ୍ୟଭାମାପୁର ସ୍ଥିତ ମଧୁବାବୁଙ୍କ ଜନ୍ମପୀଠକୁ ମଧୁ ଜ୍ୟୋତି ଶୋଭାଯାତ୍ରା ଏବଂ ମାଛୁଆଡି ଛକରୁ ବିଶିଷ୍ଟ ଧାବିକା ଦ୍ୟୁତିଚାନ୍ଦଙ୍କ ଦ୍ୱାରା ସାଲେପୁର ପର୍ଯ୍ୟନ୍ତ ଗଣ ଦୌଡ଼ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମାଛୁଆଡିରୁ ମଞ୍ଚ ପର୍ଯ୍ୟନ୍ତ ମଧୁବାବୁ ସ୍ୱାଭିମାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଆରମ୍ଭ ହେଲା ସ୍ୱଜନଗଣନା କାର୍ଯ୍ୟକ୍ରମ

ଟିଗିରିଆ/ବାଙ୍କୀ, ୧।୪ (ଜାଫର ଖାଁ/ଶୁଭେନ୍ଦୁ ମହାପାତ୍ର)

ଟିଗିରିଆ ବ୍ଲକର ବିଶିଷ୍ଟ ବ୍ୟକ୍ତିଙ୍କ ଘରକୁ ଯାଇ ପ୍ରଶାସନ ତରଫରୁ ସ୍ୱଜନଗଣନା କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ଦେଶ ତଥା ରାଷ୍ଟ୍ରକୁ ସୁଦୃଢ଼ କରିବା ପାଇଁ ଜନଗଣନାର ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ। ଏହି କାର୍ଯ୍ୟକ୍ରମ ବୁଧବାର ଅଥବା ଏପ୍ରିଲ ୧ ରୁ ଆରମ୍ଭ ହୋଇ ୧୫ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ଟିଗିରିଆ ତହସିଲଦାର ଧର୍ମରଞ୍ଜନ ପଣ୍ଡାଙ୍କ ନେତୃତ୍ୱ ଏବଂ ସହକାରୀ ତହସିଲଦାର ଗଙ୍ଗାଧର ନାୟକଙ୍କ ସହଯୋଗରେ ପୂର୍ବତନ ସୁବାସ ମହାନ୍ତିଙ୍କ ନିଜିଗଡସ୍ଥିତ ଘରେ ପହଞ୍ଚି ତାଙ୍କର ନିଜର ମୋବାଇଲ ଆପ ମାଧ୍ୟମରେ ଜନଗଣନା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପରେ ପଦ୍ମଶ୍ରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ନୂଆପାଟଣାର ବିଶିଷ୍ଟ ବାନ୍ଧକଳା କାରିଗର ଶରତ କୁମାର ପାତ୍ରଙ୍କ ଘରେ ସ୍ୱଗଣନା କାର୍ଯକ୍ରମ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏବଂ ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ଶ୍ରୀନିବାସ ଧଳ ସାମନ୍ତ ଜନଗଣନା ସହାୟିକା ଲୁସନା ପ୍ରଧାନ, ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମିଶ୍ର, ବିଶ୍ୱ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ବାଙ୍କୀ ଉପଖଣ୍ଡର ସରକାରୀ ଓକିଲ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଖଜୁରୀପଦା ରାଜସ୍ୱ ଗ୍ରାମର ଅଧିବାସୀ ବସନ୍ତ କୁମାର ନାୟକ ଓ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ଗୃହରୁ ବାଙ୍କୀ ଅତିରିକ୍ତ ତହସିଲଦାର ଆଦିତ୍ୟ ଦଳବେହେରା, ତହସିଲ କର୍ମଚାରୀ ସିଦ୍ଧେଶ୍ୱର ସାହୁ, ପ୍ରତ୍ୟୁଷ କୁମାର ବିଶ୍ୱାଳ ଓ ନରଣପୁର ରାଜସ୍ୱ ଗ୍ରାମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସତ୍ୟ ନାରାୟଣ ସାମନ୍ତରାୟଙ୍କ ଗୃହରେ ଜନଗଣନା କାର୍ଯ୍ୟ ଆରମ୍ଭ କରାଯାଇଛି ।



ବାନ୍ଧ କାରିଗର ଶରତ କୁମାର କରଙ୍କ ଘରେ ସ୍ୱଜନଗଣନା କାର୍ଯ୍ୟକ୍ରମ ।

# କଟକରେ ମହମ୍ମଦ ମୋକିମଙ୍କ ଶକ୍ତି ପ୍ରଦର୍ଶନ

**ଦଳ ଜନସାଧାରଣଙ୍କ ଆଶା, ଆକାଂକ୍ଷାର ଏକମାତ୍ର ବିକଳ୍ପ: ମୋକିମ**

କଟକ,୧।୪(ଶିଳ୍ପା ପ୍ରିୟଦର୍ଶିନୀ)




ଖ୍ରୀଷ୍ଟିଆନ ପଡ଼ିଆରେ ଅନୁଷ୍ଠିତ ଓଡ଼ିଶା ଜନତା କଂଗ୍ରେସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକରେ ଶକ୍ତି ପ୍ରଦର୍ଶନ କଲା ଓଡ଼ିଶା ଜନତା କଂଗ୍ରେସ (ଓଜେସି)ପାର୍ଟି। କଂଗ୍ରେସରୁ ବହିଷ୍କାର ହେବା ପରେ ଏବେ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ ବିଭିନ୍ନ ଜିଲାରୁ ନିଜ ସଙ୍ଗଠନକୁ ସୁଦୃଢ଼ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଖ୍ରୀଷ୍ଟିଆନ ପଡ଼ିଆରେ କଟକ ମହାନଗର ନିଗମ ଅଞ୍ଚଳରେ ମୋକିମଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ବିଭିନ୍ନ ୱାର୍ଡରୁ ପ୍ରାୟ ୫ ହଜାରରୁ ଅଧିକ ଲୋକ ଓଜେସିରେ ସାମିଲ ହୋଇଥିଲେ। ମୋକିମ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରିବା ସହ ଭାଜପା, ବିଜେଡି ଓ କଂଗ୍ରେସକୁ ସିଧାସଳଖ ଟାର୍ଗେଟ କରିଛନ୍ତି। ଏପରିକି ଆଗାମୀ ମହାନଗର ନିର୍ବାଚନରେ ଓଜେସି ସକ୍ରିୟ ଭାବେ ଅଂଶଗ୍ରହଣ କରିବା ସହ ସଫଳତା ନିଶ୍ଚିତ ପାଇବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମୋକିମ କହିଛନ୍ତି, ଓଡ଼ିଶା ରାଜନୀତି ଏବେ ଘଡ଼ିସନ୍ଧି ମୁହୂର୍ତ୍ତରେ ପହଞ୍ଚିଛି। ଜନସାଧାରଣ ଏବେ ବିଶ୍ୱାସଯୋଗ୍ୟ ବିକଳ୍ପ ଖୋଜୁଛନ୍ତି। ଓଡ଼ିଶା ଜନତା କଂଗ୍ରେସ ପାର୍ଟି ଲୋକଙ୍କ ଆଶା ଓ ଆକାଂକ୍ଷାର ଏକମାତ୍ର ବିକଳ୍ପ ଭାବେ ଉଭା ହୋଇ ପାରିଛି। ଓଡ଼ିଶାବାସୀଙ୍କ ସମର୍ଥନରେ ଶକ୍ତିଶାଳୀ ରାଜନୈତିକ ଦଳ ଭାବେ ଏହି ଦଳ ଗଡ଼ି ଉଠିବ ବୋଲି ସେ କହିଛନ୍ତି। ତେବେ କଟକରେ ମୋକିମଙ୍କ ଏଭଳି ଶକ୍ତି ପ୍ରଦର୍ଶନରେ କଟକ ରାଜନୀତି ଏବେ ସରଗରମ ହୋଇଛି। କାର୍ଯ୍ୟକ୍ରମକୁ ନଗର କଂଗ୍ରେସ ପୂର୍ବତନ ସଭାନେତ୍ରୀ ଗିରିବାଳା ବେହେରା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡରୁ ବିଭିନ୍ନ ଦଳର ବହୁ ପ୍ରମୁଖ କର୍ମକର୍ତ୍ତା, ପୂର୍ବତନ କର୍ପୋରେଟର, କଂଗ୍ରେସର ବ୍ଲକ ସଭାପତି, ବୁଦ୍ଧିଜୀବୀ ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ବାସୁଦେବ ଭଟ୍ଟ, ମନୋଜ ଜେନା, ତପନ ମିଶ୍ର, ପୂର୍ବତନ କୃଷି ଅଧିକାରୀ ସମରେଶ ବେହେରା, ନିକୁଞ୍ଜ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟକଙ୍କ କ୍ରସ୍‌ଭୋଟିଂ ପ୍ରତିବାଦରେ କଂଗ୍ରେସର ପ୍ରତିବାଦ ସଭା

ବାଙ୍କୀ,୧।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)–

ରାଜ୍ୟ ସଭା ନିର୍ବାଚନରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ନ ଦେଇ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ କ୍ରସ୍‌ଭୋଟିଂ କରିଥିବାରୁ ବୈଦ୍ୟେଶ୍ୱରସ୍ଥିତ ବିଦ୍ୟାରତ୍ନ ଛକରେ କଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ନରେଶ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ କଂଗ୍ରେସ କର୍ମୀମାନେ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ସଭାସ୍ଥଳୀରେ ପହଞ୍ଚିଥିଲେ। ଆୟୋଜିତ ସଭାରେ ବାଙ୍କୀର ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସର ଉପସଭାପତି ଡ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ବାଙ୍କୀର ସ୍ୱାଭିମାନଙ୍କୁ ବିଧାୟକ ତ୍ରିପାଠୀ ତଳେ ପକାଇଥିବା ଅଭିଯୋଗ କରି ନିନ୍ଦା କରିଥିଲେ।

# ସେମିରେ ଓଡ଼ିଶାର ବାଳିକା, ବାଳକ ବିଭାଗ

ଆଠଗଡ, ୧।୪(ସତ୍ୟ ପ୍ରସାଦ ରଥ)

ଓଡ଼ିଶା ଖୋ-ଖୋ ଆସୋସିଏଶନ ଆନୁକୂଲ୍ୟରେ ଆଠଗଡ଼ ମହୋତ୍ସବ ପଡ଼ିଆରେ ଚାଲିଥିବା ଜାତୀୟ ଜୁନିଅର ଖୋ-ଖୋ ଚାମ୍ପିଅନଶିପର ତୃତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ୯୬ଟି ଲିଗ୍ ମ୍ୟାଚ ପରେ ଉଭୟ ବାଳିକା ଓ ବାଳକ ବର୍ଗର କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗ କ୍ୱାର୍ଟର ଫାଇନାଲ ମ୍ୟାଚ ମହାରାଷ୍ଟ୍ର ସହ ମଧ୍ୟଭାରତ, ଓଡ଼ିଶା ସହ ତାମିଲନାଡୁ, କର୍ନାଟକ ସହ ମଧ୍ୟପ୍ରଦେଶ, ହରିୟାଣା ଏବଂ ଉତ୍ତର ପ୍ରଦେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା, ମହାରାଷ୍ଟ୍ର, କର୍ନାଟକ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ବାଳିକା ବିଭାଗରରେ ତାମିଲନାଡୁ ସହ ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ ସହ ମହାରାଷ୍ଟ୍ର, ଏବଂ ପଶ୍ଚିମବଙ୍ଗ ସହ କର୍ନାଟକ ମଧ୍ୟରେ ଖେଳାଯିବାକୁ ଥିଲାବେଳେ ଓଡ଼ିଶା ଓ ହିମାଚଳପ୍ରଦେଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିବଙ୍ଗ, ଓଡ଼ିଶା, ମହାରାଷ୍ଟ୍ର ଓ ତାମିଲନାଡୁ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚଗୁଡ଼ିକ ଖେଳାଯିବ ବୋଲି ଓଡ଼ିଶା ଖୋ-ଖୋ ଆସୋସିଏଶନ ସଭାପତି ଲକ୍ଷ୍ମୀ ନାରାୟଣ ଭଞ୍ଜ ସୂଚନା ଦେଇଛନ୍ତି।

# ଓଡ଼ିଶାକୁ ଭାଷାଭିତ୍ତିକ ରାଜ୍ୟ ଗଠନ କରିବାରେ ବରପୁତ୍ରମାନଙ୍କ ବଳିଦାନ ଅତୁଳନୀୟ

### ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳନ

କଟକ, ୧।୪ (ଶିଳ୍ପା ପ୍ରିୟଦର୍ଶିନୀ):




ଆଠଗଡ଼ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଯୋଗଦେଇଥିବା ଅତିଥିମାନେ।



ଟିଗିରିଆରେ ଆୟୋଜିତ ଗଣଦୌଡ଼ରେ ସାମିଲ ହୋଇଥିବା ପ୍ରତିଯୋଗୀମାନେ।

ଦୋଳମୁଣ୍ଡାଇସ୍ଥିତ କଟକ ଜିଲା ବିଜେଡି କାର୍ଯ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯାଇଛି। ଜିଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ, ପୂର୍ବତନ ସଭାପତି ମଧୁସୂଦନ ସାହୁ, ଡେପୁଟି ମେୟର ଦମୟନ୍ତୀ ମାଝି, ବରିଷ୍ଠ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ, ଓଡ଼ିଶା ବୋର୍ଡ ଅଫ ୱାକଫ୍‌ର ପୂର୍ବତନ ଚେୟାରମ୍ୟାନ ସୈୟଦ୍ ଏକାମ୍ର ହୁସେନ, ପୂର୍ବତନ ମେୟର ତଥା କଟକ ଜିଲା ମହିଳା ବିଜେଡି ସଭାନେତ୍ରୀ ଅନିତା ବେହେରା, କଟକ ଜିଲା ସାଧାରଣ ସମ୍ପାଦକ ତାପସ ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟ ପ୍ରକାଶ ସିଂ, ପ୍ରବାସୀ ଭାରତୀୟ ସେଲ ସଭାପତି ନନ୍ଦଲାଲ ସିଂ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ପୂର୍ବତନ କର୍ପୋରେଟର ପ୍ରଫୁଲ୍ଲ ବେହେରା, ଚିରଞ୍ଜୟ ସାହୁ, ସ୍ମୃତି ରଞ୍ଜନ ନାୟକ, ମନୋଜ ମହାନ୍ତି, ଶିଶିର ପରିଜା, ରାଜେନ୍ଦ୍ର ରଣା, ବିଷ୍ଣୁ ସାହୁ, ବିଭୂତି ସ୍ୱାଇଁ, ତନ୍ମୟା ରାୟ, କର୍ପୋରେଟର ପ୍ରିୟମ୍ବଦା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିନୋଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**କଟକ ସଦର,(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ରମାନେ ବରପୁତ୍ରମାନଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା, ଦିଲୀପ କୁମାର ଜେନା, ତ୍ରିଲୋଚନ ହାତୀ, ପ୍ରଣୟ ଜେନା, ଜାନକୀ ବଲ୍ଲଭ ମହାପାତ୍ର, ପ୍ରଭାତ କୁମାର ପ୍ରଧାନ ପ୍ରମୁଖ ଓଡ଼ିଶାର ବରପୁତ୍ରମାନଙ୍କ ନୂତନ ଓଡ଼ିଶା ଗଠନରେ ଭୂମିକା ସମ୍ପର୍କରେ ଉଦବୋଧନ ଦେଇଥିଲେ। ୪୨ ମୌଜା ଅନ୍ତର୍ଗତ ଦଧିବାମନପୁର ଗ୍ରାମସ୍ଥିତ ଶ୍ରୀ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଓଡ଼ିଶା ଦିବସ ଉତ୍ସବରେ ମୁଖ୍ୟଅତିଥି ରୂପେ ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଅନିଲ କୁମାର ଦାସ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ଗଠନ ବିଷୟରେ ପିଲାମାନଙ୍କ ମାର୍ଗଦର୍ଶନ କରିଥିବା ବେଳେ ସମ୍ପାଦକ ରବୀନ୍ଦ୍ର କୁମାର ଦେବତା, ସହସମ୍ପାଦିକା ସୁମିତା ଦେବତା, ପ୍ରଧାନ ଆଚାର୍ଯ୍ୟ ବିଶ୍ୱରଞ୍ଜନ ତ୍ରିପାଠୀ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। କୂଳସରିଚୁଆଁସ୍ଥିତ ରେକି ମିଶନ ବିଦ୍ୟାଳୟର ଉପାଧ୍ୟକ୍ଷା ସରସ୍ୱତୀ ସାମନ୍ତରାୟଙ୍କ ପ୍ରସ୍ତାବ କ୍ରମେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଓଡ଼ିଶା ଦିବସ ପାଳନ ହୋଇଥିଲା। ଶେଷରେ ରେକି ମିଶନ ବିଦ୍ୟାଳୟର ସଂଯୋଜକ ଭାରତ ଭୂଷଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଙ୍କୀ, (ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଉପଖଣ୍ଡସ୍ତରୀୟ ଓଡିଶା ଦିବସ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।ଏହାପୂର୍ବରୁ ଉପଜିଲାପାଳ ମୋନୋସ୍ୱିନୀ ଦାସ ଓ ନିମନ୍ତ୍ରିତ ଅତିଥି ତଥା ବୁଦ୍ଧିଜୀବୀମାନେ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପରେ ଆୟୋଜିତ ସଭାରେ ଉପଜିଲାପାଳ ଦାସ କହିଥିଲେ, ଓଡିଶାକୁ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଓଡ଼ିଶାର ବରପୁତ୍ରମାନଙ୍କ ବଳିଦାନ ଅତୁଳନୀୟ। ସମ୍ମାନିତ ଅତିଥି ଭାବେ ଡ଼େପୁଟି କଲେକ୍ଟର ସୁଶ୍ରୀ ରଞ୍ଜିତା ଲେଙ୍କା , ଏମ୍‌ପିଙ୍କ ପ୍ରତିନିଧି ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଙ୍କୀ ସରୋଜ କୁମାର ସାମନ୍ତରାୟ, ନଗରପାଳ ବିଜ୍ଞାପିତ ଅଞ୍ଚଳ ପରିଷଦ,ବାଙ୍କୀ ମାଣିକ ସାହୁ ପ୍ରମୁଖ ଯୋଗଦେଇଥିଲେ। ପରେ ଓଡ଼ିଶା ଦିବସ ପାଳନ ଅବସରରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ସଭ୍ୟ ସମରେନ୍ଦ୍ର ମହାପାତ୍ର ଯୋଗଦେଇ ଥିଲେ। ବାଙ୍କୀର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ତରଫରୁ ପରିଷଦ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି।

**ତାଳବସ୍ତ,(ସୁବ୍ରତ କୁମାର ନାୟକ) :** ଡମପଡା ବ୍ଲକ ଅନ୍ତର୍ଗତ ତାଳବସ୍ତ ଏବଂ ଦୁଲଣାପୁର ପଞ୍ଚାୟତ ଅଧୀନରେ ଥିବା ଅଳ୍ପ କିଛି ବିଦ୍ୟାଳୟକୁ ବାଦ ଦେଇ ପ୍ରାୟ ଅଧିକାଂଶ ଶିକ୍ଷା ଅନୁଷ୍ଠାନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ସଭା ଆୟୋଜନ କରାଯାଇଥିଲା। ତାଳବସ୍ତ ସରକାରୀ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବାଶିଷ ପାଣି, ବିଦ୍ୟାଧରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ପ୍ରସନ୍ନ ସାହୁ, ଉପର ହମିରା ସରକାରୀ ପ୍ରାଥମିକ ବିଦ୍ୟାଳୟରରେ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ନାଏକଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳନ କରାଯାଇଛି।

**ଆଠଗଡ଼, (ସତ୍ୟ ପ୍ରସାଦ ରଥ):** ଆଠଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ଓଡିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଡିଓଙ୍କ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଆୟୋଜିତ କରାଯାଇଥିଲା। ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା, ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା ଏବଂ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି ଉପସ୍ଥିତ ଥିଲେ। ଅତିଥିମାନେ ଓଡ଼ିଶା ଦିବସର ଐତିହ୍ୟ ଏବଂ ଓଡ଼ିଆ ଜାତିର ଗୌରବମୟ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ସୁଶ୍ରୀ ଶ୍ୱାଶ୍ୱତୀ ପାଢ଼ୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଆଠଗଡ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ଆଠଗଡ ସ୍ଥିତ ସୂର୍ଯ୍ୟଭବନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଆଠଗଡ ବିଜୁ ଜନତା ଦଳର ସଭାପତି ରବୀନ୍ଦ୍ର ନାଥ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। କଟକ ଜିଲା ଉପସଭାପତି ନୃସିଂହ ଚରଣ ମହାପାତ୍ର, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ସୁନିଲ ପରିଡା ପ୍ରମୁଖ ଯୋଗଦେଇ ଓଡିଶା ଗଠନର ବିନ୍ଧାଣିମାନଙ୍କର ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ

**ଟିଗିରିଆ,(ଜାଫର ଖାଁ ) :** ଟିଗିରିଆର ପ୍ରତିଷ୍ଠିତ ଅନୁଷ୍ଠାନ ଯୁବ କଳା ବିକାଶ ପରିଷଦ ପକ୍ଷରୁ ବ୍ଲକର ବିଭିନ୍ନ ପଞ୍ଚାୟତର ଯୁବଗୋଷ୍ଠୀଙ୍କୁ ନେଇ ଏକ ଗଣ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜୟନ୍ତ କୁମାର ସିଂହ, ସମ୍ପାଦକ ବ୍ରଜସୁନ୍ଦର ଦାସଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ବିକ୍ରମ କେଶରୀ ଦାଶ ଯୋଗଦେଇ ଦୌଡ଼ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଦୌଡ଼ ଯମୁନାବନ୍ଧ ଠାରୁ ଆରମ୍ଭ ହୋଇ ଟିଗିରିଆ ନୂତନ କୋର୍ଟ ରାସ୍ତା ଦେଇ,ମହାବୀର ବଜାର ଅତିକ୍ରମ କରି ଶେଷରେ ଟିଗିରିଆର ରାଜବାଟି ଛକ ଠାରେ ଶେଷ ହୋଇଥିଲା।ଏଥିରେ ବୁନୁ ବେହେରା ପ୍ରଥମ,ଶୁଭେନ୍ଦୁ ମହାନ୍ତି ଦ୍ୱିତୀୟ ଓ ଶ୍ରୀପତି ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗାନ୍ଧୀଛକସ୍ଥିତ ମହିଳା ମହାବିଦ୍ୟାଳୟରେ ମଧୁବାବୁ, ଓଟିଏମ୍ ପରିବା ମାର୍କେଟସ୍ଥିତ ଗୋପବନ୍ଧୁ, ବିଜୁବାବୁ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱ କଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଶିକ୍ଷାବିତ୍ ଭାଗୀରଥି ମିଶ୍ର, ଭାଗବତ ରାଉତ, କାଉନସିଲର ଅଜୟ ବେହେରା, ଅର୍ଜୁନୀ ବେହେରା, ଆଶୁତୋଷ ଦାସ, ବିମଳ କୁମାର ବେଉରା, ପୌର କର୍ମଚାରୀ ତପନ କୁମାର ସାହୁ, ଶିବପ୍ରସାଦ ପତି, ଦେବେନ୍ଦ୍ର ପୃଷ୍ଟିଙ୍କ ସମେତ ଅଞ୍ଚଳର ବହୁ ନାଗରିକ ଯୋଗଦେଇ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ପାଦକ ଦିବ୍ୟଜ୍ୟୋତି ପାଣି, ସଙ୍ଗଠନ ସମ୍ପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଯୁଗ୍ମ ସମ୍ପାଦିକା ସରିତା ଦାସ, ସହ ସମ୍ପାଦକ ଭାସ୍କର ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚୌଦ୍ୱାର ପୌର ପରିଷଦର ସଦସ୍ୟା ସଦସ୍ୟ ଓ କର୍ମଚାରୀ ବୃନ୍ଦ, ଅବସରପ୍ରାପ୍ତ ଶିକ୍ଷକ ସଂଘ, ଉତ୍କଳ ସମ୍ମିଳନୀ, ଆଇନଜୀବୀ ସଙ୍ଗଠନ, ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିଶୁ ସଦନର ଅନ୍ତେବାସୀମାନେ ଶୋଭାଯାତ୍ରାରେ ଆସି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ଫୁଲନଖରା, (ସତ୍ୟରଞ୍ଜନ ଦାସମହାପାତ୍ର):** କଟକ ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମା’ ଧାକୁଲେଇଙ୍କ ସଭାଗୃହରେ ଆୟୋଜିତ ସଭାରେ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମହାନଦୀ ବିହାରସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ସ୍ତମ୍ଭକାର ଡ. ଲକ୍ଷ୍ମଣ ସାହୁ, ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀଜୀ, ଆଞ୍ଚଳିକ ଶାନ୍ତି କମିଟି ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଶାର ଐତିହ୍ୟ ପରମ୍ପରା ଓ ଓଡିଶା ଦିବସର ବିଶେଷତ୍ୱକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ସଦର ଥାନା ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ଆଞ୍ଚଳିକ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି ପରିଚାଳନା କରିଥିବା ବେଳେ ପୂର୍ବତନ କର୍ପୋରେଟର କୌଶିକ ଜେନା, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ନଳିନୀ ସେନାପତି, କଳ୍ପତରୁ ଖୁଣ୍ଟିଆ, ଦିଲୀପ ସ୍ୱାଇଁ, ସୁଶାନ୍ତ କୁମାର ମହାନ୍ତି, ଗୋବିନ୍ଦ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ମାର୍ଗଦର୍ଶୀ ପତ୍ରିକାର ଓଡ଼ିଶା ଦିବସ ସଂଖ୍ୟା ଉନ୍ମୋଚିତ

ଖୋର୍ଦ୍ଧା,୧୪(ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ମାର୍ଗଦର୍ଶୀ ପତ୍ରିକାର ଏପ୍ରିଲ ସଂଖ୍ୟା ଉନ୍ମୋଚନ ଓ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଂସ୍କୃତି ଗବେଷକ ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ପ୍ରଫୁଲ୍ଲ ସାମନ୍ତରାୟ, ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ବିଜୟ କୁମାର ସାମନ୍ତସିଂହାର, ରାଜେନ୍ଦ୍ର କୁମାର ନରେନ୍ଦ୍ର, ଗୋବିନ୍ଦ ମହାରଣା, ଇତିଶ୍ରୀ ସାହୁ, ଅନସୂୟା ସାମନ୍ତରାୟ ପ୍ରମୁଖ ଅତିଥିଙ୍କ ଦ୍ୱାରା ପତ୍ରିକା ଉନ୍ମୋଚିତ ହୋଇଥିଲା। ପତ୍ରିକାର ସମ୍ପାଦକ ଉମାଶଙ୍କର ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଚପଳା ପଣ୍ଡା, ଅନସୂୟା ସାମନ୍ତରାୟ, ଡ. ବୃନ୍ଦାବନ ପଣ୍ଡା, ନଳିନୀ ଦାସ, ଶ୍ରୀଧର ଦାସ, ଅଶୋକ ରାୟସିଂ, ବିକ୍ରମ ଚମ୍ପତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

### ବିଭିନ୍ନ ବିଦ୍ୟାଳୟରେ ଓଡ଼ିଶା ଦିବସ

ବେଗୁନିଆ,୧୪(ସନ୍ଧ୍ୟାରାଣୀ ମିଶ୍ର)

ଡାଲତୋଳା କ୍ଲଷ୍ଟରରେ ଥିବା ବିଭିନ୍ନ ବିଦ୍ୟାଳୟରେ ଓଡ଼ିଶା ଦିବସ ସିଆର୍‌ସିସି ଗଣେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଛି। ପରିଚ୍ଛିଳ ଆଦିବାସୀସାହି ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ସରଜୁ କୁମାରୀ ବେହେରା ଏବଂ ଦଳକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଭାରେ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସେଠୀ ସଭାପତିତ୍ୱ କରିଥିଲେ। ବରପୁତ୍ରମାନଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରେରିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଶିକ୍ଷକମାନେ ଆହ୍ୱାନ ଦେଇଥିଲେ। ଶିକ୍ଷକ ବିରଞ୍ଚି ନାରାୟଣ ପାଇକରାୟ,ବିଶ୍ୱଭୂଷଣ ସେଠୀ, ଶିକ୍ଷୟିତ୍ରୀ ପ୍ରତିଭା ବାରିକ ଓ ସୁଜାତା ଜେନା ଉପସ୍ଥିତ ଥିଲେ।

### ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ

ବୋଲଗଡ଼,୧୪(ଦେବବ୍ରତ ହୋତା)

ବଳଦୁର୍ଗ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ ହନୁମାନ ଗଦିରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଭାରେ ପରିଷଦ ସଭାପତି ଗୋପିନାଥ ଖାଡଙ୍ଗା ପୌରୋହିତ୍ୟ କରିଥିବାବେଳେ ପ୍ରାକ୍ତନ ଅଧ୍ୟକ୍ଷ ନିରଞ୍ଜନ ପାଢ଼ୀ ମୁଖ୍ୟ ଅତିଥି, ନାଇଜରର ପ୍ରାକ୍ତନ କୁଳସଚିବ ତଥା ଜଗନ୍ନାଥ ସଂସ୍କୃତି ଗବେଷକ ଅଭୟ କୁମାର ନାୟକ ମୁଖ୍ୟବକ୍ତା, ପ୍ରବଚକ ଡ. ଗଣେଶ୍ୱର ସ୍ୱାଇଁ, ପ୍ରବଚକ ଅମ୍ବରୀଶ ଶତପଥୀ, ଐତିହାସିକ ରବୀନ୍ଦ୍ର ପରିଡ଼ା, ଶିକ୍ଷାବିତ୍ ପ୍ରଫୁଲ୍ଲ ମହାପାତ୍ର ଓ ଗୀତାଞ୍ଜଳି ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଗଠନରେ ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ ପରେ କୈଳାସ ତ୍ରିପାଠୀ ଓ ଭକ୍ତବଲ୍ଲଭ ପଟ୍ଟନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଗୀତାଞ୍ଜଳି ମହାପାତ୍ର, ସରୋଜିନୀ ଦେବୀ, ଗୋଲକ ବିହାରୀ ନାୟକ ଏବଂ ବସନ୍ତ ଉତ୍ତରକବାଟଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦ ସମ୍ପାଦକ ରଘୁନାଥ ଦଳବେହେରା ଧନ୍ୟବାଦ ଦେଇଥିଲେ।

### ଶଙ୍କରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ବୋଲଗଡ଼,୧୪(ଦେବବ୍ରତ ହୋତା)

ଶଙ୍କରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଏବଂ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ବାସୁଦେବ ଦାସ ସଭାପତିତ୍ୱ କରିଥିଲେ। ସରପଞ୍ଚ ପ୍ରମୋଦ କୁମାର ରାଉତରାୟ ମୁଖ୍ୟ ଅତିଥି, ବିଆର୍‌ସିସି ଶୁଭେନ୍ଦୁ ଦଳସିଂହାର ମୁଖ୍ୟବକ୍ତା ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। କୃତିତ୍ୱ ହାସଲ କରିଥିବା ୪୦ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବାସୁଦେବ ମଲ୍ଲିକ,ସୁକାନ୍ତି ଦେଇ,ସସ୍ମିତା ଦାଶ ଏବଂ ପ୍ରଭାତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଞ୍ଜନ କୁମାର ଜୟସିଂହ ଧନ୍ୟବାଦ ଦେଇଥିଲେ।

# 'ନିଜ ସଂସ୍କୃତି, ଇତିହାସକୁ ଜାଣିଲେ ଆଗକୁ ଯାଇପାରିବା'




ସମାରୋହରେ ଯୋଗଦେଇଥିବା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥି ବୃନ୍ଦ।

## ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ

ଖୋର୍ଦ୍ଧା,୧୪(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ଯେତେବେଳେ ୨୦୩୬ର 'ବିକଶିତ ଓଡ଼ିଶା' ଲକ୍ଷ୍ୟ ନେଇ ଆଗକୁ ବଢ଼ିବା ଆରମ୍ଭ କରିଛି, ସେତେବେଳେ ସମଗ୍ର ଓଡ଼ିଶା ପାଇଁ ଏକ ଆହ୍ୱାନ ରହିଛି। ମଣିଷ ଆଗକୁ ଯିବାକୁ ହେଲେ ନିଜ ସଂସ୍କୃତି, ପରମ୍ପରା ଓ ଇତିହାସକୁ ଜାଣିବା ନିହାତି ଆବଶ୍ୟକ। ଇତିହାସକୁ ଜାଣିଲେ ନିଜ ଶକ୍ତିର ପରିସ୍ଫୁଟନ କରିପାରିବେ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜୟୀ ରାଜଗୁରୁ ଭବନ(ଟାଉନ୍‌ହଲ୍)ରେ ବୁଧବାର ଆୟୋଜିତ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନ ମନ୍ତ୍ରୀ ହରିଚନ୍ଦନ କହିଲେ, ଓଡ଼ିଶାର ବାସ୍ତବ ଇତିହାସ ଲେଖାଯାଇ ନାହିଁ। ଓଡ଼ିଶାର ଗୌରବମୟ ଇତିହାସ ଆଜି ସମାଜ ଆଢୁଆଳରେ ରହିଯାଇଛି। ବିଭିନ୍ନ ଜିଲାରେ ଭାଷାର ପ୍ରୟୋଗରେ ଭିନ୍ନତା ରହିଛି। ଛାତ୍ରୀଛାତ୍ରମାନେ ରାଜ୍ୟର ବିକାଶ ମଙ୍ଗ ଧରିବାକୁ ସେ ଆହ୍ୱାନ ଦେଇଥିଲେ। ଆମର ସଂକଳ୍ପ ହେଉଛି ସ୍ୱତନ୍ତ୍ର ପ୍ରଦେଶ ଗଠନ ଶତବାର୍ଷିକୀ ବେଳକୁ ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବା। ଏହି ପ୍ରକ୍ରିୟାରେ ଛାତ୍ରସମାଜ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଜିଲାପାଳ ଅମ୍ରିତ୍ ଋତୁରାଜଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କହିଥିଲେ, ଭାଷାଭିତ୍ତିକ ପ୍ରଦେଶ ଗଠନରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ଦିଗରେ ଓଡ଼ିଶାର ସ୍ୱତନ୍ତ୍ରତା ରହିଛି। ଐତିହାସିକ ପାଇକ ବିଦ୍ରୋହ ପାଇଁ ଓଡ଼ିଶାମାଟି ଗୌରବାନ୍ୱିତ। ଏହାର ଗୌରବମୟ ଐତିହ୍ୟ ଆଗକୁ ନେବା ଲାଗି ସେ ଯୁବପିଢ଼ିଙ୍କୁ ଆହ୍ୱାନ କରିଥିଲେ। ଜିଲାପାଳ କହିଲେ, ବୁଧବାରଠାରୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ପକ୍ଷର ଶୁଭାରମ୍ଭ ହୋଇଛି। ୧୪ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଏଥିରେ ଜନସାଧାରଣ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନ୍‌ସିଂହ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା ଧନ୍ୟବାଦ ଦେଇଥିଲେ। ଟାଉନ୍‌ହଲ୍‌ରେ ଫଟୋଚିତ୍ର ପ୍ରଦର୍ଶନୀ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସକାଳେ ଜିଲାପାଳ କାର୍ଯ୍ୟାଳୟଠାରୁ ଟାଉନ୍‌ହଲ ପର୍ଯ୍ୟନ୍ତ ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ଜନସାଧାରଣ ସାମିଲ ଥିଲେ।

# ଓଡ଼ିଆରେ ଲେଖିବାକୁ ସଚେତନତା




ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ସଚେତନତା ପଦଯାତ୍ରା।

ଖୋର୍ଦ୍ଧା,୧୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଶା ଦିବସ ଅବସରରେ ସଚେତନତା ବାର୍ତ୍ତା ଦିଆଯାଇଛି। ମଞ୍ଚର ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସଙ୍କ ନେତୃତ୍ୱରେ ଶ୍ରୀରାମ ନଗରସ୍ଥିତ ଅନୁଷ୍ଠାନ କାର୍ଯ୍ୟାଳୟରୁ ଏକ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର ପାଇଁ ସଚେତନ କରାଯାଇଥିଲା। ନିଜକୁ ଓଡ଼ିଆ ବୋଲି ଗର୍ବ ଅନୁଭବ କରିବା ସହ ଓଡ଼ିଆରେ ନିମନ୍ତ୍ରଣପତ୍ର ଛାପିବା ଓ ଦରଖାସ୍ତ ଲେଖିବାକୁ ପରାମର୍ଶ ଦିଆଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ସଂସ୍ଥାରୁ ଇଂଲିଶ ନାମଫଳକ ହଟିପାରିଲା ନାହିଁ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଞ୍ଚ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର କୁମାର ସାହୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବସନ୍ତ କୁମାର ଦାଶ, ରତ୍ନାକର ରଣସିଂହ, ଗଗନ ବିହାରୀ ପାଣିଗ୍ରାହୀ, ବିରଞ୍ଚି ନାରାୟଣ ପ୍ରଧାନ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସଞ୍ଜୟ କୁମାର ମହାନ୍ତି, ବିପିନ ବିହାରୀ ମିଶ୍ର, ନବକିଶୋର ମହାପାତ୍ର, ରବୀନ୍ଦ୍ର ନାଥ ମିଶ୍ର, ସତ୍ୟବ୍ରତ ଦାସ ପ୍ରମୁଖ ସାମିଲ ଥିଲେ।

## ଭାଷାର ସୁରକ୍ଷା, ପ୍ରଚାରପ୍ରସାର ସମସ୍ତଙ୍କ ଦାୟିତ୍ୱ

ଖୋର୍ଦ୍ଧା,୧୪(ପ୍ରଭାତ ପାଣିଗ୍ରାହୀ)




ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲା ଶାଖା ତରଫରୁ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଗାୟତ୍ରୀ ମଣ୍ଡପରେ ଅନୁଷ୍ଠିତ ସଭାରେ ଅଧିବକ୍ତା ଶିବସୁନ୍ଦର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ ପରେ କବି ଲକ୍ଷ୍ମୀଧର ବଡ଼ଜେନା ଦେଶାତ୍ମବୋଧକ କବିତା ଆବୃତ୍ତି କରିଥିଲେ। ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ଓଡ଼ିଆ ଅସ୍ମିତା ରକ୍ଷା, ଓଡ଼ିଆ ଭାଷାରେ ରାଜ୍ୟ ଶାସନ ପାଇଁ ପରାମର୍ଶ ଦେଇଥିଲେ। ଅଧିବକ୍ତା ବିଜୟ କୁମାର ସାମନ୍ତସିଂହାର ଅଦାଲତରେ ଓଡ଼ିଆ ଭାଷା କାର୍ଯ୍ୟକାରିତା ସପକ୍ଷରେ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଶାନ୍ତିଲତା ବଳିୟାରସିଂହ ବ୍ୟବସାୟ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି କୋଷାଧ୍ୟକ୍ଷ ଡ. ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉତ୍କଳ ସମ୍ମିଳନୀର ବର୍ତ୍ତମାନ ସ୍ଥିତି ଓ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଅଧିବକ୍ତା ସଂଘର ସଭାପତି ଲୋତକବିନ୍ଦୁ ପଟ୍ଟନାୟକ ଯୋଗଦେଇ ଅଦାଲତରେ ପ୍ରାୟ କାର୍ଯ୍ୟ ଓଡ଼ିଆରେ ହେଉଥିବା କହିଥିଲେ। ସାଧାରଣ ସମ୍ପାଦକ ଲିଙ୍ଗରାଜ ସାହୁ, ଖବରଦାତା ସମରେନ୍ଦ୍ର ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଶିବସୁନ୍ଦର ପଟ୍ଟନାୟକ ନବନିର୍ବାଚିତ ଖୋର୍ଦ୍ଧା ଅଧିବକ୍ତା ସଂଘର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ରୋଗୀଙ୍କୁ ଫଳ ବଣ୍ଟନ, ରକ୍ତଦାନ ଶିବିର

ଖୋର୍ଦ୍ଧା,୧୪ (ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ଦିବସ ଉପଲକ୍ଷେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଏଥିସହ ସାମ୍ବାଦିକ ଭବନରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଏସ୍‌ପି ବିବେକାନନ୍ଦ ଶର୍ମା, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ନେତା ମନ୍ମଥ ରାଉତରାୟ, କଂଗ୍ରେସ ନେତ୍ରୀ ସୋନାଲି ସାହୁ, ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ଖୋର୍ଦ୍ଧା ଜିଲା ଓକିଲ ସଂଘର ସଭାପତି ଲୋତକ ବିନ୍ଦୁ ପଟ୍ଟନାୟକ, ଡିଏଚ୍‌ଏଚ୍ ଅଧିକ୍ଷକ ଡାକ୍ତର ଶ୍ୟାମପ୍ରସନ୍ନ ମିତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ଜିଲା ସଭାପତି ପ୍ରକାଶ ହାତୀ, ଲଳିତ ମୋହନ ମହାପାତ୍ର, ସମ୍ପାଦକ ଦିଲୀପ ପଟ୍ଟନାୟକ, ଶୁଭକାନ୍ତ ମହାପାତ୍ର ଓ ଅନ୍ୟମାନେ ପରିଚାଳନା କରିଥିଲେ। ରକ୍ତଭଣ୍ଡାର ଡାକ୍ତର ସୌରଭ ରାୟ ଓ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ସେହି ବାଟଦେଇ ଯାଉଥିବା ସୁନ୍ଦରଗଡ଼ ଜିଲାର ବିକାଶ ତୀର୍କି ଓ ସୁନିଲ ମିଞ୍ଜ ପହଞ୍ଚି ରକ୍ତଦାନ କରିଥିଲେ।

## ଓଡ଼ିଶା ଦିବସ ପାଳିତ

ବାଘମାରି, ୧୪(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ୍ ପୋଡ଼ାଡିହ ପଞ୍ଚାୟତ ଅଧୀନ ତଳଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଅଖିଳେଶ ମହାପାତ୍ର, ଶିକ୍ଷୟିତ୍ରୀ ଜଲି ସ୍ୱାଇଁ, ସାଗରିକା ମାଝୀ ଓଡ଼ିଶା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ୧୩ ଜଣ ଛାତ୍ରୀଛାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଆମ ସଂସ୍କୃତି, କଳା ସାହିତ୍ୟ ସାରା ବିଶ୍ୱରେ ଅନନ୍ୟ ଓ ଆମେ ଭାରତରେ ଜନ୍ମ ହୋଇ ଭାଗ୍ୟବାନ ବୋଲି ଶିକ୍ଷକ ଅଖିଳେଶ ମହାପାତ୍ର କହିଥିଲେ।

## ଗ୍ରାମସଭାରେ ଉଲଗ୍ନହୋଇ ଗାଳିଗୁଲଜ କଲେ ଯୁବକ

### ପୋଲିସ ଉଠାଇନେଇ ଛାଡ଼ିଦେଲା, ଥାନା ଘେରାଉ କଲେ ଗ୍ରାମବାସୀ



ନିରାକାରପୁର,୧୪(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଡିଆ ପଞ୍ଚାୟତ ଅଧୀନ ଭୋଇସାହି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗାଁ ସଭା ଚାଲିଥିବାବେଳେ ଗ୍ରାମର ଜଣେ ଯୁବକ ସଭାମଝିରେ ଉପସ୍ଥିତ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ସହ ଉଲଗ୍ନ ହୋଇ ନିଜ ଗୁପ୍ତାଙ୍ଗ ଦେଖାଇଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। ତେବେ ପରେ ରାତି ୯ଟା ୧୦ରେ ଛାଡ଼ିଦେଇଥିଲା। ଖବର ପାଇ ଗ୍ରାମବାସୀ ଥାନାକୁ ଯାଇଥିଲେ ମଧ୍ୟ ପୋଲିସ ସେମାନଙ୍କ କଥା ଶୁଣି ନ ଥିଲା। ଫଳରେ ସେମାନେ ଏସ୍‌ଡିପିଓ ଏବଂ ପରେ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀ ଥାନା ଘେରାଉ କରିଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଛାଡ଼ି ଏବେ ହରଡ଼ଘଣାରେ ପଡ଼ିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଯୁବକ ଜଣକ ଧରାପଡ଼ି ନ ଥିଲେ। ଘଟଣାସ୍ଥଳରେ ଥାନା ଅଧିକାରୀ ପହଞ୍ଚି ଗୁରୁବାର ପୂର୍ବାହ୍ନ ୧୦ଟା ସୁଦ୍ଧା ତାଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଥାନାରୁ ଫେରିଥିଲେ।

## ଦୁର୍ଗାଚରଣ ଚିଲିକା ଡିଗ୍ରୀ କଲେଜରେ ଓଡ଼ିଶା ଦିବସ




ଟାଙ୍ଗୀ,୧୪(ରଘୁନାଥ ସାହୁ)

ଟାଙ୍ଗୀସ୍ଥିତ ଦୁର୍ଗାଚରଣ ଚିଲିକା ଡିଗ୍ରୀ କଲେଜରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବନ୍ଦେ ଉତ୍କଳ ଜନନୀ ଗାନ ପରେ ବରପୁତ୍ରମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାରେ ଛାତ୍ର ଚନ୍ଦନ ଦାସ ପ୍ରଥମ, ଛାତ୍ରୀ ଅଞ୍ଜଳି ବେହେରା ଦ୍ୱିତୀୟ ସ୍ଥାନ ଓ ପାୟଲ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଧ୍ୟାପିକା ଶର୍ମିଷ୍ଠା ଦାଶ, ରିଙ୍କିନା ପ୍ରଧାନ, ସୁଭଦ୍ରା ବଳିୟାରସିଂ, ମିତା ସ୍ୱାଇଁ, ସଂଯୁକ୍ତା ସାହୁ, ଅଧ୍ୟାପକ ପ୍ରିୟ ରଞ୍ଜନ ପଟ୍ଟନାୟକ, ସୁକାନ୍ତ କୁମାର ପରିଡ଼ା, ସୁଶୀଳ ମହାପାତ୍ର, ବିକ୍ରମ ପ୍ରସାଦ ରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସଞ୍ଜୀବ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଦିବସର ପ୍ରାସଙ୍ଗିକତା ଉପରେ ଆଲୋଚନା




ଅତିଥିମାନେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଉଷା' ଉନ୍ମୋଚନ କରୁଛନ୍ତି।

ଝାଁଳା:୧୪(ବୁଲା ବାରିକ)

ସ୍ଥାନୀୟ ଉତ୍କଳ ସେବା ଅନୁଷ୍ଠାନ ପକ୍ଷରୁ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ନିଜର ୪୨ତମ ପ୍ରତିଷ୍ଠା ଦିବସ ମଧ୍ୟ ପାଳନ କରିଛି। ଅନୁଷ୍ଠାନର ସଭାପତି ମୁରଲୀଧର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବରାଜ ପ୍ରଧାନ, ମୁଖ୍ୟବକ୍ତା ଦୀପକ କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ରତ୍ନାକର ରାଉତରାୟ ଯୋଗଦେଇଥିଲେ। ବରିଷ୍ଠ ସଦସ୍ୟ ନଳିନୀ ପଟ୍ଟନାୟକ, ବାଉରିବନ୍ଧୁ ପଟ୍ଟନାୟକ, ଆଇନଜୀବୀ ସୁଶୀଲ ଛୁଆଲସିଂ, ସୁରେଶ ରଥ, ପ୍ରତିମା ପାଣିଗ୍ରାହୀ, ମୀନାକ୍ଷୀ ଦାସ, ରମାକାନ୍ତ ଦାସ, ଅଶୋକ ମଙ୍ଗରାଜ, ବିକ୍ରମ ମଙ୍ଗରାଜ, ନୀଳମଣି ପ୍ରହରାଜ, ପୁଷ୍ପାରାଣୀ ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସର ମହତ୍ତ୍ୱ ଓ ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥଲେ। ସାମାଜିକ କର୍ମୀ ତଥା ଗୋସେବକ ଚିତ୍ତରଞ୍ଜନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଉଷା' ଉନ୍ମୋଚିତ ହୋଇଥିଲା। ପତ୍ରିକାର ମୁଖ୍ୟ ସମ୍ପାଦକ ସହ ପ୍ରାଧ୍ୟାପକ ଅମ୍ବରୀଶ ମଙ୍ଗରାଜ ପତ୍ରିକା ସମ୍ପର୍କରେ ଆଲୋକପାତ କରିଥିଲେ। ବକ୍ତୃତା ଓ କବିତା ପାଠ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବିଷ୍ଣୁପ୍ରସାଦ ଦଳେଇ ଧନ୍ୟବାଦ ଦେଇଥିଲେ।

## ହସ୍ତତନ୍ତ ଦିବସ ପାଳିତ



ନିରାକାରପୁର,୧୪(ମାନସ ଚନ୍ଦ୍ର ପଟ୍ଟନାୟକ)

ରାହୁଲହଜ ଗାନ୍ଧୀ କୁଟୀରରେ ବୁଧବାର ଓଡ଼ିଶା ଦିବସ ଓ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ସାହିତ୍ୟିକ ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଶିଶୁସଙ୍ଗୀତଜ୍ଞ ଇନ୍ଦିରା ପ୍ରିୟଦର୍ଶିନୀ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି ଦିବସକୁ ମନେ ରଖିବା ନିମନ୍ତେ ଉପସ୍ଥିତ ବ୍ୟକ୍ତିବିଶେଷମାନେ ହସ୍ତତନ୍ତ ବସ୍ତ୍ର ପରିଧାନ କରିଥିଲେ। ଅତିଥି ଭାବେ ଖବରଦାତା ବିଭୂତି ଭୂଷଣ ଦାଶ, ମୁକ୍ତିକାନ୍ତ ସାହୁ, ଚିତ୍ତରଞ୍ଜନ ସାମଲ, ଗୋବିନ୍ଦ ବିଶୋଇ, ତେଜସ୍ୱିନୀ ଦାଶ, ନାଗେଶ୍ୱରୀ ପ୍ରଧାନ, ସୁରେଖା ଦାଶ ପ୍ରମୁଖ ଯୋଗଦେଇ ଆଜିର ଦିବସଟି ଓଡ଼ିଆଙ୍କ ପାଇଁ ଏକ ଗର୍ବ ଓ ଗୌରବର ଦିନ ବୋଲି କହିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## କୁଶପଲ୍ଲୀ ଫୁଟ୍‌ବଲ ଟୁର୍ନାମେଣ୍ଟ: ଫାଇନାଲରେ ଘାଟିକିଆ

ବେଗୁନିଆ,୧୪ (ହରପ୍ରସନ୍ନ ପଣ୍ଡା)



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବେଗୁନିଆ ବ୍ଲକ କୁଶପଲ୍ଲୀସ୍ଥିତ ମିନି ଷ୍ଟାଡିୟମରେ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାର ଜୟଦୁର୍ଗା ଫୁଟ୍‌ବଲ କ୍ଲବ ଓ ଭୁବନେଶ୍ୱର ଉପକଣ୍ଠ ଘାଟିକିଆର ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଘାଟିକିଆ ଦଳ ବିପକ୍ଷ ଖୋର୍ଦ୍ଧାକୁ ୨ଟି ଗୋଲ ଦେଇଥିଲା। ଦ୍ୱିତୀୟାର୍ଦ୍ଧରେ ଖୋର୍ଦ୍ଧା ଦଳ ନିର୍ଦ୍ଧାରିତ ୨ଟି ଗୋଲ ଶୁଝାଇ ମ୍ୟାଚ୍ ବରାବର ସ୍ଥିତିରେ ରଖିଥିଲା। ଶେଷରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଘାଟିକିଆ ଦଳ ୬-୫ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ପରିଚାଳକ ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ରାଜୁ ମହାନ୍ତି, ପ୍ରଫୁଲ୍ଲ କୁମାର ବେହେରା, ପ୍ରିୟବ୍ରତ ବାହିନୀପତି ଓ ଗିରିଶ ଚନ୍ଦ୍ର ଜାନି ମ୍ୟାଚ୍ ପରିଚାଳନା କରିଥିଲେ। ଫୈଜଲ ହୁସେନ ଖାନ ଓ ଅମଜାଦ ଖାନ୍ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ବିଜୟୀ ଦଳର ୧୦ ନଂ ଖେଳାଳି ଅର୍ପଣ ଲାକ୍ରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବିଜୁ ଯୁବ ଜନତା ଦଳ ସଭାପତି ଏସ୍.କେ. ଅମିର ମହମ୍ମଦ ମୁଖ୍ୟ ଅତିଥି, ମହିଳା ଆଇନଜୀବୀ ମନିରା ବେଗମ ଏବଂ କୁଶପଲ୍ଲୀ ମୁସଲିମ ସାହିର ସଭାପତି ଏସ୍‌କେ ସାମଦ ଅଲ୍ଲୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର କଟକର ମା' ମଙ୍ଗଳା ଫୁଟ୍‌ବଲ କ୍ଲବ ଓ ବିହାର ବସ୍ତରସ୍ଥିତ ମା' କାମାକ୍ଷା ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

**ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା**

ପିପିଲି,(ଦୁର୍ଗାମାଧବ ମିଶ୍ର)- ପିପିଲି ବ୍ଲକ ଅନ୍ତର୍ଗତ କୁଳଶିଖରପାଟଣା ପଞ୍ଚାୟତ ଅଧୀନ ଚନ୍ଦନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବିନୋଦିନୀ ମିଶ୍ରଙ୍କୁ ବୁଧବାର ଅବସର ସମ୍ବର୍ଦ୍ଧନା ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିପିଲି ବିଇଓ ପୀତବାସ ସେଠୀ, ସମ୍ମାନିତ ଅତିଥି ଭାବେ କୁଳଶିଖରପାଟଣା ସରପଞ୍ଚ ତନୁଜା ବେହେରା, ରାଜ୍ୟ ଶିକ୍ଷକ ସଂଘର ମହାସଚିବ ବିକ୍ରମ ରଥ, କ୍ଲଷ୍ଟର୍ ସିଆର୍‌ସିସି ସଂଯୁକ୍ତା ମହାପାତ୍ର, ପୂର୍ବତନ ସିଆର୍‌ସିସି ଚିନ୍ତାମଣି ଓଝା, ପୁରୀ ଜିଲା ଶିକ୍ଷକ ସଂଘର ସମ୍ପାଦକ ଜିତେନ୍ଦ୍ର ନାୟକ, ପ୍ରଧାନଶିକ୍ଷକ ଉମେଶ କୁମାର ପତି, ଶିକ୍ଷୟିତ୍ରୀ ସରୋଜିନୀ ମିଶ୍ର, ପରିଚାଳନା କମିଟି ଅଧକ୍ଷ ଜନ୍ମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାରେ ସ୍ୱ -ଗଣନା କାର୍ଯ୍ୟ ଆରମ୍ଭ

ପୁରୀ,୧।୪(ଅଜିତ୍ କୁମାର ମହାନ୍ତି)

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସମନ୍ୱୟରେ ସମଗ୍ର ଓଡ଼ିଶାର ୩୦ଟି ଜିଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଏପ୍ରିଲ୍ ୧୬ରୁ ଆରମ୍ଭ ହେବ। କାର୍ଯ୍ୟକ୍ରମରେ ଏପ୍ରିଲ୍ ୧୬ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ତାଲିମପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହା ପୂର୍ବରୁ ଏପ୍ରିଲ୍ ୧ ତାରିଖରୁ ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନାର ପ୍ରାବଧାନ ରହିଛି। ଏହି କାର୍ଯ୍ୟକ୍ରମରେ Self-Enumeration ପୋର୍ଟାଲ((https://se.census.gov.in)) ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରିପାରିବେ। ଭାରତୀୟ ଜନଗଣନାରେ ପ୍ରଥମଥର ସକାଶେ ସ୍ୱ – ଗଣନାର ପ୍ରାବଧାନ ରଖାଯାଇଛି, ଯାହା ବୁଧବାର ଠାରୁ ଆରମ୍ଭ ହୋଇଛି। ପୁରୀ ଜିଲା ପ୍ରଶାସନ ଆନୁକୂଲ୍ୟରେ ଏବଂ ପୁରୀ ସହରର ଜନଗଣନାର ଭାରପ୍ରାପ୍ତ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଓ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରିଜିତ ନାୟକଙ୍କ ସହଯୋଗରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ବାସଭବନରେ ତାଙ୍କର ସ୍ୱଗଣନା କାର୍ଯ୍ୟ ସମାପ୍ତ ହୋଇଛି। ଏଥିସହିତ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ବାସଭବନରେ ତାଙ୍କର ଉପସ୍ଥିତିରେ ସ୍ୱଗଣନା କାର୍ଯ୍ୟ ସମାପ୍ତ କରାଯାଇଛି। ପୁରୀ ଜିଲା ସାଧାରଣ ବିଭାଗର ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଜିଲା ଜନଗଣନା ଅଧିକାରୀ (ପ୍ରୋଟୋକଲ) ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ନିଜସ୍ୱ ବାସଭବନରେ ସ୍ୱ ଗଣନା କାର୍ଯ୍ୟ ସମାପ୍ତ କରିଛନ୍ତି।



ଗଜପତି ମହାରାଜାଙ୍କ ଶ୍ରୀନହରରେ ସ୍ୱ-ଗଣନା କାର୍ଯ୍ୟର ଶୁଭାରମ୍ଭ କରାଯାଉଛି ।



ଶ୍ରୀମନ୍ଦିରକୁ ପୁରୀବାସୀଙ୍କ ସ୍ୱତନ୍ତ୍ର ପ୍ରବେଶ ଦାବିରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରାଯାଉଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ବ୍ଲକ୍ କଂଗ୍ରେସ ନେତାଙ୍କୁ ଅଟକ

ସାକ୍ଷୀଗୋପାଳ,୧।୪(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ରାଜ୍ୟସ୍ତରୀୟ ଓଡ଼ିଆ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ଏହାପୂର୍ବରୁ ସତ୍ୟବାଦୀ ପୋଲିସ ବ୍ଲକ କଂଗ୍ରେସ ସଭାପତି ସୁବାସ ମହାପାତ୍ର, ଯୁବ କଂଗ୍ରେସ ସଭାପତି ଲିପ୍ତି ରଞ୍ଜନ ପ୍ରଧାନ, ଲୋକନାଥ ନାୟକ, ପ୍ରସାଦ ନାୟକ ଓ ଛାତ୍ର କଂଗ୍ରେସ ସଭାପତି ଆଦର୍ଶ ମିଶ୍ର ପ୍ରମୁଖଙ୍କୁ ବୁଧବାର ସକାଳୁ ଘରୁ ଉଠାଇ ଆଣି ସତ୍ୟବାଦୀ ଥାନାରେ ଅଟକ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଶେଷ ପରେ ସତ୍ୟବାଦୀ ପୋଲିସ ଅଟକ ରଖିଥିବା ସମସ୍ତ କଂଗ୍ରେସ ନେତା ଓ କର୍ମୀଙ୍କୁ ଛାଡ଼ିଥିଲା। ପ୍ରଶାସନର ଏହି କାର୍ଯ୍ୟ ପାଇଁ ସତ୍ୟବାଦୀ ବ୍ଲକ କଂଗ୍ରେସ କମିଟି ତରଫରୁ ଦୃଢ଼ ନିନ୍ଦା କରାଯାଇଛି।

### ବରପୁତ୍ରଙ୍କୁ ମାଲ୍ୟାର୍ପଣ

ପୁରୀ,୧।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ଦିବସ ଅବସରରେ ପୁରୀ ଜିଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ପୌର ପରିଷଦ ପକ୍ଷରୁ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସିଂହଦ୍ୱାରସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବରିଷ୍ଠ ପତ୍ରକାର ଜଗନ୍ନାଥ ବସ୍ତିଆ, ସାମାଜିକ ଅନୁଷ୍ଠାନ ସମ୍ପର୍କର ସମ୍ପାଦକ ସୌମେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଂଗୀତ ପ୍ରଚାର କରାଯାଇଥିଲା।

### ଜଳସେବା ଶିବିର ଉଦ୍‌ଘାଟିତ

ପିପିଲି,୧।୪(ପ୍ରଭାତ କୁମାର ମହାପାତ୍ର)

ଓଡ଼ିଶା ଦିବସ ଅବସରରେ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ଓ ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମିଳିତ ଭାବେ ପିପିଲି ମୁଖ୍ୟ ବଜାର ହାଟ ଛକଠାରେ ପଥପ୍ରାନ୍ତ ଜଳସେବା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସଂଗଠନ ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ ଓ କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମେ ଉତ୍କଳ ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପୂଜାର୍ଚ୍ଚନା କରାଯାଇ ବନ୍ଦେ ଉତ୍କଳ ସଙ୍ଗୀତ ଗାନ କରାଯାଇଥିଲା। ପଥପ୍ରାନ୍ତ ଜଳସେବାରେ ଜନସାଧାରଣ, ହାଟ ବେପାରୀ, ଛାତ୍ରୀଛାତ୍ର ଏହାର ସୁଫଳ ପାଇ ତୃପ୍ତି ଲାଭ କରିବେ ଏବଂ ଏଭଳି କାର୍ଯ୍ୟକ୍ରମ ଜାରି ରହୁ ବୋଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ ଓ କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

### ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶା ଦିବସ

କଣାସ,୧।୪(ବିଭୂତି ଭୂଷଣ ତ୍ରିପାଠୀ

ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କଣାସ ଶାଖା ଉତ୍କଳ ସମ୍ମିଳନୀ ଓ ବିଦ୍ୟାଳୟର ଛାତ୍ରୀଙ୍କ ମିଳିତ ସହଯୋଗରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ନାଟ୍ୟଗୌରବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମହାପୁରୁଷଙ୍କ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ, ଶିକ୍ଷାବିତ୍ ପରିକ୍ଷିତ ବଡ଼ଜେନା, ଶିକ୍ଷୟିତ୍ରୀ ଅର୍ଚ୍ଚନା ପୁରୋହିତ, ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଦିବସରେ ସ୍ୱାଭିମାନ ଶୋଭାଯାତ୍ରା




ଓଡ଼ିଶା ଦିବସ ସମାରୋହରେ ଉପସ୍ଥିତ ଅତିଥି ଓ ବହୁ ବିଶିଷ୍ଟ ବ୍ୟକ୍ତି।

ନିମାପଡ଼ା,୧।୪(ବିଚିତ୍ରାନନ୍ଦ ସାହୁ)

ଉତ୍କଳ ଦିବସ ଆୟୋଜକ ସମିତି, ନିମାପଡ଼ା ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୯୦ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ, ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସ, ଶହୀଦ ଉଚ୍ଛବ ମଲ୍ଲିକଙ୍କ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯିବା ପରେ ଏକ ବିଶାଳ ସ୍ୱାଭିମାନ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅତିଥି ଭାବେ ବିଶିଷ୍ଟ ଉଦ୍ୟୋଗବିତ୍ ସୁରେନ୍ଦ୍ର କୁମାର ବେହେରା, ଶିକ୍ଷାବିତ୍ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଜଗତ୍ ପ୍ରସାଦ ସାବୁତ, ଶୈଳେନ୍ଦ୍ର ରଥ, ସିପିଆଇ ନେତା ଦେବେନ୍ଦ୍ରନାଥ ସାହୁ, ବିଶିଷ୍ଟ ଶିକ୍ଷାବିତ୍ ଡ. ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ବରିଷ୍ଠ ଯୁବ ସଂଗଠକ ଆଦର୍ଶ ଦାଶ, ରଞ୍ଜିତ ରଥ, ଆୟୋଜନ ସମିତିର ସଂଯୋଜକ ସମୀର ରଞ୍ଜନ ରାଉତରାୟ, ଡ. ରବୀନ୍ଦ୍ରନାଥ ପାଢ଼ୀଙ୍କ ସମେତ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଓଡ଼ିଶା ଦିବସ ସମାରୋହର ମହାନତା ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ଅବସର ସମ୍ବର୍ଦ୍ଧନା ସଭା

କାକଟପୁର/ଅସ୍ତରଙ୍ଗ,୧।୪ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ଭିଆଇପି କଲୋନୀ ବାସିନ୍ଦା ତଥା ପାଟସୁନ୍ଦରପୁର ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଗୁଣି ମଲ୍ଲିକ ଅବସର ଗ୍ରହଣ କରିଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ସେବା ମନୋବୃତ୍ତି ରଖି ବୁଧବାର ପୂର୍ବାହ୍ନରେ ପାଟସୁନ୍ଦରପୁର ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଏକ ରକ୍ତଦାନ ଶିବିର ସହ ମାଗଣା ସ୍ୱାସ୍ଥ୍ୟଶିବିର କରାଯାଇଥିଲା। ସାମାଜିକ କର୍ମୀ ସୂର୍ଯ୍ୟକାନ୍ତ ମଲ୍ଲିକ ଓ ବାବୁରାମ ମଲ୍ଲିକଙ୍କ ପରିଚାଳନାରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଦୀର୍ଘବର୍ଷ ଧରି ନିଜ ଗାଁର ଲୋକମାନେ ସରକାରଙ୍କୁ ଗୁହାରି କରିଥିଲେ ମଧ୍ୟ ପାନୀୟଜଳ ପାଇପାରୁ ନ ଥିଲେ। ନିଜ ଗାଁର ଲୋକେ ପାନୀୟଜଳ ସମସ୍ୟା ଭୋଗୁଥିବା ବେଳେ ମାଗୁଣି ଗୁରୁଜୀ ନିଜ ଅବସର ଦିନ ଲୋକଙ୍କ ସୁବିଧା ପାଇଁ ତଥା ପାନୀୟ ଜଳ ପାଇବା ଲାଗି ନିଜସ୍ୱ ଖର୍ଚ୍ଚରେ ଅସନସ୍ଥିତ ଭିଆଇପି କଲୋନୀ ବିଦ୍ୟାଳୟ ପରିସରରେ ୨ ହଜାର ଲିଟରବିଶିଷ୍ଟ ବିଶୁଦ୍ଧ ପାନୀୟ ଜଳପ୍ରକଳ୍ପ ସହ ପ୍ରତି ଘରକୁ ଷ୍ଟାଣ୍ଡପୋଷ୍ଟ ସଂଯୋଗ କରିଛନ୍ତି। ମାଗୁଣି ମଲ୍ଲିକ ଛାତ୍ରୀଛାତ୍ରଙ୍କ ପାଇଁ ଯେତିକି ପ୍ରେରଣା ଓ ଉତ୍ସାହ ଦେଇଥିଲେ ସମପରିମାଣରେ କନିଷ୍ଠ ଗୁରୁଜୀ ଓ ଗୁରୁମା'ଙ୍କୁ ଉତ୍ତମ ମାର୍ଗଦର୍ଶନ ଦେଇଆସୁଥିଲେ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ମଲ୍ଲିକ ଏକାଧାରରେ ଜଣେ ଛାତ୍ରବତ୍ସଳ, ସରଳ, ନିଷ୍କପଟ ମଣିଷ। ତାଙ୍କର ସ୍ୱାଭିମାନ ପଣିଆ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠ ପଣକୁ ଅଞ୍ଚଳବାସୀ ନିଜ ମତରେ ଉପସ୍ଥାପନା କରିଥିଲେ।

## ଥାନା ବୁଲିଲେ ଛାତ୍ରୀଛାତ୍ର




ଗୋପ,୧।୪(ଭାରତୀ ଭୂଷଣ ଉପାଧ୍ୟାୟ)

ପିଏମ୍‌ଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ବିଦ୍ୟାଳୟର ଏନ୍‌ସିସି ଅଧିକାରୀ ସୁବାସ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗୋପ ଥାନା ପରିଦର୍ଶନ କରିଥିଲେ। ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କ ମାର୍ଗଦର୍ଶନରେ ଶିକ୍ଷାର୍ଥୀମାନେ ଥାନାଧିକାରୀଙ୍କ ଚାମ୍ବର, ଅଫିସ୍ ରୁମ୍, ପୁରୁଷ ଓ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ହାଜତ, ମାଲଖାନା, ରେକର୍ଡ ରୁମ୍ ସହିତ କ୍ରାଇମ୍ ଓ କ୍ରିମିନାଲ୍‌ମାନଙ୍କ ପାଇଁ ଉଦ୍ଦିଷ୍ଟ ଟ୍ରାକିଂ ସିଷ୍ଟମକୁ ଭଲଭାବେ ବୁଝିଥିଲେ। ଥାନାଧିକାରୀ ମହାପାତ୍ର ପିଲାମାନଙ୍କୁ କହିଛନ୍ତି, ପୋଲିସ ତୁମମାନଙ୍କର ବନ୍ଧୁ। ପୋଲିସକୁ ଡରି କୌଣସି କଥା ଲୁଚାଇବା ଉଚିତ ନୁହେଁ। ଚୋରି, ବାଲ୍ୟବିବାହ, ବିନା ଲାଇସେନ୍ସରେ ଗାଡ଼ି ଚଳାଇଲେ କି ଅସୁବିଧା ହୁଏ, ସେ ସମ୍ପର୍କରେ ଥାନାଧିକାରୀ ପିଲାମାନଙ୍କୁ ବୁଝାଇଲେ। କାର୍ଯ୍ୟକ୍ରମରେ ଥାନା ଏସ୍‌ଆଇ ବୁଦ୍ଧରାମ ମାଝୀ, ଏଏସ୍‌ଆଇ ବିଭୂତି ପ୍ରସାଦ ଦାସ, ସୁବାସ ଚନ୍ଦ୍ର ମହାନ୍ତିଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ସହୃଦୟ ସାହାଯ୍ୟ କରିଥିଲେ। ଏନ୍‌ସିସି ଅଫିସର ପ୍ରଧାନ ପିଲାମାନଙ୍କୁ ଦୁର୍ଘଟଣା ପୀଡ଼ିତଙ୍କୁ କିପରି ସାହାଯ୍ୟ କରାଯାଏ, ମୋବାଇଲର ସଦ୍‌ବ୍ୟବହାର, କିଶୋରୀକିଶୋର ବୟସର ପିଲାମାନେ ଅବାଟକୁ ଯିବା, ଡ୍ରଗ୍‌ଠାରୁ ଦୂରରେ ରହି ପୋଲିସକୁ ସାହାଯ୍ୟ କରିବା ପାଇଁ ବୁଝାଇଥିଲେ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଥାନାଧିକାରୀ ମହାପାତ୍ରଙ୍କୁ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବିଜୟିନୀ ଶତପଥୀ ଧନ୍ୟବାଦ ଜଣାଇଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅନାବରଣ

ପିପିଲି,୧।୪(ଦୁର୍ଗାମାଧବ ମିଶ୍ର)

ଓଡ଼ିଶା ଦିବସ ଅବସରରେ ପିପିଲି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମୁଖ୍ୟଦ୍ୱାରରେ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୁରୋଧା ଗୋପବନ୍ଧୁଙ୍କ ସମାଜସେବା, ଦେଶ ଓ ରାଜ୍ୟ ତଥା ସମାଜ ପାଇଁ କରିଥିବା ତ୍ୟାଗ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଅଧ୍ୟକ୍ଷ ବିଭୂତି ଭୂଷଣ ମଣ୍ଡଳ, ପିପିଲି ସାଂସ୍କୃତିକ ପରିଷଦର ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର, ଉପସଭାପତି ଦୀନବନ୍ଧୁ ବେହୁରା, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ, ଅଧ୍ୟାପକ ଶଙ୍କର ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।




ବିଧାୟକ ଆଶ୍ରିତ ପଟ୍ଟନାୟକ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅନାବରଣ କରୁଛନ୍ତି ।

## ଆଜି ନରେନ୍ଦ୍ର ପୁଷ୍କରିଣୀରୁ ବାହାରିବ ଚାପ ଡଙ୍ଗା

ପୁରୀ,୧।୪(ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୨୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ଠାରୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥକାର୍ଯ୍ୟ ଅନୁକୂଳ ହେବା ସହ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହେବ। ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେଣୁ ଚୈତ୍ର ପୂର୍ଣ୍ଣିମା ଗୁରୁବାର ପରମ୍ପରା ଅନୁଯାୟୀ ନରେନ୍ଦ୍ର ପୁଷ୍କରିଣୀରୁ ନନ୍ଦା, ଭଦ୍ରା ଓ ବୈଜୟନ୍ତୀ ଡଙ୍ଗା ବାହାରିବ। ଅକ୍ଷୟ ତୃତୀୟା ଠାରୁ ୨୧ ଦିନ ବ୍ୟାପୀ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଳନ କରାଯିବ। ସେହିପରି ପରବର୍ତ୍ତୀ ୨୧ଦିନ ଭିତର ଚନ୍ଦନ ନୀତି ସମ୍ପନ୍ନ ହେବ। ପ୍ରଥମେ ୨୧ଦିନ ଅର୍ଥାତ ଅକ୍ଷୟ ତୃତୀୟା ଠାରୁ ହଳଦୀପାଣି ପର୍ଯ୍ୟନ୍ତ ୨୧ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନ ମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ନୌକାବିହାର କରିବେ। ତେଣୁ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଚୈତ୍ର ପୂର୍ଣ୍ଣିମା ଅବସରରେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ନନ୍ଦା ଓ ଭଦ୍ରା ନାମକ ଚାପଡଙ୍ଗା ସମେତ ବୈଜୟନ୍ତୀ ଡଙ୍ଗାକୁ ନରେନ୍ଦ୍ର ପୁଷ୍କରିଣୀରୁ ବାହାର କରିବେ। ପରେ ମରାମତି କରାଯାଇ ଚାପ ଡଙ୍ଗା ନିର୍ମାଣ କରାଯିବ।

## ଜବରଦଖଲକାରୀଙ୍କ କବ୍‌ଜାରେ ଡେଲାଙ୍ଗ ମେଳଣ ପଡ଼ିଆ

ଡେଲାଙ୍ଗ,୧।୪(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ–କୋଠବାଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଦୀପକ ସାହୁଙ୍କ ତତ୍ତ୍ୱାବଧାନରେ ମେଳଣପଡିଆ ଜବରଦଖଲ ନେଇ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ୱାର୍ଡସଭ୍ୟ ଅଶୋକ ରାଉତ, ଜିତେନ୍ଦ୍ରନାଥ ସେଠୀ, ଅନନ୍ତ ସ୍ୱାଇଁ, ବିଜୟ କୁମାର ନାୟକ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜବରଦଖଲକାରୀଙ୍କୁ ଉଚ୍ଛେଦ ଦାବି କରିଛନ୍ତି। ଡେଲାଙ୍ଗହାଟ ଐତିହାସିକ ମେଳଣ ପଡ଼ିଆ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ମେଳଣ ପଡ଼ିଆ ମଝିରେ ଜବରଦଖଲ କରି ପରିବା ଦୋକାନ ମନଇଚ୍ଛା ଖୋଲାଯାଇଥିବାରୁ ପଞ୍ଚାୟତକୁ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏହି ସ୍ଥାନରେ ସରକାରୀ ବସ୍ ରହଣିସ୍ଥଳ ହୋଇଥିବାରୁ ବସ୍ ଯାତାୟାତରେ ସମସ୍ୟା ଉପୁଜୁଛି। ଅପରାହ୍ନରେ ଅସ୍ଥାୟୀ ଦୋକାନରେ ଭିଡ଼ ଜମୁଥିବା ବେଳେ ବସ୍ ଛାଡ଼ିବା ସମୟରେ ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଛି। ଦୋକାନୀମାନେ ପାଲ ଓ ପଲିଥିନ ଜରି ବାନ୍ଧିବାକୁ ବ୍ୟବହାର କରୁଥିବା ରଶି ଓ ପ୍ଲାଷ୍ଟିକ ଦଉଡ଼ି ପଥଚାରୀଙ୍କ ସମସ୍ୟା ବଢ଼ାଉଛି। ଏନେଇ କୋଠବାଡ଼ ସରପଞ୍ଚ ଦୀପକ କୁମାର ସାହୁ ଡେଲାଙ୍ଗ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ରାଜସ୍ୱ ନିରୀକ୍ଷକ ଦୋକାନୀଙ୍କୁ ୭ଦିନ ମଧ୍ୟରେ ଦୋକାନ ଉଠାଇବାକୁ ନିର୍ଦ୍ଦେଶ ଦେଇଥିବାରୁ ଜବରଦଖଲକାରୀମାନେ ନିରୀକ୍ଷକଙ୍କୁ ଖାତିର କରୁନାହାନ୍ତି। ଅସ୍ଥାୟୀ ଦୋକାନ ନିର୍ମାଣ କରିବା ଓ ପ୍ରଶାସନ ଅବଗତ ଥାଇ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଆଗାମୀ ଦିନରେ ଡେଲାଙ୍ଗ ହାଟବଜାରରେ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖାଦେବା ନେଇ କୋଠବାଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆରୋପ କରିଛନ୍ତି। ଗତ ୨ ବର୍ଷ ତଳେ ଏହି ଅସ୍ଥାୟୀ ଦୋକାନଗୁଡ଼ିକରେ ନିଆଁ ଲାଗିଯିବାରୁ ଦୋକାନୀଙ୍କ ସ୍ଥିତି ସୁଧାରିବାକୁ ସ୍ଥାନୀୟ ସରପଞ୍ଚ ସାହୁ ପଞ୍ଚାୟତର ଅର୍ଥ ବ୍ୟୟକରି ପରିବା ବଜାର ପାଇଁ ୨୦ବଖରା ଦୋକାନ ଗୃହ ନିର୍ମାଣ କରିଥିଲେ। ଦୋକାନ ଗୃହ ପରିବର୍ତ୍ତେ ମେଳଣ ପଡ଼ିଆରେ ବେଆଇନ ଭାବେ ଦୋକାନ ଖୋଲିବା ନେଇ ଗେଲବାଇ ଟ୍ୟାକ୍ସି ଷ୍ଟାଣ୍ଡର ଟ୍ୟାକ୍ସି ଚାଳକମାନେ ମେଳଣ ପଡ଼ିଆ ପରିବର୍ତ୍ତେ ରାସ୍ତାରେ ଗାଡ଼ି ରଖିବା ପାଇଁ ବାଧ୍ୟ ହେଉଛନ୍ତି। ଯାହାଦ୍ୱାରା ଡେଲାଙ୍ଗ ମୁଖ୍ୟରାସ୍ତାରେ ଟ୍ରାଫିକ ସମସ୍ୟା ହେଉଛି। ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଏହି ସମସ୍ୟାକୁ ସମାଧାନ କରିବା ପାଇଁ ନିବେଦନ କରାଯାଇଛି।



## ଫଟୋରେ ଖବର




ହରଚଣ୍ଡୀ ସାହି ଶିଶୁ ମନ୍ଦିରର ପିଲାମାନେ ବନ୍ଦେ ଉତ୍କଳ ଜନନୀ ଗାନ କରୁଛନ୍ତି ।



ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ଓଡ଼ିଶା ଦିବସ ଅବସରରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ‘ବିକଶିତ ଓଡ଼ିଶା ଗଠନ ପାଇଁ ସାମୂହିକ ପ୍ରୟାସ ଲୋଡ଼ା’

## ଲୋକ ଭବନରେ ଓଡ଼ିଶା ଦିବସ

ଭୁବନେଶ୍ୱର,୧।୪(ସୁଚିସ୍ମିତା ସାହୁ)



ସମାରୋହରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟିଙ୍କ ସହ ଅନ୍ୟମାନେ।

ଓଡ଼ିଶା ଦିବସ ସମାରୋହ ବୁଧବାର ଲୋକ ଭବନର ନୂତନ ଅଭିଷେକ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗଦେଇ ମୂଲ୍ୟବୋଧ ଆଧାରିତ ‘ବିକଶିତ ଓଡ଼ିଶା’ ଗଠନ ପାଇଁ ସାମୂହିକ ପ୍ରୟାସ କରିବାକୁ ଆହ୍ୱାନ ଜଣାଇଛନ୍ତି । ସେ କହିଲେ, ପ୍ରକୃତ ବିକାଶ ଭୌତିକ ଭିତ୍ତିଭୂମି ଏବଂ ଆର୍ଥିକ ଅଭିବୃଦ୍ଧିଠାରୁ ଅଧିକ। ସମାଜରେ ସାଧୁତା, କରୁଣା, ଶୃଙ୍ଖଳା ଓ ଦାୟିତ୍ୱବୋଧରେ ବିକାଶ ପ୍ରତିଫଳିତ ହେବା ଉଚିତ। ଓଡ଼ିଶା ଦିବସ ହେଉଛି ଓଡ଼ିଶାର ସହଭାଗୀ ପରିଚୟ, ଏକତା ଓ ସ୍ଥାୟୀ ଆତ୍ମାର ଉତ୍ସବ। ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ରାଜ୍ୟ ଗଠନ ଏକ ଦୀର୍ଘ ଏବଂ ଦୃଢ଼ ସଂଘର୍ଷର ପରିଣାମ ଥିଲା। ଏହାର ମହାନ୍ ନେତୃବୃନ୍ଦ ଭାରତର ସ୍ୱାଧୀନତା ପାଇଁ ଆନ୍ଦୋଳନ କରିବା ସହିତ ବିଭିନ୍ନ ପ୍ରଦେଶର ଶାସନ ଅଧୀନରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକୀକରଣ ପାଇଁ ମଧ୍ୟ ଲଢ଼ିଥିଲେ। ଏହି ଅବସରରେ ରାଜ୍ୟପାଳ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଗଜପତି, ନୀଳକଣ୍ଠ ଦାସ, ଗୌରୀଶଙ୍କର ରାୟ, ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ଫକୀର ମୋହନ ସେନାପତିଙ୍କ ଭଳି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଓଡ଼ିଶାର ସମୃଦ୍ଧ ଆଧ୍ୟାତ୍ମିକ, ସାଂସ୍କୃତିକ ଐତିହ୍ୟ ଓ ମହାପ୍ରଭୁ ଜଗନ୍ନାଥଙ୍କ ପରମ୍ପରା ସମାନତା ଓ ବିଶ୍ୱ ଭ୍ରାତୃତ୍ୱକୁ ପ୍ରତିପାଦିତ କରିଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ରାଜ୍ୟକୁ ପ୍ରଗତିଶୀଳ ପଥରେ ଆଗେଇନେଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବର୍ତ୍ତମାନର ସରକାରଙ୍କୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ସୁଲଭ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷା ଏବଂ ସ୍ୱଚ୍ଛ ଶାସନ ସହ ଏକ ଅପରାଧମୁକ୍ତ, ନିଶାମୁକ୍ତ ଓ ଅନ୍ଧବିଶ୍ୱାସମୁକ୍ତ ଓଡ଼ିଶା ଗଠନ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ସମାରୋହରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ଉପସ୍ଥିତ ଥିଲେ। ସେଣ୍ଟର ଫର୍ ଏକ୍ସେଲେନ୍ସ ଫର୍ ଷ୍ଟଡିଜ ଇନ୍ କ୍ଲାସିକାଲ ଓଡ଼ିଆର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା, ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ରାଜ୍ୟ ୟୁନିଟ୍‌ର ନିର୍ଦ୍ଦେଶକ ଡ. ଅସିତ କୁମାର ସ୍ୱାଇଁ ଏବଂ ଜନଗଣନା ନିର୍ଦ୍ଦେଶାଳୟ ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖୀ ବକ୍ତବ୍ୟ ରଖିଥିଲେ। ରାଜ୍ୟପାଳଙ୍କ ପିଆର୍‌ଓ ଐଶ୍ୱର୍ଯ୍ୟା ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ବର୍ଲିନ୍‌ରେ ଗୁଞ୍ଜରିତ ହେଲା ‘ବନ୍ଦେ ଉତ୍କଳ ଜନନୀ’



ବର୍ଲିନ୍‌ଠାରେ ଅନୁଷ୍ଠିତ ଓଡ଼ିଶା ଦିବସରେ ଯୋଗଦେଇଥିବା ପ୍ରବାସୀ ଓଡ଼ିଆମାନେ।

ଭୁବନେଶ୍ୱର,୧।୪(ସୌମ୍ୟରଞ୍ଜନ ରାଉତ)

### ଓଡିଶୀ, ସମ୍ବଲପୁରୀ ନୃତ୍ୟରେ ଦର୍ଶକ ମନ୍ତ୍ରମୁଗ୍ଧ

ଜର୍ମାନୀ ରାଜଧାନୀ ବର୍ଲିନ୍‌ଠାରେ ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ବୁଧବାର ଓଡ଼ିଶା ଦିବସ ଉତ୍ସାହର ସହିତ ପାଳନ କରାଯାଇଛି। ଅତିଥି ଭାବେ ବାଗ୍ମୀତ୍ ବେହେରା ଓ ବିଷ୍ଣୁ ବଳ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତି ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବର୍ଲିନରେ ରହି ପାଠ ପଢୁଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କ କଣ୍ଠରୁ ରାଜ୍ୟ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’ ଗୁଞ୍ଜରିତ ହୋଇଥିଲା, ଯାହା ଉପସ୍ଥିତ ସମସ୍ତଙ୍କ ମନରେ ମାତୃଭୂମି ପ୍ରୀତି ଜାଗ୍ରତ କରିଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡିଶୀ, ଶାସ୍ତ୍ରୀୟ ନୃତ୍ୟ ଓ କୁନିକୁନି ଶିଶୁଙ୍କ ମନ୍ତ୍ରମୁଗ୍ଧ ପ୍ରଦର୍ଶନ ସାଙ୍ଗକୁ ସମ୍ବଲପୁରୀ ନୃତ୍ୟ ସମଗ୍ର ଆସରକୁ ଆହୁରି ଆକର୍ଷଣୀୟ କରିଥିଲା। ଏହା ସହିତ ଆୟୋଜିତ ହୋଇଥିବା ହ୍ୟାଣ୍ଡଲୁମ୍ ଫ୍ୟାଶନ୍ ଶୋ’ ଓଡ଼ିଶାର ପରମ୍ପରାଗତ ବସ୍ତ୍ରକୁ ଆଧୁନିକ ଶୈଳୀରେ ପ୍ରଦର୍ଶନ କରିଥିଲା। ସେହିପରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଭାରତର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରେରଣାମୟ ଶୁଭେଚ୍ଛା ବାର୍ତ୍ତା ପ୍ରବାସୀ ଓଡ଼ିଆମାନଙ୍କୁ ଆନନ୍ଦିତ କରିଥିଲା। ବର୍ଲିନ୍ ଓ ଜର୍ମାନୀର ବିଭିନ୍ନ ସ୍ଥାନରୁ ଓଡ଼ିଆ ସମାଜର ସଦସ୍ୟାସଦସ୍ୟମାନେ ଯୋଗଦେଇଥିଲେ। ସ୍ୱପ୍ନା ରଥ ଓ ଦିବ୍ୟାନି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୀଳକଣ୍ଠ ସାହୁ ଧନ୍ୟବାଦ ଦେଇଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ ପାଇଁ ଏସ୍‌ଓପି ଜାରି

ଭୁବନେଶ୍ୱର,୧।୪(ସୁଚିସ୍ମିତା ସାହୁ)

ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ପ୍ରଦାନ କରାଯିବ। ଏଥିସହ ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନକୁ ୩ଟି ହ୍ୱିଲ ଚେୟାର ଦିଆଯିବା ନେଇ ଏସ୍‌ଓପି ଜାରି କରାଯାଇଛି। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଆଞ୍ଚଳିକ ଶିକ୍ଷା ଉପ-ନିର୍ଦ୍ଦେଶକମାନଙ୍କୁ ଜିଲା ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏମାନେ ନିଜ ଜିଲାରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ କରିବେ। ଏଥିସହ ଏହାର ରିପୋର୍ଟ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବେ।

ଏସ୍‌ଓପି ଅନୁଯାୟୀ, ଜିଲା ନୋଡାଲ ଅଧିକାରୀ ନିଜ ଜିଲାର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ତଥ୍ୟ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଏହି ସମସ୍ତ ତଥ୍ୟକୁ ଯାଞ୍ଚ କରି ସାରିବା ପରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ କରାଯିବ। ଏଥିସହ ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନ ନିଜ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ସମସ୍ତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ତଥ୍ୟ, ସହାୟକ ଉପକରଣର ବିବରଣୀ ଏବଂ ଲାଭାର୍ଥୀ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ତଥ୍ୟ ରଖିବେ। ସହାୟକ ଉପକରଣଗୁଡ଼ିକର ବଣ୍ଟନ ପ୍ରକ୍ରିୟାକୁ ଯେପରି ସୁଚାରୁରୂପେ ପରିଚାଳନା କରାଯାଇପାରିବ, ସେନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ଅଧ୍ୟକ୍ଷ, ଜିଲା ନୋଡାଲ ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନେଇ ଏକ ବୈଠକର ଆୟୋଜନ କରାଯିବ।

# ସ୍କୁଲ ସମୟକୁ ନେଇ ଦ୍ୱନ୍ଦ୍ୱରେ ଅଭିଭାବକ, ଶିକ୍ଷକ

ଭୁବନେଶ୍ୱର,୧।୪(ସୁଚିସ୍ମିତା ସାହୁ)

ଏପ୍ରିଲ ୨ରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେଉଛି। ଏପଟେ ଦିନକୁ ଦିନ ପ୍ରବଳ ଖରା ଓ ଗୁଳୁଗୁଳି ବଢ଼ିବାରେ ଲାଗିଛି। ଏପରିସ୍ଥିତିରେ ବିଦ୍ୟାଳୟ ସକାଳୁଆ ହେବ ନା ପୂର୍ବଭଳି ପୂର୍ବାହ୍ନ ୧୦ରୁ ପାଠପଢ଼ା ଆରମ୍ଭ ହେବ, ସେନେଇ ଅଭିଭାବକ ଓ ଶିକ୍ଷୟତ୍ରୀଶିକ୍ଷକ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଖୁବ୍‌ଶୀଘ୍ର ସକାଳୁଆ ସ୍କୁଲ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ନୂଆଶିକ୍ଷାବର୍ଷରୁ ସକାଳୁ ସ୍କୁଲ ହେବ ବୋଲି ଆଶା କରାଯାଉଥିଲା। ତେଣୁ ବିଭାଗ ପକ୍ଷରୁ ଏନେଇ ସ୍ପଷ୍ଟୀକରଣ ଦେବାକୁ ଓଡ଼ିଶା ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ବିଭାଗୀୟ ସଚିବଙ୍କୁ ଚିଠି ଲେଖି ଦାବି କରାଯାଇଛି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ବୁଧବାର ଆୟୋଜିତ ନାଟ୍ୟଧାରାରେ ପରିବେଷିତ ନାଟକ ‘କେହି ଜଣେ ଓଡ଼ିଆ ଥିଲା ବୋଲି’ର ଏକ ଦୃଶ୍ୟ।

# ବିକଶିତ ଓଡ଼ିଶା ପାଇଁ ସହରାଞ୍ଚଳ ଜମି ପରିଚାଳନା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୧।୪ (ବନ୍ଦନା ସେଠୀ)

ସୁନିୟନ୍ତ୍ରିତ ଓ ସ୍ଥାୟୀ ସହରୀକରଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହରାଞ୍ଚଳ ଜମି ପରିଚାଳନା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୁଧବାର ଖାରବେଳ ଭବନଠାରେ ଆୟୋଜିତ ଏହି ବୈଠକରେ ବିକଶିତ ଓଡ଼ିଶା ଗଠନ ଦିଗରେ ଜମି ରଣନୈତିକ ସମ୍ବଳ ଭାବେ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିବ, ସେନେଇ ଗୁରୁତ୍ୱାରୋପ କରାଯାଇଛି। ବିଶେଷକରି ‘ଲ୍ୟାଣ୍ଡ ଭାଲ୍ୟୁ କ୍ୟାପଚର୍’କୁ ସହରାଞ୍ଚଳ ଭିତ୍ତିଭୂମି ପାଇଁ ଏକ ସ୍ଥାୟୀ ଆର୍ଥିକ ସମ୍ବଳ ଭାବେ ବ୍ୟବହାର କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ହରିବଲ୍ଲଭ ମିଶ୍ର ନିଜର ପ୍ରଶାସନିକ ଅଭିଜ୍ଞତା ଆଧାରରେ ସହରାଞ୍ଚଳ ଜମି ପରିଚାଳନାର ଆଇନଗତ, ପ୍ରଶାସନିକ ଏବଂ ନୀତିଗତ ଦିଗଗୁଡ଼ିକ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ଭବିଷ୍ୟତ ପାଇଁ ସ୍ଥାୟୀ ସହର ଗଠନ କରିବା ଏବଂ ‘ବିକଶିତ ଓଡ଼ିଶା’ର ସ୍ୱପ୍ନ ସାକାର କରିବା ପାଇଁ ସୁଚିନ୍ତିତ ଓ ରଣନୈତିକ ଜମି ପରିଚାଳନା ଅପରିହାର୍ଯ୍ୟ ବୋଲି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ମତ ରଖିଥିଲେ। ଏଥିସହ ସହରାଞ୍ଚଳର ଜମି ସମ୍ପତ୍ତିକୁ ସମ୍ପୂର୍ଣ୍ଣ ରୂପେ ବିନିଯୋଗ କରିବା ପାଇଁ ବିଭିନ୍ନ ଶ୍ରେଣୀର ଜମି, ନିୟାମକ ବ୍ୟବସ୍ଥା ଏବଂ ‘ଲ୍ୟାଣ୍ଡ ଭାଲ୍ୟୁ କ୍ୟାପ୍‌ଚର୍’ ଭଳି ଅଭିନବ କୌଶଳ ବିଷୟରେ ଗଭୀର ଜ୍ଞାନ ଆହରଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସମସ୍ତ ଅତିରିକ୍ତ ସଚିବ ଏବଂ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ଜିଲାର ଜିଲାପାଳ, ମ୍ୟୁନିସିପାଲ କମିଶନର ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

# ଖରା ସାଙ୍ଗକୁ ଗୁଳୁଗୁଳି ସତର୍କତା

ଭୁବନେଶ୍ୱର, ୧।୪ (ବନ୍ଦନା ସେଠୀ)

ରାଜ୍ୟରେ ପାରଦ ଉପରମୁହାଁ ରହିଛି। ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରୁଛି। ବୁଧବାର ରାଜ୍ୟର ୨୪ ସ୍ଥାନରେ ପାରଦ ୩୬ ଡିଗ୍ରୀ ଏବଂ ତା’ଠାରୁ ଅଧିକ ରହିଥିବାବେଳେ ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୩୯.୫ ଡିଗ୍ରୀ ରେକର୍ଡ ହୋଇଥିଲା। ସେହିଭଳି ଢେଙ୍କାନାଳ ଜିଲାରେ ସର୍ବାଧିକ ଗୁଳୁଗୁଳି ଅନୁଭୂତ ହୋଇଥିଲା। ଆସନ୍ତା ୨ଦିନରେ ତାପମାତ୍ରା ୪ରୁ ୫ ଡିଗ୍ରୀ ବୃଦ୍ଧି ପାଇବ। ୪ ତାରିଖ ପର୍ଯ୍ୟନ୍ତ ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ପୁରୀ, ଗଞ୍ଜାମ ଏବଂ ଗଜପତି ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଦିଆଯାଇଛି।

# ଭୁବନେଶ୍ୱର ପାଇଁ ଆରମ୍ଭ ହେଲା ସ୍ୱ-ଗଣନା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧।୪(ବନ୍ଦନା ସେଠୀ)

ଭୁବନେଶ୍ୱରରେ ୨୦୨୭ ଜନଗଣନା ଲାଗି ସ୍ୱ-ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଧବାର ବିଏମ୍‌ସିର ପ୍ରଥମ ନାଗରିକ ମେୟର ସୁଲୋଚନା ଦାସ ନିର୍ଦ୍ଧାରିତ ପୋର୍ଟାଲରେ ନିଜ ତଥ୍ୟ ପ୍ରଦାନ କରି ଏହାର ଶୁଭାରମ୍ଭ କରିଛନ୍ତି। ଭାରତରେ ପ୍ରଥମ ଡିଜିଟାଲ ଜନଗଣନା ଏବଂ ପ୍ରଥମଥର ପାଇଁ ଭାରତୀୟ ଜନଗଣନାରେ ସ୍ୱ-ଗଣନା ପାଇଁ ଏକ ବ୍ୟବସ୍ଥା ରହିଛି। କ୍ଷେତ୍ର ପରିଦର୍ଶନ ସମୟରେ ତାଲିମପ୍ରାପ୍ତ ଗଣନାକାରୀଙ୍କ ଦ୍ୱାରା ସ୍ୱ-ଗଣନା ମାଧ୍ୟମରେ ଦାଖଲ ହୋଇଥିବା ତଥ୍ୟ ପୁନର୍ବାର ଯାଞ୍ଚ କରାଯିବ। ଜନଗଣନାରେ ଗୃହ ତାଲିକା ବ୍ଲକ୍ ସୃଷ୍ଟି କରିବା ପାଇଁ ଡିଜିଟାଲ ପଦ୍ଧତି ସହିତ ସିଏମ୍‌ଏମ୍‌ଏସ୍ ପୋର୍ଟାଲର ବ୍ୟବହାର ଅନ୍ତର୍ଭୁକ୍ତ ହେବ। ଜନଗଣନା-ଗୃହ ତାଲିକାକରଣ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୬ରୁ ରାଜ୍ୟର ସମସ୍ତ ୩୦ଟି ଜିଲାରେ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକମାନେ ପରିବାର ପରିଦର୍ଶନ କରିବେ ଏବଂ ଏପ୍ରିଲ ୧୬ରୁ ମେ’ ୧୫ ପର୍ଯ୍ୟନ୍ତ ତଥ୍ୟ ସଂଗ୍ରହ କରିବେ। ଏହାପୂର୍ବରୁ ଏପ୍ରିଲ ୧ରୁ ୧୫ ମଧ୍ୟରାତ୍ରି ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ସ୍ୱ-ଗଣନାର ପୋର୍ଟାଲ ମାଧ୍ୟମରେ ନାଗରିକମାନେ ସେମାନଙ୍କର ନିଜସ୍ୱ ସୂଚନା ଦାଖଲ କରିପାରିବେ। ଏହି ପର୍ଯ୍ୟାୟରେ ମୋଟ ୩୩ଟି ପ୍ରଶ୍ନ ରହିଛି ଏବଂ ଏହା ଅତ୍ୟନ୍ତ ସହଜ ଓ ସରଳ ବୋଲି ମେୟର କହିଛନ୍ତି।



ମେୟର ସୁଲୋଚନା ଦାସ ପୋର୍ଟାଲରେ ନିଜ ତଥ୍ୟ ପ୍ରଦାନ କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିଗମ



@ ନିରାକାର



@ ସୌମ୍ୟରଞ୍ଜନ



@ ପ୍ରଭାସ



@ କୁନାଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୩ରେ ରାଜଧାନୀ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧।୪(ବନ୍ଦନା ସେଠୀ)

### ୧୩ ଜଣଙ୍କୁ ‘ରାଜଧାନୀ ଗୌରବ’, ୩ ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯିବ

ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ। ଏହି ପରିପ୍ରେକ୍ଷୀରେ ବିଏମ୍‌ସି ଓ ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ପକ୍ଷରୁ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ମଙ୍ଗଳବାର ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ରାଜଧାନୀ ପ୍ରତିଷ୍ଠା ଦିବସକୁ ଧୁମଧାମରେ ପାଳନ କରାଯିବ। ଉକ୍ତଦିନ ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏଥିସହ ବିଧାନ ସୌଧ ସମ୍ମୁଖ ରାଜଧାନୀ ପ୍ରତିଷ୍ଠା ଫଳକରେ ପ୍ରାତଃରେ ମାଲ୍ୟାର୍ପଣ କରାଯାଇ ପତାକା ଉତ୍ତୋଳନ କରାଯିବ। ପରେ ପୋଲିସ, ଟ୍ରାଫିକ୍ ପୋଲିସ, ସପ୍ତମ ବାଟାଲିୟନ, ଅଗ୍ନିଶମ ବିଭାଗ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ପରେଡରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରିବେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ଫଟୋ ପ୍ରଦର୍ଶନୀ ସହିତ ସନ୍ଧ୍ୟାବେଳେ ଉତ୍କଳ ମଣ୍ଡପରେ କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣ ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ‘ରାଜଧାନୀ ଗୌରବ ପୁରସ୍କାର’ ପ୍ରଦାନ କରାଯିବ। ଏଥିସହ ଚଳିତବର୍ଷ ପ୍ରଥମଥର ପାଇଁ ବିଏମ୍‌ସିର ତିନୋଟି ଜୋନ୍‌ରୁ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଖୁବ୍‌ଶୀଘ୍ର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଡକାଯିବ। ସେଥିରେ ବିଏମ୍‌ସି, ବିଡିଏ, ପୂର୍ତ୍ତ, ନଗର ଉନ୍ନୟନ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, କମିଶନରେଟ ପୋଲିସ, ଟ୍ରାଫିକ୍ ପୋଲିସ, ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ୱାଟ୍‌କୋ ଆଦି ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ରହିବେ। ଉକ୍ତ ବୈଠକରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ରାଜଧାନୀ ପ୍ରତିଷ୍ଠା କମିଟି ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସେବା, ସାଧୁତା, ପ୍ରତିବଦ୍ଧତା ଜରୁରୀ: ଏସ୍‌ପି

**୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ**


ତରତୁଆ ରିଜର୍ଭ ପଡ଼ିଆରେ ଖୋର୍ଦ୍ଧା ପୋଲିସର ପରେଡ୍।

**ଖୋର୍ଦ୍ଧା,୧୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୋଲିସ ପକ୍ଷରୁ ଜିଲାସ୍ତରୀୟ ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ବୁଧବାର ତରତୁଆ ରିଜର୍ଭ ପଡ଼ିଆରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଯୋଗ ଦେଇ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଶର୍ମା କହିଥିଲେ, ଏପ୍ରିଲ ୧ କେବଳ ପୋଲିସ ପାଇଁ ନୁହେଁ, ବରଂ ସମଗ୍ର ଓଡ଼ିଶା ଲାଗି ଗୌରବର ଦିନ। ୯୦ ବର୍ଷ ତଳେ ଆଜିର ଦିନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ସେହିଦିନଠାରୁ ସ୍ୱଳ୍ପସଂଖ୍ୟକ କର୍ମଚାରୀଙ୍କୁ ନେଇ ଓଡ଼ିଶା ପୋଲିସ ଦାୟିତ୍ୱ ତୁଲାଇବା ଆରମ୍ଭ କରିଥିଲା। ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନଶୃଙ୍ଖଳା ଦିଗରେ ପୋଲିସର ଏକ ପ୍ରମୁଖ ଭୂମିକା ରହିଛି। ପୋଲିସ ହେଉଛି ଜନତାଙ୍କ ବନ୍ଧୁ। ତେଣୁ କର୍ତ୍ତବ୍ୟନିଷ୍ଠ, ସାଧୁତା ଓ ଉର୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ପୋଲିସ ସେବାରେ ଉତ୍କର୍ଷତା ଲାଗି ଶିଶ୍ୱାଞ୍ଚଳ ଥାନା ଏସ୍ଆଇ ସ୍ୱାଗତିକା ଦାସ, ଟାଙ୍ଗୀ ଥାନା ଏଏସ୍ଆଇ ତପନ କୁମାର ପ୍ରଧାନ, ଏପିଆର୍ ହାବିଲଦାର ଉମେଶ ପଟ୍ଟନାୟକ, କନ୍‌ଷ୍ଟେବଲ ସରିଫ୍ ଖାନ୍ ଏବଂ ସୁଧିର ବଳିୟାରସିଂହଙ୍କ ପକ୍ଷରୁ ତାଙ୍କ ବାପାଙ୍କୁ ଏସ୍‌ପି ଶର୍ମା ଉପଢୌକନ, ମାନପତ୍ର ଓ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ଅତିରିକ୍ତ ଏସ୍‌ପି ଅନାଦି ସେଠୀ, ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ବାଲୁଗାଁ ଡିଏସ୍‌ପି ସଞ୍ଜୟ ପଟ୍ଟନାୟକଙ୍କ ସମେତ ବରିଷ୍ଠ ଅଧିକାରୀ, ସେନାନିବୃତ୍ତ କର୍ମଚାରୀ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ରିଜର୍ଭ ଇନ୍ସପେକ୍ଟର ବିଜୟ କୁମାର ସାହୁ ପରେଡ୍ ପରିଚାଳନା କରିଥିଲେ।

# ରାମଲୀଳାରେ ସୀତାଚୋରି ପରିବେଷିତ

**ଯାଁଳା,୧୪(ବୁଲା ବାରିକ)**

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମରେ ରାମଲୀଳା ଅବସରରେ ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ରଚିତ ରାମଲୀଳା ନାଟକ ଶ୍ରୀରଘୁନାଥଙ୍କ ପୀଠରେ ପ୍ରଦର୍ଶିତ ହେଉଛି। ୬ଷ୍ଠ ସନ୍ଧ୍ୟାରେ ଶ୍ରୀରଘୁନାଥ ଦେବ ନାଟ୍ୟ ପରିଷଦର କଳାକାରମାନେ ସୀତାଚୋରି ପରିବେଷଣ କରିଥିଲେ। ମହାପ୍ରତାପୀ, ମହାଜ୍ଞାନୀ ରାବଣ ଭାବନ୍ତି ସେ ବହୁତ ପାପ କରିଛନ୍ତି, ତେଣୁ ପ୍ରଭୁ ଶ୍ରୀରାମଙ୍କ ହସ୍ତରେ ମୋକ୍ଷ ପ୍ରାପ୍ତ ପାଇଁ ଯୋଗୀ ବେଶ ହୋଇ ମାତା ସୀତାଙ୍କୁ ହରଣ କରିନିଅନ୍ତି। ସୀତାଚୋରି ନାଟକରେ ବିଭିନ୍ନ ଭୂମିକାରେ, ବିଜୟ ବାରିକ, ପ୍ରସନ୍ନ ପରିଡ଼ା, ଶିବ ମଙ୍ଗରାଜ, ରବୀନ୍ଦ୍ର ବାରିକ, ପ୍ରମୋଦ ମହାପାତ୍ର, ରବୀନ୍ଦ୍ର ପ୍ରଧାନ, ସଞ୍ଜୟ ପରିଡ଼ା ପ୍ରମୁଖ ଅଭିନୟ କରିଥିଲେ। ରାମାୟଣର ଏହି କଥାବସ୍ତୁ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ନିଗମା


@ ନିରାକାର


@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


କୃଷ୍ଣପ୍ରସାଦ ଅଞ୍ଚଳରେ ଦଣ୍ଡୁଆଙ୍କ ପୂଜାର୍ଚ୍ଚନା।

# ଦଣ୍ଡଯାତ୍ରା ପାଇଁ କୃଷ୍ଣପ୍ରସାଦ ଅଞ୍ଚଳ ଉତ୍ସବମୁଖର

**କୃଷ୍ଣପ୍ରସାଦ,୧୪ (କୈଳାଶ ଚନ୍ଦ୍ର ପଟ୍ଟନାୟକଙ୍କ)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ଅଞ୍ଚଳ ଏବେ ଦଣ୍ଡଯାତ୍ରା ପାଇଁ ଚଳଚଞ୍ଚଳ ଓ ଉତ୍ସବମୁଖର ହୋଇଉଠିଛି। ଗାଁଠୁ ସହର ସବୁଠି ଭକ୍ତିମୟ ପରିବେଶ ଦେଖିବାକୁ ମିଳୁଛି। ପ୍ରତ୍ୟେକ ଘର ସମ୍ମୁଖରେ କୁମ୍ଭ ସ୍ଥାପନ କରାଯାଇଛି। ଝୁଣାର ମହକ ଓ ଢୋଲ ମହୁରୀର ଶବ୍ଦରେ ଆକାଶ ପବନ ପ୍ରକମ୍ପିତ ହେଉଛି। ଦଣ୍ଡୁଆଙ୍କ ଧୂଳିଦଣ୍ଡ, ଜଳଦଣ୍ଡ, ଅଗ୍ନିଦଣ୍ଡ ଓ ପରଭା ନୃତ୍ୟ ଶ୍ରଦ୍ଧାଳୁଙ୍କୁ ଭାବବିହ୍ୱଳ କରୁଛି। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ପୂଜା ସାମଗ୍ରୀ ଯଥା– ବାନା, ବାଡ଼ି, ବେତ, ପିତ୍ତଳ ମୁଠା, ଫୁଲମାଳ ଓ ଫଳ କିଣିବା ପାଇଁ ଦୋକାନ ବଜାରରେ ପ୍ରବଳ ଭିଡ଼ ଜମୁଛି। ଏହି ପାରମ୍ପରିକ ଯାତ୍ରା ଅବସରରେ ଅଞ୍ଚଳର ବିଭିନ୍ନ ଲୋକକଳାର ପ୍ରତିଫଳନ ଦେଖିବାକୁ ମିଳୁଛି।

# ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ

**କଳାପଥର, ୧୪(ଗଙ୍ଗାଧର ସାହୁ)**

ବାଙ୍କୀ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ରାଜସ୍ୱ ଗ୍ରାମରେ ବୁଧବାରଠାରୁ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଖଜୁରୀପଦା ରାଜସ୍ୱ ଗ୍ରାମର ବସନ୍ତ କୁମାର ନାୟକ ଓ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ଗୃହରେ ବାଙ୍କୀ ଅତିରିକ୍ତ ତହସିଲଦାର ଆଦିତ୍ୟ ଦଳବେହେରା ଓ କର୍ମଚାରୀ ସିଦ୍ଧେଶ୍ୱର ସାହୁ, ପ୍ରତ୍ୟୁଷ କୁମାର ବିଶ୍ୱାଳ ପହଞ୍ଚି ଆବଶ୍ୟକ ତଥ୍ୟ ସଂଗ୍ରହ କରିଛନ୍ତି। ସେହିପରି ନରଣପୁର ରାଜସ୍ୱ ଗ୍ରାମରେ ପୂର୍ବତନ ବ୍ଲକ ଚେୟାରମ୍ୟାନ ସତ୍ୟନାରାୟଣ ସାମନ୍ତରାୟଙ୍କ ଗୃହରେ ମଧ୍ୟ ରାଜସ୍ୱ କର୍ମଚାରୀମାନେ ପହଞ୍ଚି ଜନଗଣନା ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି।

# ଓଡ଼ିଆରେ ଲେଖିବା, ପଢ଼ିବା ପାଇଁ ପ୍ରତିବଦ୍ଧ ହେବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

**ବାଲୁଗାଁ,୧୪(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡ୍‌କ୍ରସ୍ ଏବଂ ରୋଭର୍ସ ରେଞ୍ଜର ପକ୍ଷରୁ ମିଳିତ ଭାବେ ବୁଧବାର ଓଡ଼ିଶା ଦିବସ ପାଳନ ସହ ଓଡ଼ିଆ ପକ୍ଷର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ଡ. ମୋନାଲିସା ମାନସିଂ, ଡ. ମନସ୍ୱିନୀ ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟର ଉତ୍‌ଥାନରେ ସମସ୍ତ ଓଡ଼ିଆ ସାମିଲ ହେବା ସହ ଆମ ଉତ୍ତରପିଢ଼ି ଓଡ଼ିଆରେ ଲେଖିବା ଓ ପଢ଼ିବା ପାଇଁ ପ୍ରତିବଦ୍ଧ ହେବା ନିମନ୍ତେ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପ୍ରଜ୍ଞାସ୍ମିତା ସାହୁ ମଧୁସୂଦନ ଦାସଙ୍କ ରଚିତ 'ତୁ ପରା ବୋଲାଉ ଉତ୍କଳ ସନ୍ତାନ' କବିତା ପାଠ କରିଥିଲେ। ଅଧ୍ୟକ୍ଷ ଡ. ସୁବୁଦ୍ଧି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅବଦାନ ରଖିଥିବା ମାଟିର ମହାପୁରୁଷମାନଙ୍କ ତ୍ୟାଗପୂତ ଜୀବନ ଓ ସଂଘର୍ଷ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ପରେ ଛାତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା, ପଦ୍ମିନୀ ରାଉତ, ପ୍ରତିଭା ଜାଲି, ପ୍ରଜ୍ଞାସ୍ମିତା ସାହୁ, ସୁମିତ୍ରା ସେଠୀ, ଶାଶ୍ୱତୀ ମିଶ୍ର ପ୍ରମୁଖ ଓଡ଼ିଶା ଦିବସ ସମ୍ପର୍କିତ ସ୍ୱରଚିତ ଉଦ୍‌ବୋଧନୀ କବିତା ପାଠ କରିଥିଲେ। ଜସ୍ମିନ ବେଗମ ଧନ୍ୟବାଦ ଦେଇଥିଲେ। ଶେଷରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।

# ଚିଲିକାରେ ଚାଲିଲା ସୌର ବୋଟ୍



**କୃଷ୍ଣପ୍ରସାଦ,୧୪ (କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ା ଚିଲିକାରେ ସୌରଶକ୍ତିଚାଳିତ ବୋଟ୍ ଚଳାଚଳ ଆରମ୍ଭ ହୋଇଛି। ଏହାକୁ ନେଇ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଚିଲିକାକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଏହି ସୌର ଚାଳିତ ବୋଟ୍ ସହାୟକ ହେବ। ପୂର୍ବରୁ ବ୍ୟବହୃତ ହେଉଥିବା ଡିଜେଲ ଓ ପେଟ୍ରୋଲ ଚାଳିତ ବୋଟ୍ ଯୋଗୁଁ ନିର୍ଗତ ବିଷାକ୍ତ ଗ୍ୟାସ୍ ଏବଂ ଶବ୍ଦ ପ୍ରଦୂଷଣ ହେଉଥିଲା। ପ୍ରଦୂଷଣ ଯୋଗୁ ଚିଲିକାରେ ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ାଙ୍କ ବଂଶ ହ୍ରାସ ପାଉଥିଲା, ଯାହାର ସିଧାସଳଖ ପ୍ରଭାବ ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ପଡୁଥିଲା। ଏହି ସୌର ବୋଟ୍ ଦ୍ୱାରା ଏହି ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି। ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ଏବଂ ନବୀକରଣଯୋଗ୍ୟ ଶକ୍ତି ବିକାଶ ବିଭାଗ ତରଫରୁ ବ୍ରହ୍ମପୁର ଗ୍ରାମର ମତ୍ସ୍ୟଜୀବୀ ଅଜିତ କୁମାର ଜେନାଙ୍କୁ ଏହି ସୌର ଚାଳିତ ମେଶିନ୍ ପ୍ରଦାନ କରାଯାଇଛି।

# ଜନଗଣନାକାରୀ, ନିରୀକ୍ଷକଙ୍କୁ ପ୍ରଶିକ୍ଷଣ

**ଖୋର୍ଦ୍ଧା,୧୪(ପ୍ରଭାତ ପାଣିଗ୍ରାହୀ)**

ଭାରତ ସରକାରଙ୍କ ପକ୍ଷରୁ ଦେଶରେ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ତହସିଲ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ପ୍ରଶିକ୍ଷଣ ଚାଲିଛି। ମାର୍ଚ୍ଚ ୨୩ରୁ ବୋଲଗଡ଼ ତହସିଲରେ ଗଣନାକାରୀ ଏବଂ ନିରୀକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏପ୍ରିଲ ୩ରୁ ୫ ପର୍ଯ୍ୟନ୍ତ ପିତୁକୁଳି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ, ୨, ୪ ଓ ୬ରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମିଳନୀ କକ୍ଷରେ, ୬ରୁ ୮ ଟାଙ୍ଗୀ ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ, ଏପ୍ରିଲ ୨, ୪, ୬, ୭, ୮, ୯ରେ ଜଟଣୀ ପୌରାଞ୍ଚଳ ନିମନ୍ତେ ସୁଶୀଳା ଦେବୀ ପ୍ରଗତି ବିଦ୍ୟାପୀଠ, ବାଛରାରେ, ବାଣପୁର ତହସିଲ ନିମନ୍ତେ ମାର୍ଚ୍ଚ ୩୧, ଏପ୍ରିଲ୍ ୨, ୪ ଓ ୬ରେ ବାଣପୁର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ, ବାଲିପାଟଣା ତହସିଲ ନିମନ୍ତେ ଏପ୍ରିଲ ୨ରୁ ୧୦ ମଞ୍ଜରୀ ଦେବୀ ମହାବିଦ୍ୟାଳୟରେ ପ୍ରଶିକ୍ଷଣ ଦିଆଯିବ। ଟାଙ୍ଗୀ ତହସିଲ ନିମନ୍ତେ ଏପ୍ରିଲ ୧ରୁ ୧୦ ବଳରାମ ବିଦ୍ୟାପୀଠ ଟାଙ୍ଗୀ, ଖୋର୍ଦ୍ଧା ପୌର ପରିଷଦ ନିମନ୍ତେ ଏପ୍ରିଲ୍ ୨ରୁ ୧୦ ପରିଷଦ ସମ୍ମିଳନୀ କକ୍ଷରେ, ଭୁବନେଶ୍ୱର ତହସିଲ ନିମନ୍ତେ ଏପ୍ରିଲ୍ ୨, ୪, ୬, ୭, ୮, ୯, ୧୦ରେ ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ, ଏପ୍ରିଲ୍ ୨ ଓ ୪ରେ ବେଗୁନିଆ କଲେଜ ଏବଂ ଏପ୍ରିଲ୍ ୫, ୬, ୭ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବେଗୁନିଆରେ, ଖୋର୍ଦ୍ଧା ତହସିଲ ନିମନ୍ତେ ଏପ୍ରିଲ୍ ୨, ୪, ୬, ୭ରେ ବ୍ଲକ୍ ଅଫିସ, ଖୋର୍ଦ୍ଧା ଓ ଖୋର୍ଦ୍ଧା ପୌର ପରିଷଦ କାର୍ଯ୍ୟାଳୟ, ଜଟଣୀ ତହସିଲ ପାଇଁ ଏପ୍ରିଲ୍ ୧, ୪, ୬, ୭ରେ ନାଇଜରରେ, ବାଲିଅନ୍ତା ତହସିଲ ନିମନ୍ତେ ଏପ୍ରିଲ୍ ୨ ରୁ ୧୦ ମଞ୍ଜରୀଦେବୀ ନର୍ସିଂ କଲେଜରେ, ଚିଲିକା ତହସିଲ ନିମନ୍ତେ ଏପ୍ରିଲ୍ ୪, ୬, ୭ ତାରିଖ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଚିଲିକା ବ୍ଲକ୍ କାର୍ଯ୍ୟାଳୟରେ ଏବଂ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ଏପ୍ରିଲ୍ ୨, ୪, ୬, ୭ରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ସଂପୃକ୍ତ ଗଣନାକାରୀ ଓ ନିରୀକ୍ଷକମାନେ ସେମାନଙ୍କ ପାଇଁ ଧାର୍ଯ୍ୟ ତାରିଖ ଓ ସ୍ଥାନ, ସମୟରେ ପ୍ରଶିକ୍ଷଣ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା ପିଲାମାନେ।

**ବୋଲଗଡ଼,୧୪(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ୍ ଗୋପାଳପୁର ପଞ୍ଚାୟତ ଦେଉଳି ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଶିକ୍ଷାବିରାଜ କିଶୋର ବ୍ରହ୍ମା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ବାରିକ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାତା ବିଜୟ କୁମାର ସାହୁ, ସାମାଜିକ କର୍ମୀ ବେଲେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଶିକ୍ଷାକେନ୍ଦ୍ର ଭାରତୀୟ ପରମ୍ପରା ଓ ସଂସ୍କୃତିକୁ ଆଧାର କରି ସଂସ୍କାରମୂଳକ ଶିକ୍ଷା ପ୍ରଦାନ ସହ ଚରିତ୍ର ଗଠନ ଓ ବ୍ୟକ୍ତି ନିର୍ମାଣ କରି ସ୍ଥାନୀୟ ଅଞ୍ଚଳରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଗଣିତ ହୋଇଥିବା ଅତିଥିମାନେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ବାସନ୍ତୀବାଳା ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାର୍ଥୀମାନେ ଦେଶାତ୍ମବୋଧକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ସ୍ୱାଇଁ ପହଞ୍ଚି କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୁରୁମା ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ରହ୍ମକୁଣ୍ଡଳରେ ସରିଲା ଭଗବତ ବାସୁଦେବ ମେଳନ



**ଯାଁଳା,୧୪(ବୁଲା ବାରିକ)**

ରାଜଧାନୀ ଉପକଣ୍ଠ ପଞ୍ଚୁପଲ୍ଲୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମକୁଣ୍ଡଳରେ ୨ଦିନ ଧରି ଚାଲିଥିବା ଭଗବତ ବାସୁଦେବ ମେଳଣ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାବା ନୀଳକଣ୍ଠେଶ୍ୱର ଦେବଙ୍କ ସମେତ ଝିଁ ଖରଡ଼ା ଶତ୍ରୁଶୁଆଁ, ତୃତୀୟାପଡ଼ା, ସାନନୂଆଗାଁ, ବେରୁହାଁ, ବାଇରଙ୍ଗ, କନ୍ତିଆ, ମାଳିସାହି, ପଞ୍ଚୁପଲ୍ଲୀ ଓ ପ୍ରଧାନ ସାହି ଆଦି ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ଠାକୁର ବୁଧବାର ସକାଳେ ପରସ୍ପର ମଧ୍ୟରେ ଅବିର ଖେଳି ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜମାଣ ରାତିରେ ଥାନପତି ଭଗବତ ବାସୁଦେବଙ୍କୁ ସୁସଜ୍ଜିତ ବିମାନରେ ଅଣାଯାଇଥିଲା। ପାରମ୍ପରିକ ନୀତିରେ ଘଣ୍ଟଘଣ୍ଟା, ବାଣ, ରୋଶଣି, ହରିବୋଲ, ହୁଳହୁଳି ଧ୍ୱନିରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଖୁଣ୍ଟି ଲାଗିବା ପରେ ଥାନପତି ସମେତ ଅନ୍ୟ ନିମନ୍ତ୍ରିତ ଠାକୁରଙ୍କୁ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ଆଟିକା ଭୋଗ ସମର୍ପଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଆଖପାଖ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା। ବାସୁଦେବ ୟୁଥ୍ କ୍ଲବ ସଦସ୍ୟମାନଙ୍କ ସହଯୋଗରେ କଳିଙ୍ଗ ଗଣନାଟ୍ୟ ଦ୍ୱାରା ଅପେରା ପରିବେଷିତ ହୋଇଥିଲା।

# ମାତୃଭୂମି, ମାତୃଭାଷାର ସୁରକ୍ଷା ନାଗରିକଙ୍କ କର୍ତ୍ତବ୍ୟ

**ବେଗୁନିଆ,୧୪(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ନୂଆସାହିସ୍ଥିତ ଆମ୍ରକାନନରେ ବୁଧବାର ଆଦର୍ଶ କ୍ଲବ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଭାରେ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ବିଷ୍ଣୁପ୍ରସାଦ କର ବେଦପାଠ ଓ ଗାୟକ ବସନ୍ତ କୁମାର ଦାସଙ୍କ ମଙ୍ଗଳାଚରଣ ପାଠ କରିଥିଲେ। ବରପୁତ୍ରମାନଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ଓ ବନ୍ଦେ ଉତ୍କଳ ଜନନୀ ଗାନ ପରେ ଉପଦେଷ୍ଟା ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ସଙ୍ଗୀତା, ବୀଣାପାଣି ଓ ଦେବସ୍ମିତା ଆବାହନୀ ସଙ୍ଗୀତ ଗାନ କରିଥିଲେ। ଏଥିରେ ସାମ୍ବାଦିକ ଓ ସାହିତ୍ୟିକ କେଦାର ମିଶ୍ର ମୁଖ୍ୟ ଅତିଥି, ଡାକ୍ତର ଅମରେନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଓ ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ସଭାପତି ପ୍ରଫେସର ଡ. ହରିପ୍ରସାଦ ଦାସ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ମାତୃଭୂମି ଓ ମାତୃଭାଷାର ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ। ବରପୁତ୍ରମାନଙ୍କ ସ୍ମୃତି ଓଡ଼ିଆ ଜାତିକୁ ସମୃଦ୍ଧ କରିଛି ବୋଲି ଅତିଥିମାନେ କହିଥିଲେ। ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ ଓ ଅନୁଷ୍ଠାନର ଉପସଭାପତି ମହେଫୁଜ ଅଲ୍ଲୀ ଧନ୍ୟବାଦ ଦେଇଥିଲେ। ସୁଧାକର ସାମନ୍ତରାୟ, ଡ. ଗୀତାଞ୍ଜଳି ମହାପାତ୍ର, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ପ୍ରାଧ୍ୟାପକ ଡ. ଅଖିଳେଶ ପ୍ରସାଦ ପଣ୍ଡା, ଅଧ୍ୟାପକ ରଙ୍କନିଧି ବଳିୟାରସିଂହ, କବିକେତନ ଗୌରଚରଣ ସାମନ୍ତସିଂହାର, ପ୍ରଧାନ ଶିକ୍ଷକ ଦିବାକର ସାହୁ, ଶିକ୍ଷାବିତ୍ ବିଜୟ କୁମାର ପ୍ରଧାନ, ପୂର୍ବତନ ସେନା କର୍ମଚାରୀ ବସନ୍ତ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ସାହିତ୍ୟିକ କେଦାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୪।୨୦୨୬

| | |
|---|---|
| ୫,୮୨,୨୧୬ ଟଙ୍କା | |
| ସୁନା | ୩୦୦ ମିଲିଗ୍ରାମ୍ |
| ରୁପା | ୨୧.୮୦୦ ଗ୍ରାମ୍ |

# ସାହିଯାତର ୫ମ ଦିନ: ସୀତାଚୋରି ନୀତି ସମ୍ପନ୍ନ

ପୁରୀ,୧।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ରାମନବମୀ ତିଥିରେ ଶ୍ରୀରାମ ଜନ୍ମନୀତି ଅନୁଷ୍ଠିତ ହେବା ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସମରକଳା ନୃତ୍ୟ ସାହିଯାତର ଅୟମାରମ୍ଭ ହୋଇଛି। ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ସାହିଯାତ କ୍ରମରେ ସୀତାଚୋରି ନୀତି ସମ୍ପନ୍ନ ହୋଇଛି। ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ।

ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ଠାକୁରମାନେ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଅପରପକ୍ଷରେ ସାହିଯାତର ପଞ୍ଚମ ଦିବସରେ କୁଣ୍ଡେଇବେଣ୍ଟ ସାହି ପଥର ଆଖଡ଼ା ପକ୍ଷରୁ ମାୟା ମୃଗ, ସୀତା ଚୋରି ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। କୁଣ୍ଡେଇବେଣ୍ଟ ସାହି ପଥର ଆଖଡ଼ା ପକ୍ଷରୁ ଜଣେ ବ୍ୟକ୍ତି ମାୟା ରାବଣ ଚରିତ୍ରରେ ପଟୁଆରରେ ସାହି ଏବଂ ବାଦିସାହି ପରିକ୍ରମା କରି ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ସୀତାଚୋରି ନୀତି ସମ୍ପନ୍ନ ହୋଇଥିଲା। ସେହିପରି ସାହିଯାତର ୫ମ ଦିବସରେ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ଯାତ ବାହାରି ବାଦୀ ସାହିକୁ ଯାଇଥିଲା। କୁଣ୍ଡେଇବେଣ୍ଟ ସାହି ପକ୍ଷରୁ କାଳୀ ମେଢ଼, ଦୁର୍ଗା ମେଢ଼, ଖୋଲା ମୁଖ ମେଢ଼, ଫୁଲ ମେଢ଼, ନବଶିରା, ସପ୍ତଶିରା ସହ ବିଭିନ୍ନ ମେଢ଼ ବାହାରିଥିଲା। ଏଥିସହ ସମରକଳା ଆଦି ପ୍ରଦର୍ଶିତ ହୋଇଥିଲା। ବିଳମ୍ବିତ ରାତିପର୍ଯ୍ୟନ୍ତ ପୁରୀବାସୀ ସାହିଯାତ ଦେଖିଥିଲେ।



ପୁରୀ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ବାହାରିଥିବା ଦଶଶିର ରାବଣ ନୃତ୍ୟ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ପୁରୀରେ ପହଞ୍ଚିଲା ୫ମ ପର୍ଯ୍ୟାୟ ରଥକାଠ

ପୁରୀ,୧।୪(ଅଜିତ୍ କୁମାର ମହାନ୍ତି)

ଜୁଲାଇ ୧୬ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିନିମନ୍ତେ ଚଳିତ ବର୍ଷର ୫ମ ପର୍ଯ୍ୟାୟ ରଥକାଠ ବୁଧବାର ପୁରୀରେ ପହଞ୍ଚିଛି। ଟ୍ରକ୍ ଯୋଗେ ୫୨ ଖଣ୍ଡ ରଥ କାଠ ବୌଦ୍ଧ ଜିଲାର ମାଧପୁର ବନଖଣ୍ଡରୁ ଆସି ପୁରୀରେ ପହଞ୍ଚିଛି। ୫ମ ପର୍ଯ୍ୟାୟରେ ଆସିଥିବା କାଠରେ ୨୦ ଫୁଟିଆ ୧୭ ଖଣ୍ଡ ଏବଂ ୧୨ ଫୁଟିଆ ୧୦ ଖଣ୍ଡ ଧଉରା କାଠ ରହିଛି। ପ୍ରତିବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସି ସହ ବିଭିନ୍ନ ପ୍ରକାର କାଠ ଆବଶ୍ୟକ ପଡ଼ିଥାଏ। ଗତବର୍ଷ ୪୭ ଖଣ୍ଡ କାଠ ବଳକା ରହିଛି। ଚଳିତ ବର୍ଷ ରଥ ନିର୍ମାଣ ପାଇଁ ୮୧୮ ଖଣ୍ଡ କାଠର ଆବଶ୍ୟକ ରହିଛି। ବର୍ତ୍ତମାନ ସୁଦ୍ଧା ୨୦୫ ଖଣ୍ଡ କାଠ ପୁରୀରେ ପହଞ୍ଚିଛି। ଅବଶିଷ୍ଟ କାଠ ପର୍ଯ୍ୟାୟକ୍ରମେ ଆସି ପହଞ୍ଚିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଅବଧୂତ ସ୍ୱାଇଁ କାକଟପୁର ବ୍ଲକ କଂଗ୍ରେସ କମିଟି ସଭାପତି

ଅସ୍ତରଙ୍ଗ,୧।୪(ମମତା ଜେନା)

କାକଟପୁର ବ୍ଲକ କଂଗ୍ରେସ କମିଟି ସଭାପତି ଭାବେ ଦ୍ୱିତୀୟଥର ପାଇଁ ଅବଧୂତ ସ୍ୱାଇଁ ନିଯୁକ୍ତ ହୋଇଛନ୍ତି। ସ୍ୱାଇଁ ୨୦୨୩ ମସିହାରେ କାକଟପୁର ବ୍ଲକ କଂଗ୍ରେସ ସଭାପତି ଦାୟିତ୍ୱ ନିର୍ବାହ କରି କର୍ମୀମାନଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ପୁନର୍ବାର କାକଟପୁର ବ୍ଲକର ୧୬ଟି ପଞ୍ଚାୟତର ସଭାପତି ଓ ବ୍ଲକର ନେତୃମଣ୍ଡଳୀ ସଂଗଠନ ସୃଜନ ପୁରୀ ଜିଲା କଂଗ୍ରେସ କମିଟି ମାଧ୍ୟମରେ ପ୍ରଦେଶ କଂଗ୍ରେସ କମିଟିକୁ କାକଟପୁର ବ୍ଲକ ସଭାପତି ପାଇଁ ସ୍ୱାଇଁଙ୍କ ନାମ ସୁପାରିସ୍ କରିଥିଲେ। ପ୍ରଦେଶ କଂଗ୍ରେସ କମିଟିର ଅନୁମୋଦନକ୍ରମେ ସ୍ୱାଇଁ ପୁନର୍ବାର ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଗୁରୁଦାୟିତ୍ୱ ନେବା ପରେ ସ୍ୱାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ, ପୁରୀ ଜିଲା ପିସିସି ସଭାପତି ଇଂ. ରାଜେଶ କୁମାର ମିଶ୍ର, କାକଟପୁର ଯୁବନେତା ବିଶ୍ୱଭୂଷଣ ଦାସ, ପୁରୀ ଜିଲା କଂଗ୍ରେସ କମିଟି ଉପସଭାପତି ଯଶୋବନ୍ତ ନାରାୟଣ ମହାନ୍ତି, ପୁରୀ ଜିଲା ସାଧାରଣ ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ, କାକଟପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ହ୍ୱାଟ୍ସଆପ୍ ଚାଟ୍‌ବୋଟ ସେବାର ଶୁଭାରମ୍ଭ

ପୁରୀ,୧।୪(ଅଜିତ୍ କୁମାର ମହାନ୍ତି)

**ପୁରୀ ପୋଲିସର ନୂତନ ପଦକ୍ଷେପ**

ପୁରୀ ଜିଲାରେ ନାଗରିକ ସେବାକୁ ଆହୁରି ସୁବିଧାଜନକ, ଦ୍ରୁତ ଏବଂ ଲୋକମୁଖୀ କରିବା ପାଇଁ ପୋଲିସ ପକ୍ଷରୁ ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଓ ଏସ୍‌ପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ପୁରୀ ପୋଲିସ ସହାୟକ ସେବାର ଶୁଭାରମ୍ଭ କରାଯାଇଛି। ଏହି ଆଧୁନିକ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପୁରୀ ପୋଲିସ ନାଗରିକ ଓ ପର୍ଯ୍ୟଟକଙ୍କୁ ୨୪ ଘଣ୍ଟିଆ ସହଜ ଏବଂ ତୁରନ୍ତ ସେବା ପ୍ରଦାନ କରିବ। ସମସ୍ତେ କେବଳ ହ୍ୱାଟ୍ସଆପ୍ ଚାଟ୍‌ବୋଟ ମାଧ୍ୟମରେ ଏହି ସେବାକୁ ଉପଭୋଗ କରିପାରିବେ। କ୍ୟୁଆର୍ କୋର୍ଡ ସ୍କାନ୍ କରି କିମ୍ବା +୯୧ ୮୭୬୩୧୯୯୪୦୦ ନମ୍ବରକୁ ମେସେଜ ପଠାଇ ଏହି ସେବାରେ ସଂଯୁକ୍ତ ହୋଇପାରିବେ। ଏହି ହ୍ୱାଟ୍ସଆପ୍ ଚାଟ୍‌ବୋଟ ମାଧ୍ୟମରେ ନିମ୍ନଲିଖିତ ସେବାଗୁଡ଼ିକ ଉପଲବ୍ଧ ହେବ ଯେପରିକି ଇ-କମ୍ପ୍ଲେନ ଦାଖଲ, ହରାଇଥିବା ମୋବାଇଲ ଫୋନ ସମ୍ବନ୍ଧୀୟ ଅଭିଯୋଗ ପ୍ରତିକ୍ରିୟା ଦେବା, ନିକଟସ୍ଥ ପୋଲିସ ଷ୍ଟେଶନ ଖୋଜିବା, ପାର୍କିଂ ସ୍ଥାନ ସମ୍ବନ୍ଧୀୟ ସୂଚନା, ପର୍ଯ୍ୟଟକ ସହାୟତା ଏହି ପଦକ୍ଷେପ ଦ୍ୱାରା ପୁରୀ ପୋଲିସ ନାଗରିକଙ୍କ ସମସ୍ୟାର ସମାଧାନକୁ ଆହୁରି ଦ୍ରୁତ, ପ୍ରଭାବଶାଳୀ ଏବଂ ପାରଦର୍ଶୀ କରିବାକୁ ସମର୍ଥ ହେବ। ଏସ୍‌ପି ପ୍ରତୀକ ସିଂହ କହିଛନ୍ତି, ପୁରୀ ପୋଲିସ ସଦାସର୍ବଦା ଲୋକଙ୍କ ସେବା ଓ ସୁରକ୍ଷା ପାଇଁ ପ୍ରତିବଦ୍ଧ। ଏହି ହ୍ୱାଟ୍ସଆପ୍ ଚାଟ୍‌ବୋଟ ସେବା ଆମ ସେବାକୁ ଆହୁରି ନିକଟରେ ନେଇଯିବ ଏବଂ ନାଗରିକମାନେ ତୁରନ୍ତ ସହାୟତା ପାଇପାରିବେ। ଏହି ପ୍ରକଳ୍ପଟି ପିଏନ୍‌ବି ୱାନ୍ ସମର୍ଥିତ ଏବଂ ରେଜଲର୍ ସିଷ୍ଟମ୍ସ ଦ୍ୱାରା ପ୍ରଯୁକ୍ତିଗତ ସହଯୋଗରେ ରୂପାୟନ କରାଯାଇଛି।



ପୋଲିସ ପକ୍ଷରୁ ହ୍ୱାଟ୍ସଆପ୍ ଚାଟ୍‌ବୋଟ ଉନ୍ମୋଚନ କରାଯାଉଛି ।

# ମେଗା ସ୍ୱାସ୍ଥ୍ୟ ଶିବିର

ପୁରୀ,୧।୪(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ଦ୍ୱାରା ବୁଧବାର ପୋଲିସ ଲାଇନ୍ ହସ୍ପିଟାଲ, ପୁରୀରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦୦ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ଓ ପୁରୀବାସୀ ଉପସ୍ଥିତ ଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ବିଭିନ୍ନ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କୁ ପରୀକ୍ଷା ଓ ପରାମର୍ଶ ପ୍ରଦାନ କରିଥିଲେ। ଏହାସହ ଶିବିରରେ ଇସିଜି, ବିଭିନ୍ନ ରକ୍ତ ପରୀକ୍ଷା, ଡାକ୍ତରୀ ପରାମର୍ଶ, ଫିଜିଓଥେରାପି ଇତ୍ୟାଦି ସୁବିଧା ନିଃଶୁଳ୍କ ଭାବେ ପ୍ରଦାନ କରାଯାଇଥିଲା। ବିଶେଷକରି ଏକ ନିଃଶୁଳ୍କ ଫିଜିଓଥେରାପି ସେଣ୍ଟର ମଧ୍ୟ ଉଦ୍‌ଘାଟନ କରାଯାଇଥିଲା, ଯାହା ଆଗାମୀ ଦିନରେ ଲୋକମାନଙ୍କୁ ଲାଭାନ୍ୱିତ କରିବ। ଏହି କାର୍ଯ୍ୟକ୍ରମଟି ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ସୁଚାରୁରୂପେ ପରିଚାଳିତ ହୋଇଥିଲା। ପୁରୀ ପୋଲିସ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏପରି ସାମାଜିକ ଓ ଲୋକହିତକାରୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ପୁରୀ ପୋଲିସ, ହାଇଟେକ୍ ହସ୍ପିଟାଲ ମଧ୍ୟରେ ଏମ୍‌ଓୟୁ

ପୁରୀ,୧।୪(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ ଓ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟସେବାକୁ ଆହୁରି ଶକ୍ତିଶାଳୀ କରିବା ଓ ପୋଲିସ କର୍ମଚାରୀଙ୍କ ସହ ତାଙ୍କ ପରିବାର ସଦସ୍ୟଙ୍କୁ ଉତ୍ତମ ଚିକିତ୍ସା ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ବୁଧବାର ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏହି ଏମ୍‌ଓୟୁ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଯିଏ କି ପୁରୀ ପୋଲିସ ପକ୍ଷରୁ ପ୍ରଥମ ପକ୍ଷ ଭାବେ ପ୍ରତିନିଧିତ୍ୱ କରୁଛନ୍ତି ଓ ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ଜ୍ୟୋତିର୍ମୟ ପଣ୍ଡାଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ପୁରୀ ପୋଲିସ ହସ୍ପିଟାଲ୍‌ରେ ଥିବା ଫିଜିଓଥେରାପି ୟୁନିଟ୍ ଆଧୁନିକ ସୁବିଧା ସହିତ ସଜ୍ଜିତ ଥିଲେ ମଧ୍ୟ ଯଥାର୍ଥ ପ୍ରଶିକ୍ଷିତ ଫିଜିଓଥେରାପିଷ୍ଟ ଓ କର୍ମଚାରୀଙ୍କ ଅଭାବରୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା। ଏହି ପରିସ୍ଥିତିରେ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ତାଙ୍କର ଦକ୍ଷତା ଓ ଅନୁଭବ ଆଧାରରେ ଏହି ୟୁନିଟ୍‌କୁ ପୁନରୁଦ୍ଧାର କରି ଚାଲୁକରିବା ପାଇଁ ପ୍ରସ୍ତାବ ରଖିଥିଲେ, ଯାହାକୁ ପୁରୀ ପୋଲିସ ପକ୍ଷରୁ ସ୍ୱୀକୃତି ଦିଆଯାଇଛି। ଏମ୍‌ଓୟୁ ମୁଖ୍ୟ ବିଶେଷତା, ଯେପରିକି ଏହି ସମଝୌତା ସ୍ମାରକ ୫ ବର୍ଷ (୬୦ ମାସ) ପର୍ଯ୍ୟନ୍ତ ରହିବ। ପୁରୀ ପୋଲିସ ପକ୍ଷରୁ ଫିଜିଓଥେରାପି ୟୁନିଟ୍‌ର ସମସ୍ତ ଉପକରଣ, ବିଦ୍ୟୁତ୍, ପାଣି ଓ ଫର୍ନିଚର ସୁବିଧା ଦ୍ୱିତୀୟ ପକ୍ଷକୁ ଚାଲୁ କରିବା ପାଇଁ ହସ୍ତାନ୍ତର କରାଯିବ। ବିଦ୍ୟୁତ୍ ଓ ପାଣି ଖର୍ଚ୍ଚ ପୁରୀ ପୋଲିସ ପକ୍ଷରୁ ବହନ କରାଯିବ। ଦ୍ୱିତୀୟ ପକ୍ଷ ତାଙ୍କର ସ୍ୱୟଂ କର୍ମଚାରୀ ଓ ପ୍ରାୟୋଗିକ ସମର୍ଥନ ସହିତ ୟୁନିଟ୍‌କୁ ପରିଚାଳନା କରିବ। ସେମାନେ ସେବାମୂଳକ ଭାବନାରେ ଏହାକୁ ଚାଲୁ କରିବେ। ଏହି ଏମ୍‌ଓୟୁ ସମୟ ସୀମାରେ ଦ୍ୱିତୀୟ ପକ୍ଷ ପୁରୀ ପୋଲିସଙ୍କୁ କୌଣସି ଶୁଳ୍କ ଦାବି କରିବେ ନାହିଁ ଓ ସମସ୍ତ ଖର୍ଚ୍ଚ ସ୍ୱୟଂ ବହନ କରିବେ। ପୁରୀ ପୋଲିସ ପକ୍ଷରୁ ଦ୍ୱିତୀୟ ପକ୍ଷର କର୍ମଚାରୀଙ୍କୁ ନିଃଶୁଳ୍କ ଆବାସ ସୁବିଧା ଦିଆଯିବ। ଦ୍ୱିତୀୟ ପକ୍ଷ ପ୍ରତି ସପ୍ତାହରେ ୪ ଦିନ ପାଇଁ ୨ଜଣ ଫିଜିଓଥେରାପିଷ୍ଟ ଓ ଜଣେ ଷ୍ଟାଫ୍ ନର୍ସ ପ୍ରେରଣ କରିବେ। ସେମାନେ ପୋଲିସ କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ସେବା ପ୍ରଦାନ ସହିତ ପୋଲିସ ହସ୍ପିଟାଲର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିଗମ



@ ନିରାକାର



@ ସୌମ୍ୟରଞ୍ଜନ



@ ପ୍ରଭାସ



@ କୁନାଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

ପୁରୀ,୧।୪(ଅଜିତ୍ କୁମାର ମହାନ୍ତି)

ଭାଷାଭିତ୍ତିରେ ୧୯୩୬, ଏପ୍ରିଲ୍ ୧ରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲୁ। ପୂର୍ବର ଓଡ଼ିଶା ଓ ବର୍ତ୍ତମାନ ଓଡ଼ିଶା ମଧ୍ୟରେ ଅନେକ ପରିବର୍ତ୍ତନ ଘଟିଥିଲେ ମଧ୍ୟ ଆମ ମହାନ୍ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଅକ୍ଷୁଣ୍ଣ ରହିଛି। ବୁଧବାର ଅପରାହ୍ନରେ ପୁରୀ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ସଂସ୍କୃତି ଭବନଠାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ଆମେ ଦେଶ ବିଦେଶର ଯେଉଁଠି ଥିଲେ ମଧ୍ୟ ଆମ ଭାଷା, ସଂସ୍କୃତିକୁ ଭୁଲିବା ଉଚିତ ନୁହେଁ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସର ତାତ୍ପର୍ଯ୍ୟ, ଓଡ଼ିଶା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ପରେ ଅତିଥିମାନେ ପୁରୀର ନାଟକ, ନୃତ୍ୟ, ସଂଗୀତ ଓ ଲୋକକଳା ପ୍ରଚାର ପ୍ରସାରର ବ୍ୟକ୍ତିତ୍ୱ ତଥା ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଳା ସଂଗଠକ ପ୍ରସନ୍ନ କୁମାର ମିଶ୍ର, ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଓ ମହିଳାଙ୍କ ମଧ୍ୟରେ ଅନୁଷ୍ଠିତ ମୁରୁଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

# ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ



ପୁରୀ,୧।୪(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ଲାଇନ୍‌ସ୍ଥିତ ରିଜର୍ଭ ପଡ଼ିଆରେ ଜିଲାସ୍ତରୀୟ ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ପ୍ରତୀକ ସିଂ ଯୋଗଦେଇ ସମ୍ମିଳିତ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ପୁରୀ ଜିଲାର ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ଏକତ୍ରିତ ହୋଇ ଦିବସକୁ ଉତ୍ସାହର ସହ ପାଳନ କରିଥିଲେ। ଏହି ଅବସରରେ ପୁରୀ ଏସ୍‌ପି ସିଂ ସମସ୍ତ ପୋଲିସ କର୍ମଚାରୀ ଓ ଅଧିକାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଦିନର ଗୁରୁତ୍ୱ ଉଲ୍ଲେଖ କରି ପୋଲିସ ବାହିନୀର ତ୍ୟାଗ, ସେବା ଓ ନିଷ୍ଠାକୁ ସ୍ମରଣ କରିଥିଲେ। ଏଥିସହ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ବାର୍ତ୍ତାରେ ପୋଲିସ ବାହିନୀର କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳା ଓ ଲୋକସେବା ପ୍ରତି ସମର୍ପଣକୁ ମନେ ପକାଇଥିଲେ। ଏହି ଅବସରରେ ପୁରୀ ପୋଲିସର ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଯୋଗଦେଇଥିଲେ। ସେମାନଙ୍କର ଦୀର୍ଘ ସେବା ଓ ଅବଦାନକୁ ସମ୍ମାନ ଜଣାଯାଇଥିଲା। ପୋଲିସ ବାହିନୀର ଉତ୍କୃଷ୍ଟ କାର୍ଯ୍ୟ ପାଇଁ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଡେଲାଙ୍ଗ ଓଆଇସି ମମତା ବିଶ୍ୱାଳ, ଶ୍ରୀମନ୍ଦିର ସୁରକ୍ଷା ବାଟାଲିୟନର ପୋଲିସ ବାହିନୀ ଏସ୍‌ଆଇ (ଏ) ଜ୍ୟୋତି ପ୍ରକାଶ କର, ସଦର ଥାନା ଏଏସ୍‌ଆଇ ବୀରସେନ ବେହେରା, ଶ୍ରୀମନ୍ଦିର ସୁରକ୍ଷା ବାଟାଲିୟନର ପୋଲିସ ବାହିନୀ ଏଏସ୍‌ଆଇ (ଏ) ଶାନ୍ତନୁ କୁମାର ଭୋଇ, ଏପିଆର ହାବିଲଦାର ଆର୍‌ଓ ରମାକାନ୍ତ ମିଶ୍ର, ଶ୍ରୀମନ୍ଦିର ସୁରକ୍ଷା ବାଟାଲିୟନର ପୋଲିସ ବାହିନୀର ହାବିଲ୍‌ଦାର ଅଜିତ କୁମାର ଦଳେଇ, ବେଷ୍ଟ କନଷ୍ଟେବଳ ସଂଯୁକ୍ତା ଜେରେଇ, ଟ୍ରାଫିକ କନଷ୍ଟେବଳ ହେମନ୍ତ କୁମାର ସାହୁ, ବେଷ୍ଟ ବ୍ୟାଣ୍ଡ କନଷ୍ଟେବଳ ରମାକାନ୍ତ ନାୟକ, ଶ୍ରୀମନ୍ଦିର ସୁରକ୍ଷା ବାଟାଲିୟନର ପୋଲିସ ବାହିନୀ କନଷ୍ଟେବଳ ସୁମନ୍ତ କୁମାର ବେହେରାଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ପୁରୀ ପୋଲିସ ଆଗାମୀ ଦିନରେ ବିଭିନ୍ନ ଆଇନ ଓ ଶୃଙ୍ଖଳା ସମସ୍ୟାକୁ ଦକ୍ଷତାର ସହ ମୁକାବିଲା କରିବା ପାଇଁ ନିଜର କ୍ଷମତା ଓ ପ୍ରଶିକ୍ଷଣକୁ ଆହୁରି ଶକ୍ତିଶାଳୀ କରୁଛି। ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସହଯୋଗ ଓ ବିଶ୍ୱାସ ବୃଦ୍ଧି ପାଇଁ ପୁରୀ ପୋଲିସ ନିରନ୍ତର ପ୍ରୟାସ ଜାରି ରଖିବ ବୋଲି ମତବ୍ୟକ୍ତ କରିଛନ୍ତି।

**ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଅନ୍ତର୍ଗତ ସୁଦର୍ଶନ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଶିବଶଙ୍କର ସେଠୀଙ୍କୁ ମଙ୍ଗଳବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ଅଧ୍ୟାପକ ତନ୍ମୟ କୁମାର ଦାଶଙ୍କ ସଭାପତିତ୍ୱ ଓ ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର କରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ୨ ପୂର୍ବତନ ଅଧକ୍ଷ ବିଜୟ୍ କୁମାର ପଟ୍ଟନାୟକ, ସେଖ କଲିମୁଲ୍ଲା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ପତି, ସତ୍ୟରଞ୍ଜନ ରାୟ, ଲିଲି ଦାସ, ରୁମିଲା ବେହେରା, ପ୍ରିୟଦର୍ଶିନୀ ପ୍ରଧାନ, ଅସୀମା ପ୍ରିୟଦର୍ଶିନୀ, ଲକ୍ଷ୍ମୀ ନାରାୟଣ ନାୟକ, ପ୍ରକାଶ କୁମାର ଦାସ ପ୍ରମୁଖ ଉଚ୍ଚ ମାଧମିକ ବିଦ୍ୟାଳୟରେ ସେଠୀଙ୍କ ଅବଦାନ ଓ କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅଧ୍ୟାପିକା ସସ୍ମିତା ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷେପରେ

### ଆଳତି ନିଆଁରୁ ଜଳିଗଲା ୨ ବଖରା

କଟକ,୧।୪(କୁମାରଶ୍ରୀ)

ଚାଉଳିଆଗଞ୍ଜ ଅପର୍ଣ୍ଣା ନଗରରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳିଯାଇଛି। ବୁଧବାର ସନ୍ଧ୍ୟାରେ ପରିବାର ଲୋକଙ୍କ ଅସାବଧନତା ଯୋଗୁ ପୂଜା ଘର ଆଳତିରୁ ନିଆଁ ବ୍ୟାପିଥିବା ଜଣାପଡ଼ିଛି। ସୂଚନାନୁସାରେ, ସେଠାରେ ଭଡାରେ ରହୁଥିବା ଏକ ପରିବାର ସନ୍ଧ୍ୟାରେ ପୂଜାଘରେ ଆଳତି କରୁଥିଲେ। କିନ୍ତୁ ପରେ ବ୍ୟସ୍ତ ରହିଯିବା ସହ ଆଳତି ଜଳିବା ଅବସ୍ଥାରେ ଛାଡି ଚାଲି ଯାଇଥିଲେ। ଆଳତି ନିଆଁରୁ ଠାକୁର ଘର ଜଳିବା ଆରମ୍ଭ ହୋଇ ପରେ ଶୋଇବା ଘରକୁ ବ୍ୟାପିଥିଲା। ସ୍ଥାନୀୟ ଲୋକଙ୍କ ଦ୍ୱାରା ପ୍ରଥମେ ନିଆଁ ଲିଭାଇବାକୁ ଚେଷ୍ଟା କରାଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଁଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡ ଜନିତ କ୍ଷୟକ୍ଷତିର ଆକଳନ କରାଯାଇ ପାରିନାହିଁ।

### ସ୍ୱଗୃହ ଗଣନା ଅଭିଯାନ ଆରମ୍ଭ

କଣ୍ଟାପଡ଼ା,୧।୪(ସୁରନାରାୟଣ ସାହୁ)

କଣ୍ଟାପଡ଼ା ତହସିଲ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ସ୍ୱଗୃହ ଗଣନା ଅଭିଯାନ ବୁଧବାର ଆରମ୍ଭ ହୋଇଛି। ଏହି ଅବସରରେ କଣ୍ଟାପଡା ତହସିଲଦାର କ୍ରିଷ୍ଣା ପାତ୍ରୀଙ୍କ ସହ ଏକ ଟିମ୍ ବରାହୀପୁରସ୍ଥିତ ଡା. ବୃଷକେତୁ ମହାନ୍ତି, ଓଲଟପୁରସ୍ଥିତ ଏସ୍‌ଭି ନିରତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତିଙ୍କ ସରକାରୀ ବାସଭବନ ଓ କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ଜୀନା ଭୋଇଙ୍କ ନିଜସ୍ୱ ଘରକୁ ଯାଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ସମୟରେ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ୩୩ଟି ପ୍ରଶ୍ନ ପଚରାଯାଇଥିଲା। ଏହି ଟିମ୍‌ରେ ଅଡଶପୁର ରାଜସ୍ୱ ନିରୀକ୍ଷକ ଜ୍ଞାନରଞ୍ଜନ ମଳିକ, ବରିଷ୍ଠ ରାଜସ୍ୱ ସହାୟକ ଶ୍ରୀମୟ ଶତପଥୀ ଓ ରାଜସ୍ୱ ସହାୟକ ମିଳନ ମଳିକ ଉପସ୍ଥିତ ଥିଲେ।

### ଉଲ୍ଲେଖନୀୟ ସେବା ପାଇଁ ପ୍ରୀତିରଞ୍ଜନ ରାୟ ସମ୍ବର୍ଦ୍ଧିତ



ଖୁଣ୍ଟୁଣୀ,୧।୪(ସଚ୍ଚିଦାନନ୍ଦ ପଣ୍ଡା)

ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିବା ଜରୁରୀ। କୌଣସି ପରିସ୍ଥିତିରେ ଅନ୍ୟାୟ, ଅନୀତିକୁ ପ୍ରଶ୍ରୟ ନ ଦେଇ ଆଇନକୁ ଉଚିତ ବିନିଯୋଗ କରିବା ଜଣେ ପୋଲିସ କର୍ମଚାରୀଙ୍କ ନୈତିକ କର୍ତ୍ତବ୍ୟ। ନିରୀହ ଜନସାଧାରଣ ତଥା ଆଇନ ବିଷୟରେ ଅନଭିଜ୍ଞଙ୍କୁ ସହାୟତା କରିବା ପୋଲିସ କର୍ମଚାରୀକୁ ପ୍ରତିବର୍ଷ ପ୍ରତି ଜିଲାରେ ଏସ୍‌ପି ସମ୍ବର୍ଦ୍ଧିତ କରିଥାନ୍ତି। ବୁଧବାର ଖୁଣ୍ଟୁଣୀ ଥାନା ଏଏସ୍‌ଆଇ ପ୍ରୀତିରଞ୍ଜନ ରାୟଙ୍କୁ ଉଲ୍ଲେଖନୀୟ ସେବା ପାଇଁ କଟକ ଗ୍ରାମାଞ୍ଚଳ ଏସ୍‌ପି ବିନୀତ ଅଗ୍ରୱାଲ ନଗଦ ଅର୍ଥ ରାଶି, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ରାୟ ୨୦୨୨ରେ ଏଏସ୍‌ଆଇ ଭାବେ କାର୍ଯ୍ୟକରି ଗତ ୪ ବର୍ଷ ମଧ୍ୟରେ ଉତ୍ତମ ସେବା କରି ଆସୁଛନ୍ତି। ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ଖୁଣ୍ଟୁଣୀ ଥାନା ଅଞ୍ଚଳର ସାଧାରଣ ଜନତାଙ୍କ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ୪୦% ହିତାଧିକାରୀ ଏପ୍ରିଲ କୋଟାରୁ ବଞ୍ଚିତ

**ପଣ୍ୟାଗାର ନିଗମରେ ଚାଉଳର ଅଭାବ**

କଟକ ସଦର,୧।୪(ସୁଶାନ୍ତ କୁମାର ଜେନା)

ଜାତୀୟ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାରେ କଟକ ସଦର ବ୍ଲକ ଅଞ୍ଚଳରେ ଏପ୍ରିଲ ମାସ ଚାଉଳ କୋଟା ବାବଦକୁ ୬୦ ପ୍ରତିଶତ ଯୋଗାଇ ଦିଆଯାଇଥିଲା। ଫଳରେ ୨୩ଟି ପଞ୍ଚାୟତରେ ୪୦ ପ୍ରତିଶତ କାର୍ଡଧାରୀ ଅଦ୍ୟାବଧି ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। କଟକ ନୂଆବଜାରସ୍ଥିତ ରାଜ୍ୟ ପଣ୍ୟାଗାର ନିଗମ ଗୋଦାମରେ ଚାଉଳର ଅଭାବ ରହିଥିବାରୁ ଉକ୍ତ ବ୍ଲକ ଅଞ୍ଚଳର ଲୋକମାନେ କୋଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ମେ ଓ ଜୁନର ଚାଉଳ ବଣ୍ଟନ ପାଇଁ ସରକାରୀ ନିର୍ଦ୍ଦେଶନାମା ଆସିଗଲାଣି। ଜିଲାର ଅନ୍ୟ ବ୍ଲକକୁ ସବୁ ମାସର କୋଟା ଦିଆଯାଇଥିବା ବେଳେ ଏହି ବ୍ଲକ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହୋଇଛି। ଏହି ସମସ୍ୟାରେ ଶୀଘ୍ର ସମାଧାନ ହୋଇଯିବ ବୋଲି ବ୍ଲକ ଯୋଗାଣ ନିରୀକ୍ଷକ ଦୀପ୍ତି ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ‘ବିକଶିତ ଓଡ଼ିଶା ଗଠନର ସଂକଳ୍ପ ସର୍ବୋତ୍ତମ ଆବଶ୍ୟକତା’

କଟକ,୧।୪(କାର୍ତ୍ତିକ ସାହୁ)

କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ନେତାଜୀ ସଂସ୍କୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମବାୟ, ବୟନ ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଲେ, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ସଂକଳ୍ପ ବର୍ତ୍ତମାନର ସର୍ବୋତ୍ତମ ଆବଶ୍ୟକତା। ପ୍ରତ୍ୟେକ ଓଡ଼ିଆଙ୍କ ଭାଗୀଦାରିରେ ଏକ ବିକଶିତ ଓଡ଼ିଶାର ସ୍ୱପ୍ନ ବାସ୍ତବରେ ରୂପାୟିତ ହୋଇପାରିବ। ସମ୍ମାନିତ ଅତିଥି ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଓ ବିଧାୟକ ସୌଭିକ ବିଶ୍ୱାଳ ସ୍ୱତନ୍ତ୍ର ଓଡ଼ିଆ ଭାଷା ଓ ପ୍ରଗତିର ଗାଥା



ଜିଲାସ୍ତରୀୟ ଓଡ଼ିଶା ଦିବସରେ ଜଣେ କୃତୀ ଛାତ୍ରୀଙ୍କୁ ମନ୍ତ୍ରୀ ପୁରସ୍କୃତ କରୁଛନ୍ତି।

ବର୍ଣ୍ଣନା କରିଥିଲେ। ଜିଲାପାଳ ଭାଉ ସାହେବ ଶିନ୍ଦେ ସ୍ୱାଗତ ଭାଷଣ ଓ ସିଏମ୍‌ସି କମିଶନର କିରନଦୀପ କୌରସହୋତା ଧନ୍ୟବାଦ ଦେଇଥିଲେ। ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ସୂଚନା ଓ ଲୋକସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଭବାନୀ ଶଙ୍କର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରପୁତ୍ର ଏବଂ ଓଡ଼ିଶାର ଐତିହ୍ୟକୁ ନେଇ ନେତାଜୀ ସଂସ୍କୃତି ଭବନଠାରେ ଫଟୋଚିତ୍ର ପ୍ରଦର୍ଶନୀ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କଟକ ଐତିହାସିକ ବାଲିଯାତ୍ରା ସାଂସ୍କୃତିକ ପରମ୍ପରାକୁ ସୁରକ୍ଷା ଓ ପ୍ରସାର ତଥା ୟୁନେସ୍କୋ ମାନ୍ୟତା ନିମନ୍ତେ ସମ୍ମତିପତ୍ର ପ୍ରଦାନ କରିଥିବା

**ଜିଲାସ୍ତରୀୟ ଓଡ଼ିଶା ଦିବସ**

ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ପ୍ରତ୍ୟୁଷରୁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରୁଥିବା ଯାନ ସହର ପରିକ୍ରମା କରିଥିଲା। ପ୍ରଶାସନ ପକ୍ଷରୁ ଗୋରାକବରଠାରେ ମଧୁବାବୁ, ବିଜୁ ପଟ୍ଟନାୟକ ଛକଠାରେ ବିଜୁବାବୁ, କ୍ୟାଣ୍ଟନମେଣ୍ଟ ରାସ୍ତାରେ ଗୋପବନ୍ଧୁ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମେତ ଶହୀଦ ପାର୍କଠାରେ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।



ଓଡ଼ିଶା ଦିବସ ଅବସରରେ ଓଡ଼ିଶା ୟାଚିଙ୍ଗ ଆସୋସିଏଶନ ପକ୍ଷରୁ ଚିଦାନନ୍ଦ ଘାଟ ସମ୍ମୁଖ ସୂର୍ଯ୍ୟଦୀପ ମହାନଦୀ ଜଳରାଶିରେ କଣ୍ଠଶିଳ୍ପୀ ସୁବାସ ଦାସ ବନ୍ଦେ ଉତ୍କଳ ଜନନୀ ସଙ୍ଗୀନ ଗାନ କରୁଛନ୍ତି।

### ପୁରୁଷରେ ରଶ୍ମିରଞ୍ଜନ, ମହିଳାରେ ପୂଜା ଚାମ୍ପିୟନ

**ସିଡିଏଏ ପକ୍ଷରୁ ଗଣଦୌଡ଼**

କଟକ,୧।୪(କୁମାରଶ୍ରୀ)

ଓଡ଼ିଶା ଦିବସ ଉପଲକ୍ଷେ କଟକ ଜିଲା କ୍ରୀଡ଼ା ସଂସଦ (ସିଡିଏଏ) ପକ୍ଷରୁ ଗଣଦୌଡ଼ ଆୟୋଜନ ହୋଇଥିଲା। ପୁରୁଷ ବର୍ଗରେ ରଶ୍ମିରଞ୍ଜନ ନାୟକ ଏବଂ ମହିଳା ବର୍ଗରେ ପୂଜା ବେହେରା ଚାମ୍ପିୟନ ହୋଇଛନ୍ତି। ପୁରସ୍କାର ସ୍ୱରୂପ ଉଭୟଙ୍କୁ ଟ୍ରଫି ସମେତ ୭ ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

ବାରବାଟୀ ଦୁର୍ଗ ନିକଟରେ ସିଡିଏଏ ସମ୍ପାଦକ ଆଶୀର୍ବାଦ ବେହେରା ପତାକା ହଲାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସହରର ବିଭିନ୍ନ ସ୍ଥାନ ଦେଇ ପ୍ରତିଯୋଗୀମାନେ ମୋଟ୍ ୧୫ କିଲୋମିଟର ଦୌଡ଼ିଥିଲେ। ଜୁନିୟର ବାଳିକା ବର୍ଗରେ ଭୂମିକା ବାହାଦୁର, ଜୁନିୟର ବାଳକ ବର୍ଗରେ ତାରିଣୀ ସେଠୀ, ସିନିୟର ବାଳିକା ବର୍ଗରେ ମେହକ ବେଗମ, ସିନିୟର ବାଳକ ବର୍ଗରେ ପଵନ କୁମାର ଯାଦବ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ବାରବାଟୀ ଷ୍ଟାଡିୟମ ପରିସରସ୍ଥ ବାସ୍କେଟବଲ ଗ୍ରାଉଣ୍ଡରେ ପୁରସ୍କାର ବିତରଣୀ ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କ ସମେତ ସହରର ବିଭିନ୍ନ ସାହିର ମୁରବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଡିଏଏ ଉପସଭାପତି ବିଜୟ ଦାସ, ଜିଲା କ୍ରୀଡ଼ାଧିକାରୀ ଅଜୟ ବେହେରା, ଉପସଭାପତି ଭକ୍ତବଲ୍ଲଭ ଦାସ, ସହଦେବ ରାଉତ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ବିଶ୍ୱରଞ୍ଜନ ଘଡେଇ, କୋଷାଧ୍ୟକ୍ଷ ଦିନେଶ୍ୱର ଭଗତ ପ୍ରମୁଖ ଉପସ୍ଥିତ ଥିଲେ।

# ଇସ୍ତଫା ପରେ ସୁବାସ-ପୂର୍ଣ୍ଣିମା ମୁହାଁମୁହିଁ

କଟକ,୧।୪(ଶିଳ୍ପା ପ୍ରିୟଦର୍ଶିନୀ)

- ମେୟରଙ୍କ ନେତୃତ୍ୱରେ ମହିଳା ସଙ୍ଗଠନ ଅବହେଳିତ: ପୂର୍ଣ୍ଣିମା
- ପୂର୍ଣ୍ଣିମାଙ୍କ କାର୍ଯ୍ୟକଳାପ ଯୋଗୁ ଦଳ ତାଙ୍କୁ ବହିଷ୍କାର କରିଥାନ୍ତା: ମେୟର

କଟକରେ ବିଜେଡିର ଦୁର୍ଦ୍ଦିନ ସ୍ଥିତି ଦେଖି ଜିଲାର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣିମା ସିଂ ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି ବୋଲି କହିଛନ୍ତି। ପୂର୍ଣ୍ଣିମାଙ୍କ ଇସ୍ତଫା ପରେ ବିଜେଡି ସ୍ଥିତିକୁ ନେଇ ଏବେ ବିଭିନ୍ନ ମହଲରେ ଭିନ୍ନ ଆଲୋଚନା ଜୋର ଧରିଲାଣି। ଦଳରୁ ଇସ୍ତଫା ଦେବା ପରେ ପୂର୍ଣ୍ଣିମା କଟକ ଦାୟିତ୍ୱରେ ଥିବା ମେୟର ସୁବାସ ସିଂଙ୍କୁ କଡ଼ା ସମାଲୋଚନା କରିଛନ୍ତି, ଏପରିକି ସୁବାସ ମଧ୍ୟ ପୂର୍ଣ୍ଣିମାଙ୍କ କାର୍ଯ୍ୟକୁ ନେଇ ନାନା ପ୍ରଶ୍ନ ଉଠାଇଛନ୍ତି। ପୂର୍ଣ୍ଣିମା କହିଛନ୍ତି, ଦଳରେ କେବଳ ପଦ ପାଇଁ ଦାୟିତ୍ୱ ଦିଆଯାଇଥିଲା, ହେଲେ କିଛି କାମ ହେଉ ନ ଥିଲା କି ସୁଯୋଗ ମଧ୍ୟ ନ ଥିଲା। ଏପରିକି ଦଳରେ କେଉଁ ନେତୃତ୍ୱଙ୍କ ନିକଟରେ ଅଭିଯୋଗ କରିବୁ ସେ ବିଷୟରେ ଜାଣି ପାରୁ ନ ଥିଲେ। ଜିଲା ସଭାପତି ପ୍ରଫୁଲ୍ଲ ସିଂ ଯାହା କାର୍ଯ୍ୟ କରୁଥିଲେ ସେଥିରେ ଡାକୁଥିଲେ ହେଲେ ସେଠାରେ ବି କୋଣଠେସା ହୋଇ ରହିଥିଲେ। ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଦଳରେ ତାଙ୍କୁ ଟିକେଟ ଦେଇଥିଲେ ଏବଂ ତାଙ୍କ ସମୟରେ ଦଳ କାର୍ଯ୍ୟ ଠିକ୍ ଭାବେ ହେଉଥିଲା। କିନ୍ତୁ ଏବେ ଦଳରେ ମହିଳାଙ୍କୁ ଅଣଦେଖା କରାଯାଉଛି। କଟକକୁ ଠିକ୍ ନେତୃତ୍ୱ ମିଳି ପାରିନାହିଁ। କାହାକୁ ଆକ୍ଷେପ କରିବା ତାଙ୍କ ଉଦ୍ଦେଶ୍ୟ ନୁହେଁ ହେଲେ କଟକରେ ମେୟର ସୁବାସ ସିଂଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ସେ ମହିଳା ସଂଗଠନକୁ କୌଣସି କାର୍ଯ୍ୟ ଦେଉ ନାହାନ୍ତି। କର୍ମୀ ବହୁ ଅବହେଳିତ ହୋଇ ରହିଛନ୍ତି। ଯେଉଁଥିପାଇଁ ସେ ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି ବୋଲି ପୂର୍ଣ୍ଣିମା କହିଛନ୍ତି। ଏଥିସହିତ ତାଙ୍କ ନାମରେ ଯେଉଁ ଅପପ୍ରଚାର ହେଉଛି ତା’ର ପ୍ରମାଣ ମେୟର ଦିଅନ୍ତୁ ବୋଲି ପୂର୍ଣ୍ଣିମା କହିଛନ୍ତି। ଅନ୍ୟପଟେ ମେୟର ସୁବାସ ସିଂ କହିଛନ୍ତି, ପୂର୍ଣ୍ଣିମା ସିଂଙ୍କୁ ନିକଟରେ ଦଳ ବହିଷ୍କାର କରିଥାନ୍ତା। ଏହା ପୂର୍ବରୁ ହିଁ ସେ ନିଜେ ଇସ୍ତଫା ଦେଇଛନ୍ତି। ତାଙ୍କର କୌଣସି ଭୂମିକା କଟକରେ କିମ୍ବା ଦଳରେ ନାହିଁ। ସାମାନ୍ୟ କର୍ପୋରେଟର ଭାବେ ଜିତିବାର କ୍ଷମତା ତାଙ୍କର ନାହିଁ। ତାଙ୍କ ଇସ୍ତଫା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଦୁର୍ନୀତି ଓ ମିଥ୍ୟା ଅଭିଯୋଗରେ ସେ ଲିପ୍ତ ରହିଛନ୍ତି ବୋଲି ସିଂ କହିଛନ୍ତି।

### ବିଜେଡିରୁ ସମୂହ ଇସ୍ତଫା ଦେଲେ ଚୌଦ୍ୱାର-କଟକର ଯୁବ, ଛାତ୍ର ନେତା

କଟକ,୧।୪(ଶିଳ୍ପା ପ୍ରିୟଦର୍ଶିନୀ)

ବିଧାୟକ ସୌଭିକ ବିଶ୍ୱାଳ ଓ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସପକ୍ଷରେ ବାହାରି ଚୌଦ୍ୱାର-କଟକ ବିଜେଡିର ପ୍ରାଥମିକ ସଦସ୍ୟରୁ ପ୍ରାୟ ୫୦ଜଣ ଯୁବ ଓ ଛାତ୍ର ନେତା ସମୂହ ଇସ୍ତଫା ଦେଇଛନ୍ତି। ଏନେଇ ମାଛୁଆବଜାରସ୍ଥିତ ସର୍କିଟ ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଛାତ୍ର ନେତା ପୂର୍ବତନ ସାଧାରଣ ସମ୍ପାଦକ ଅଶୋକ ମିଶ୍ର କହିଛନ୍ତି, ଚୌଦ୍ୱାର-କଟକରେ ଥିବା ସମସ୍ତ କମିଟିରୁ ଯୁବ ଓ ଛାତ୍ର ନେତାମାନେ ଇସ୍ତଫା ଦେଇଛୁ। ପ୍ରଭାତ ବିଶ୍ୱାଳ ବିଜେଡି ପାଇଁ ବହୁ କାମ କରିଛନ୍ତି। ହେଲେ ଦଳ ତାଙ୍କୁ ଏଭଳି ବହିଷ୍କାର କରି ଆଦୌ ଠିକ୍ କରିନାହିଁ। ସେହିପରି ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କାରଣରୁ ବିଧାୟକ ସୌଭିକଙ୍କୁ ନିଲମ୍ବନ କରିବା ମଧ୍ୟ ଗ୍ରହଣୀୟ ନୁହେଁ। ଦଳର ଏଭଳି ନିଷ୍ପତ୍ତିକୁ ଆମେ ଗ୍ରହଣ କରିବୁନାହିଁ। ପ୍ରଭାତଙ୍କ ସହ ସର୍ବଦା ରହି ଚୌଦ୍ୱାର-କଟକବାସୀଙ୍କ ପାଇଁ କାର୍ଯ୍ୟ କରିବୁ ବୋଲି ସେ କହିଛନ୍ତି। ତେବେ ଚୌଦ୍ୱାର-କଟକରେ କର୍ପୋରେଟରଙ୍କୁ ନେଇ ବିବାଦ ଜାରି ରହିଥିବାବେଳେ ଏଭଳି ଯୁବ ଓ ଛାତ୍ର ନେତା ଦଳରୁ ସମୂହ ଇସ୍ତଫା ଦେବା ଯେପରି ବିଜେଡିକୁ ବଡ଼ ଝଟକା ଲାଗିଛି ବୋଲି ଚର୍ଚ୍ଚା ହେଉଛି।

ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିଗମ



@ ନିରାକାର



@ ସୌମ୍ୟରଞ୍ଜନ



@ ପ୍ରଭାସ



@ କୁନାଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ

କଟକ,୧।୪(କାର୍ତ୍ତିକ ସାହୁ)

ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀର ଚତୁର୍ଥ ସଂସ୍କରଣ କଟକ କ୍ଲବ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାଗ ନେଇଥିବା ଶହେ ଜଣ ପ୍ରତିଯୋଗୀମାନଙ୍କ ମଧ୍ୟରୁ ୮ ଜଣ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ତୃପ୍ତି ଦାସ, ସୁବାସ ଦାଶ ଓ ଦେବାଶିଷ ମହାପାତ୍ର ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ କ୍ଲବର ସଭାପତି ଡା. ଶ୍ରୀଜୟ ପଟ୍ଟନାୟକ ଓ ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

### ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ ଓଡ଼ିଶା ଦିବସ

କଟକ,୧।୪(କାର୍ତ୍ତିକ ସାହୁ)

ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶିବଶଙ୍କର ସାହୁ ଯୋଗଦେଇ ଓଡ଼ିଶାର ଗରିମାମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ଅଧକ୍ଷ ଅବନୀ କାନୁନ୍‌ଗୋ ପୌରୋହିତ୍ୟ କରି କହିଲେ, ଆମେ ଆମର ସଂସ୍କୃତି ପାଇଁ ଗର୍ବ ଅନୁଭବ କରିବା। ସଂଘର ସଭାପତି ରାଜେଶ କାନୁନଗୋ ସ୍ୱାଗତ ଭାଷଣ ଦେଇଥିଲେ। ଗୌର ଗୋପାଳ ସେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଦେବେନ୍ଦ୍ର ଶର୍ମା ଧନ୍ୟବାଦ ଦେଇଥିଲେ। ରୁଦ୍ର ନାରାୟଣ ଆଚାର୍ଯ୍ୟ, ଶୁଭକାନ୍ତ ପଣ୍ଡା, ଅଜୟ ପଣ୍ଡା, ସୁଧାକର ସ୍ୱାଇଁ, ଅରୁଣ ବାଗାରିଆ, ପ୍ରଶାନ୍ତ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ମଧୁସୂଦନ ଦାସଙ୍କୁ ଭାରତରତ୍ନ ପ୍ରଦାନ ଦାବି ଜୋର ଧରିଲା

ମଙ୍ଗୁଳି-ଜଗତପୁର,୧।୪(ମାନସ ସାମଲ)

ଓଡ଼ିଶା ଦିବସ ପାଳନ ଅବସରରେ ସ୍ୱତନ୍ତ୍ର ଓଡିଶା ଗଠନର ମୁଖ୍ୟ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ଦାବି ଜୋର ଧରିଛି। ମଧୁପ୍ରେମୀ ପକ୍ଷରୁ କଟକ ଜିଲା ଟାଙ୍ଗୀଠାରୁ ଜଗତପୁର ଥାନା ଅଧୀନ ସତ୍ୟଭାମାପୁର ମଧୁବାବୁ ଅନ୍ତୁଡ଼ିଶାଳ ପର୍ଯ୍ୟନ୍ତ ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଓଡ଼ିଶା ଦିବସ ପାଳିତ ହେଉଛି। ମଧୁପ୍ରେମୀର ଆବାହକ ତଥା ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ତଥା ଶିକ୍ଷାବିତ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ୬ ଶହରୁ ଊର୍ଦ୍ଧ୍ୱ ଯୁବକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏକ ସୁସଜ୍ଜିତ ୪ ଚକିଆ ଗାଡି ସହ ୪ ଶହ ଊର୍ଦ୍ଧ୍ୱ ବାଇକ୍ ପ୍ରଥମେ ବ୍ଲକଠାରୁ ରାମମନ୍ଦିର, ହନୁମାନ ମନ୍ଦିର ଛକ ଦେଇ ତ୍ରିମ୍ବ ଛକ, ଭଙ୍ଗିମୁଣ୍ଡା, ଗୋପୀନାଥପୁର ଗ୍ରାମ ଅତିକ୍ରମ କରି ସତ୍ୟଭାମାପୁର ମଧୁବାବୁଙ୍କ ଜନ୍ମପୀଠରେ



ଟାଙ୍ଗୀରୁ ମଧୁବାବୁଙ୍କ ଅନ୍ତୁଡ଼ିଶାଳକୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

ବାଇକ ଶୋଭାଯାତ୍ରା ପହଞ୍ଚି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ତ୍ରିଦେବ ବେହେରା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗଙ୍ଗାଧର ବେହେରା, ବରିଷ୍ଠ ନାଗରିକ ବିଷ୍ଣୁ ଚରଣ ଦାସ, ମଧୁପ୍ରେମୀ ଆକାଶ ପାତ୍ର, ଅମୂଲ୍ୟ

**ଟାଙ୍ଗୀରୁ ମଧୁବାବୁଙ୍କ ଅନ୍ତୁଡ଼ିଶାଳକୁ ବିଶାଳ ବାଇକ୍ ଶୋଭାଯାତ୍ରା**

କୁମାର ବେଉରା, ବିଶ୍ୱରଞ୍ଜନ ସାହୁ, ହୃଷୀକେଶ ସାମଲ, ଚୌଧୁରୀ ମାନସ ସାହୁ, ବିଶ୍ୱଜିତ ଆଞ୍ଚଲ, ତ୍ରିନାଥ ମହାରଣା, ଜୟପ୍ରକାଶ ମହାନ୍ତି ଓ ରଷ୍ୟାନନ୍ଦ ସ୍ୱାଇଁଙ୍କ ସମେତ ୧୫ ପଞ୍ଚାୟତର ମଧୁ ପ୍ରେମୀ ଯୋଗଦେଇଥିଲେ। ମଧୁବାବୁଙ୍କୁ ଭାରତରତ୍ନ ଦାବିନେଇ ଟାଙ୍ଗୀ ଅଞ୍ଚଳରେ ପ୍ରଥମ କରି ଏଭଳି ଶୋଭାଯାତ୍ରା ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ହୋଇଛି। ସେହିପରି ଇତିଶା ଫାଉଣ୍ଡେଶନ ଉପଦେଷ୍ଟା ଅନୁସୟା ମହାନ୍ତିଙ୍କ ପକ୍ଷରୁ ମଧୁବାବୁଙ୍କୁ ମାଲ୍ୟାର୍ପଣ କରାଯାଇଛି। ପ୍ରତିଷ୍ଠାତା ଇତିଶ୍ରୀ ମିଶ୍ର, ଅଧକ୍ଷ ଶାସ୍ତ୍ରୀ ବାହାଦୁର ପ୍ରଧାନ, ନିର୍ମଳା ସିଂହ, ସନ୍ଧ୍ୟାରାଣୀ ସତପଥୀ, ରେଣୁବାଳା ରାଉତ, ଜାନକୀ କାଣ୍ଡି, ରୀନା ବରାଳ ପ୍ରମୁଖ ଶତାଧିକ ଲୋକ ଉପସ୍ଥିତ ଥିଲେ।

# ଅସ୍ମିତା ବିନା ଜାତି ଆତ୍ମାବିହୀନ ମେଶିନ ସଦୃଶ: ମୁଖ୍ୟମନ୍ତ୍ରୀ

ସାକ୍ଷୀଗୋପାଳ,୧।୪(କିଶୋରମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶା ୯୧ ବର୍ଷରେ ପଦାର୍ପଣ କରିଛି। ଓଡ଼ିଶା ପ୍ରଦେଶ ଗଠନରେ ବରପୁତ୍ରଙ୍କର ଗୌରବମୟ ସ୍ମୃତିକୁ ମନେପକାଇ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ପୁରୀ ଜିଲା ସତ୍ୟବାଦୀସ୍ଥିତ ସୁଆଣ୍ଡୋ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ଜାତିର ଉତ୍ଥାନର ମୂଳଶକ୍ତି ହେଉଛି ତା'ର ଅସ୍ମିତା। ଅସ୍ମିତା ବିନା ଜାତି ଆତ୍ମାବିହୀନ ମେଶିନ୍ ସଦୃଶ। ଯୁବପିଢ଼ିଙ୍କୁ ବରପୁତ୍ରଙ୍କ ସ୍ମୃତି ସହିତ ଯୋଡ଼ି ରଖିବାକୁ ଏବଂ ସେମାନଙ୍କ ତ୍ୟାଗ ଓ ବଳିଦାନରେ ଅନୁପ୍ରେରିତ ହେବା ପାଇଁ ଏହି କାର୍ଯ୍ୟକ୍ରମକୁ ବରପୁତ୍ରମାନଙ୍କ ଜନ୍ମସ୍ଥାନରେ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ ସୁଆଣ୍ଡୋରେ ପହଞ୍ଚି ଗୋପବନ୍ଧୁ ଦାସଙ୍କ ଷଠିଘର ପରିଦର୍ଶନ ଓ ଉତ୍କଳମଣିଙ୍କ କୁଳଦେବତା ପ୍ରଭୁ ଶ୍ରୀରାଧା ବିନୋଦ ବିହାରୀଙ୍କୁ ଦର୍ଶନ କରିଥିଲେ। ଗୋପବନ୍ଧୁ ପାର୍କ ଠାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗୋପବନ୍ଧୁ ସଂଗ୍ରହାଳୟ ବୁଲି ଦେଖିଛନ୍ତି। ଏକ ଅନୁନ୍ନତ ଅଞ୍ଚଳରେ ଜନ୍ମହୋଇ ସବୁ ସାଧାରଣ ସାମଗ୍ରୀ ବ୍ୟବହାର କରି ନିଜର କର୍ମବଳରେ ଜଣେ ବ୍ୟକ୍ତି କିପରି ଈଶ୍ୱରତୁଲ୍ୟ ହୋଇପାରେ କହି ମୁଖ୍ୟମନ୍ତ୍ରୀ ଗୋପବନ୍ଧୁଙ୍କୁ ସମଗ୍ର ଭାରତବର୍ଷ ପାଇଁ ଉଦାହରଣ ବୋଲି କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ବନ ବିଦ୍ୟାଳୟ ଓ ଭାରତର ଏକ ଧାର୍ମିକ ପୀଠ ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ ମନ୍ଦିର ଅଞ୍ଚଳର ସାମଗ୍ରିକ ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୫୮୫ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବେ, ଏହା ଖୁବ୍‌ଶୀଘ୍ର ଆରମ୍ଭ ହେବ। ଐତିହାସିକ ବକୁଳବନର ବିକାଶ ପାଇଁ ୯୦ କୋଟି ଟଙ୍କା ବିନିଯୋଗ କରାଯିବ। ଏହାକୁ ଏକ ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଶିକ୍ଷାକେନ୍ଦ୍ରରେ ପରିଣତ କରାଯାଇ ଏହାର ଐତିହାସିକ ପରିଚୟକୁ ସୁରକ୍ଷିତ କରାଯିବ। ଏହାସହିତ ୪୯୫ କୋଟି ଟଙ୍କାରେ ସତ୍ୟବାଦୀ ଅଞ୍ଚଳର ପୁନର୍ବିକାଶ ଜରିଆରେ ଏହାକୁ ହେରିଟେଜ କରିଡର୍ ମାନ୍ୟତା ମିଳିବ। ମହାପ୍ରଭୁଙ୍କ ମହିମାର ପ୍ରସାର ପାଇଁ ପୁରୀଠାରେ ହଜାର କୋଟି ଟଙ୍କା ବ୍ୟୟରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ପ୍ରତିଷ୍ଠା କରାଯିବା ସହିତ ଗୁଣ୍ଡିଚା ମନ୍ଦିର, ଏମାର ମଠ ଓ ରଘୁନନ୍ଦନ ଲାଇବ୍ରେରି ଭଳି ଐତିହାସିକ ଓ ଆଧ୍ୟାତ୍ମିକ ପୀଠର ଗୌରବର ପୁନରୁଦ୍ଧାର କରାଯିବ। ପୁରୀକୁ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳରେ ପରିଣତ କରିବା ପାଇଁ ସରକାର ୧୫୦୦ ଏକର ପରିମିତ ଅଞ୍ଚଳରେ ଶାମୁକା ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏହି ପ୍ରକଳ୍ପ ନୈସର୍ଗିକ ବେଳାଭୂମି ଓ ଅତ୍ୟାଧୁନିକ ଭିତ୍ତିଭୂମିର ସମନ୍ୱୟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବ ବୋଲି ସେ କହିଥିଲେ।

ସେ ଆହୁରି କହିଛନ୍ତି, ପୁରୀଠାରେ ଏକ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରାଯିବ। ପୁରୀରେ କ୍ରୁଜ ଟର୍ମିନାଲ ପ୍ରତିଷ୍ଠା ପାଇଁ ମଧ୍ୟ ଆମେ ପଦକ୍ଷେପ ନେଇଛୁ। ଏହା ସହିତ ଆମର ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକାର ପୁନରୁଦ୍ଧାର କରାଯାଇ ଏହାକୁ ମଧ୍ୟ ବିଶ୍ୱସ୍ତରୀୟ ଇକୋଟୁରିଜମ୍ ହବ୍‌ରେ ପରିଣତ କରାଯିବ। ପୁରୀରେ ଏୟାରପୋର୍ଟ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଜାରି ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଦିବସ ଉପଲକ୍ଷେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତାକୁ ମୁଖ୍ୟମନ୍ତ୍ରୀ ପାଠ କରିବା ସହିତ ଉଭୟଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଏହି ଅବସରରେ ପୁରୀ ସାଂସଦ ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଉତ୍କଳମଣି ସ୍ମୃତି ପରିଷଦର ସଭାପତି ଧୀରେନ୍ଦ୍ର ଦାସ ଏବଂ ଜିଲାପାଳ ଦିବ୍ୟଜ୍ୟୋତି ପରି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଛନ୍ତି।


ସୁଆଣ୍ଡୋଠାରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏମ୍‌ପି ଡା. ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

- ଉତ୍କଳମଣିଙ୍କ ଜନ୍ମପୀଠରେ ଓଡ଼ିଶା ଦିବସ ସମାରୋହ
- ସତ୍ୟବାଦୀ ଅଞ୍ଚଳର ବିକାଶ ପାଇଁ ୫୮୫ କୋଟିର ପ୍ରକଳ୍ପ ଘୋଷଣା

# ଏକର ପିଛା ୨୦ କୋଟି ଦାବି


ପ୍ଲାଣ୍ଟ ବିରୋଧୀ ମଞ୍ଚ ପକ୍ଷରୁ ପ୍ରତିବାଦ କରାଯାଉଛି।

## ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଅଙ୍ଗିକଳାରେ ୫ମ ଗ୍ରାମସଭା

ପାଟଣା,୧।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଧବାର ଚେମଣା ପଞ୍ଚାୟତ ଅଙ୍ଗିକଳା ସ୍କୁଲ ପଡ଼ିଆରେ ୫ମ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗ୍ରାମସଭାରେ ଅତିରିକ୍ତ ଜିଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ସ୍ଥାନୀୟ ସମିତି ସଭ୍ୟ ମନୋଜ ମହାନ୍ତ, ୱାର୍ଡମେମ୍ବର ମୀନା ମହାନ୍ତ, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ପାଟଣା ବିଡିଓ ମାନସ ଦଣ୍ଡପାଟ, ଇଡ୍‌କୋ ଜମି ଅଧିଗ୍ରହଣ ଅଧିକାରୀ କୃଷ୍ଣ କିଶୋର ପାତ୍ର ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ୧୨ଜଣ ଗ୍ରାମବାସୀ ଏକର ପିଛା ୨୦କୋଟି ଟଙ୍କା କ୍ଷତିପୂରଣ ସହ ଅନ୍ୟାନ୍ୟ ୩୮ଟି ଦାବି ଉପସ୍ଥାପନ କରିଥିଲେ।

ପ୍ରକାଶ ଯେ, ଗ୍ରାମର ୧୫୧ଜଣଙ୍କ ୨୨୦ ଏକର ୮୬ ଡିସିମିଲ ଜମି ଅଧିଗ୍ରହଣ ଉପରେ ମତାମତ ଗ୍ରହଣ କରାଯାଇଥିଲା। ଗ୍ରାମର ବିଷ୍ଣୁପ୍ରିୟା ମହାନ୍ତ ପ୍ଲାଣ୍ଟ ହେଲେ ପ୍ରଦୂଷଣଜନିତ ସମସ୍ୟା ବଢ଼ିବ। ଆଉ ବିସ୍ଥାପିତ ହେଲେ ସହରାଞ୍ଚଳରେ ଥଇଥାନ କରାଇବାକୁ ଗୁରୁତ୍ୱ ଦେଇଥିଲେ। ସେହିଭଳି ସରକାର ଶିକ୍ଷିତ ଯୁବତୀଯୁବକଙ୍କ ପାଇଁ ନିର୍ଦ୍ଦିଷ୍ଟ ସୁରକ୍ଷିତ ଚାକିରି ବ୍ୟବସ୍ଥା କରାଇବାକୁ ପ୍ରତିଭାରାଣୀ ମହାନ୍ତ ଦାବି କରିଥିଲେ। ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାହାରି ଘର ଭାଙ୍ଗିବ ନାହିଁ, କେହି ବିସ୍ଥାପିତ ହେବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଅନ୍ୟପକ୍ଷରେ ଯମୁନାପୋଷି ପଞ୍ଚାୟତ ଗୋଡ଼ି ପୋଖରୀ ଓ ଯମୁନାପୋଷିର ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ଗ୍ରାମସଭାକୁ ବିରୋଧ କରାଯାଇଛି। ପ୍ରତିରୋଧ ମଞ୍ଚର ଉପସଭାପତି ପ୍ରକାଶ ମଲ୍ଲିକଙ୍କୁ ତୁରୁମୁଙ୍ଗା ପୋଲିସ ମଙ୍ଗଳବାର ରାତିରେ ଗିରଫ କରିଥିବାରୁ ମଞ୍ଚ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ତାଙ୍କୁ ନିଃସର୍ତ୍ତରେ ଛାଡ଼ିବାକୁ ଦାବି କରାଯାଇଛି।

# ଆଜିଠୁ ପିୟୁସିସି ନ ଥିଲେ କଟିବ ଚାଲାଣ

କଟକ,୧।୪(କାର୍ତ୍ତିକ ସାହୁ)

## ସଚେତନ ରହିବାକୁ ଏସ୍‌ଟିଏର ପରାମର୍ଶ

ମୋଟର ଯାନ ଆଇନ ଅନୁଯାୟୀ ଯାନର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ନ ଥିଲେ ଏପ୍ରିଲ ୨ରୁ ଚାଲାଣ କଟିବ। ଏ ବାବଦରେ ମୋଟରଯାନ ବ୍ୟବହାରକାରୀମାନେ ସଚେତନ ରହିବାକୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଭିନ୍ନ ରାଜପଥରେ ସ୍ଥାପିତ ଟୋଲ ଗେଟ୍‌ରେ ଅଟୋମେଟେଡ୍ ଇଲେକ୍ଟ୍ରୋନିକ ବ୍ୟବସ୍ଥା ମାଧ୍ୟମରେ ଇ-ଚାଲାଣ କଟିବ। ଏଥିସହ ମୋଟରଯାନର ଅନ୍ୟାନ୍ୟ ଯାଞ୍ଚ ବେଳେ ପିୟୁସିସି ନ ଥିବା ଜଣାପଡ଼ିଲେ ଅଟୋମେଟେଡ୍ ବ୍ୟବସ୍ଥା ମାଧ୍ୟମରେ ବି ଇ-ଚାଲାଣ କଟିବ।

ସୂଚନାନୁସାରେ, କେନ୍ଦ୍ରୀୟ ମୋଟରଯାନ ଆଇନ ଅନୁଯାୟୀ ପିୟୁସିସି ନ ଥିଲେ ଇ-ଚାଲାଣ ମୋଟା ଅଙ୍କରେ କଟିବା ପ୍ରକ୍ରିୟା ଗତ ଡିସେମ୍ବରରେ କଡ଼ାକଡ଼ି କରାଯାଇଥିଲା। ଏଥିସହ ପିୟୁସିସି ନ ଥିଲେ ଟାଙ୍କିରେ ପେଟ୍ରୋଲ ମିଳିବ ନାହିଁ ବୋଲି ମଧ୍ୟ କଡ଼ା ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାକୁ ନେଇ ଗାଡ଼ି ବ୍ୟବହାରକାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟରେ ମାମଲାର ଶୁଣାଣି ଚାଲିଥିବା ବେଳେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପିୟୁସିସି ଚାଲାଣ କଟିବାକୁ ଏପ୍ରିଲ ପହିଲା ଯାଏ କୋହଳ କରାଯାଇଥିବା ଘୋଷଣା କରିଥିଲେ। ପରେ ହାଇକୋର୍ଟରେ ମଧ୍ୟ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଥିଲେ। ଏହା ମଧ୍ୟରେ ପିୟୁସିସି ସଂକ୍ରାନ୍ତୀୟ ମାମଲାର ଅନ୍ତ ଘଟିଛି। ତେବେ ସଂସଦରେ ଅନୁମୋଦନ ଲାଭ କରିଥିବା କେନ୍ଦ୍ରୀୟ ଆଇନ ଦ୍ୱାରା ପିୟୁସିସି ଚାଲାଣ କାର୍ଯ୍ୟକାରୀ ହେଉଥିବାରୁ ତାହାକୁ ଠିକ୍ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଥିଲେ। ଏବେ ସେହି କୋହଳ ଅବଧି ସରିଯାଇଥିବାରୁ ସ୍ୱାଭାବିକ ଭାବେ ଏପ୍ରିଲ ୨ରୁ ମୋଟର ଯାନ ଆଇନର ଅନ୍ୟାନ୍ୟ ନିୟମ ସହ ପିୟୁସିସି ଯାଞ୍ଚ ମଧ୍ୟ କରାଯିବା ସ୍ପଷ୍ଟ ହୋଇଛି।

# ଓଡ଼ିଶା ବିକାଶ, ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧।୪(ସୁଚିସ୍ମିତା ସାହୁ)

## ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ

୧୯୩୬ ମସିହାରେ ଗଠିତ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଏକ ନୂଆ ଦିଗ ଦେଖାଇଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶା ଦେଶର ଅନ୍ୟାନ୍ୟ ରାଜ୍ୟ ଗଠନ ପାଇଁ ପଥ ପ୍ରଦର୍ଶକ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ୯୧ତମ ଓଡ଼ିଶା ଦିବସ ଅବସରରେ ବୁଧବାର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହକୁ ଉଦ୍‌ଘାଟନକରି ମୁଖ୍ୟମନ୍ତ୍ରୀ ରାଜ୍ୟ ଓ ବିଶ୍ୱର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ସମସ୍ତ ଓଡ଼ିଆଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ସେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଅନ୍ୟ ବରପୁତ୍ରଙ୍କ ତ୍ୟାଗ ଓ ସଂଗ୍ରାମକୁ ସ୍ମରଣକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ସ୍ୱର୍ଣ୍ଣିମ ଇତିହାସ, ପାଇକ ବିଦ୍ରୋହ ଓ ଭାଷା ଆଧାରିତ ଆନ୍ଦୋଳନର ଗୌରବକୁ ଉଲ୍ଲେଖକରି କହିଲେ, ଓଡ଼ିଆ ଭାଷା ଓ ସଂସ୍କୃତି ହିଁ ରାଜ୍ୟ ଗଠନର ପ୍ରମୁଖ ଶକ୍ତି। ଓଡ଼ିଆ ଜାତିର ସ୍ୱାଭିମାନ ଓ ଏକତାକୁ ବଜାୟ ରଖି ଆଗକୁ ବଢ଼ିବାକୁ ହେବ। ପ୍ରଧାନମନ୍ତ୍ରୀଙ୍କଠାରୁ ଆସିଥିବା ଚିଠିକୁ ପଢ଼ି କୃତଜ୍ଞତା ଜଣାଇବା ସହ ଓଡ଼ିଶା ପୋଲିସଙ୍କୁ ମିଳିଥିବା 'ରାଷ୍ଟ୍ରପତି ପୋଲିସ କଲର୍ସ' ସମ୍ମାନ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ୨୦୩୬ ସୁଦ୍ଧା ଅର୍ଥନୀତିକୁ ୫୦୦ ବିଲିଅନ ଡଲାର ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ସେଥିପାଇଁ ମହିଳା, କୃଷକ, ଆଦିବାସୀ ଓ ଗରିବ ଲୋକଙ୍କ ସଶକ୍ତୀକରଣକୁ ସରକାର ପ୍ରାଥମିକତା ଦେଉଛନ୍ତି। ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ଆର୍ଥିକ ସହାୟତା ପାଉଛନ୍ତି। ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଝିଅଙ୍କ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଭଳି ବିଭିନ୍ନ ବର୍ଗଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି। ଓଡ଼ିଶାର ବିକାଶ ସହ ଓଡ଼ିଆ ଅସ୍ମିତାକୁ ସୁରକ୍ଷିତ ରଖିବା ପାଇଁ ଆଗାମୀ ୧୦ ବର୍ଷକୁ ସଂକଳ୍ପର ଦଶକ ଭାବେ ଗ୍ରହଣକରି ସମସ୍ତେ ସମୃଦ୍ଧ ଓଡ଼ିଶା ଗଠନରେ ସାମିଲହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନକରିବା ସହ ରାଜ୍ୟ ସରକାରଙ୍କ ମୁଖପତ୍ର 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ଏପ୍ରିଲ ସଂସ୍କରଣ ଏବଂ 'ପ୍ରଗତି ପ୍ରବାହ'ର ଚତୁର୍ଥ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ଏଥିସହ ରାଜ୍ୟସ୍ତରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅର୍ଥ ରାଶି ସହ ମାନପତ୍ର ଏବଂ ରେଡ୍‌କ୍ରସ୍ ପକ୍ଷରୁ ୮ଜଣଙ୍କୁ ୨୫,୦୦୦ ଟଙ୍କା ଅର୍ଥ ରାଶି ଦେଇ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ଏବଂ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଯୋଗଦେଇଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ 'ପ୍ରଗତି ପ୍ରବାହ'କୁ ଉନ୍ମୋଚନ କରୁଛନ୍ତି।

# ଅଟିଜମ୍ ସମସ୍ୟା ପ୍ରତି ସଚେତନତା ଲୋଡ଼ା

## ଆଜି ଅଟିଜମ୍ ସଚେତନତା ଦିବସ



ଅଟିଜମ୍ ସମସ୍ୟା ଶିଶୁମାନଙ୍କଠାରେ ଦେଖିବାକୁ ମିଳିଥାଏ। ଏକ ଆକଳନରୁ ଜଣାପଡ଼ିଛି ଯେ, ଶତକଡ଼ା ତିନି ଭାଗ ଶିଶୁ ଅଟିଜମ୍‌ର ଶିକାର ହୋଇଥାଆନ୍ତି। ବର୍ତ୍ତମାନ ସମଗ୍ର ବିଶ୍ୱରେ ଅଟିଜମ୍ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଉଭା ହୋଇଛି। ଏ ନେଇ ଅଧିକ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏପ୍ରିଲ ୨କୁ ବିଶ୍ୱ ଅଟିଜମ୍ ସଚେତନତା ଦିବସ ଭାବରେ ପାଳନ କରାଯାଇ ଆସୁଅଛି। ଅଟିଜମ୍ ଆକ୍ରାନ୍ତ ପିଲାଙ୍କ ପାଇଁ ଉନ୍ନତ ଜୀବନଶୈଳୀର ଆବଶ୍ୟକତାକୁ ଆଲୋକପାତ କରିବା ସକାଶେ ଏକ ଦିବସ ପାଳନ ଲାଗି କାତାର ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଅନ୍ୟ ସମସ୍ତ ଦେଶ ଏହାକୁ ସମର୍ଥନ ଜଣାଇଥିଲେ। ୨୦୦୭ ଡିସେମ୍ବର ୧୮ରେ ଜାତିସଂଘ ସାଧାରଣ ସଭା ଦ୍ୱାରା ଏହି ଦିବସ ପାଳନ ଲାଗି ଏକ ସଂକଳ୍ପ ପାରିତ କରାଯାଇଥିଲା। ୨୦୦୮ ଏପ୍ରିଲ ୨ରେ ଏହି ଦିବସ ପ୍ରଥମେ ପାଳିତ ହୋଇଥିଲା। ତେବେ ଚଳିତ ବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି- 'ଅଟିଜମ୍ ଏବଂ ମାନବିକତା-ପ୍ରତ୍ୟେକ ଜୀବନର ମୂଲ୍ୟ ରହିଛି'। ଅଟିଜମ୍ ଏକ ସ୍ନାୟୁ ବିକାଶଜନିତ ବିଭ୍ରାଟ। ଏହାଦ୍ୱାରା ଆକ୍ରାନ୍ତ ଶିଶୁର ବ୍ୟବହାରରେ ଶିଥିଳତା ଦେଖିବାକୁ ମିଳେ ଏବଂ ସେ ଗୋଟିଏ ପ୍ରକାର ବ୍ୟବହାର ବାରମ୍ବାର କରିଥାଏ। ଅଟିଜମ୍ ଉପସର୍ଗ ବିଭ୍ରାଟ (ଏଏସ୍‌ଡି)ର କେତୋଟି ଲକ୍ଷଣ ରହିଛି। ଶିଶୁଟିକୁ ୧ ବର୍ଷ ହୋଇଥିଲେ ମଧ୍ୟ ତା' ନାଁ ଧରି ଡାକିଲେ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥାଏ। ଏପରି କି ଯେତେବେଳେ ତାହାର ବୟସ ୧୮ ମାସ ବା ଦେଢ଼ ବର୍ଷ ହୁଏ, ସେତେବେଳେ ସେ ସ୍ପଷ୍ଟ ଭାବରେ କଥା କହି ପାରେନା। ସେ ପ୍ରାୟ ଏକ ପ୍ରକାର ଖେଳ ଖେଳିଥାଏ। ସାଙ୍ଗମାନଙ୍କ ସହ କମ୍ ଖେଳାଖେଳି କରେ। ତାହାର ଚାଲିଚଳନରେ ଭିନ୍ନତା ପରିଲକ୍ଷିତ ହୁଏ ଏବଂ ସେ ଗୋଟିଏ କାମକୁ ବାରମ୍ବାର କରିଥାଏ। ତାକୁ କୌଣସି ପ୍ରଶ୍ନ ପଚାରିଲେ ସେ ତାହାକୁ ଦୋହରାଇଥାଏ। ଶିଶୁଟିର ସାମାଜିକ ଚଳଣି ସ୍ୱାଭାବିକ ହେଲେ ମଧ୍ୟ ସେ କଥା କହିପାରେନା ଏବଂ ଠାରରେ କଥାବାର୍ତ୍ତା କରେ। ନବାଗତ ଆଗନ୍ତୁକଙ୍କୁ ଦେଖିଲେ ସେ ନୀରବ ହୋଇଯାଏ। ଶିଶୁଟିର ମାନସିକ ବିକାଶରେ ବିଳମ୍ବ ହେତୁ ତାହାର ସାମାଜିକ ଚାଲିଚଳଣିରେ ବ୍ୟାଘାତ ସୃଷ୍ଟି ହୁଏ।

# ଭାଜପାରେ ମିଶିଲେ ରାଜ୍ୟର ପ୍ରମୁଖ ସମବାୟ ସମିତିର ସଭାପତି, ନିର୍ଦ୍ଦେଶକ, ସଦସ୍ୟ

ଭୁବନେଶ୍ୱର, ୧।୪(ସୁନିତ୍ ମିଶ୍ର)



ରାଜ୍ୟର ପ୍ରମୁଖ ସମବାୟବିତ୍ ଏବଂ ନେତୃବୃନ୍ଦ ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଓଡ଼ିଶା ଷ୍ଟେଟ୍ କୋଅପରେଟିଭ ବ୍ୟାଙ୍କ(ଓଏସ୍‌ସିବି)ର ଅଧ୍ୟକ୍ଷ ଟି. ପ୍ରସାଦ ରାଓ ଦୋରା, ଓଡ଼ିଶା ରାଜ୍ୟ ସମବାୟ ସଂଘ(ଓଏସ୍‌ସିୟୁ) ସଭାପତି ପ୍ରଭାସିନୀ ଷଡ଼ଙ୍ଗୀ, ଅର୍ବାନ ବ୍ୟାଙ୍କ ଫେଡେରେଶନ ସଭାପତି ମହେନ୍ଦ୍ର କୁମାର ନାୟକ, ଓଡ଼ିଶା ମହିଳା ବିକାଶ ସମବାୟ ନିଗମ ଲିମିଟେଡ୍ ଅଧ୍ୟକ୍ଷା ସ୍ୱାଧୀନବାଳା ଦାସ ଓ ଉପାଧ୍ୟକ୍ଷ ସୁଷମା ଦାସ, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଉତ୍କଳିକା ସଭାପତି ଦେବସ୍ମିତା ସାହୁ, ଫିସ୍‌ଫେଡ୍ ଅଧ୍ୟକ୍ଷ ସସ୍ମିତା ରାଉତ, ଓପୋଲଫେଡ୍ ଅଧ୍ୟକ୍ଷ ଭୋଳେଶ୍ୱର ସ୍ୱାଇଁ, ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ଉପସଭାପତି ସୁନୀତା ବରାଳ, ଟିଡିସିସି ଅଧ୍ୟକ୍ଷ ଚମେଲି ଓରାମ, ଶ୍ରମ ଓ ନିର୍ମାଣ କୋଅପରେଟିଭ ଲିମିଟେଡ୍ ଅଧ୍ୟକ୍ଷ ପ୍ରମୋଦ କୁମାର ସାମନ୍ତରାୟ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ସଦସ୍ୟଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିବାରେ ଲାଗିଛି। ଭାଜପା ସରକାରରେ ସମବାୟ ଆନ୍ଦୋଳନ ଶକ୍ତିଶାଳୀ ହେଉଛି।

# ଶିଶୁ ସାହିତ୍ୟର ପ୍ରସାରକୁ ଗୁରୁତ୍ୱ



ପ୍ରତି ବର୍ଷ ଏପ୍ରିଲ ୨ରେ ପାଳନ ହୋଇଆସୁଛି ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ(ଆଇସିବିଡି)। ୧୯୬୭ରୁ ପାଳିତ ଏହି ଦିବସ ଅବସରରେ ଇଣ୍ଟରନ୍ୟାଶନାଲ ବୋର୍ଡ ଅନ୍ ବୁକ୍ସ୍ ଫର୍ ୟଙ୍ଗ୍ ପିପୁଲ୍ସ(ଆଇବିବିୱାଇ) ପ୍ରାୟୋଜିତ କାର୍ଯ୍ୟକ୍ରମ ପିଲାମାନଙ୍କର ପଢ଼ା ପ୍ରତି ଆଗ୍ରହ ସୃଷ୍ଟି ତଥା ଶିଶୁ ସାହିତ୍ୟର ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ କରେ । ଅପରପକ୍ଷେ ଏହିଦିନ(ଏପ୍ରିଲ ୨) ମଧ୍ୟ 'ଦି ଲିଟିଲ ମର୍‌ମେଡ୍ ଏବଂ ଦି ଅଗ୍ଲି ଡକ୍‌ଲିଙ୍ଗ୍' ଭଳି

## ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ

ପ୍ରଖ୍ୟାତ ପରୀ କାହାଣୀର ଲେଖକ ହାନ୍ସ କ୍ରିଷ୍ଟିଆନ ଆଣ୍ଡରସନଙ୍କ ଜନ୍ମଦିନ। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ପୁସ୍ତକରେ ଛୋଟ ବଡ଼'। 'ଛୋଟ କାହାଣୀ ଏବଂ ପୁସ୍ତକ ମଧ୍ୟ ଏକ ବିଶାଳ ପ୍ରଭାବ ସୃଷ୍ଟି କରିପାରେ, କଳ୍ପନା ଏବଂ ପାଠ ପ୍ରତି ଆଗ୍ରହ ସୃଷ୍ଟିକୁ ପ୍ରୋତ୍ସାହିତ କରିପାରେ' ଉପରେ ଏହି ବିଷୟବସ୍ତୁ ପର୍ଯ୍ୟବସିତ।

-ସୁଚିସ୍ମିତା ସାହୁ

# ନିଶାମୁକ୍ତ ରାଜ୍ୟରେ ପରିଣତ ପାଇଁ ସଂକଳ୍ପବଦ୍ଧ: ଡିଜିପି

କଟକ,୧।୪(କାର୍ତ୍ତିକ ସାହୁ)

## ୯୧ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ

ଓଡ଼ିଶା ପୋଲିସର ମୂଳମନ୍ତ୍ର ହେଉଛି ସେବା ଓ ସୁରକ୍ଷା। ଆଗାମୀ ଦିନରେ ଓଡ଼ିଶାକୁ ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ନିଶାମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଓଡ଼ିଶା ପୋଲିସ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରୁଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି।

କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ବୁଧବାର ଆୟୋଜିତ ଓଡ଼ିଶା ପୋଲିସର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଡିଜିପି ଖୁରାନିଆ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଡିଜିପି ପ୍ରଥମେ ଶହୀଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ପରିବାରଙ୍କୁ ସମବେଦନା ଜଣାଇଥିଲେ। ଡିଜିପି କହିଥିଲେ, ଅଧିକାରୀମାନଙ୍କ ଉଚ୍ଚକୋଟୀର ତଦନ୍ତ ହେତୁ କମ ସମୟ ମଧ୍ୟରେ ଅପରାଧୀମାନଙ୍କୁ ଦଣ୍ଡବିଧାନ କରାଯାଇପାରୁଛି। ଉଲ୍ଲେଖନୀୟ ପୋଲିସ ସେବା ପାଇଁ ଡିଜିପି ପୋଲିସ ଅଧିକାରୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଇନ୍ସପେକ୍ଟର ବିଜୟ କିଶୋର ଦାସ, ଶ୍ରେଷ୍ଠ ଇନ୍ସପେକ୍ଟର (ଅପରାଧ ଶାଖା) ରୂପଶ୍ରୀ ପ୍ରହରାଜ, ଶ୍ରେଷ୍ଠ ଇନ୍ସପେକ୍ଟର(ସ୍ପେଶାଲ ବ୍ରାଞ୍ଚ) ଶ୍ରୀଧର ମାଝୀ, ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର ମାନସ ରଞ୍ଜନ ପଣ୍ଡା, ଏସ୍‌ଓଜିର ଶ୍ରେଷ୍ଠ ଟିମ ଲିଡର ଏସ୍‌ଆଇ (ସଶସ୍ତ୍ର) ଶଙ୍କର୍ଷଣ ହାଁସଦା, ଶ୍ରେଷ୍ଠ ଏଏସ୍‌ଆଇ ବିଜୟ କୁମାର ସୁନାଶଗଡ଼, ଶ୍ରେଷ୍ଠ ହାବିଲଦାର ରମାକାନ୍ତ ସେଠୀ, ଶ୍ରେଷ୍ଠ ଓଆର କନଷ୍ଟେବଲ ଗୌରୀ ଶଙ୍କର ସାହୁ, ଶ୍ରେଷ୍ଠ ଏପିଆର୍ କନ୍‌ଷ୍ଟେବଲ ସୁଦାମ ଚନ୍ଦ୍ର ବଳିଆରସିଂ, ଶ୍ରେଷ୍ଠ ଟ୍ରାଫିକ କନ୍‌ଷ୍ଟେବଲ ରଶ୍ମୀତା ପଧାନ, ଶ୍ରେଷ୍ଠ ଇନ୍ସପେକ୍ଟର (ସଶସ୍ତ୍ର) ଅଶୋକ କୁମାର ବେହେରା, ଶ୍ରେଷ୍ଠ ଏସ୍‌ଆଇ (ସଶସ୍ତ୍ର) ଏସ. ସତ୍ୟନାରାୟଣ ରାଓ, ଶ୍ରେଷ୍ଠ ହାବିଲଦାର ମେଜର (ବ୍ୟାଣ୍ଡ) ହରିହର ବେହେରା, ଶ୍ରେଷ୍ଠ ହାବିଲଦାର (ସଶସ୍ତ୍ର) ଷଣ୍ଢେଶ୍ୱର ଭୋଇନା, ଶ୍ରେଷ୍ଠ କନ୍‌ଷ୍ଟେବଲ ଭାବେ ସୁନିଲ କୁମାର ମୁର୍ମୁଙ୍କୁ ପୁରସ୍କୃତ କରାଯାଇଥିଲା।

ଏଥିସହ କନଷ୍ଟେବଲ ଅଶୋକ କୁମାର ଦେଓ, ସବ୍‌ଇନ୍ସପେକ୍ଟର ଅଶୋକ କୁମାର ବେହେରା, ଇନ୍ସପେକ୍ଟର (ସଶସ୍ତ୍ର) ଅମରେଶ ଚନ୍ଦ୍ର ନରେନ୍ଦ୍ର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆଶିଷ କୁମାର ସରକାରଙ୍କୁ ସ୍ୱର୍ଗତ ଭ୍ରମରବର ସାହୁ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଓଏପିଏଫ୍ ପଦିଆ କବାସୀ, କମାଣ୍ଡୋ ଅନିଲ ଭୋଇଙ୍କୁ ସ୍ୱର୍ଗତ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନ ଶ୍ରେଷ୍ଠ ବାଟାଲିୟନ, ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ର ଭାବେ ଝାରସୁଗୁଡ଼ା ଦ୍ୱିତୀୟ ସ୍ୱତନ୍ତ୍ର ସଶସ୍ତ୍ର ବାଟାଲିୟନ ପରିବାର କଲ୍ୟାଣ କେନ୍ଦ୍ର (ପ୍ରଥମ), କଟକ ତୁଳସୀପୁର ପରିବାର କଲ୍ୟାଣ କେନ୍ଦ୍ର (ଦ୍ୱିତୀୟ), ସୁନ୍ଦରଗଡ଼ ପରିବାର କଲ୍ୟାଣ କେନ୍ଦ୍ର (ତୃତୀୟ)ଙ୍କୁ ପୁରସ୍କୃତ କରାଯାଇଥିଲ। ପରେଡରେ ଆଇଆର୍ ପ୍ରଥମ ସ୍ଥାନ ଏବଂ ଓଆଇଏସ୍‌ଏଫ୍ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରି ଡିଜିପି ଖୁରାନିଆଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟ କମାଣ୍ଡର କେ. ଶ୍ରୀନିବାସୁଲୁ, ଆଇପିଏସ୍ (ଅଣ୍ଡର ଟ୍ରେନିଂ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରେଡ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ବୁଧବାର ଆୟୋଜିତ ଓଡ଼ିଶା ପୋଲିସର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।



ଜଣେ ଗରିବ ହୋଇ ଜନ୍ମ ହେବା ଭୁଲ୍ ନୁହେଁ, କିନ୍ତୁ ଗରିବ ହୋଇ ମରିବା ନିଶ୍ଚିତ ତାଙ୍କର ଭୁଲ୍ ।
– ବିଲ୍ ଗେଟସ୍ (ଆମେରିକୀୟ ବ୍ୟବସାୟୀ ଓ ସମାଜସେବୀ)



# ଓରାକଲ୍‌ରୁ ଆମାଜନ୍ ଯାଏ ଛଟେଇ

## ଏଆଇ, କ୍ଲାଉଡ୍ ଭିତ୍ତିଭୂମିରେ ନିବେଶ ବଢୁଛି



ନୂଆଦିଲ୍ଲୀ , ୧।୪

ଆଇଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ପେସାଦାରଙ୍କ ପାଇଁ ଏବେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସବୁଠୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ପ୍ରାୟ ସମସ୍ତ ପ୍ରମୁଖ କମ୍ପାନୀ ଏଆଇ ଏବଂ କ୍ଲାଉଡ୍ ଭିତ୍ତିଭୂମି ପ୍ରତିଷ୍ଠା ଲାଗି ପର୍ଯ୍ୟାପ୍ତ ମାତ୍ରାରେ ପୁଞ୍ଜିନିବେଶକରି ସେହି ଅନୁଯାୟୀ କାର୍ଯ୍ୟ ଢାଞ୍ଚା ପ୍ରସ୍ତୁତି ଆରମ୍ଭ କରିଥିବାରୁ ବିଭିନ୍ନ କମ୍ପାନୀରୁ ବିପୁଳ ସଂଖ୍ୟାରେ କର୍ମଚାରୀ ଛଟେଇ ଆରମ୍ଭ ହୋଇଛି। ଏହି କ୍ରମରେ ଓରାକଲ୍‌ଠାରୁ ଆରମ୍ଭକରି ଆମାଜନ୍ ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ କର୍ମଚାରୀଙ୍କୁ ଚାକିରିରୁ ବିଦା ହେବାକୁ ପଡୁଛି। ଏହି ଧାରାର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିଛି। ଭାରତ ସମେତ ବିଶ୍ୱର ବିଭିନ୍ନ ଭାଗରେ ହଜାର ହଜାର ଆଇଟି ପେସାଦାର କାର୍ଯ୍ୟ କରୁଛନ୍ତି। କିନ୍ତୁ ବର୍ତ୍ତମାନ ଯେଭଳି ଛଟେଇ ଆରମ୍ଭ ହୋଇଛି ତଦ୍ଦ୍ୱାରା ଅଧିକାଂଶ ଭାରତୀୟ ନିଯୁକ୍ତି ହରାଇବା ଆଶଙ୍କା ବଢ଼ିବାରେ ଲାଗିଛି। ଅନ୍ତର୍ଜାତୀୟ ସ୍ତରର ଏକ ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମ 'ଲେଅଫସ୍ ଡଟ୍ ଏଫ୍‌ୱାଇଆଇ' ରିପୋର୍ଟ ଅନୁସାରେ ଗତ ବର୍ଷଠାରୁ ଏଆଇ ପ୍ରଭାବରେ ବୈଷୟିକ ଏବଂ ଆଇଟି କ୍ଷେତ୍ରରେ ଛଟେଇ ଆରମ୍ଭ ହୋଇଥିଲା। କେବଳ ୨୦୨୫ରେ ବୈଶ୍ୱିକ ସ୍ତରରେ ୨୧୮ କମ୍ପାନୀରୁ ୧,୧୨,୭୩୨ କର୍ମଚାରୀ ଛଟେଇ ହୋଇଥିଲେ। ଏହି ଧାରାରେ ଚଳିତ ବର୍ଷ ମଧ୍ୟ ବିଭିନ୍ନ କମ୍ପାନୀ ସେମାନଙ୍କ କର୍ମଚାରୀ ସଂଖ୍ୟାରେ ବ୍ୟାପକ ହ୍ରାସ କରିଛନ୍ତି।

## ନିଯୁକ୍ତି ହରାଇଲେଣି ୧୨୦୦୦ ଭାରତୀୟ

ଆମେରିକାର ଅନ୍ୟତମ ପ୍ରମୁଖ ଆଇଟି ଉଦ୍ୟୋଗ ଓରାକଲ୍ କର୍ପୋରେଶନ ବିଶ୍ୱସ୍ତରରେ ୩୦ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। କମ୍ପାନୀର ଆର୍ଥିକ ସ୍ଥିତି ଭଲ ରହିବା ସହ ଆୟ ଅଭିବୃଦ୍ଧି ଯଥେଷ୍ଟ ରହିଥିଲେ ମଧ୍ୟ କମ୍ପାନୀ ଉକ୍ତ ସଂଖ୍ୟାରେ କର୍ମଚାରୀଙ୍କୁ ବିଦା କରିଛି। ଏହି କ୍ରମରେ ସପ୍ତାହକ ମଧ୍ୟରେ ଭାରତରେ ଓରାକଲ୍‌ରେ କାର୍ଯ୍ୟ କରୁଥିବା ୨୫୦୦ ଆଇଟି ପେସାଦାର ନିଯୁକ୍ତି ହରାଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୨୦୦୦ ଭାରତୀୟ ଓରାକଲ୍‌ରୁ ବିଦା ହୋଇସାରିଲେଣି। ଛଟେଇ ହୋଇଥିବା କର୍ମଚାରୀମାନଙ୍କୁ କର୍ମାବସାନଜନିତ କ୍ଷତିପୂରଣ ଦେବାକୁ ମଧ୍ୟ ଓରାକଲ୍ ଘୋଷଣା କରିଛି। ବର୍ତ୍ତମାନ କମ୍ପାନୀ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଏବଂ ଡାଟା ସେଣ୍ଟର ସମେତ କ୍ଲାଉଡ୍ ଭିତ୍ତିଭୂମି ପ୍ରତିଷ୍ଠା ଦିଗରେ ଅଧିକ ନିବେଶ କରୁଥିବାରୁ ଆର୍ଥିକ ଚାପ ହ୍ରାସ କରିବା ପାଇଁ କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏଆଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଓପନ୍ ଏଆଇ ଏବଂ ଓରାକଲ୍ ମଧ୍ୟରେ ଆଗାମୀ ୫ ବର୍ଷ ମଧ୍ୟରେ ୩୦୦ ବିଲିୟନ ଡଲାରର କାରବାର ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ କମ୍ପାନୀର କାରବାର ୨୨ ପ୍ରତିଶତ ଅଭିବୃଦ୍ଧିରେ ୧୭. ୨ ବିଲିୟନ ଡଲାର ରହିଥିଲେ ହେଁ ଋଣ ବୋଝ ବଢ଼ି ଚାଲିଥିବାରୁ ଓରାକଲ୍ ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚ କାଟ କରିବାକୁ ବାଧ ହୋଇଥିବା କୁହାଯାଇଛି।

# ଆଚାର୍ଯ୍ୟ ବାଲ୍‌କ୍ରିଷ୍ଣାଙ୍କୁ 'ବିଶ୍ୱ ଆୟୁର୍ବେଦ ରତ୍ନ' ସମ୍ମାନ




ହରିଦ୍ୱାର, ୧।୪

ଆୟୁର୍ବେଦକୁ ବିଶ୍ୱସ୍ତରରେ ପରିଚିତି ଦେବା ଏବଂ ଭାରତୀୟ ଜ୍ଞାନ-ପରମ୍ପରାର ସଂରକ୍ଷଣରେ ନିରନ୍ତର କାର୍ଯ୍ୟ କରୁଥିବା ଆଚାର୍ଯ୍ୟ ବାଲ୍‌କ୍ରିଷ୍ଣାଙ୍କୁ ନେଟ୍ ଗ୍ରୀନ୍ ଫାଉଣ୍ଡେଶନ୍ ପକ୍ଷରୁ ଅନୁଷ୍ଠିତ 'ଅର୍ଥ ଆର୍ଡ ଏଣ୍ଡ୍ ହାଇ ଇମ୍ପାକ୍ଟ ସଷ୍ଟେନେବିଲିଟି ଡାଇଲଗ୍ ୨୦୨୬'ରେ 'ବିଶ୍ୱ ଆୟୁର୍ବେଦ ରତ୍ନ' ସମ୍ମାନ ପ୍ରଦାନ କରାଯାଇଛ। ନୂଆଦିଲ୍ଲୀର ୟୁନେସ୍କୋ ହାଉସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଲକ୍ରିଷ୍ଣଙ୍କ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ପାରି ନଥିଲେ ମଧ୍ୟ ଏହି ସମ୍ମାନକୁ ଆୟୁର୍ବେଦର ମହାନ ପରମ୍ପରାକୁ ସମର୍ପିତ କରିଛନ୍ତି। କାର୍ଯ୍ୟକ୍ରମରେ ଦିଲ୍ଲୀ ସରକାରଙ୍କ ପରିବେଶ, ବନ୍ୟ ଏବଂ ବନ୍ୟପ୍ରାଣୀ ସମ୍ପଦ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସା ଏବଂ ୟୁନେସ୍କୋର ବୈଜ୍ଞାନିକ ଡ. ବେନ୍ନୋ ବୋଏର ପ୍ରମୁଖ ଉପସ୍ଥିତ ଥିଲେ।



ବିଏସ୍ଇ ସେନ୍ସେକ୍ସ
୭୩,୧୦୦(+୧୧୮୬)



୧ ଡଲାର = ୯୩.୧୫ ଟଙ୍କା



କ୍ରୁଡ୍ ଅଏଲ
(ପ୍ରତି ବ୍ୟାରେଲ)
୧୦୦.୦୬ ଡଲାର

# ଖଣିଜ ଉନ୍ନତୀକରଣ ପାଇଁ ଇମ୍ଫା ପୁରସ୍କୃତ



ଇମ୍ଫାର ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

କାଳିଆପାଣି, ୧।୪(ଅସିତ ମହାନ୍ତ)

ଭୁବନେଶ୍ୱରଠାରେ ନିକଟରେ ଅନୁଷ୍ଠିତ ୨୭ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପାଳନ ଅବସରରେ ଇମ୍ଫାର ସୁକିନ୍ଦା ଓ ମହାଗିରି ମାଇନ୍ସ ଶୀର୍ଷ ସମ୍ମାନ ଗ୍ରହଣ କରିଛି। ସୁକିନ୍ଦା ମାଇନ୍ସ କ୍ରୋମାଇଟ (ଏସ୍ଏମ୍ସି) ଖଣିଜ ଉନ୍ନତୀକରଣ ପାଇଁ ପ୍ରଥମ ପୁରସ୍କାର ପାଇଛି। ଇମ୍ଫାର ମହାଗିରି ମାଇନ୍ସ କ୍ରୋମାଇଟ(ଏମ୍ଏମ୍ସି)କୁ ଭୂତଳ ଖଣି ଉତ୍ତୋଳନରେ ସାମଗ୍ରିକ ପ୍ରଦର୍ଶନ ବର୍ଗରେ ପ୍ରଥମ ପୁରସ୍କାର ମିଳିଛି। ଖଣି ପର୍ଯ୍ୟାବରଣ ଓ ଖଣିଜ ସଂରକ୍ଷଣ ସପ୍ତାହର ଉଦ୍‌ଯାପନୀ ଦିବସରେ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍)ର ତତ୍ତ୍ୱାବଧାନରେ ଖଣି ପର୍ଯ୍ୟାବରଣ ଓ ଖଣିଜ ସଂରକ୍ଷଣ ସପ୍ତାହର ଆୟୋଜନ କରାଯାଇଥିଲା। ଇମ୍ଫାର ହେଡ୍(ମାଇନ୍ସ) ସନ୍ଦୀପ ନାରାଡେ, ମ୍ୟାନେଜର ରୋହିତ କୁମାର, ଜିଓଲୋଜି ମ୍ୟାନେଜର କ୍ଷୀରୋଦ କୁମାର ମହାପାତ୍ର ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୫ତମ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର, ୧।୪(ଅନୁରାଧା ମହାରଣା)



ଗଞ୍ଜାମ ଜିଲାର ଲୋଚାପଡ଼ାଠାରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୫ତମ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖା ସହ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏହି ମୋଟ୍ ଶାଖା ସଂଖ୍ୟା ୭ରେ ପହଞ୍ଚିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ଉଦ୍ୟୋଗୀ ପ୍ରଭାତ ତ୍ରିପାଠୀ ଏବଂ ଏନ୍. ପୀତାମ୍ବର ପାତ୍ର ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍. ଗଙ୍ଗାଧର ପାତ୍ର, ଏନ୍. ରାମ ପ୍ରଭା, ପଦ୍ମଲୋଚନ ପାତ୍ର, ଏନ୍. ଧନୁର୍ଦ୍ଧର ପାତ୍ରଙ୍କ ସମେତ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲୀପ କୁମାର ରାଉଳ, ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜୀବ କୁମାର ଦାଶ ଏବଂ ଲୋଚାପଡ଼ା ଶାଖାର ଶାଖା ପ୍ରବନ୍ଧକ ସୌକତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ସାମ୍ପ୍ରତିକ ଶାଖା ସମ୍ପ୍ରସାରଣ ବିଷୟରେ ମତ ପ୍ରକାଶ କରି ଅଞ୍ଚଳ ପ୍ରବନ୍ଧକ ରାଉଳ କହିଛନ୍ତି, ଏହି ଶାଖା ଦ୍ରୁତ ବିସ୍ତାରିତ ନେଟ୍‌ୱର୍କ ଓ ଅନ୍ୟାନ୍ୟ ଚ୍ୟାନେଲ ମାଧ୍ୟମରେ ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ।

# ମାର୍ଚ୍ଚରେ ୨ ଲକ୍ଷ କୋଟିରୁ ଅଧିକ ଜିଏସ୍‌ଟି ଆଦାୟ

ନୂଆଦିଲ୍ଲୀ , ୧।୪

୨୦୨୬ ମାର୍ଚ୍ଚରେ ଜିଏସ୍‌ଟି ଆଦାୟ ପରିମାଣ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି ବୋଲି ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଗତ ସେପ୍ଟେମ୍ବରରେ ଜିଏସ୍‌ଟି ହାରରେ ପରିବର୍ତ୍ତନ କରାଯିବା ପରେ ମାର୍ଚ୍ଚରେ ଆଦାୟ ହୋଇଥିବା ପରିମାଣ ସର୍ବାଧିକ ବୋଲି କୁହାଯାଇଛି। ବାର୍ଷିକ ଆଧାରରେ ମାର୍ଚ୍ଚରେ ସଂଗୃହୀତ ଜିଏସ୍‌ଟି ରାଶି ପୂର୍ବ ତୁଳନାରେ ୮.୮ ପ୍ରତିଶତ ଅଧିକ ରହିଛି। ଅର୍ଥ ମନ୍ତ୍ରଣାଳୟ ରିପୋର୍ଟ ଅନୁସାରେ ରିଫଣ୍ଡ ବାଦ୍ ନିଟ୍ ଜିଏସ୍‌ଟି ସଂଗ୍ରହ ରାଶି ୮.୨ ପ୍ରତିଶତ ଅଭିବୃଦ୍ଧିରେ ୧.୭୭ ଲକ୍ଷ କୋଟି ଟଙ୍କା ରହିଛି। ସେହିପରି ରିଫଣ୍ଡ ରାଶି ମଧ୍ୟ ୧୩.୮ ପ୍ରତିଶତ ଅଭିବୃଦ୍ଧିରେ ମୋଟ ରାଶି ୨୨,୦୭୪ କୋଟି ଟଙ୍କା ରହିଥିବା କୁହାଯାଇଛି। ମାର୍ଚ୍ଚରେ ଆଦାୟ ହୋଇଥିବା ରାଶିକୁ ମିଶାଇ ୨୦୨୫-୨୬ ଆର୍ଥିକ ବର୍ଷରେ ୨୨.୨୭ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରାଯାଇଛି। ଏହା ପୂର୍ବ ବର୍ଷ ତୁଳନାରେ ୮.୩ ପ୍ରତିଶତ ଅଧିକ। ଜାତୀୟ ସ୍ତରରେ କ୍ରୟ ବିକ୍ରୟ କ୍ଷେତ୍ରରେ କାରବାର ବୃଦ୍ଧି ପାଇବା ସହ ଖାଉଟିଙ୍କ କ୍ରୟ କ୍ଷମତା ବଢ଼ିଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

# ଏନ୍ଏମ୍‌ଡିସିର ରେକର୍ଡ ଲୁହାପଥର ଉତ୍ପାଦନ

ହାଇଦ୍ରାବାଦ , ୧।୪



ଅମିତାଭ ମୁର୍ଖଜୀ

ଜାତୀୟ ଖଣିଜ ବିକାଶ ନିଗମ(ଏନ୍ଏମ୍‌ଡିସି) ୨୦୨୫-୨୬ ଆର୍ଥିକ ବର୍ଷରେ ୫୩ ଏମ୍‌ଟି ଲୁହା ପଥର ଖନନ କରି ରେକର୍ଡ ସୃଷ୍ଟି କରିଛି। ଗୋଟିଏ ଆର୍ଥିକ ବର୍ଷରେ ୫୦ ଏମ୍‌ଟିରୁ ଅଧିକ ଲୁହାପଥର ଖନନ କରିବା କ୍ଷେତ୍ରରେ ଏନ୍ଏମ୍‌ଡିସି ରେକର୍ଡ କରିବା ସହ ଦେଶର ପ୍ରଥମ କମ୍ପାନୀ ଭାବେ ପ୍ରତିଷ୍ଠାଲାଭ କରିଛି। ଜାତୀୟ ସ୍ତରରେ ଉତ୍ପାଦନ କରାଯାଉଥିବା ମୋଟ ଲୁହାପଥର ମଧ୍ୟରୁ ଏହି ନିଗମର ଅଂଶ ସର୍ବାଧିକ ରହିଥିଲାବେଳେ ଦେଶର ଷ୍ଟିଲ୍ ଉତ୍ପାଦନ କ୍ଷେତ୍ର ପାଇଁ ଏନ୍ଏମ୍‌ଡିସିର ଭୂମିକା ମହତ୍ତ୍ୱପୂର୍ଣ୍ଣ ରହିଛି। କେବଳ ଗତ ମାର୍ଚ୍ଚରେ ଉକ୍ତ ନିଗମ ମୋଟ ୫.୩୫ ଏମ୍‌ଟି ଲୁହାପଥର ଖନନ କରିଥିଲାବେଳେ ୫.୯୦ ଏମ୍‌ଟି ଲୁହାପଥର ବିକ୍ରି କରିଛି। ଛତିଶଗଡ଼ସ୍ଥିତ ନିଗମର କିରାଣ୍ଡୁଲ ଓ ବୁଚେଲି ଏବଂ କର୍ଣ୍ଣାଟକର ଡୋନିମାଲାଇ ଖଣିରୁ ସର୍ବାଧିକ ଲୁହାପଥର ଉତ୍ତୋଳନ କରାଯାଇଥିବା ନିଗମ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଏନ୍ଏମ୍‌ଡିସି ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ଅମିତାଭ ମୁର୍ଖଜୀ କହିଛନ୍ତି, ଗୋଟିଏ ଆର୍ଥିକ ବର୍ଷରେ ୫୦ ଏମ୍‌ଟିରୁ ଅଧିକ ଲୁହାପଥର ଉତ୍ତୋଳନ କରିବା କେବଳ ନିଗମ ପାଇଁ ମାଇଲଖୁଣ୍ଟ ନୁହେଁ, ବରଂ ଜାତୀୟସ୍ତରରେ ଖଣି ଖନନ କ୍ଷେତ୍ରରେ ଗର୍ବର ବିଷୟ।

# ଗ୍ରୀଷ୍ମଋତୁରେ ସ୍ୱତନ୍ତ୍ର ଟ୍ରେନ୍ ସେବାର ସମ୍ପ୍ରସାରଣ

ଭୁବନେଶ୍ୱର, ୧।୪(ଅନୁରାଧା ମହାରଣା)

ଗ୍ରୀଷ୍ମଋତୁରେ ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ଏବଂ ସୁବିଧାଜନକ ଯାତ୍ରା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ନିମ୍ନଲିଖିତ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ପରିଚାଳନା ବୃଦ୍ଧିକରିବାକୁ ନିଷ୍ପତ୍ତି ନେଇଛି । ଏହି ଟ୍ରେନ୍‌ଗୁଡ଼ିକ ସେମାନଙ୍କର ପୂର୍ବ ସମୟ, ରହଣି ସ୍ଥାନ ଏବଂ କୋଚ୍ ସରଞ୍ଜନା ସହ ଚଳାଚଳ କରିବ। ସମ୍ପ୍ରସାରିତ ସ୍ୱତନ୍ତ୍ର ଟ୍ରେନ୍‌ଗୁଡିକ ମଧ୍ୟରେ ୦୨୮୧୧ ଭୁବନେଶ୍ୱର – ଯଶୱନ୍ତପୁର ସ୍ପେଶାଲ, ୦୨୮୧୨ ଯଶୱନ୍ତପୁର – ଭୁବନେଶ୍ୱର ସ୍ପେଶାଲ୍, ୦୮୩୧୧ ସମ୍ବଲପୁର – ଇରୋଡ୍ ସ୍ପେଶାଲ, ୦୮୩୧୨ ଇରୋଡ୍ – ସମ୍ବଲପୁର ସ୍ପେଶାଲ, ୦୮୫୦୮ ବିଶାଖାପାଟଣା – ଶାଲିମାର ସ୍ପେଶାଲ ଓ ୦୮୫୦୭ ଶାଲିମାର – ବିଶାଖାପାଟଣା ସ୍ପେଶାଲ ଟ୍ରେନ୍ ରହିଛି।

# ସୌମିତ୍ର ମଜୁମଦାର ହେଲେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ

ଭୁବନେଶ୍ୱର, ୧।୪(ଅନୁରାଧା ମହାରଣା)



ଦକ୍ଷିଣ ପୂର୍ବ ରେଳପଥର ଜେନେରାଲ ମ୍ୟାନେଜର ଭାବେ ସୌମିତ୍ର ମଜୁମଦାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଦକ୍ଷିଣ ପୂର୍ବ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ସୌମିତ୍ର ମଜୁମଦାର ଭାରତୀୟ ରେଳପଥ ଟ୍ରାଫିକ୍ ସର୍ଭିସ୍‌ର ୧୯୮୯ ବ୍ୟାଚ୍ ଅଧିକାରୀ। ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ପୂର୍ବତଟ ରେଳପଥର ପ୍ରିନ୍ସିପାଲ୍ ଚିଫ୍ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳବାଇର ଚିଫ୍ ପାସେଞ୍ଜର ଟ୍ରାନ୍ସପୋର୍ଟେଶନ ମ୍ୟାନେଜର ଓ ଚିଫ୍ ଟ୍ରାଫିକ୍ ପ୍ଲାନିଂ ମ୍ୟାନେଜର ଭାବେ ସେ ପୂର୍ବରୁ ଦାୟିତ୍ୱ ତୁଲାଇଛନ୍ତି। ଏହା ସହ ସେ ପୂର୍ବତଟ ରେଳପଥ ଓ ଦକ୍ଷିଣ ପୂର୍ବ ରେଳପଥ ଉଭୟରେ ଚିଫ୍ ପବ୍ଲିକ୍ ରିଲେଶନ୍ସ ଅଫିସର ଭାବେ ଦୀର୍ଘ ସମୟ ଧରି କାର୍ଯ୍ୟ କରିଛନ୍ତି। ନିୟମିତ ଜେନେରାଲ ମ୍ୟାନେଜର ନିଯୁକ୍ତି ହେବା ପର୍ଯ୍ୟନ୍ତ ମଜୁମଦାର ଏହି ଦାୟିତ୍ୱ ତୁଲାଇବେ। ରେଳପଥ ପରିଚାଳନା, ବାଣିଜ୍ୟିକ ବ୍ୟବସ୍ଥା, ପବ୍ଲିକ୍ ରିଲେଶନ୍ସ ଏବଂ ମିଡିଆ ମ୍ୟାନେଜମେଣ୍ଟ କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିରାଟ କୋଚିଂ ଶୁଭାରମ୍ଭ

ସମ୍ବଲପୁର, ୧।୪(ବି.ଶଙ୍କର)



ଆଦିତ୍ୟ ଆଲୁମିନିୟମ ପକ୍ଷରୁ ରେଙ୍ଗାଲି ଭିଏସ୍ଏସ୍ ଆଇଟିଆଇଠାରେ ଶୁଭାରମ୍ଭ ହୋଇଥିବା ବିରାଟ କୋଚିଂ କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତାମାନେ।

ଆଦିତ୍ୟ ଆଲୁମିନିୟମ କମ୍ପାନୀ ପକ୍ଷରୁ ସମ୍ବଲପୁର ଜିଲା ରେଙ୍ଗାଲିଠାରେ ବିରାଟ କୋଚିଂର ଶାଖା ଭିଏସ୍ଏସ୍ ଆଇଟିଆଇଠାରେ ଶୁଭାରମ୍ଭ ହୋଇଛି। ଆଦିତ୍ୟ ଆଲୁମିନିୟମ କାରଖାନା ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ ଓ ବିରାଟ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ରାହୁଲ ରାଜ ଏଥିରେ ଯୋଗଦେଇଥିଲେ। କାରଖାନା ପାରିପାର୍ଶ୍ୱିକ ଅଞ୍ଚଳର ବିଦ୍ୟାର୍ଥୀମାନେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଏଠାରେ ପ୍ରସ୍ତୁତି ହେବେ। କାର୍ଯ୍ୟକ୍ରମରେ ରେଙ୍ଗାଲିର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ରେଙ୍ଗାଲି ପଞ୍ଚାୟତର ସମିତି ସଭ୍ୟ ଅଶ୍ୱିନି ପଟେଲ, ଜଙ୍ଗଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁରାରି ବିଶ୍ୱାଳ, ବରିଷ୍ଠ ନାଗରିକ ଶଶିଭୂଷଣ ସାହୁ, ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅନ୍ତର୍ଯାମୀ ପାଣି, ସ୍ୱାଧୀନ ଏକତା ସଙ୍ଗଠନ ସଭାପତି ରାଜୀବ ଲୋଚନ ମିଶ୍ର, ଆଦିତ୍ୟ ଆଲୁମିନିୟମ ସିଏସ୍ଆର୍ କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର, ଭିଏସ୍ଏସ୍ ଆଇଟିଆଇ ଅଧକ୍ଷ କମଳ ଲୋଚନ ଭୋଇ, ବୈଜ୍ଞାନିକ ଆଶିଷ ମହାନା, ଆର୍ଟ ଅଫ ଲିଭିଂର ରଞ୍ଜନ ସାହୁଙ୍କ ସମେତ ସ୍ଥାନୀୟ ଅଧିବାସୀ, ବିଦ୍ୟାର୍ଥୀ, ଅଭିଭାବକ ଉପସ୍ଥିତ ଥିଲେ । ସିଏସ୍ଆର୍ ମୁଖ୍ୟ ରବି ନିୱାସ, ଡେପୁଟି ମ୍ୟାନେଜର ମନୋରଞ୍ଜନ ବେହେରା କାର୍ଯକ୍ରମ ପରିଚାଳନା କରିଥିଲେ।

# ଡିଏଭି ସାବିତ୍ରୀ ଜିନ୍ଦଲରେ 'ଓଡ଼ିଶା ଦିବସ' ପାଳିତ

ଛେଣ୍ଡିପଦା, ୧।୪(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ମହିତଲା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ବୁଧବାର 'ଓଡ଼ିଶା ଦିବସ' ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷକ ଫକିରମୋହନ ସାହୁଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀ ଶ୍ରୀୟା ନାୟକ ଓ ସୀମାରାଣୀ ସାହୁ ଉତ୍କଳୀୟ ପରମ୍ପରା ଆଧାରରେ ବକ୍ତୃତା ପ୍ରଦାନ କରିଥଲେ। ଶିକ୍ଷୟିତ୍ରୀ ଲୋପାମୁଦ୍ରା ପ୍ରଧାନ ଓ ଓଡ଼ିଆ ଶିକ୍ଷକ ସରୋଜ ଭୂତିଆ ଉତ୍କଳମାତାର ଯୋଗ୍ୟ ସୁପୁତ୍ରଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଓଝା ଓ ଚିତ୍ତରଞ୍ଜନ ଦାସ କବିତା ପାଠ କରିଥିଲେ। ସଙ୍ଗୀତ ଶିକ୍ଷକ ଅଜୟ ଅମର ସିଂଦେଓ ଗୀତ ଗାନ କରିଥିଲେ।ତ ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସ୍ମିତାରାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପଣ୍ୟ ପରିବହନରୁ ପୂର୍ବତଟ ରେଳପଥର ୨୯,୪୫୬ କୋଟି ଆୟ

## ୨୮୬.୩ ନିୟୁତ ଟନ୍ ପଣ୍ୟ ପରିବହନ



ଭୁବନେଶ୍ୱର, ୧।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଭାରତୀୟ ରେଳପଥର ପ୍ରମୁଖ ପଣ୍ୟ ପରିବହନକାରୀ ଜୋନ୍ ଭାବେ ରେକର୍ଡ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ୨୮୬.୩ ନିୟୁତ ଟନ୍‌ର ସର୍ବକାଳୀନ ସର୍ବାଧିକ ପଣ୍ୟ ପରିବହନ ହାସଲ କରିଛି। ପୂର୍ବବର୍ଷ ୨୦୨୪-୨୫ ଆର୍ଥିକ ବର୍ଷରେ ୨୫୯.୨୫ ନିୟୁତ ଟନ୍ ପରିବହନ ସହ ତୁଳନା କଲେ, ଏହା ପ୍ରାୟ ୨୭ ନିୟୁତ ଟନ୍ ଅଧିକ ଏବଂ ପ୍ରାୟ ୧୦.୪% ବୃଦ୍ଧି ହୋଇଛି। ପଣ୍ୟ ପରିବହନରେ ବୃଦ୍ଧି ସହ ଏହି ଜୋନ୍‌ର ପଣ୍ୟ ପରିବହନ ଆୟରେ ମଧ୍ୟ ଯଥେଷ୍ଟ ବୃଦ୍ଧି ରେକର୍ଡ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ପଣ୍ୟ ପରିବହନରୁ ୨୯,୪୫୬.୬୦ କୋଟି ଆୟ କରିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଆୟ ୨୬,୬୯୧.୮୨ କୋଟି ଥିଲା। ଏହା ୧୦% ରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ସଫଳତା ସହ ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଭାରତୀୟ ରେଳପଥର ସମସ୍ତ ରେଳ ଜୋନ୍ ମଧ୍ୟରେ ନିଜର ଶୀର୍ଷସ୍ଥାନ ବଜାୟ ରଖିଛି। ଚଳିତ ଆର୍ଥିକ ବର୍ଷରେ ଭାରତୀୟ ରେଳବାଇ ହାସଲ କରିଥିବା ମୋଟ ୧୬୬୯.୯ ନିୟୁତ ଟନ୍ ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ଅବଦାନ ୧୭.୧% ରହିଛି। ଲଗାତର ୭ମ ବର୍ଷ ପାଇଁ ପୂର୍ବତଟ ରେଳପଥ ୨୦୦ ମିଲିୟନ ଟନ୍‌ରୁ ଅଧିକ ପଣ୍ୟ ପରିବହନ ଅତିକ୍ରମ କରିଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ, ଆଲୁମିନା, ସାର ଏବଂ ଖାଦ୍ୟ ଶସ୍ୟ ଭଳି ପ୍ରମୁଖ ବଲ୍କ ସାମଗ୍ରୀ ପରିବହନରେ ଏହି ଜୋନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ପୂର୍ବତଟ ରେଳପଥ ଯାତ୍ରୀ ବ୍ୟବସାୟ କ୍ଷେତ୍ରରେ ୨୦୨୫-୨୬ ଆର୍ଥିକ ବର୍ଷରେ ୯୭.୬୪ ନିୟୁତ ଯାତ୍ରୀଙ୍କୁ ପରିବହନ କରିଥିବା ବେଳେ ଏଥିରୁ ୨,୪୯୫.୫୧ କୋଟି ଆୟ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୯୩.୫୨ ନିୟୁତ ଯାତ୍ରୀଙ୍କୁ ପରିବହନ କରାଯାଇଥିଲା ଏବଂ ୨,୩୭୧.୦୯ କୋଟି ଆୟ ହୋଇଥିଲା। ଏହା ଯାତ୍ରୀ ସଂଖ୍ୟାରେ ୫.୨୫% ବୃଦ୍ଧି ସହ ଯାତ୍ରୀ ରାଜସ୍ୱରେ ମଧ୍ୟ ନିରନ୍ତର ବୃଦ୍ଧିକୁ ଦର୍ଶାଉଛି।

# ଇକ୍ୱିଟିରୁ ସ୍ଥାୟୀ ଜମାକୁ ଫେରିପାରନ୍ତି ନିବେଶକାରୀ

ନୂଆଦିଲ୍ଲୀ , ୧।୪




୨୦୨୫-୨୬ ଆର୍ଥିକ ଶେଷ ହେବା ସହ ୨୦୨୬-୨୭ ଆର୍ଥିକ ବର୍ଷ ଆରମ୍ଭ ହୋଇଯାଇଛି। ତେବେ ଏହି ବର୍ଷରେ ନିବେଶ କ୍ଷେତ୍ର କିଭଳି ରହିବ ତାହାକୁ ନେଇ ଏବେଠାରୁ ବିଶ୍ଳେଷଣ ଆରମ୍ଭ ହୋଇଯାଇଛି। ଗତ ଆର୍ଥିକ ବର୍ଷରେ ବିଭିନ୍ନ କାରଣକୁ ନେଇ ଇକ୍ୱିଟି ନିବେଶ କ୍ଷେତ୍ର ପ୍ରଭାବିତ ରହିଆସିଛି। ବିଶେଷକରି ବିଶ୍ୱର ବିଭିନ୍ନ ଭାଗରେ ଲାଗି ରହିଥିବା ଯୁଦ୍ଧ ଏବଂ ରାଜନୈତିକ ବିବାଦ ସହ ବାଣିଜ୍ୟ ପ୍ରତିଦ୍ୱନ୍ଦ୍ୱିତା ଏବଂ ଏଆଇ ପ୍ରଭାବରେ ନିଯୁକ୍ତି ଛଟେଇ ପୁଞ୍ଜି ନିବେଶ କ୍ଷେତ୍ରକୁ ପ୍ରଭାବିତ କରିଛି। ଏହା ଯୋଗୁ ଭାରତୀୟ ଶେୟାର ବଜାର ପ୍ରଭାବିତ ହୋଇଥିଲାବେଳେ ବିଏସ୍ଇ ଏବଂ ନିଫ୍ଟି ସ୍ଥିତିରେ ମଧ୍ୟ ଅବନତି ଦେଖାଯାଇଛି। ଆର୍ଥିକ ବର୍ଷର ବିଭିନ୍ନ ସମୟରେ ଶେୟାର ବଜାରରେ ଅସ୍ଥିରତା ଦେଖାଯାଇଥିବାରୁପ୍ରମୁଖ କ୍ଷେତ୍ରର ଶେୟାର କାରବାର ହ୍ରାସ ପାଇବା ସହିତ ବିଦେଶୀ ନିବେଶକାରୀ ବିପୁଳ ପରିମାଣର ପୁଞ୍ଜି ପ୍ରତ୍ୟାହାର କରିନେଇଥିବା ଦେଖାଯାଇଛି। ଭାରତୀୟ ଷ୍ଟକ୍ ବଜାର ତଥ୍ୟ ଅନୁଯାୟୀ ୨୦୨୫-୨୬ ଆର୍ଥିକ ବର୍ଷରେ ବିଏସ୍ଇ ସେନ୍ସେକ୍ସ କାରବାର ହାରାହାରି ଭାବେ ୭.୧ ପ୍ରତିଶତ ହ୍ରାସ ପାଇଥିଲାବେଳେ ନିଫ୍ଟି କାରବାର ୫.୧ପ୍ରତିଶତ ହ୍ରାସ ପାଇଛି। କିନ୍ତୁ ଶେୟାର ବଜାର ତୁଳନାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସ୍ଥାୟୀ ଜମା ହାର ପ୍ରତି ନିବେଶକଙ୍କ ଆଗ୍ରହ ବଢ଼ିଛି। ବର୍ତ୍ତମାନ ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ବୈଶ୍ୱିକ ପୁଞ୍ଜିବଜାର ପ୍ରଭାବିତ ରହିଛି ଏବଂ ଏହାର ପ୍ରଭାବ ମଧ୍ୟ ଭାରତୀୟ ଶେୟାର ବଜାର ଉପରୁ ହଟିନାହିଁ। ତେଣୁ ୨୦୨୬-୨୭ ବର୍ଷରେ ନିବେଶକାରୀ ଇକ୍ୱିଟି ଅପେକ୍ଷା ବ୍ୟାଙ୍କ ସ୍ଥାୟୀ ଜମା ପ୍ରତି ଅଧିକ ଆଗ୍ରହୀ ହେବେ ବୋଲି ଶେୟାର ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ସେନ୍‌ସେକ୍ସରେ ୧୧୮୬ ପଏଣ୍ଟ ବୃଦ୍ଧି

ମୁମ୍ବାଇ, ୧।୪

୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଦିନରେ ଭାରତୀୟ ଶେୟାର ବଜାରରେ ସାମାନ୍ୟ ସୁଧାର ଆସିବା ସହ ୨ ପ୍ରମୁଖ ସୂଚକାଙ୍କ ବିଏସ୍ଇ ସେନ୍‌ସେକ୍ସ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି ତାଲିକାଭୁକ୍ତ କମ୍ପାନୀଗୁଡ଼ିକର କାରବାର ବୃଦ୍ଧି ହୋଇଛି। ବୁଧବାର କାରବାର ଆରମ୍ଭ ହେବା ପରେ ଉଭୟ ସୂଚକାଙ୍କ ସ୍ଥିତିରେ ଉନ୍ନତି ଘଟିବା ସହ ମଧ୍ୟାହ୍ନ ସୁଦ୍ଧା ବିଭିନ୍ନ କ୍ଷେତ୍ରର ଶେୟାର ମୂଲ୍ୟରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏହି ଧାରା କାରବାର ଶେଷ ପର୍ଯ୍ୟନ୍ତ ଜାରି ରହିଥିଲାବେଳେ ସେନ୍‌ସେକ୍ସ ଏବଂ ନିଫ୍ଟିରେ ହାରାହାରି ଭାବେ ୧.୫ ପ୍ରତିଶତ ବୃଦ୍ଧି ଘଟିଛି। ସେନ୍‌ସେକ୍ସରେ ୧୧୮୬ ପଏଣ୍ଟ ବୃଦ୍ଧି ଘଟି କାରବାର ଶେଷ ବେଳକୁ ଏହା ୭୩,୧୦୦ ପଏଣ୍ଟରେ ବନ୍ଦ ରହିଥିଲା। ସେହିପରି ନିଫ୍ଟି ମଧ୍ୟ ୩୪୦ ପଏଣ୍ଟ ବୃଦ୍ଧିରେ ୨୨,୬୦୦ରେ ବନ୍ଦ ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ତ୍ରୀଙ୍କୁ ହତ୍ୟାକରି ପୋଡ଼ିବା ବେଳେ ଜଳିଯାଇ ସ୍ୱାମୀ ମୃତ

## ରାମଚନ୍ଦ୍ରପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ କ୍ୱାର୍ଟର୍ସରେ ଅଭାବନୀୟ ଘଟଣା

ବଲାଙ୍ଗୀର/ଦେଓଗାଁ,୧।୪ (ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ରାମଚନ୍ଦ୍ରପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ କ୍ୱାର୍ଟର୍ସରେ ବୁଧବାର ଭୋର ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଏଏନ୍‌ଏମ୍ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଜାଳିଦେବାକୁ ଯାଇ ସ୍ୱାମୀ ନିଜେ ପୋଡ଼ିଯାଇ ମୃତ୍ୟୁବରଣ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୃତ ଦମ୍ପତି ହେଲେ ଦମୟନ୍ତୀ ବାରିକ (୫୭) ଓ ଉପେନ୍ଦ୍ର କାଲସାଏ (୬୫)। ଉଭୟ ସ୍ୱାମୀ ସ୍ତ୍ରୀ ସୁନ୍ଦରଗଡ଼ ଜିଲାର ମୂଳ ବାସିନ୍ଦା ।ହୋଇଥିବାବେଳେ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ କ୍ୱାର୍ଟର୍ସରେ ଦୀର୍ଘ ବର୍ଷ ହେଲା ରହୁଥିଲେ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ କ୍ୱାର୍ଟର୍ସରେ ଦମୟନ୍ତୀ ପୋଡ଼ିଯାଇ ମୃତ୍ୟୁବରଣ କରିଥିବା ଖବର ସକାଳେ ଜଣାପଡିଥିଲା। ଖବରପାଇ ପୋଲିସ ପହଞ୍ଚି ବେଳକୁ ଦମୟନନ୍ତୀଙ୍କୁ ମୃତ ଅବସ୍ଥାରେ ଏବଂ ସ୍ୱାମୀ ଉପେନ୍ଦ୍ରଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଦେଖିବାକୁ ପାଇଥିଲା। ତୁରନ୍ତ ଉପେନ୍ଦ୍ରଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଦମୟନ୍ତୀଙ୍କ ମୁଣ୍ଡରେ ମାଡ଼ ହୋଇଥିବାବେଳେ କ୍ୱାର୍ଟର୍ସରେ ରକ୍ତ ପଡ଼ିଥିବା ପୋଲିସ ଦେଖିବାକୁ ପାଇଥିଲା। କୌଣସି କଥାକୁ ନେଇ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ କଳହ ହେବା ପରେ ଉପେନ୍ଦ୍ର ଉତ୍ତ୍ୟକ୍ତ ହୋଇ ଏକ ଷ୍ଟିଲ୍ ବୋତଲରେ ଦମୟନ୍ତୀଙ୍କ ମୁଣ୍ଡକୁ ମାଡ଼ ମାରିଥିଲେ। ଫଳରେ ପ୍ରବଳ ରକ୍ତସ୍ରାବ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଏହାପରେ ସ୍ତ୍ରୀଙ୍କ ମୃତଦେହରେ ଉପେନ୍ଦ୍ର ପେଟ୍ରୋଲ ଢାଳି ପୋଡ଼ିବାବେଳେ ନିଜେ ପୋଡିଯାଇ ଗୁରୁତର ଆହତ ହୋଇଥିଲେ। କାରଣ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଜଣେ ଆଶାଦିଦିଙ୍କ ସ୍ୱାମୀଙ୍କୁ ଫୋନ୍ କରି ଉପେନ୍ଦ୍ର ଅଘଟଣ ଘଟିଗଲା, ତୁରନ୍ତ ଆସ ବୋଲି କୁଆଡ଼େ କହିଥିଲେ। ସେହି ବ୍ୟକ୍ତି ସେଠାକୁ ଆସିବା ପରେ ସମସ୍ତ ଘଟଣା ଜଣାପଡ଼ିଥିଲା। ପୋଲିସ ଉପେନ୍ଦ୍ରଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପୋଲିସ ଏନେଇ ଏକ ମାମଲା (୭୪/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ଏବଂ ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଘଟଣାସ୍ଥଳରେ ଛାନ୍‌ଭିନ୍ କରିଛନ୍ତି। ମୃତ ଦମ୍ପତିଙ୍କ ଦୁଇ ପୁଅ ଝିଅ ଅଛନ୍ତି ଓ ସେମାନେ ବଲାଙ୍ଗୀର ଜିଲା ବାହାରେ ପାଠ ପଢୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଘଟଣା ସମୟରେ ଉଭୟେ ଘରେ ଏକାକି ଥିବା ପୋଲିସ ପକ୍ଷରୁ କୁହାଯାଇଛି।



ମୃତ ଉପେନ୍ଦ୍ର କାଲସାଏ ।



ମୃତା ଏଏନ୍‌ଏମ୍ ଦମୟନ୍ତୀ ବାରିକ।

# ବାଘଛାଲ ଚାଲାଣ ମାମଲା,୬ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ

ରାୟଗଡ଼ା,୧।୪(ଆଶିଷ ରଞ୍ଜନ ପଣ୍ଡା)

କଲରାପତରିଆ ବାଘଛାଲ ଚୋରା ଚାଲାଣ ମାମଲାର ଶୁଣାଣିକରି ରାୟଗଡ଼ା ସିଜେଏମ୍ ଅପର୍ଣ୍ଣା ମହାପାତ୍ର ୬ଜଣ ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ପାଇଁ ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୮ ମାସ ସଶ୍ରମ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅଭିଯୁକ୍ତମାନେ ହେଲେ ରବୀନ୍ଦ୍ର ବିଡିକା, ଅକ୍ଷୟ କୁମାର ଓଡ଼ିଆ, ସୀମାଞ୍ଚଳ ଶବର, ନିଖିଳ ଗାଣ୍ଟା, ହଳଧର ଶବର ଏବଂ ସାଙ୍ଗନା କାଦ୍ରାକା।

ସୂଚନାରୁ ଜଣାପଡ଼ିଛି, ପଦ୍ମପୁର ବନପାଳ ମାଝି ମହାପାତ୍ର ୯।୫।୨୦୨୪ ରେ କଲରାପତରିଆ ବାଘଛାଲ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ଖବର ପାଇଥିଲେ। ଏନେଇ ରାୟଗଡ଼ା ଡିଏଫ୍‌ଓଙ୍କୁ ଖବର ଦେଲା ପରେ ବନପାଳ ମହାପାତ୍ର ଚୋରାଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ଅଭିଯୁକ୍ତଙ୍କ ସହ ବାଘ ଚମଡ଼ାକୁ ଜବତ କରିଥିଲେ। ଅଭିଯୁକ୍ତଙ୍କଠାରୁ ତଥ୍ୟ ସଂଗ୍ରହକରି ୧୦।୫।୨୪ରେ ପଦ୍ମପୁର ସର୍କଲ ଅନ୍ତର୍ଗତ ବିଡିକୋଟ ଛକରେ ଏକ ଆମ୍ବ ବଗିଚା ଭିତରେ ୪ ଜଣ ଅଭିଯୁକ୍ତଙ୍କୁ ବେଆଇନ ଭାବରେ କଲରାପତରିଆ ବାଘ ଚମଡ଼ା ବ୍ୟବସାୟ କରୁଥିବା ଅବସ୍ଥାରେ କାବୁକରି ଗୁଣପୁର ଏସ୍‌ଡିଜେଏମ୍ କୋର୍ଟକୁ ଫରୱାର୍ଡ କରିଥିଲେ। ଏହି ମାମଲାରେ ରାୟଗଡ଼ା ସିଜେଏମ୍ ଅପର୍ଣ୍ଣା ମହାପାତ୍ର ୮ଜଣ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ କରି ଦଣ୍ଡାଦେଶ ଦେଇଥିଲେ। ଏହି ମାମଲାରେ ସରକାରଙ୍କ ତରଫରୁ ଏପିପି ସୀତାରାମ ପଣ୍ଡା ଓ ସିଏଚ୍‌ଏସ୍ ଗିରିବାସା ରାଓ ମାମଲା ପରିଚାଳନା କରୁଥିଲେ।

# ପିସିସି ସଭାପତିଙ୍କ ନାଁରେ ଜାଲ୍ ଚିଠି ନେଇ ସାଇବର ଥାନାରେ ଏତଲା

ଭୁବନେଶ୍ୱର,୧।୪(ରବିନାରାୟଣ ଜେନା)

ଏଆଇସିସି ସଙ୍ଗଠନ ସମ୍ପାଦକ ସାଂସଦ କେ.ସି. ବେଣୁଗୋପାଳଙ୍କ ଜାଲ୍ ଦସ୍ତଖତ ଚିଠି ସାମାଜିକ ଗଣମାଧ୍ୟମରେ ଅପପ୍ରଚାରକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସର ଏକ ପ୍ରତିନିଧି ଦଳ ବୁଧବାର ସାଇବର ଥାନାରେ ଏତଲା ଦାଏର କରିଛି।

ସଂଗଠନ ସମ୍ପାଦକଙ୍କ ଜାଲ୍ ଦସ୍ତଖତରେ ଏଆଇସିସି ପ୍ୟାଡ୍ ବ୍ୟବହାର କରି ପିସିସି ସଭାପତି ପଦ ଗରିମାକୁ କଳୁଷିତ କରିବା ଭଳି ଏକ ଚିଠି ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମରେ ଘୂରିବୁଲୁଛି। ଏହା ସମ୍ପୂର୍ଣ୍ଣ ବେଆଇନ ଏବଂ ଧର୍ତ୍ତବ୍ୟ ଅପରାଧ ତଥା ସମାଜ ପାଇଁ ଏକ ବଡ଼ ବିପଦ ବୋଲି ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି।

ସେ କହିଛନ୍ତି, ଏହି ଧର୍ତ୍ତବ୍ୟ ଅପରାଧରେ ଜଡ଼ିତ ଥିବା ଅପରାଧୀଙ୍କୁ ଅତିଶୀଘ୍ର ଗିରଫ ଏବଂ ଦଣ୍ଡବିଧାନ କରାଯାଉ। ଏହି ପ୍ରତିନିଧି ଦଳରେ ଡ. ଲଲାଟେନ୍ଦୁ ମହାପାତ୍ର, ଅରବିନ୍ଦ ଦାସ, ବିଶ୍ୱଜିତ୍ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ସୁଦର୍ଶନ ଦାସ ପ୍ରମୁଖ ସାମିଲ ଥିଲେ।

# ଓପିଏଚ୍‌ଡବ୍ଲ୍ୟୁସି ଡିଏମ୍ ଗିରଫ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

### ୧ କେଜିରୁ ଅଧିକ ସୁନା ଗହଣା ସହିତ ବିପୁଳ କଳାଧନ ଠାବ



ଠାବ ହୋଇଥିବା ବିପୁଳ ପରିମାଣର ସୁନା ଅଳଙ୍କାର।

ସମ୍ବଲପୁର,୧।୪(ପ୍ରମୋଦ ବହିଦାର)

ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନ(ଓପିଏଚ୍‌ଡବ୍ଲ୍ୟୁସି) ସମ୍ବଲପୁର ଡିଭିଜନର ଡେପୁଟି ମ୍ୟାନେଜର(ଡିଏମ୍) ବିଦ୍ୟୁତ୍ ରଞ୍ଜନ ଭୋଳଙ୍କୁ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ବୁଧବାର ଗିରଫ କରିଛି। ସମ୍ବଲପୁର ରେଳଷ୍ଟେଶନ ନିକଟରେ ମଙ୍ଗଳବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ତାଙ୍କ ନିକଟରୁ ୫ ଲକ୍ଷ ୧୮ ହଜାର ୯୦୦ ଟଙ୍କାର ହିସାବ ବୀହିନ ନଗଦ ରାଶି ଜବତ କରାଯାଇଥିଲା। ପରବର୍ତ୍ତୀ ସମୟରେ ସମ୍ବଲପୁର, ଭୁବନେଶ୍ୱର, ଗଞ୍ଜାମ ଏବଂ ଭଞ୍ଜନଗର ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ନିଜ ଘର ଓ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରାଯାଇ ବିପୁଳ ପରିମାଣର କଳାଧନ ସହିତ ଆୟବର୍ହିଭୂତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଠାବ କରାଯାଇଥିବା ସୂଚନା ମିଳିଛି।

ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ବିଭାଗ ପକ୍ଷରୁ ହୋଇଥିବା ଯାଞ୍ଚ ସମୟରେ ଭୋଳଙ୍କ ନାମରେ ଭୁବନେଶ୍ୱରରେ ଏକ ଫ୍ଲାଟ ଏବଂ ଜଟଣୀ, ବ୍ରହ୍ମପୁର ସମେତ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ୨୯ଟି ମୂଲ୍ୟବାନ୍ ପ୍ଲଟ୍ ଓ ଦୁଇଟି ବହୁତଳ କୋଠା ସହିତ ତାଙ୍କ ଘରୁ ୬ଟି ସୁନା ମୁଦ୍ରା ଓ ୨ଟି ବିସ୍କୁଟ ସହ ମୋଟ ୧ କିଲୋ ୧୪୦ ଗ୍ରାମର ବିଭିନ୍ନ ସୁନା ଅଳଙ୍କାର, ୩୦ ଲକ୍ଷ ଟଙ୍କାର ବ୍ୟାଙ୍କ ଜମାକୁ ଠାବ କରାଯାଇଛି। ଏହାବ୍ୟତୀତ ତାଙ୍କ ନିଜ ଘର ଓ ଭଉଣୀଙ୍କ ଘରୁ ମୋଟ ୪୮ ଲକ୍ଷ ୭୯ ହଜାର ୧୦୦ ଟଙ୍କାର ନଗଦ ଅର୍ଥରାଶିକୁ ଭିଜିଲାନ୍ସ ଜବତ କରିଛି। ସୂଚନାଯୋଗ୍ୟ, ଗତ ୧୯୯୮ରେ ମାତ୍ର ୭ ହଜାର ଟଙ୍କା ବେତନରେ ସହକାରୀ ପ୍ରକଳ୍ପ ପରିଚାଳକ ଭାବେ ଚାକିରି ଆରମ୍ଭ କରିଥିବା ଭୋଳଙ୍କ ଏହି ବିପୁଳ ସମ୍ପତ୍ତି ଆୟ ବର୍ହିଭୂତ ବୋଲି ସନ୍ଦେହ କରାଯାଉଛି। ବର୍ତ୍ତମାନ ଏନେଇ ସମ୍ବଲପୁର ଭିଜିଲାନ୍ସ ପୋଲିସ ଷ୍ଟେଶନରେ କେସ୍ ନମ୍ବର ୦୩/୨୦୨୬ରେ ଦୁର୍ନୀତି ନିବାରଣ ଆଇନରେ ଏକ ମାମଲା ରୁଜୁ କରି ଭିଜିଲାନ୍ସ ପୋଲିସ ତାଙ୍କୁ ସମ୍ବଲପୁରର ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ କୋର୍ଟକୁ ଚାଲାଣ କରିଥିବା ସୂଚନା ମିଳିଛି।

# ତଦନ୍ତ ପାଇଁ ବରିଷ୍ଠ ଡିଏସ୍‌ପିଙ୍କୁ ଦାୟିତ୍ୱ

## ମହିଳା ପୋଲିସ ହାବିଲଦାରଙ୍କ ଇସ୍ତଫା ଘଟଣା

ଅନୁଗୋଳ,୧।୪ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ରିଜର୍ଭ ପୋଲିସ ଅଫିସରେ କାର୍ଯ୍ୟରତ ଜଣେ ମହିଳା ହାବିଲଦାର ମାନସିକ ଚାପ ଓ ହଇରାଣ କରାଯିବା ଅଭିଯୋଗ ଆଣି ଗତ ସୋମବାର ଏସ୍‌ପି ରାହୁଲ ଜୈନଙ୍କୁ ଇସ୍ତଫା ପତ୍ର ପ୍ରଦାନ କରିଥିଲେ। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଏସ୍‌ପି ଜୈନ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ମହିଳା ଡିଏସ୍‌ପିଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିବାବେଳେ ଅଭ୍ୟନ୍ତରୀଣ କମିଟି ମଧ୍ୟ ଘଟଣାର ଖୋଜଖବର ନେଉଛି। ତଦନ୍ତ ରିପୋର୍ଟ ଆସିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପୃକ୍ତା ମହିଳା ହାବିଲଦାର ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ, ରିଜର୍ଭ ପୋଲିସ କାର୍ଯ୍ୟାଳୟର ଜଣେ ଅଧିକାରୀ ଓ ଫୋର୍ସ ସେକ୍ସନରେ କାର୍ଯ୍ୟରତ ଜଣେ ହାବିଲଦାର ତାଙ୍କୁ ଦୀର୍ଘଦିନ ଧରି ହଇରାଣ କରୁଥିଲେ। ସେ ନିଜ କାର୍ଯ୍ୟ ନିଷ୍ଠାର ସହିତ କରୁଥିବା ସତ୍ତ୍ୱେ ତାଙ୍କୁ ମାନସିକ ଚାପ ଦିଆଯାଉଥିଲା। ଏହାର ପ୍ରଭାବରେ ତାଙ୍କର ମାନସିକ ସ୍ୱାସ୍ଥ୍ୟ ଓ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏଭଳି ପରିସ୍ଥିତିରେ ତାଙ୍କ ଇସ୍ତଫା ଗ୍ରହଣ କରିବା ଓ ଦୋଷୀଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏସ୍‌ପିଙ୍କ ନିକଟରେ ଦାବି କରିଥିଲେ।

# ଜିଲା ମୁଖ୍ୟ ଡାକ୍ତରଖାନାରେ ମହିଳାଙ୍କ ଉନ୍ମତ୍ତକାଣ୍ଡ

## ଚାପଡ ଧରି କର୍ମଚାରୀ, ସିକ୍ୟୁରିଟି ଗାର୍ଡଙ୍କୁ ହାଣିବାକୁ ଗୋଡ଼ାଇଲେ

ବାଲେଶ୍ୱର, ୧।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନା ଆଉଟଡୋର(ବହିର୍ବିଭାଗ)ରେ ଜଣେ ମହିଳା ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ହାତରେ ଚାପଡ ଧରି ରୋଗୀଙ୍କ ସମ୍ପର୍କୀୟ ଓ କର୍ମଚାରୀଙ୍କୁ ହାଣିବାକୁ ଗୋଡ଼ାଇଥିଲେ। ଖବରପାଇ ହସ୍ପିଟାଲ ଆଉଟପୋଷ୍ଟ ପୋଲିସ ପହଞ୍ଚି ମହିଳାଙ୍କୁ କାବୁ କରି ଥାନାକୁ ନେଇଯାଇଥିଲେ।

ବାଲେଶ୍ୱର ସଦର ଥାନା ଫକୀରମୋହନ ନଗର ଅଞ୍ଚଳର ରୀନା ରାଉଳ ନାମ୍ନୀ ମହିଳା ବୁଧବାର ପୂର୍ବାହ୍ନ ୧୦ଟା ବେଳେ ହସ୍ପିଟାଲ ଆଉଟଡୋରକୁ ଆସିଥିଲେ। ଟିକେଟ କାଉଣ୍ଟରରୁ ଟିକେଟ ନ କରି ଡାକ୍ତରଙ୍କୁ ଦେଖାଇବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିଲେ। ଆଉଟଡୋରରେ ଥିବା ସିକ୍ୟୁରିଟି ଗାର୍ଡ ଓ ଅନ୍ୟ କର୍ମଚାରୀମାନେ ତାଙ୍କୁ କାଉଣ୍ଟରରୁ ଟିକେଟ ଆଣିବା ପାଇଁ କହିଥିଲେ। ମାତ୍ର ରୀନା ସିକ୍ୟୁରିଟି ଗାର୍ଡଙ୍କୁ ଗାଳିଗୁଲଜ କରିଥିଲେ। ତେବେ ଟିକେଟ ନ ଆଣିଲେ ଡାକ୍ତରଙ୍କୁ ଦେଖାଇପାରିବେ ନାହିଁ ବୋଲି ସିକ୍ୟୁରିଟି ଗାର୍ଡ କହିଥିଲେ। ରୀନା ରାଗିଯାଇ ନିଜ ବ୍ୟାଗରୁ ଏକ ଚାପଡ ବାହାର କରି ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ହେଲେ ସେ ବର୍ତ୍ତିଯାଇଥିଲେ। ମାତ୍ର ସିକ୍ୟୁରିଟି ଗାର୍ଡଙ୍କ ପାଖରେ ଛିଡ଼ା ହୋଇ ରୀନାଙ୍କୁ ବୁଝାଉଥିବା ଲୋକଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ଅଙ୍ଗୁଳିରେ ଚାପଡ ଲାଗିଥିଲା। ସମ୍ପୃକ୍ତ ବ୍ୟକ୍ତି ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ଆଉଟଡୋର ପୋଲିସ ଆସି ରୀନାଙ୍କୁ ଥାନାକୁ ନେଇଯାଇଥିଲେ। ଅପରପକ୍ଷେ ମହିଳାଙ୍କ ମାନସିକ ଅବସ୍ଥା ଖରାପ ଥିବାରୁ ସେ ଏଭଳି କାଣ୍ଡ କରିଛନ୍ତି ବୋଲି ଥାନାରେ ଆତ୍ମୀୟସ୍ୱଜନମାନେ ନିବେଦନ କରିବାରୁ ତାଙ୍କୁ ପୋଲିସ ଛାଡ଼ି ଦେଇଥିବା ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ କହିଛନ୍ତି।

# କନ୍ଧମାଳ, ଗଜପତିରୁ ବିପୁଳ ପରିମାଣର ଗଞ୍ଜେଇ ଜବତ

ଫୁଲବାଣୀ/ଆର୍. ଉଦୟଗିରି,୧।୪(ରାକେଶ କୁମାର ରାଉତ/ମନୋଜ କୁମାର ପାଢ଼ୀ)

କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ପୋଲିସ ମଙ୍ଗଳବାର ୪ ହଜାର କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଜଙ୍ଗଲ ଭିତରେ ଚାଲାଣ ଉଦ୍ଦେଶ୍ୟରେ ଏହା ରଖାଯାଇଥିଲା। ଖବର ପାଇ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ଜେନା ଓ ସବ୍ ଇନ୍ସପେକ୍ଟର ସମ୍ବିତ ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ରାତିରେ ବିଲାବାଡ଼ି ଅଞ୍ଚଳରେ ଚଢାଉ କରାଯାଇଥିଲା। ଗ୍ରାମ ନିକଟସ୍ଥ ଜଙ୍ଗଲରେ ପ୍ରାୟ ୨ଶହ ବସ୍ତା ଗଞ୍ଜେଇ ଜବତ ହୋଇଥିଲା। ତେବେ ଏହି ଘଟଣାର ଚାଲାଣକାରୀ ଚମ୍ପଟ ମାରିଛନ୍ତି। ଏନେଇ ସଦର ଥାନାରେ ନଂ. ୬୬/୨୬ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ସେହିପରି ବୁଧବାର ଗଜପତି ଜିଲା କିରାମା ପଞ୍ଚାୟତ ବୁରିପଦର ଗାଁରେ ମିଳିତ ଚଢ଼ାଉ କରି ଆର୍. ଉଦୟଗିରି ପୋଲିସ ଘର ଓ ଜଙ୍ଗଲରୁ ୧୮ କୁଇଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ କରିଛି। ଏସ୍‌ଡିପିଓ ରାକେଶ ସାହୁଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା। ଏକ୍ସିକ୍ୟୁଟିଭ ମାଜିଷ୍ଟ୍ରେଟ ସାହୁ ଓ ଦୁଇ ଜଣ ସାକ୍ଷୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରିବାରୁ ଏହା ଉପରୋକ୍ତ ପରିମାଣର ହୋଇଥିଲା। ଏହି ଘଟଣାରେ ୩ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ଅଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୧ କୋଟି ୮୦ ଲକ୍ଷ ଟଙ୍କା ହେବ ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି।



ଫୁଲବାଣୀ ପୋଲିସ ବିଭିନ୍ନ ଅଞ୍ଚଳରୁ ଜବତ କରିଥିବା ଗଞ୍ଜେଇ।

# ଅଭିଯୋଗର ୩ ବର୍ଷ ପରେ ଅଭିଯୁକ୍ତ ଗିରଫ

ବନ୍ତଳା,୧।୪(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ଥାନା ସାନକନ୍ତକୁଳ ଗ୍ରାମରେ ପୋଲିସକୁ ଆକ୍ରମଣ ଘଟଣାର ୩ ବର୍ଷ ପରେ ବୁଧବାର ଅଭିଯୁକ୍ତ ସାନକନ୍ତକୁଳ ଗ୍ରାମର ବିଶ୍ୱଜିତ ସାହୁ (୨୭)ଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ୬ ଜୁନ୍ ୨୦୨୩ରେ ସାନକନ୍ତକୁଳ ଗ୍ରାମର ଜଣେ ବୃଦ୍ଧଙ୍କୁ ହାତୀ ମାରିଦେଇଥିବା ଖବରପାଇ ଘଟଣାସ୍ଥଳରେ ପୋଲିସ ଓ ବନ ବିଭାଗ ଅଧିକାରୀ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ଗ୍ରାମର ୩୦ ରୁ ୪୦ ଜଣ ଲୋକ ପୋଲିସକୁ ଗାଳିଗୁଲଜ କରିଥିଲେ। ଓଏଫିଏଫ୍ ବିଶୁ ମିଞ୍ଜଙ୍କୁ ଜଣେ ଆକ୍ରମଣ କରିଥିଲେ। ହାତୀ ଆକ୍ରମଣରେ ମୃତ ବୃଦ୍ଧଙ୍କ ପୁଅ ଓସିଏଫ୍ ମିଞ୍ଜଙ୍କୁ ହାଣିଦେବାକୁ ଉଦ୍ୟମ କରିଥିଲେ। ଏଥିସହ ବନ୍ତଳା ବନାଞ୍ଚଳ ଅଧିକାରୀ ନୀଳାଦ୍ରି ସାହୁଙ୍କୁ ଆକ୍ରମଣ ବେଳେ ସେଠାରେ ଉପସ୍ଥିତ ଥିବା ଗଡ଼ତରାସ ସରପଞ୍ଚଙ୍କ ପାଇଁ ରେଞ୍ଜର ରକ୍ଷା ପାଇଯାଇଥିଲେ। ପରେ ଗ୍ରାମର କେତେଜଣ ବ୍ୟକ୍ତି ବନ ବିଭାଗ କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ମିଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବନ୍ତଳା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଦୀର୍ଘ ୩ ବର୍ଷ ପରେ ବିଶ୍ୱଜିତ୍‌ଙ୍କୁ ଗିରଫ କରାଯାଇଥିବା ବନ୍ତଳା ଥାନା ସୂତ୍ରରୁ ଜଣାପଡ଼ିଛି।

# ପ୍ଲଟ୍ ବିକ୍ରୟ କବଲା ବାତିଲ୍ କରି ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧।୪(ତ୍ରିନାଥ ମହାନ୍ତି)

ଜାଲ ଦସ୍ତାବିଜ୍ ମାଧ୍ୟମରେ ପ୍ଲଟ୍ ବିକ୍ରୟ କବଲା(ଡିଡ୍) ବାତିଲ କରି ଠକେଇ ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିପାଟଣାର ସୁଶାନ୍ତ କୁମାର ପାତ୍ର। ତାଙ୍କ ନିକଟରୁ ଜାଲ ଦସ୍ତାବିଜ୍ ଏବଂ ଷ୍ଟାମ୍ପ ଜବତ କରାଯାଇଛି।

ସୂଚନାଯୋଗ୍ୟ, ଅଭିଯୋଗକାରିଣୀ 'ମେସର୍ସ କାର୍ଗୋ ଲାଇନ୍ସ' ଫାର୍ମର ମାଲିକ ଭାବେ ୨୦୨୧ ମସିହାରେ ରଘୁନାଥପୁର ମୌଜାରେ ଦୁଇଟି ପ୍ଲଟ କିଣି ସେଥିରେ ଦଖଲରେ ଥିଲେ। କେତେଜଣ ଅଭିଯୁକ୍ତ ପରସ୍ପର ମିଳିତ ଭାବରେ ଜାଲ୍ ରିଜୋଲ୍ୟୁଶନ, ସିଲ୍ ଏବଂ ଦସ୍ତଖତ ସହ ଜାଲ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଥିଲେ। ଏହାପରେ ଅଭିଯୁକ୍ତ ସୁଶାନ୍ତ ନିଜକୁ ଅଧିକୃତ ପ୍ରତିନିଧି ଭାବେ ପରିଚୟ ଦେଇ ଅଭିଯୋଗକାରିଣୀଙ୍କ ଅଜାଣତରେ ସବ୍-ରେଜିଷ୍ଟ୍ରାର ଅଫିସରେ ବିକ୍ରୟ କବଲା ବାତିଲ କରିଥିଲେ। ଏପରି କି ପରବର୍ତ୍ତୀ ସମୟରେ ସେମାନେ ଉକ୍ତ ଜମି ଉପରେ ଅବୈଧ ଦଖଲ କରିଥିଲେ। ଫଳରେ ଅଭିଯୋଗକାରିଣୀଙ୍କୁ ପ୍ରାୟ ୩୪.୩୧ ଲକ୍ଷ ଟଙ୍କାର ଆର୍ଥିକ କ୍ଷତି ହୋଇଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଥିଲା।


# Classified Everyday 0674-2580101, 9692975378



REAL ESTATE
SALE

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital-2 ଏବଂ Grand Bazar NH-16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D-3

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25





All types of physiotherapy and massage contact 9556924059 / 7656969134. D-06

Newly open spa positively health benefits (Expert therapist). Kalpana- 8984846329. D-76957

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

By virtue of an affidavit no. 1872, sworn before the Executive Magistrate G.Udayagiri, dated 24.03.2026, I, Tanisha Baxla, Address Teachers Colony, Raikia, Kandhamal, declare that I have changed my name from Tanisa Baksala to Tanisha Baxla. Henceforth, I shall be known as Tanisha Baxla for all purposes.
(Tanisha Baxla) D-08

I, Shri Ananda Nayak, S/o.- Late Dasa Nayak, Resident of NAC Kabisuryanagar, Ward No.- 14, Ganeswar Sahi, At/P.O./P.S.- Kabisuryanagar, Dist.- Ganjam declare by this Affidavit sworn before the Executive Magistrate, Kodala (Ganjam), No.- A6, Dated- 12.12.2005 that now onwards I shall be known as Ananda Pattnaik, S/o.- Late Dasarathi Pattnaik for all future purposes. D-05

## LEGAL NOTICE

In the Court of the Civil Judge (S.D), Dhenkanal, Intestate Case No. 03/25.
Sasweta Acharya .........Petitioner
Vrs.
Sanjay Kumar Kar & another .........Ops.
Draft Notice
It is hereby noticed that the Petitioner Sasweta Acharya aged about 25years W/o.- Late Soumya Abhijit Kar of vill.- Amalapada, P.S.- Town, Dist.- Dhenkanal has filed one intestate case bearing No. 03/2025 before the Civil Judge (S.D) Dhenkanal against one Sanjaya Kumar Kar and Soubhagini Satapathy as the successor of Late Soumya Abhijit Kar. If except the above any other successors are there, then within fifteen days from the date of advertisement ie. on 17.04.2026 at 7:30AM will appear in the Court otherwise the Court will pass appropriate order.
Given under my hand and seal of this Court, this 31st day of March 2026.
Sd./- Senior Civil Judge, Dhenkanal D-07

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅପେକ୍ଷା ନ'ବର୍ଷର...


ସୁନୀଲ

ବଲିଉଡ୍‌ରେ ସେ 'ଆନ୍ନା' ଭାବରେ ପରିଚିତ। ଏକଦା ଅଭିନୟ ତାଙ୍କର ନିଶା ଥିଲା। ତାଙ୍କୁ ନେଇ ନିର୍ମିତ ଅନେକ ସିନେମା ବେଶ୍ ଦର୍ଶକାଦୃତ ହୋଇଛି। ବିଶେଷଭାବରେ 'ଗୋପୀ କିଷନ' ଫିଲ୍ମରେ ତାଙ୍କର ଡବଲ ରୋଲ୍‌କୁ ଅନେକ ମନେ ପକାଇଥାଆନ୍ତି। ଏବେ ଅନେକ ଜାଣିସାରିବେଣି ସେ ହି ଅଭିନେତା ଜଣଙ୍କ କିଏ ? ହଁ, ସେ ହେଉଛନ୍ତି ସୁନୀଲ ସେଟ୍ଟୀ। ଏକଦା ତାଙ୍କୁ ନଅ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ହେଲେ କ'ଣ ପାଇଁ ଜାଣିବେନି ? ମ୍ୟାରେଜ କରିବାକୁ। କଥା କ'ଣ କି ଧର୍ମପତ୍ନୀ ମୋନାଙ୍କ ସହ ବେଶ୍ କିଛି ବର୍ଷ ଧରି ସୁନୀଲଙ୍କ ପ୍ରେମ ସମ୍ପର୍କ ରହିଆସିଥିଲା। ଆଉ ନଅ ବର୍ଷର ଅପେକ୍ଷା ପରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସୁନୀଲ ଏପରି ଜଣେ ବ୍ୟକ୍ତି ଯିଏ କଦାପି କୌଣସି ନିଶାଦ୍ରବ୍ୟ ସେବନ କରିନାହାନ୍ତି। ଏହାଠାରୁ ସେ ନିଜକୁ ଦୂରେଇ ରଖିବା ସହ ଏବେ ମଧ୍ୟ ନିଜ ଫିଟ୍‌ନେସ୍ ପ୍ରତି ବେଶ୍ ସଚେତନ। ଏପରି କି ସେ କେବେ କୋଲ୍ଡ ଡ୍ରିଙ୍କସ ମଧ୍ୟ ପିଅନ୍ତି ନାହିଁ। ମାର୍ଶଲ ଆର୍ଟରେ ସେ ଟ୍ରେନିଂ ନେଇଛନ୍ତି। ତା'ସହ କିକ୍ ବକ୍ସିଂରେ ସେ ବ୍ଲାକ୍‌ବେଲ୍ଟ ହୋଲଡ୍‌ର। ସୁନୀଲଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ବଲୱାନ୍' (୧୯୯୨)। ଏଥିରେ ତାଙ୍କୁ ଆକ୍ସନ ଭୂମିକାରେ ଦେଖିବାକୁ ମିଳିଥିଲା। ବିଶେଷଭାବରେ ଅକ୍ଷୟ କୁମାରଙ୍କ ସହ ତାଙ୍କର ଯୋଡିକୁ ଦର୍ଶକ ବେଶ୍ ପ୍ରଶଂସା କରିଥାଆନ୍ତି।

# ମୁଁ ଭାଗ୍ୟବତୀ : ସାରା



ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ବଲିଉଡ୍‌ରେ ନାୟିକା ଭାବରେ ସାରା ଅର୍ଜୁନ 'ଧୁରନ୍ଧର' ଫିଲ୍ମରୁ ଏଣ୍ଟ୍ରି କରିଥିଲେ। ଫିଲ୍ମଟି ବକ୍ସ ଅଫିସରେ ବ୍ଲକ୍ ବଷ୍ଟର ସାବ୍ୟସ୍ତ ହେଲା। ଆଉ ଏବେ ଏହାର ସିକୁଏଲ 'ଧୁରନ୍ଧର–ଦ ରିଭେଞ୍ଜ' ମଧ୍ୟ ହଜାରେ କୋଟି କ୍ଲବରେ ସାମିଲ ହୋଇଛି। ଏହାକୁ ନେଇ ତାଙ୍କର ଖୁସି କହିଲେ ନ ସରେ। କାରଣ ବର୍ତ୍ତମାନ କେତେକ ପ୍ରଯୋଜକ ତାଙ୍କୁ ବଲିଉଡ୍‌ରେ ଅଫର ପରେ ଅଫର ଦେବାକୁ ଆଗ୍ରହ ପ୍ରକାଶ କଲେଣି। ଏ ନେଇ ସାରା କହନ୍ତି, ''ମୋତେ ଯେତେବେଳେ ମାତ୍ର ଦେଢ଼ ବର୍ଷ ହୋଇଥିଲା ସେତେବେଳେ ମୁଁ ଏକ ବିଜ୍ଞାପନରେ ଦେଖାଦେଇଥିଲି। ତା'ପରେ ଧୀରେ ଧୀରେ ଅନେକ ତେଲୁଗୁ, ତାମିଲ ଏବଂ ମାଲୟାଲମ ଫିଲ୍ମରେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରି ବେଶ୍ ପ୍ରଶଂସିତ ହୋଇଥିଲି। ଆଉ ଏସବୁ ପଛରେ ମୋର କଳାକାର ପିତା ରାଜ୍ ଅର୍ଜୁନଙ୍କ ଅବଦାନକୁ ସର୍ବାଗ୍ରେ ସ୍ମରଣ କରିବି। ୨୦୨୪ରେ ତାମିଲ ଫିଲ୍ମ 'କୋଟେସନ ଗ୍ୟାଙ୍ଗ ପାର୍ଟ–୧'ରେ ପ୍ରଥମେ ନାୟିକା ଭାବରେ ବ୍ରେକ୍ ପାଇଥିଲେ। ଆଉ ଗତ ବର୍ଷ ଆଦିତ୍ୟ ଧର୍ ମୋତେ 'ଧୁରନ୍ଧର'ରେ ପ୍ରଥମେ ସୁଯୋଗ ଦେଲେ। ଏବେ ବଲିଉଡ୍‌ରେ ମୋ ଲାଗି କେତୋଟି ଅଫର ରହିଛି। ହେଲେ ସେଗୁଡ଼ିକୁ ଭଲ ଭାବରେ ତର୍ଜମା କରିବା ପରେ ଯାହା ନିଷ୍ପତ୍ତି ନେବି।'' ଜଣେ ଶିଶୁ କଳାକାର ଭାବରେ ସାରାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦୈବ ଥିରୁମଙ୍ଗଲ' (ତାମିଲ)। ଫିଲ୍ମଟି ହିଟ୍ ହେବା ସହ ପରବର୍ତ୍ତୀ ସମୟରେ ସେ ବେଶ୍ କେତୋଟି ସିନେମାରେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ।

# ଭାବି ନ ଥିଲେ ସାନ୍ୟା

ଏକଦା ସେ ଜଣେ ଅଭିନେତାଙ୍କ ଗୀତଟିର କୋରିଓଗ୍ରାଫି କରିଥିଲେ। ହେଲେ ସେ କେବେ ଭାବି ନ ଥିଲେ ସେହି ଅଭିନେତା ଜଣଙ୍କ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ଦେବେ। ଆଉ ତାଙ୍କ ଅପୋଜିଟ୍‌ରେ ପୁଣି ଅଭିନୟ କରିବାକୁ ପଡିବ। ସେହି ଅଭିନେତା ଜଣଙ୍କ ହେଉଛନ୍ତି ଆମିର ଖାନ୍ ଆଉ ଅଭିନେତ୍ରୀ ହେଲେ ସାନ୍ୟା ମାଲହୋତ୍ରା। ଆମିରଙ୍କ ଅଭିନୀତ 'ସିକ୍ରେଟ ସୁପରଷ୍ଟାର'ର 'ସେକ୍ସି ବାଲିୟେ' ଗୀତ ପାଇଁ ସାନ୍ୟା କୋରିଓଗ୍ରାଫି କରିଥିଲେ। ହେଲେ ଆମିର ଖାନ୍ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ତଥା ହିଟ୍ ସାବ୍ୟସ୍ତ ହୋଇଥିବା 'ଦଙ୍ଗଲ' ଥିଲା ସାନ୍ୟାଙ୍କ ବଲିଉଡ୍‌ରେ ଡେବ୍ୟୁ ଫିଲ୍ମ। ଏ ନେଇ ସେ କହନ୍ତି, 'ଆମିର ସାର୍‌ଙ୍କ ଏକ ଗୀତ ପାଇଁ ମୁଁ କୋରିଓଗ୍ରାଫି କରିଥିଲି। ହେଲେ ତାଙ୍କର 'ଦଙ୍ଗଲ' ମୁଭିର ଅଡିଶନ୍ ଦେଇ ମୁଁ ସିଲେକ୍ଟ ହେଲି। ଯେତେବେଳେ ସେ ମୋତେ ଏହାର ବବିତା ଫୋଘଟ ଭୂମିକା ପାଇଁ ଚୟନ କରାଯାଇଥିବା କଥା ଜଣାଇଲେ ସେତେବେଳେ ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। ଆଜି ଯଦି ମୁଁ ଆକ୍ଟିଂ ଲାଇନ୍‌ରେ ତିଷ୍ଠି ରହିଛି ତେବେ ସେଥିଲାଗି ମୁଁ ଆମିର ସାର୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।'' ବର୍ତ୍ତମାନ ସେ ବିବେକ ଦାସ ଚୌଧୁରୀଙ୍କ ନିର୍ଦ୍ଦେଶିତ 'ଟୋଷ୍ଟର'ରେ ଅଭିନୟ କରୁଛନ୍ତି।


ସାନ୍ୟା

## ପରଦାରେ...

# ଆଫା

ନୂଆ ଓଡ଼ିଆ ସିନେମା 'ଆଫା– ଲାଇଫ ଆଫ୍ଟର ଲାଇଫ' ଚଳିତ ମାସ ୩ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏକ ଭିନ୍ନ ସ୍ୱାଦର ପାରିବାରିକ କାହାଣୀକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ସବୁଠାରୁ ଖାସ୍ କଥା ହେଲା ଅଭିନେତା ପ୍ରୀତିରାଜ ଶତପଥୀ ଏହି ଫିଲ୍ମରେ ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ସାଜିଛନ୍ତି। ଗୋଟିଏ ପରିବାର ଉପରେ ହଠାତ୍ ଏକ ଅଦିନିଆ ଝଡ ମାଡିଆସେ। କିନ୍ତୁ ଏଭଳି ଏକ ଘଡିସନ୍ଧି ସମୟରେ ସେମାନେ କିପରି ଏହାକୁ ସାମନା କରନ୍ତି ଏବଂ ପରିଶେଷରେ ଏହାର ଫଳ କ'ଣ ହୁଏ ତାହାକୁ ଆଧାର କରି ଏହି ଚିତ୍ରଟି ନିର୍ମିତ ହୋଇଛି । ଏହାର କାହାଣୀରେ ଅଙ୍ଗଦାନ ବିଷୟ ମଧ୍ୟ ସ୍ଥାନିତ ହୋଇଛି। ଜୀବନର ଏକ ଅପ୍ରତ୍ୟାଶିତ ମୋଡ଼ ଏବଂ ସମୟର ଚକ୍ରାନ୍ତକୁ ଏଥିରେ ନିଖୁଣ ଭାବେ ଚିତ୍ରଣ କରାଯାଇଛି। ଓଲିଉଡ୍‌ର ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତିଙ୍କ କନ୍ୟା ଅନମୋଲ ଏଥିରେ ଶିଶୁ କଳାକାର ଭାବରେ ବ୍ରେକ୍ ପାଇବା ସହ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। କୁନା ତ୍ରିପାଠୀ, ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ସିଦ୍ଧାର୍ଥ ତିୱାରୀ ଏବଂ ଶିଶୁ କଳାକାର ମିଭାନ ସିଦ୍ଧାର୍ଥ ତିୱାରୀଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ପ୍ରୀତିରାଜ ଶତପଥୀ ଓ ନୈନା ଦାଶ ତିୱାରୀ ଏହାକୁ ପ୍ରଯୋଜନା କରିଛନ୍ତି। ବାପୁ ଗୋସ୍ୱାମୀ ଓ ଦିବ୍ୟ କୁମାର ସାହୁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ।


'ଆଫା' ଫିଲ୍ମର ପୋଷ୍ଟର

# ଦୃଢ଼ମନା ଭୂମି

ଅଭିନେତ୍ରୀଟିଏ ହେବାକୁ ଭୂମି ପେଡେନକରଙ୍କୁ କମ୍ ପରିଶ୍ରମ କରିବାକୁ ପଡି ନ ଥିଲା। ପ୍ରଥମେ ସେ ଛଅ ବର୍ଷ ଧରି ଯଶରାଜ ଫିଲ୍ମସ ବ୍ୟାନରେ ନିର୍ମିତ କେତୋଟି ସିନେମାର ସହ–ନିର୍ଦ୍ଦେଶିକା ଭାବରେ କାମ କରିଥିଲେ। ସେହି ସମୟରେ ନିର୍ଦ୍ଦେଶକ ଶରତ କଟାରିଆ ତାଙ୍କର ଆଗାମୀ ସିନେମା 'ଦମ୍ ଲଗାକେ ହୈସା' ଲାଗି ଜଣେ ନବାଗତାଙ୍କ ସନ୍ଧାନରେ ଥିଲେ। ଭୂମିଙ୍କୁ ଏ ବିଷୟରେ ସୂଚନା ମିଳିବା ପରେ ସେ ଏହାର ଅଡିଶନ ପାଇଁ ନିଜ ନାମ ତାଲିକାଭୁକ୍ତ କରିଥିଲେ। ଦୀର୍ଘ ଅଢ଼େଇ ମାସ ଧରି ଏହି ଅଡିଶନ ଚାଲିଥିଲା। ପାଖାପାଖି ୧୦୦ ଜଣ ନବାଗତା ଏଥିରେ ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ଭୂମି ବାଜି ମାରିନେଇଥିଲେ। ନିଜ ଆକ୍ଟିଂ କ୍ୟାରିୟରର ପ୍ରାରମ୍ଭିକ ଅବସ୍ଥା ବିଷୟରେ ସେ କହନ୍ତି, ''ହ୍ୱିସଲିଙ୍ଗ ଉଡସ ଇଣ୍ଟରନ୍ୟାଶନାଲ ଆକ୍ଟିଂ ସ୍କୁଲରେ ମୁଁ ପଢ଼ିବା ସମୟରେ ଏକଦା ପରସେଣ୍ଟ ଶର୍ଟ ପାଇଁ ମୋତେ ଏକ୍ସପେଲ୍ କରାଯାଇଥିଲା। ପରେ ମୋ ପାପା ଷ୍ଟଡି ଲୋନ୍ କରିବାରୁ ମୁଁ ଏହି ପାଠରେ ଡିଗ୍ରୀ ହାସଲ କଲି। ତା'ପରେ ମୋ ପ୍ରତି ଭାଗ୍ୟଦେବୀ ସତେଯେମିତି ପ୍ରସନ୍ନ ଥିଲେ। ଯଶରାଜ ଫିଲ୍ମସ ବ୍ୟାନରେ ମୁଁ ସହ–ନିର୍ଦ୍ଦେଶିକା ଭାବରେ କାମ କରି ଯାହା ଆୟ କଲି ସେଥିଲେ ଷ୍ଟଡି ଲୋନ୍ ପରିଶୋଧ କରିଥିଲି। ସେହି ସବୁ ସଂଘର୍ଷମୟ ଘଟଣାବଳୀ ମୋର ସାରା ଜୀବନ ମନେ ରହିବ।


ଭୂମି

## ଅପେରା ହାଲ୍‌ଚାଲ୍

# ଚ୍ୟାଲେଞ୍ଜ ଦେବ ସୂର୍ଯ୍ୟବଂଶୀ

ଆସନ୍ତା ଯାତ୍ରା ସିଜନ ପାଇଁ ନବଗଠିତ ଅପେରା ପାର୍ଟିଗୁଡିକ ମଧ୍ୟରେ ରହିଛି ଅପେରା ସୂର୍ଯ୍ୟବଂଶୀ। ଏହାର ପ୍ରସ୍ତୁତି ଜୋର୍‌ସୋର୍‌ରେ ଚାଲିଛି। ଉକ୍ତ ପାର୍ଟିର ପ୍ରଯୋଜକ ଅଛନ୍ତି ସୁନୀଲ କୁମାର ରାଉତ ଏବଂ ମୁଖ୍ୟ ପରିଚାଳକ ଭାବରେ ଦାୟିତ୍ୱ ବହନ କରିଛନ୍ତି ବରିଷ୍ଠ ପରିଚାଳକ ତଥା ନାଟ୍ୟକାର ବଙ୍କିମ ସ୍ୱାଇଁ। ଆସନ୍ତା ସିଜନରେ ଏହି ଷ୍ଟାର ଷ୍ଟଡେଡ ପାର୍ଟିରେ ଅନେକ ନାମୀ କଳାକାରଙ୍କୁ ଦେଖିବାକୁ ମିଳିବ। ଜଲିଉଡ୍‌ର ଚର୍ଚ୍ଚିତ ଯୋଡି ରତି–ମିତୁନା ଏହାର କାଷ୍ଟିଂରେ ଅଛନ୍ତି। ଅନ୍ୟପକ୍ଷରେ ହାପି–ମାମୁନି, ସାରା–ମିଲନ୍, ଡାନି–ଟିକିଲି, ରତି–ପ୍ରମିଳା, ସନ୍ଧ୍ୟା, ହାସ୍ୟାଭିନେତା ମକୁ, କାଲେଣ୍ଡର, ଶ୍ରୀଧର, ଅଜୁ, ଆଦି, ଶୁଭେନ୍ଦୁ ସାଗର, ସୀମା ଏବଂ ବୁଲୁ ମଧ୍ୟ ଏଥିରେ ଅଛନ୍ତି। ଏହି ନୂଆ ପାର୍ଟିର ପ୍ରସ୍ତୁତିପଥେ ନାଟକଗୁଡିକ ରହିଛି– 'ଭାଉଜ ଭାଇରାଲ' (ରଚନା–ନିର୍ଦ୍ଦେଶନା : ହର ବାରିକ), 'ତୋ ସିନ୍ଦୂରରେ ମୁଁ ସୁନ୍ଦରୀ' (ରଚନା–ନିର୍ଦ୍ଦେଶନା : ଇଂ ଆଶୁତୋଷ ମହାପାତ୍ର), 'ଝିଅଟିର ନା ମନେ ପଡୁନି' (ରଚନା–ପପୁ ବ୍ରହ୍ମ, ନିର୍ଦ୍ଦେଶନା–ବିନୋଦ ରାଉତ) ଏବଂ 'ବାଘା' (ରଚନା–ଦୀପକ ଜେନା, ନିର୍ଦ୍ଦେଶନା– ମହେଶ ହାଜରା)।


ମିତୁନା–ରତି

# ଶରତଙ୍କ ଟ୍ରିପଲ ଅବତାର

ଅଭିନେତା ଶରତ ସମ୍ରାଟ ବର୍ତ୍ତମାନ ଏକାଧାରରେ ତିନୋଟି ଦାୟିତ୍ୱ ତୁଲାଉଛନ୍ତି। ନିର୍ମାଣାଧୀନ ଏକ ଓଡ଼ିଆ ସିନେମାର ସେ ପ୍ରଯୋଜନା କରିବା ସହ ତାହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ତା'ସହ ଏହାର ନାୟକ ମଧ୍ୟ ସାଜିଛନ୍ତି। ତେଣୁ ଦର୍ଶକ ଖୁବ୍ ଶୀଘ୍ର ତାଙ୍କୁ ପରଦା ଉପରେ ଟ୍ରିପଲ ଅବତାରରେ ଦେଖିବାକୁ ପାଇବେ। ଉକ୍ତ ସିନେମାର ଟାଇଟଲ ରହିଛି 'ଚଉଠି ରାତି–ଏ ଡ୍ରିମ ଇନ୍ ପାରାଡାଇଜ'। ଖାସ୍ କଥା ହେଲା ଅନେକ ଥିଏଟର ନାଟକର ସେ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି। ତା'ସହ ଭିନ୍ନ ଭିନ୍ନ ଚରିତ୍ରରେ ମଧ୍ୟ ଦର୍ଶକଙ୍କ ସାମନାକୁ ଆସିଛନ୍ତି। ହୋମ ବ୍ୟାନର ଶରତ ସମ୍ରାଟ ଫିଲ୍ମସରେ ଏହାର ଶୁଟିଂ ନିକଟରେ ଶେଷ ହୋଇଛି। ଏହି ଫିଲ୍ମରେ ଶରତଙ୍କ ନାୟିକା ସାଜିଛନ୍ତି ମୁମିତା। ଫିଲ୍ମ ବିଷୟରେ ଶରତ କହନ୍ତି, ''ଏହାର କାହାଣୀ ଚୟନ ସମୟରେ ବେଶ୍ ପରିଶ୍ରମ କରିବାକୁ ପଡିଛି। ଏହାବ୍ୟତୀତ ଶୁଟିଂ ସମୟରେ ସବୁ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଏହି ସିନେମାର ଗୀତଗୁଡିକ ମଧ୍ୟ ଶ୍ରୋତାଙ୍କୁ ପ୍ରଭାବିତ କରିବ। ମୋ ସିନେମାରେ ପରଲୋକଗତ ଲୋକପ୍ରିୟ ଗାୟକ ହ୍ୟୁମାନ ସାଗର ମଧ୍ୟ ଗୀତ ଗାଇଛନ୍ତି। ଏହି ଫିଲ୍ମରେ ଦର୍ଶକ ମୋତେ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ।'' ତେବେ ଏହି ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।


ଶରତ–ମୁମିତା





# ଇଟାଲୀ ଆଶା ଧୂଳିସାତ୍, ଇରାକକୁ ଯୋଗ୍ୟତା

**ଫିଫା ବିଶ୍ୱକପ୍**

ମଣ୍ଟେରି(ମେକ୍ସିକୋ),୧।୪(ଏପି)

ଆସନ୍ତା ଜୁନ୍-ଜୁଲାଇରେ ହେବାକୁ ଥିବା ସର୍ବବୃହତ୍ ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଅଢ଼େଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟରେ ଅନ୍ତିମ ତଥା ୪୮ତମ ଦେଶ ଭାବେ ଇରାକ ସ୍ଥାନ ପକ୍କା କରିଛି। ବୋସ୍ନିଆ ଆଣ୍ଡ ହରଜେଗୋଭିନା ୟୁରୋପିଆନ୍ ପ୍ଲେଅଫ୍ରେ ୪ ଥର ଚାମ୍ପିୟନ ଇଟାଲୀକୁ ପେନାଲ୍ଟିରେ ପରାସ୍ତ କରିବା ପରେ ମଣ୍ଟେରିଠାରେ ଇଣ୍ଟରକଣ୍ଟିନେଣ୍ଟାଲ ପ୍ଲେଅଫ୍ରେ ଇରାକ ୨-୧ ଗୋଲରେ ବଲିଭିଆକୁ ହରାଇ ୪୮ତମ ସ୍ଥାନ ହାସଲ କରିଛି। ଯୋଗ୍ୟତା ପର୍ଯ୍ୟାୟର ଅନ୍ତିମ ଦିନରେ ୟୁରୋପର ୮ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। କଙ୍ଗୋ ୧-୦ ଗୋଲରେ ଜାମାଇକାକୁ, ସ୍ୱିଡେନ୍ ୩-୨ ଗୋଲରେ ପୋଲାଣ୍ଡକୁ, ତୁର୍କୀ ୧-୦ ଗୋଲରେ କୋସୋଭୋକୁ ଓ ଚେକ୍ ରିପବ୍ଲିକ୍ ପେନାଲ୍ଟି ଶୁଟ୍ଆଉଟ୍ରେ ଡେନ୍ମାର୍କକୁ ପରାସ୍ତ କରି ବିଶ୍ୱକପ୍ ସ୍ଥାନ ପକ୍କା କରିଛନ୍ତି।

ମିଳିତ ଭାବେ ଆମେରିକା, ମେକ୍ସିକୋ ଓ କାନାଡାରେ ହେବାକୁଥିବା ବିଶ୍ୱକପ୍ ଜୁନ୍ ୧୧ରେ ଆରମ୍ଭ ହେବ। ଇଟାଲୀ ଲଗାତର ତୃତୀୟଥର ପାଇଁ ବିଶ୍ୱକପ୍ରୁ ବାଦ୍ ପଡ଼ିଥିବା ବେଳେ ବୋସ୍ନିଆ ଆଣ୍ଡ ହରଜେଗୋଭିନା ଗ୍ରୁପ୍-ବି'ରେ କାନାଡ଼ା, କାତାର ଓ ସ୍ୱିଜରଲାଣ୍ଡ ସହିତ ସ୍ଥାନ ପାଇଛି। ସ୍ୱିଡେନ୍ ସହ ଗ୍ରୁପ୍-ଏଫ୍'ରେ ନେଦରଲାଣ୍ଡ୍ସ, ଜାପାନ ଓ ଟ୍ୟୁନିସିଆ ଏବଂ ଗ୍ରୁପ୍-ଡି'ରେ ଆମେରିକା, ପାରାଗୁଏ, ଅଷ୍ଟ୍ରେଲିଆ ଓ ତୁର୍କୀ ସ୍ଥାନ ପାଇଛନ୍ତି। ୨୦୦୬ ପରେ ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଥିବା ଚେକ୍ ରିପବ୍ଲିକ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍ରେ ମେକ୍ସିକୋ, ଦକ୍ଷିଣ ଆଫ୍ରିକା ଓ ଦକ୍ଷିଣ କୋରିଆ ସ୍ଥାନ ପାଇଛନ୍ତି। ସୂଚନାଯୋଗ୍ୟ, ଏହି ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ୨୦୨୩ ସେପ୍ଟେମ୍ବର ୭ରେ ଆରମ୍ଭ ହୋଇଥିଲା।



ବିଶ୍ୱକପ ଯୋଗ୍ୟତାରେ ଉଲ୍ଲସିତ ଇରାକ ଖେଳାଳି।

**ବିଶ୍ୱକପ୍ ଗ୍ରୁପିଂ**

ଗ୍ରୁପ୍-ଏ: ଚେକ୍ ରିପବ୍ଲିକ୍, ମେକ୍ସିକୋ, ଦକ୍ଷିଣ ଆଫ୍ରିକା ଓ ଦକ୍ଷିଣ କୋରିଆ।
ଗ୍ରୁପ୍-ବି: କାନାଡା, ବୋସ୍ନିଆ ଆଣ୍ଡ ହରଜେଗୋଭିନା, କାତାର ଓ ସ୍ୱିଜରଲାଣ୍ଡ।
ଗ୍ରୁପ୍-ସି: ବ୍ରାଜିଲ, ହାଇତି, ମରକୋ, ସ୍କଟ୍ଲାଣ୍ଡ।
ଗ୍ରୁପ୍-ଡି: ଅଷ୍ଟ୍ରେଲିଆ, ପାରାଗୁଏ, ତୁର୍କୀ ଓ ଆମେରିକା।
ଗ୍ରୁପ୍-ଇ: କୁରାକାଓ, ଇକ୍ୱେଡର, ଜର୍ମାନୀ ଓ ଆଇଭରି କୋଷ୍ଟ।
ଗ୍ରୁପ୍-ଏଫ୍: ନେଦରଲାଣ୍ଡ୍ସ, ଜାପାନ, ସ୍ୱିଡେନ୍ ଓ ଟ୍ୟୁନିସିଆ।
ଗ୍ରୁପ୍-ଜି: ବେଲ୍ଜିୟମ, ଇଜିପ୍ଟ, ଇରାନ୍ ଓ ନ୍ୟୁଜିଲାଣ୍ଡ।
ଗ୍ରୁପ୍-ଏଚ୍: କେପ୍ ଭରଡି, ସାଉଦି ଆରବ, ସ୍ପେନ୍ ଓ ଉରୁଗୁଏ।
ଗ୍ରୁପ୍-ଆଇ: ଫ୍ରାନ୍ସ, ନରୱେ, ସେନେଗାଲ ଓ ଇରାକ୍।
ଗ୍ରୁପ୍-ଜେ: ଆଲ୍ଜେରିଆ, ଆର୍ଜେଣ୍ଟିନା, ଅଷ୍ଟ୍ରିଆ ଓ ଜୋର୍ଡାନ୍।
ଗ୍ରୁପ୍-କେ: କଲମ୍ବିଆ, କଙ୍ଗୋ, ପର୍ତ୍ତୁଗାଲ ଓ ଉଜ୍ବେକିସ୍ତାନ।
ଗ୍ରୁପ୍-ଏଲ୍: କ୍ରୋଏସିଆ, ଇଂଲଣ୍ଡ, ଘାନା, ପାନାମା।

# ରାଇଜିଂ ଷ୍ଟୁଡେଣ୍ଟ୍ସ-ୟୁନିୟନ ସ୍ପୋର୍ଟିଂ, ବିଶ୍ୱଭାରତୀ-ଜୁଭେନାଇଲ୍

**ଓସିଏ କ୍ଲବ ଲିଗ୍ ସେମିଫାଇନାଲ**

କଟକ,୧।୪(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍ର ସେମିଫାଇନାଲ ଲାଇନଅପ ଚୂଡ଼ାନ୍ତ ହୋଇଛି। ଗୁରୁବାର ବାରବାଟୀ ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍ସକୁ ଭେଟିବ ୟୁନିୟନ ସ୍ପୋର୍ଟିଂ। ରେଭେନ୍ସା ଗ୍ରାଉଣ୍ଡ-୧ରେ ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱଭାରତୀ ଏବଂ ଜୁଭେନାଇଲ କ୍ଲବ ମଧ୍ୟରେ ମୁକାବିଲା ହେବ।

ଓସିଏ କ୍ଲବ ଲିଗ୍ର ୪ଟି ଯାକ କ୍ୱାର୍ଟର ଫାଇନାଲ ବୁଧବାର ଖେଳାଯାଇଥିଲା। ବାରବାଟୀରେ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍ସ୧୬୪ରନରେ ଜଗତପୁର ଆଥଲେଟିକ ଆସୋସିଏଶନକୁ ହରାଇଥିଲା। ୭୨ବଲରୁ ୧୨୪ରନର ଶତକୀୟ ଇନିଂସ ଖେଳିଥିବା ଶୁଭ୍ରାଂଶୁ ସେନାପତି ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଜୁଭେନାଇଲ କ୍ଲବ ୮ ଉଇକେଟରେ ରୟାଲ କ୍ଲବକୁ ହରାଇ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଜୁଭେନାଇଲର ଆକାଶ ସେନଗୁପ୍ତା ୨୭ରନ ବିନିମୟରେ ୫ଟି ଉଇକେଟ ଦଖଲ କରି ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ବିଶ୍ୱଭାରତୀ କ୍ଲବ ୪ ଉଇକେଟରେ ସନସାଇନ କ୍ଲବକୁ ପରାସ୍ତ କରି ୩ୟ ଦଳ ଭାବେ ସେମିରେ ପ୍ରବେଶ କରିଛି। ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଗୌରବ କୁମାରଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଛି। ଗୌରବ ୫୦ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିବା ସହ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ସନସାଇନ ଗ୍ରାଉଣ୍ଡରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ରେ ୟୁନିୟନ ସ୍ପୋର୍ଟିଂ ୯୫ରନରେ ବାରବାଟୀ କଲଚରାଲ ୟୁନିୟନକୁ ପରାସ୍ତ କରିଛି। ଅପରାଜିତ ଦ୍ୱିଶତକୀୟ ଇନିଂସ ଖେଳିଥିବା ଶିବମ ଚୌଧୁରୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।




ଶୁଭ୍ରାଂଶୁ ସେନାପତିଙ୍କୁ ପୁରସ୍କୃତ କରାଯାଉଛି।

**ଜାତୀୟ ତୀରନ୍ଦାଜୀ**

# ମିକ୍ସଡ ଡବଲ୍ସରେ ଓଡ଼ିଶାକୁ ବ୍ରୋଞ୍ଜ୍

କଟକ,୧।୪(କୁମାରଶ୍ରୀ)

ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ୧୫ ବର୍ଷରୁ କମ୍ ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍ ଜାରି ରହିଛି। ଇଣ୍ଡିଆନ୍ ରାଉଣ୍ଡ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଓଡ଼ିଶାକୁ ବ୍ରୋଞ୍ଜ୍ ପଦକ ମିଳିଛି। ଦୁର୍ଗାଦତ୍ତ ମେହେର ଏବଂ ସଞ୍ଜଲି ଓରାମ୍ ରାଜ୍ୟ ପାଇଁ ଏହି ଗୌରବ ଆଣିଛନ୍ତି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଜାରି ରହିବ। ରାଜ୍ୟର ମୋଟ ୨୨ ପ୍ରତିଯୋଗୀ ଏଥିରେ ଭାଗନେଇଛନ୍ତି। ରାଜ୍ୟ ନିମନ୍ତେ ଆହୁରି ପଦକ ଜିତିବା ସମ୍ଭାବନା ରହିଛି ବୋଲି ଓଡ଼ିଶା ତୀରନ୍ଦାଜୀ ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ କହିଛନ୍ତି।

# ଦମୟନ୍ତି, ଦୟାନିଧି, ଦୀପା, ରୋଶନଙ୍କୁ ସ୍ୱର୍ଣ୍ଣ

**ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ**

ଭୁବନେଶ୍ୱର, ୧।୪(ତପନ ସ୍ୱାଇଁ)

ଛତିଶଗଡ଼ରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ବୁଧବାର ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଦମୟନ୍ତି ଖେସ୍। ସେହିପରି ମହିଳା ହାଇଜମ୍ପ୍ରେ ଦୀପା କିଷାନ, ପୁରୁଷ ୮୦୦ ମିଟର ରେସ୍ରେ ଦୟାନିଧି ମୁଣ୍ଡା ଏବଂ ପୁରୁଷ ୪୦୦ ମିଟର ହର୍ଡଲ୍ସରେ ରୋଶନ ଖାଡ଼ିୟା ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ମହିଳା ୮୦୦ ମିଟର ରେସ୍ରେ ପୂର୍ଣ୍ଣିମା ସାଣ୍ଡିଲ ରୌପ୍ୟ ପାଇଥିବାବେଳେ ମହିଳା ୪୦୦ ମିଟର ହର୍ଡଲ୍ସରେ ବାସନ୍ତି ମାଝି, ମହିଳା ହାଇଜମ୍ପ୍ରେ କବିତା ତାଡିଙ୍ଗୀ ବ୍ରୋଞ୍ଜ୍ ପଦକ ପାଇଛନ୍ତି। ଓଡ଼ିଶାର ଆଲିଶ ଏକ୍କା ମହିଳା ୧୦ କିଲୋମିଟର ରେସ୍ ୱାକ୍ରେ ରୌପ୍ୟ ପଦକ ପାଇଛନ୍ତି। ସେହିପରି ପୁରୁଷ ୧୦୦ ମିଟରରେ ୧୦.୯୧ ସେକେଣ୍ଡ ସମୟ ନେଇ ଆତିଶ କିଣ୍ଡୋ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ପୂର୍ବରୁ ମହିଳା ୪x୧୦୦ ମିଟର ରିଲେ ଦଳ ୫୧.୧୧ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଥିଲା। ରାଜେଶ୍ୱରୀ ଗଣ୍ଡ, ଯମୁନା ଟୁଡୁ, ବାସନ୍ତି ମାଝି ଓ ସଞ୍ଜୁ ହନ୍ତାଳ ଓଡ଼ିଶା ଦଳର ସଦସ୍ୟା ଥିଲେ। ଓଡ଼ିଶା ହାଇଜମ୍ପର ସାଗର ଏକ୍କା ଓ ହେମନ୍ତ ଖାଡ଼ିଆ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ୍ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ପୁରୁଷ ୪x୧୦୦ ମିଟର ରିଲେ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଥିଲା। ନୋବଲ କୁମାର କିଷାନ, ଜିୱନ ମୁକ୍ତି ବିଲୁଙ୍ଗ, ଭୀମା ସର୍ଦ୍ଦାର ଓ ଆତିଶ କିଣ୍ଡୋ ଓଡ଼ିଶା ଦଳର ସଦସ୍ୟ ଥିଲେ। ଓଡ଼ିଶା ପ୍ରତିନିଧି ଦଳ ଏପର୍ଯ୍ୟନ୍ତ ୧୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୧୬ ବ୍ରୋଞ୍ଜ୍ ସହ ମୋଟ୍ ୪୩ଟି ପଦକ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

# କଟକରେ ଇନ୍ଡୋର ରୋଇଂ ଚାମ୍ପିୟନଶିପ୍ ୮ରୁ

କଟକ,୧।୪(କୁମାରଶ୍ରୀ)

ଭାରତୀୟ ରୋଇଂ ଫେଡେରେଶନ ଏବଂ ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ପ୍ରଥମ ସର୍ବଭାରତୀୟ ଇନ୍ଡୋର ରୋଇଂ ଚାମ୍ପିୟନଶିପ୍ ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ୪ ଦିନ ଧରି ହେବାକୁଥିବା ଏହି ପ୍ରତିଯୋଗିତା ନିମନ୍ତେ ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍ଡୋର ଷ୍ଟାଡିୟମରେ ପ୍ରସ୍ତୁତି ଆରମ୍ଭ ହେଉଛି। ବାରବାଟୀ ଗେଷ୍ଟହାଉସ୍ରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତିଯୋଗିତା ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ଅଭିନବ ଢଙ୍ଗରେ ହେବାକୁଥିବା ଏହି ପ୍ରତିଯୋଗିତାରେ ପାଣି କିମ୍ବା ଡଙ୍ଗା ବ୍ୟବହାର କରାଯିବ ନାହିଁ। ଡଙ୍ଗା ଭଳି ଏକ ମେଶିନ୍ ଜରିଆରେ ପ୍ରତିଯୋଗୀମାନେ ମୁକାବିଲା କରିବେ। ୩୫୦ ପୁରୁଷ ଏବଂ ୨୫୦ ମହିଳାଙ୍କୁ ମିଶାଇ ମୋଟ୍ ୬୦୦ ପ୍ରତିଯୋଗୀ ଏଥିରେ ଭାଗନେବେ। ୬୦ଜଣ ପ୍ରଶିକ୍ଷକ/ମ୍ୟାନେଜର ଏବଂ ୩୦ଜଣ ଜାତୀୟସ୍ତରୀୟ ଅଧିକାରୀ ଏଥିରେ ଯୋଗଦେବେ। ୮ ତାରିଖରେ ଖେଳାଳି ପହଞ୍ଚିବା ପରେ ୯ ତାରିଖରେ ଅଭ୍ୟାସ ଏବଂ ମ୍ୟାଚ୍ ଡ୍ର ନିର୍ଦ୍ଧାରଣ କରାଯିବ। ୧୦ ତାରିଖରେ ଉଦ୍ଘାଟନୀ ଉତ୍ସବ ସହ ପ୍ରତିଯୋଗିତା ହେବ। ୧୧ ତାରିଖରେ ଚାମ୍ପିୟନଶିପ୍ ଉଦ୍ଯାପିତ ହେବ। ପ୍ରତିଯୋଗିତାରେ ଓଡ଼ିଶାର ୩୩ ଖେଳାଳି ଅଂଶଗ୍ରହଣ କରିବେ। ଘରୋଇ ପରିବେଶରେ ରାଜ୍ୟର ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାଶ କହିଛନ୍ତି। ସମ୍ପାଦକ ଅମରଜ୍ୟୋତି ସିଂଦେଓ, କୋଚ୍ ଅଲିମ୍ପିଆନ୍ ଇନ୍ଦ୍ରପାଲ ସିଂ, ଯୁଗ୍ମ ସମ୍ପାଦକ ସାନୁ ରଥ, ରଞ୍ଜନ ମହାପାତ୍ର ଓ ଦିଲୀପ କୁମାର ସାହୁ, କୋଷାଧ୍ୟକ୍ଷ ହରିବନ୍ଧୁ ମହାନ୍ତି ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଏକଲବ୍ୟ ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୧।୪(ତପନ ସ୍ୱାଇଁ)

ଇମ୍ଫା ଗ୍ରୁପ୍ ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ'(ଇମ୍ପାକ୍ଟ) ପକ୍ଷରୁ ସମ୍ମାନ୍ଜନକ ୩୪ତମ ଏକଲବ୍ୟ ପୁରସ୍କାର-୨୦୨୬ ପାଇଁ ନାମାଙ୍କନପତ୍ର ଆହ୍ୱାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗ୍ରହୀ ପ୍ରାର୍ଥୀମାନେ ଓଡ଼ିଶା ମଧ୍ୟରେ ଥିବା କ୍ରୀଡ଼ା ସଙ୍ଗଠନ, ବୋର୍ଡ, ସଂଘ, ବିଶ୍ୱବିଦ୍ୟାଳୟ, କଲେଜ କିମ୍ବା ସ୍କୁଲ ମାଧ୍ୟମରେ ସେମାନଙ୍କ ନାମାଙ୍କନ ପଠାଇ ପାରିବେ। ପ୍ରାର୍ଥୀଙ୍କ ବୟସ ମାର୍ଚ୍ଚ ୩୧ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ। ପ୍ରାର୍ଥୀମାନେ ନିଜ ବୟସ ପ୍ରମାଣପତ୍ର ସହିତ ଗତ ୨ ବର୍ଷ(୨୦୨୪ ଏପ୍ରିଲ ୧ରୁ ୨୦୨୬ ମାର୍ଚ୍ଚ ୩୧) ମଧ୍ୟରେ ରାଜ୍ୟସ୍ତରୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ହାସଲ କରିଥିବା ବିଭିନ୍ନ କୃତିତ୍ୱର ପ୍ରମାଣପତ୍ର ସହ ଦରଖାସ୍ତ ଦାଖଲ କରିପାରିବେ। ମେ' ୩୧କୁ ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସ ରଖାଯାଇଛି। ପ୍ରାର୍ଥିପତ୍ରଗୁଡ଼ିକ ekalabya@impha.in ଇ-ମେଲ୍ ଯୋଗେ ପଠାଇହେବ ବୋଲି ଏକଲବ୍ୟ ପୁରସ୍କାର କମିଟି ଆବାହକ ଅଶ୍ୱିନ ପ୍ରସାଦ ମହାନ୍ତି ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଏକଲବ୍ୟ ପୁରସ୍କାର ବାବଦରେ ବିଜେତାଙ୍କୁ ୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ଏହାବ୍ୟତୀତ ୨ ଉପବିଜେତାଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଦିଆଯିବାର ବ୍ୟବସ୍ଥା ରହିଛି।

# ଦିଲ୍ଲୀକୁ ଜିତାଇଲେ ରିଜଭି



ଶତକୀୟ ଭାଗୀଦାରି ଅବସରରେ ଟ୍ରିଷ୍ଟାନ ଷ୍ଟବ୍ସ ଓ ସମିର ରିଜଭି।

ଲକ୍ଷ୍ନୌ,୧।୪

ସମୀର ରିଜଭିଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ବୁଧବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍ଏସ୍ଜି)କୁ ୬ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ଲକ୍ଷ୍ନୌ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୮.୪ ଓଭରରେ ୧୪୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ମିଚେଲ ମାର୍ଶ (୩୫ ରନ୍, ୨ ଚୌକା ଓ ୩ ଛକା) ଓ ଅବଦୁଲ ସମଦ (୩୬ ରନ, ୩ ଚୌକା ଓ ୧ ଛକା)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଦିଲ୍ଲୀ ପକ୍ଷରୁ ଟି ନଟରାଜନ ଓ ଲୁଙ୍ଗି ଏନ୍ଗିଡି ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦିଲ୍ଲୀ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୬ ରନରେ ୪ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ ରିଜଭି ଓ ଟ୍ରିଷ୍ଟାନ ଷ୍ଟବ୍ସ ଅବିଭାଜିତ ପଞ୍ଚମ ଉଇକେଟରେ ୧୧୯ ରନ ଯୋଡ଼ି ଦଳକୁ ଜିତାଇଥିଲେ। ଦିଲ୍ଲୀ ୧୭.୧ ଓଭରରେ ୪ ଉଇକେଟରେ ୧୪୫ ରନ କରି ନେଇଥିଲା। ରିଜଭି ୪୭ ବଲରେ ସର୍ବାଧିକ ୭୦ (୫ ଚୌକା ଓ ୪ ଛକା) ଓ ଷ୍ଟବ୍ସ ୩୯ (୩ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲ୍କାତା ବନାମ ହାଇଦ୍ରାବାଦ**

ସ୍ଥାନ: କୋଲ୍କାତା

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୧୮.୪ ଓଭରରେ ୧୪୧/ଅଲଆଉଟ୍ (ଅବଦୁଲ ସମଦ-୩୬, ମିଚେଲ ମାର୍ଶ-୩୫, ଲୁଙ୍ଗି ଏନ୍ଗିଡି- ୩/୨୭, ଟି ନଟରାଜନ- ୩/୨୯, କୁଲଦୀପ ଯାଦବ-୨/୩୧)। ଦିଲ୍ଲୀ କ୍ୟାପିଟାଲ୍ସ: ୧୭.୧ ଓଭରରେ ୧୪୫/୪(ସମିର ରିଜଭି-୭୦*, ଟ୍ରିଷ୍ଟାନ ଷ୍ଟବ୍ସ-୩୯*, ପ୍ରିନ୍ସ ଯାଦବ-୨/୨୦)।

# ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍ବୀ ଆରମ୍ଭ




ଉଦ୍ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଭୁବନେଶ୍ୱର, ୧।୪(ତପନ ସ୍ୱାଇଁ)

କିଟ୍ ଓ କିସ୍ ଆନୁକୂଲ୍ୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍ବୀ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ବୁଧବାର ଆରମ୍ଭ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଏକାଧିକ ଷ୍ଟାଡିୟମରେ ଏହା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମାନ୍ଜନକ ପ୍ରତିଯୋଗିତାରେ ୬୧ ମହିଳା ଓ ୬୭ ପୁରୁଷ ଦଳର ୨,୦୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ରାହୁଲ ବୋଷ୍ ଷ୍ଟାଡିୟମ ଭାରତର ଏକମାତ୍ର ବିଶ୍ୱ ରଗ୍ବୀ-ସାର୍ଟିଫାଏଡ୍ ଗ୍ରାଉଣ୍ଡ, ଯେଉଁଠାରେ ଅନ୍ତର୍ଜାତୀୟ ମ୍ୟାଚ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ। ନବନିର୍ମିତ ଷ୍ଟାଡିୟମରେ ଏହା ପ୍ରଥମ ଟୁର୍ନାମେଣ୍ଟ ହୋଇଥିବାରୁ ଆନୁଷ୍ଠାନିକ ଉଦ୍ଘାଟନୀ ପୂର୍ବରୁ ପୂଜାର୍ଚ୍ଚନା କରାଯାଇଥିଲା। କିଟ୍ ଓ କିସ୍ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂ, ଓଡ଼ିଶା ରଗ୍ବୀ ଫୁଟ୍ବଲ ଆସୋସିଏଶନ ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କିଟ୍ ଓ କିସ୍ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସମସ୍ତ ପ୍ରତିଯୋଗୀ ଓ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ କିଟ୍ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି।


1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ